

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 264, Tuesday, 16 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୪, ମଙ୍ଗଳବାର, ୧୬ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 264, Tuesday, 16 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୪, ମଙ୍ଗଳବାର, ୧୬ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 264, Tuesday, 16 January 2024, Puri, Pages- 18, Rs. 7/- ■ ଦଶମ ବର୍ଷ, ସଂଖ୍ୟା-୨୬୪, ମଙ୍ଗଳବାର, ୧୬ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଉତ୍ସବମୁଖର ଶ୍ରୀକ୍ଷେତ୍ର

# ଅଖଣ୍ଡଦୀପ ସହ ଆରମ୍ଭ ହେଲା ଯଜ୍ଞ

- ଶ୍ରୀମନ୍ଦିର ଚାରିଦ୍ୱାରରେ କରାଗଲା ବେଦପାଠ
- ପରିକ୍ରମା ପ୍ରକଳ୍ପ ପ୍ରଦାନ କରୁଛି ଅପୂର୍ବ ଦିବ୍ୟ ଅନୁଭୂତି

ପୁରୀ(ବ୍ୟୁରୋ)

ଶ୍ରୀମନ୍ଦିର ଚତୁଃପାର୍ଶର ପୂର୍ବଚିତ୍ରରେ ପରିବର୍ତ୍ତନ ସମସ୍ତଙ୍କୁ କରୁଛି ଅଭିଭୂତ । ପବିତ୍ର ପୁରୀ ମାଟିରେ ଆଧାତ୍ମିକତାର ମହାଉତ୍ସବ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୂଜାର୍ଚ୍ଚନା ସହ ମହାଯଜ୍ଞ ଆରମ୍ଭ ହୋଇଛି । ଆଦ୍ୟପୂଜାର ସୋମବାର ଚତୁର୍ଥ ଦିନରେ ଅଗ୍ନି ସ୍ଥାପନ ସହ ଆରମ୍ଭ ହୋଇଛି ମହାଯଜ୍ଞ । ମହାଯଜ୍ଞ ସହିତ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ କରାଯାଇଛି । ଏଥିପାଇଁ ଚାରିଦ୍ୱାରକୁ ସୁନ୍ଦର ଭାବେ ସଜା ଯାଇଛି । ଶୁକ୍ରବାର ଗଜପତି ମହାରାଜା ପୂଜା ବିଧି ସମ୍ପନ୍ନ ପରେ ଗୁଆ, ପଇତା, ନଡିଆ, ବସ୍ତ୍ର, ମୁଦି, ପାତ୍ର ଓ ଯଜ୍ଞ ପାଇଁ ପାତ୍ରୀ, ପ୍ରଧାନାଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ସୂଚନା ଥାଉକି, ସିଂହଦ୍ୱାର ଅର୍ଥାତ ପୂର୍ବଦ୍ୱାରରେ ରୁକ ବେଦ, ଦକ୍ଷିଣ ଦ୍ୱାରରେ ଅଥର୍ବ ବେଦ, ପଶ୍ଚିମ ଦ୍ୱାରରେ ସାମ ବେଦ ଓ ଉତର ଦ୍ୱାରରେ ଯଜୁର ବେଦ ପାଠରେ କମ୍ପୁଛି ଶ୍ରୀମନ୍ଦିର ଚାରିଦ୍ୱାର । ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ ଓ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ହୋଇଛି । ସୋମବାର ଅପରାହ୍ନ ୩ଟାରୁ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ କରାଯାଇଛି । ପରିକ୍ରମା ପ୍ରକଳ୍ପ ଅପୂର୍ବ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି । ଏଥିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ଶ୍ରୀ ଆହୁରି ବୃଦ୍ଧି ପାଇବ । ୭ ଶହ ବର୍ଷ ପରେ କରାଯାଇଥିବା ଏହି କାର୍ଯ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଗଜପତି



ମହାରାଜ ତାଙ୍କ ଶ୍ରୀହସ୍ତରେ ଏହି ଭବ୍ୟ ଓ ଦିବ୍ୟ ଗୁଆ, ନଡିଆ ପଇତା ଆଦି ପ୍ରଥମେ ପ୍ରଧାନାଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ପରେ ପ୍ରଧାନାଚାର୍ଯ୍ୟ ଗଜପତିଙ୍କ ପ୍ରତିନିଧି, ପ୍ରଚାରକ, ଉପପ୍ରଚାରକ (ପୁସ୍ତାକାଚାଯ୍ୟ), ମଣ୍ଡଳାଚାଯ୍ୟ, ଶ୍ରୀମନ୍ଦିର ପୁରୋହିତ, ଆଚାର୍ଯ୍ୟ, ସଂଯୋଜକଙ୍କୁ ବରଣ କାର୍ଯ୍ୟ ସମାପନ କରିଥିଲା। ସୂଚନା ଥାଉ ଯେ, ପରିକ୍ରମା ପ୍ରକଳ୍ପ ଯଜ୍ଞ ପାଇଁ ସର୍ବମୋଟ ୧୦୮ ଜଣ ଆଚାର୍ଯ୍ୟଙ୍କୁ ବରଣ କରିଥିଲେ ଗଜପତି ମହାରାଜ।

## ଲୋକାର୍ପଣ ଉତ୍ସବରେ ଦୀପ ଜାଳନ୍ତୁ, ଶଙ୍ଖ ଫୁଙ୍କନ୍ତୁ : ମୁଖ୍ୟମନ୍ତ୍ରୀ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୂଜାର୍ଚ୍ଚନା ସହ ମହାଯଜ୍ଞ ଆରମ୍ଭ ହୋଇଛି । ଆଦ୍ୟପୂଜାର ସୋମବାର ଚତୁର୍ଥ ଦିନରେ ଅଗ୍ନି ସ୍ଥାପନ ସହ ଆରମ୍ଭ ହୋଇଛି ମହାଯଜ୍ଞ । ଆଉ ୧୭ ତାରିଖରେ ହେବ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ । ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ବାସୀଙ୍କ ପାଇଁ ଏକ ଭିଡ଼ିଓ ବା[illegible]। ଦେଇଛନ୍ତି ଯେଉଁଥିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୧୭ରେ ଲୋକାର୍ପଣ ଉତ୍ସବରେ ଦୀପ ଜାଳିବା, ଘରେ ଘରେ ଉତ୍ସବ ପାଳିବା ।ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନିଜ ଢଙ୍ଗରେ ପାଳନ୍ତୁ । ଦୀପ ଜାଳନ୍ତୁ, ଶଙ୍ଖ ଫୁଙ୍କନ୍ତୁ, ଘଣ୍ଟ ବଜାନ୍ତୁ, ଭଜନକୀର୍ତ୍ତନ କରନ୍ତୁ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ମାତ୍ର ଗୋଟିଏ ଦିନ। ଏହି ଭବ୍ୟ ଉତ୍ସବ ପାଇଁ ପ୍ରସ୍ତୁତି ମଧ ଶେଷ ପର୍ଯ୍ୟାୟରେ। ଅଙ୍କୁରରୋପଣ ▶(ପୃଷ୍ଠା-୧୪)

### ଗାଁ ଗାଁ ଓ ଘରେ ଘରେ ପହଞ୍ଚିବ ପାଣିପାଗ ଖବର

# ଲୋକାର୍ପିତ ହେଲା ସ୍ୱତନ୍ତ୍ର ଆପ୍ ପିଏମ୍ଏସ୍

ଭୁବନେଶ୍ୱର(ବ୍ୟୁରୋ)

ଗାଁ ଗାଁ ଓ ଘରେ ଘରେ ପହଞ୍ଚିବ ପାଣିପାଗ ଖବର । ଲୋକାର୍ପିତ ହେଲା ସ୍ୱତନ୍ତ୍ର ଆପ୍ PMS ବା ପଞ୍ଚାୟତ ମୌସମ ସେବା ଆପ୍ । ଆପ୍‌କୁ ଲୋକାର୍ପଣ କରିଛନ୍ତି ଉପରାଷ୍ଟ୍ରପତି । ଭାରତୀୟ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏହା ଲୋକାର୍ପଣ ହୋଇଛି । ୧୨ଟି ଭାଷାରେ ଏହି ସେବା ପାଇପାରିବେ ସାଧାରଣ ଲୋକେ । ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଏକ ମେଳା ଅନୁଷ୍ଠିତ ହୋଇଛି। ଯେଉଁଥିରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପାଣିପାଗ ଜନିତ ଖବର ସମ୍ପର୍କରେ ବୁଝାଯାଇଛି। ଏବେ ପ୍ରତି ଘରେ ପହଞ୍ଚିବ ପାଣିପାଗ ଖବର । ପଞ୍ଚାୟତ ସ୍ତରରେ ମିଳିବ ଆଗୁଆ ପାଣିପାଗ ସୂଚନା । ହାତ ପାଆନ୍ତାରେ ଲୋକେ ପାଇବେ ପାଣିପାଗର ଖବର । କେଉଁଠି ଓ କେତେବେଳେ ବର୍ଷା ହେବ, ବଜ୍ରପାତ ହେବ, ଝଡ, ବାତ୍ୟା, ବନ୍ୟା ସଂପର୍କିତ ସବୁ ଟିକିନିଖି ଖବର ଆଗୁଆ ଜାଣିପାରିବେ ଲୋକେ । ଏଥିପାଇଁ ଲୋକାର୍ପଣ ହେଲା ସ୍ୱତନ୍ତ୍ର ଆପ୍ PMS ବା ପଞ୍ଚାୟତ ମୌସମ ସେବା । ଆପ୍‌କୁ ଉପରାଷ୍ଟ୍ରପତି ଜଗଦୀପ ଧନକଡ ଲୋକାର୍ପଣ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ଆପ୍ର ଲୋକାର୍ପଣ ହୋଇଛି । ୧୨ ଟି ଭାଷାରେ ଏହି ସେବା ପାଇପାରିବେ ପଞ୍ଚାୟତର ସାଧାରଣ ଲୋକେ । ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଆପ୍ ଲୋକର୍ପଣର ଭର୍ଚ୍ଚୁଆଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୫୦ ବର୍ଷ ଧରି ପାଣିପାଗ ବିଭାଗ ନିରବଚ୍ଛିନ୍ନ ଭାବେ ପାଣିପାଗ ସଂପର୍କିତ ଖବର ଦେଇ ଆସୁଛି। ସମୟ ଗଡିବା ସହ ଉନ୍ନତମାନର ଟେକ୍ନୋଲୋଜି ବ୍ୟବହାର ହେଉଛି । କୋଲ୍ଡୱେଭ୍ ଏବଂ ହିଟୱେଭରେ ୮୮ ପ୍ରତିଶତ ଆକଳନ ସତ ହେଉଛି । ବଜ୍ରପାତରେ ୮୬ ପ୍ରତିଶତ ଆକଳନ ସତ ହେଉଥିବା ବେଳେ ନାଓକାଷ୍ଟରେ ୮୦ ପ୍ରତିଶତ ସଫଳତା ମିଳୁଛି । ବାତ୍ୟା ଲ୍ୟାଣ୍ଡଫଲରେ ୧୦୦ ପ୍ରତିଶତ ଆକଳନ ହୋଇଛି । ବଜ୍ରପାତର ସଠିକ ଆକଳନ ଏବେ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ଏହି ଆପ ଜରିଆରେ ଗାଁ ଗାଁ ଓ ଘରେ ଘରେ ପାଣିପାଗ ଖବର ପହଞ୍ଚିବ ବୋଲି କହିଛନ୍ତି ▶(ପୃଷ୍ଠା-୧୪)

## ଚମ୍ପୁଆ ବସ୍‌ଷ୍ଟାଣ୍ଡରୁ ଶିଶୁକନ୍ୟା ଉଦ୍ଧାର

ଚମ୍ପୁଆ (ଅମୃତ ମିଡିଆ)

ଗତ ରାତି ପ୍ରାୟ ରାତି ୯ ଟା ବେଳେ ଚମ୍ପୁଆ ବସ ଷ୍ଟାଣ୍ଡ ରୁ ଏକ ଶିଶୁ କନ୍ୟା ଉଦ୍ଧାର ହୋଇ ଥିବା ଜଣା ପଡିଛି। ଖବର ଅନୁସାରେ, ଚମ୍ପୁଆ ବସ ଷ୍ଟାଣ୍ଡ ରେ ଗତ କାଲି ରାତି ପ୍ରାୟ ୯ ଟା ସମୟରେ ପୂର୍ବରୁ ଛିଡା ହୋଇଥିବା ଧବଳେଶ୍ୱର ନାମକ ଏକ ବେସରକାରୀ ବସ ର ହେଲପର ଗାଡିର ଚକ ଗୁଡିକୁ ନିରୀକ୍ଷଣ କରୁଥିବା ସମୟରେ ଏକ ପ୍ଲାଷ୍ଟିକ ବ୍ୟାଗ ଭିତରେ ଏକ ଶିଶୁ କନ୍ୟା ବସ ତଳେ ଥିବାର ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେବା ପରେ ପୋଲିସ କୁ ଖବର ଦେଇ ଥିଲେ। ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶିଶୁ କନ୍ୟା କୁ ଉଦ୍ଧାର କରି ନିକଟସ୍ଥ ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଳୟ କୁ ଚିକିତ୍ସା ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।ତେବେ ଚିକିତ୍ସା ପରେ ଶିଶୁ ର ସ୍ୱାସ୍ଥ୍ୟବସ୍ଥା ଭଲ ରହିଥିବା ଜଣା ପଡିଛି. । ଶିଶୁକନ୍ୟାକୁ ଏକ ପ୍ଲାଷ୍ଟିକ ବ୍ୟାଗ ରେ ରଖି ମା ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି।

## ମାର୍ଚ୍ଚ ୧୫ରୁ ପ୍ରଥମରୁ ଅଷ୍ଟମ ବାର୍ଷିକ ପରୀକ୍ଷା



ଭୁବନେଶ୍ୱର(ବ୍ୟୁରୋ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ବା ସମ୍ମେଟିଭ ଆସେସ୍‌ମେଣ୍ଟ-୨ ମାର୍ଚ୍ଚ ୧୫ରୁ ୨୦ତାରିଖ ମଧ୍ୟରେ ହୋଇପାରେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)। ଏହି ସମୟରେ ପରୀକ୍ଷା କରିବା ପାଇଁ ଯୋଜନା ରହିଥିବା ସଂକ୍ରାନ୍ତରେ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ମାର୍ଚ୍ଚ ୨୧ରୁ ୨୭ତାରିଖ ମଧ୍ୟରେ ଖାତା ମୂଲ୍ୟାୟନ ହେବ। ୩୦ ତାରିଖରେ ଫଳ ପ୍ରକାଶ ପାଇବ। ସେହିଭଳି ପ୍ରଶ୍ନପତ୍ର କେବେ କେଉଁଠୁ ଯିବ ସେ ନେଇ ମଧ୍ୟ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ଏହାକୁ ପରିବର୍ତ୍ତନ ମଧ କରାଯାଇପାରେ। ପରୀକ୍ଷା ପାଇଁ ପ୍ରଶ୍ନପତ୍ର, ଉତ୍ତର ଖାତା, ମୌଖିକ ପ୍ରଶ୍ନପତ୍ର ଆଦି ଟିଇ ଆଣ୍ଡ୍ ଏସ୍‌ସିଇଆରଟି ପ୍ରସ୍ତୁତ କରୁଛି। ଏସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରକଳ୍ପ ଅଧିକାରୀ(ଡିପିଓ)ଙ୍କ ସ୍ତରରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। ତେବେ ସମ୍ମେଟିଭ ଆସେସ୍‌ମେଣ୍ଟ-୨ ପାଇଁ ସମ୍ପୂର୍ଣ୍ଣ ଏସ୍ଓପି/ ଗାଇଡ୍‌ଲାଇନ ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ସୂଚନା ଦିଆଯାଇଛି।

### ଅଯୋଧ୍ୟା ରାମ ମନ୍ଦିରରେ ପ୍ରତିଷ୍ଠା ହେବେ

# ଶିଳ୍ପୀ ଅରୁଣ ଯୋଗୀରାଜଙ୍କ ନିର୍ମିତ ରାମ ଲଲାଙ୍କ ପ୍ରତିମୂର୍ତ୍ତି

ନୂଆଦିଲ୍ଲୀ

କର୍ଣ୍ଣାଟକର ପ୍ରତିଷ୍ଠିତ ମୂର୍ତ୍ତି କାରିଗର ଅରୁଣ ଯୋଗୀରାଜଙ୍କ ଦ୍ୱାରା ନିର୍ମିତ ରାମଲଲ୍ଲା ପ୍ରତିମୂର୍ତ୍ତିକୁ ପ୍ରଭୁ ଶ୍ରୀରାମଙ୍କ ଶ୍ରୀ ବିଗ୍ରହ ରୂପରେ ପ୍ରତିଷ୍ଠିତ କରିବାକୁ ଚୟନ କରାଯାଇଛି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ପକ୍ଷରୁ କୃଷ୍ଣଶିଳାରେ ନିର୍ମିତ ଏହି ପ୍ରତିମୂର୍ତ୍ତି ଚୟନ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ ଏକ୍ସରେ ପୋଷ୍ଟ କରି ସୂଚନା ଦିଆଯାଇଛି ।ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ମହାସଚିବ ଚମ୍ପତ ରାୟ ସୋମବାର(୧୫ ଜାନୁଆରୀ) ଏନେଇ ସୂଚନା ଦେଇଛନ୍ତି। କୃଷ୍ଣଶିଳାରେ ତିଆରି ଏହି ମୂର୍ତ୍ତିର ଓଜନ ୧୫୦ରୁ ୨୦୦ କେଜି ହେବ ବୋଲି ସେ କହିଛନ୍ତି। ଅରୁଣ ଯୋଗୀରାଜ ପୂର୍ବରୁ କେଦାରନାଥରେ ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଏବଂ ଇଣ୍ଡିଆ



ଗେଟ୍ ସୁଭାଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଅଯୋଧ୍ୟାରେ ମୂର୍ତ୍ତି ତିଆରି କରୁଥିବା ସମୟରେ ତାଙ୍କୁ ମୋବାଇଲ୍ ଫୋନ୍ ଠାରୁ ପନ୍ଦର ଦିନ ଦୂରେଇ ରଖାଯାଇଥିଲା। ତାଙ୍କର ପ୍ରତିମା ଚୟନ କରାଯାଇଛି ବୋଲି ଚମ୍ପତ ରାୟ କହିଛନ୍ତି ।ପ୍ରତିମୂର୍ତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ମନ୍ଦିରରେ ଯେଉଁ ମୂର୍ତ୍ତି ସ୍ଥାପନ ହେବ ତାହା ପ୍ରଭୁ ରାମଙ୍କର ୫ ବର୍ଷର ବାଳକ ▶(ପୃଷ୍ଠା-୧୪)

## ୨୨ ଅପରାହ୍ଣ ୧୨.୨୦ରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା

ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ସୋମବାର ଘୋଷଣା କରିଛନ୍ତି ଯେ ଜାନୁଆରୀ ୨୨ ତାରିଖ ଅପରାହ୍ନ ୧୨ଟା ୨୦ରେ ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାୟ କହିଛନ୍ତି ଯେ ଜାନୁଆରୀ ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ରେ ପ୍ରାଣ ପ୍ରତିଷ୍ଠା ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହେବ। ଜାନୁଆରୀ ୧୬ତାରିଖରୁ ଧାର୍ମିକ ରୀତିନୀତି ଆରମ୍ଭ ହୋଇ ଜାନୁଆରି ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାନୁଆରି ୨୨ ତାରିଖ ଅପରାହ୍ନରେ 'ପ୍ରାଣ ପ୍ରତିଷ୍ଠା' ସମାରୋହ ଅନୁଷ୍ଠିତ ହେବ। 'ପ୍ରାଣ ପ୍ରତିଷ୍ଠା' ହେବାକୁ ଥିବା ଏହି ମୂର୍ତ୍ତି ▶(ପୃଷ୍ଠା-୧୪)

### ସେ କହିଲେ...



ରାଜ୍ୟ ସରକାର ପୁରୀ ଶ୍ରୀମନ୍ଦିରକୁ ଏକ ପର୍ଯ୍ୟଟନସ୍ଥଳୀ ବୋଲି ଭାବୁଛନ୍ତି। ସରକାର କେବେ ବି ମହାପ୍ରଭୁଙ୍କ ପ୍ରତି ଥିବା ଓଡ଼ିଆଙ୍କ ଭାବାବେଗକୁ ବୁଝି ନାହାନ୍ତି। ବୁଝିଥିଲେ ସେ ମହାପ୍ରଭୁଙ୍କୁ ଏପରି ଭାବେ ଚିତ୍ରଣ କରି ନ ଥାନ୍ତେ। ମହାପ୍ରଭୁ କ'ଣ ତାହା ପ୍ରତିଟି ଓଡ଼ିଆ ବୁଝିଛନ୍ତି। ମହାପ୍ରସାଦର ପ୍ରଚାର, ପ୍ରସାରର କୌଣସି ଆବଶ୍ୟକତା ନାହିଁ। ତାହାକୁ ପାଇବା ପ୍ରତିଟି ଓଡ଼ିଆଙ୍କର ଜୀବନରୁ ମୃତ୍ୟୁ ପର୍ଯ୍ୟନ୍ତ ଆଶା ଥାଏ। ମାତ୍ର ତାହାର ପ୍ରଚାର, ପ୍ରସାର ପାଇଁ ଜଣେ ଗୋମାଂସ ଭକ୍ଷଣକାରୀଙ୍କୁ ବଛାଗଲା। ମହାପ୍ରସାଦର ପ୍ରଚାର ପାଇଁ ଜଣେ ଗୋମାଂସ ଭକ୍ଷଣକାରୀ ମହିଳାଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରାଇଲେ। ଏହା ଓଡ଼ିଆଙ୍କ ଧର୍ମୀୟ ଭାବନା ପ୍ରତି କୁଠାରାଘାତ।

**ବିଜୟ କୁମାର ପଟ୍ଟନାୟକ**
**କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ**

### ୨୦୨୦ରୁ ଧନୀଙ୍କ ସମ୍ପତ୍ତି ଦ୍ୱିଗୁଣା ହୋଇଛି

# ପାଞ୍ଚ ବିଲିୟନ ଲୋକଙ୍କ ରୋଜଗାର କମିଛି: ରିପୋର୍ଟ

ନୂଆଦିଲ୍ଲୀ

ଦୁନିଆର ସବୁଠୁ ପାଞ୍ଚ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୨୦୨୦ ମସିହାରୁ ବଢି ଦ୍ୱିଗୁଣା ହୋଇଛି । ଚାରିଟି ଅକ୍ସଫାମ୍ ଏକ ରିପୋର୍ଟ ଜାରି କରି ଏହି ଦାବି କରିଛି । ୱାର୍ଲଡ୍ ଇକୋନୋମିକ୍ ଫୋରମର ଡାଭୋସରେ ହୋଇଥିବା ବୈଠକରେ ଏହି ରିପୋର୍ଟ ଜାରି କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଦୁନିଆର ଶୀର୍ଷ ପାଞ୍ଚ ଧନୀଙ୍କ ମୋଟ ସମ୍ପତ୍ତି ୨୦୨୦ ପରଠୁ ଏବେ ସୁଦ୍ଧା ୪୦୫ ବିଲିୟନ ଡଲାର ବଢି ୮୬୯ ବିଲିୟନ ଡଲାର ହୋଇଛି । ସେମାନଙ୍କ ସମ୍ପତ୍ତି ପ୍ରତି ଘଣ୍ଟା ଏକ ଲକ୍ଷ ୪୦ କୋଟି ଡଲାର ହାରରେ ବଢିଛି । ଅକ୍ସଫାମ୍‌ର କହିବା ଅନୁସାରେ ୨୦୨୦ପରଠୁ ଏବେ ସୁଦ୍ଧା ପାଞ୍ଚ ବିଲିୟନ ଲୋକଙ୍କ ରୋଜଗାର କମିଛି ଏବଂ ଗରିବଙ୍କ ସଂଖ୍ୟା ବଢିଛି । ରିପୋର୍ଟ Inequality Inc. ଶୀର୍ଷକରେ ସୋମବାର ଏକ ରିପୋର୍ଟ କରାଯାଇଛି । ଏଥିରେ କୁହାଯାଇଛି ଯେ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୨୦୨୦ ପରେ ହାରାହାରି ୩.୩ ବିଲିୟନ ଡଲାର ଯାଏ ବଢିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ସମ୍ପତ୍ତିରେ ଏହି ବୃଦ୍ଧି ଏଭଳି ସମୟରେ ହୋଇଛି, ଯେତେବେଳେ ବୈଶ୍ୱିକ ଅର୍ଥବ୍ୟବସ୍ଥା ଅସ୍ଥିର ଥିଲା । ଏବଂ କରୋନା ମହାମାରୀ ଯୋଗୁ ବି ଦୁନିଆ ପ୍ରଭାବିତ ରହିଥିଲା । ରିପୋର୍ଟରେ ଦୁନିଆରେ ବଢୁଥିବା ଆର୍ଥିକ ଅସମାନତା ଉପରେ ଚିନ୍ତା ପ୍ରକଟ କରାଯାଇଛି । ଯେଉଁ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ବଢିଛି ସେମାନେଙ୍କ ମଧ୍ୟରେ ବର୍ନାର୍ଡ ଅର୍ନୋଲ୍ଟ, ଆମାଜନ ମୁଖ୍ୟ ଜେଫ ବେଜୋସ, ନିବେଶକ ୱାରେନ ବଫେ, ଓରାକଲର ସହ-ପ୍ରତିଷ୍ଠାତା ଲେରୀ ଏଲିସନ ଏବଂ ଟେସଲା ସିଇଓ ଏଲନ ମସ୍କଙ୍କ ନାଁ ସାମିଲ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ୨୨୯ ବର୍ଷ ଯାଏ ଗରିବୀକୁ ଦୁନିଆରୁ ଶେଷ କରାଯାଇ ପାରିବ ନାହିଁ । ଅକ୍ସଫାମ୍ ଇଣ୍ଟରନ୍ୟାସନାଲର ଅନ୍ତରୀଣ ଏକ୍ସିକ୍ୟୁଟିଭ ନିର୍ଦ୍ଦେଶକ ଅମିତାଭ ବେହର କହିଛନ୍ତି ଯେ ଆମେ ବିଭାଜନ ଦଶନ୍ଧିକୁ ଦେଖୁଛୁ । କୋଟି କୋଟି ଲୋକ ମହାମାରୀ, ଆର୍ଥିକ ଚିନ୍ତା, ଦରବୃଦ୍ଧି ଏବଂ ଯୁଦ୍ଧର ବିଭୀଷିକାର ଯନ୍ତ୍ରଣା ଭୋଗୁଛନ୍ତି । ଅନ୍ୟପଟେ ବିଲେନିୟରଙ୍କ ସମ୍ପତ୍ତିରେ ବୃଦ୍ଧି ଘଟୁଛି । ଏହି ▶(ପୃଷ୍ଠା-୧୪)

## ୯ ବର୍ଷରେ ଦାରିଦ୍ର୍ୟରୁ ବାହାରିଛନ୍ତି ୨୫ କୋଟି: ନୀତି ଆୟୋଗ

୨୦୧୩-୧୪ରୁ ୨୦୨୨-୨୩ ପର୍ଯ୍ୟନ୍ତ ନଅ ବର୍ଷ ମଧ୍ୟରେ ୨୪.୮୨ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟରୁ ବାହାରିଛନ୍ତି। ନୀତି ଆୟୋଗ ସୋମବାର ଏକ ରିପୋର୍ଟରେ ଏହି ଦାବି କରିଛି। ଏହି ସମୟରେ ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ବହୁମୁଖୀ ଦାରିଦ୍ର୍ୟର ସବୁଠାରୁ ବଡ ହ୍ରାସ ରେକର୍ଡ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣର ଉନ୍ନତି ଉପରେ ଆଧାର କରି ବହୁମୁଖୀ ଦାରିଦ୍ର୍ୟ ମାପ କରାଯାଏ। ଭାରତରେ ବହୁମୁଖୀ ଦାରିଦ୍ର୍ୟ ୨୦୧୩-୧୪ ରେ ୨୯.୧୭ ପ୍ରତିଶତରୁ ହ୍ରାସ ପାଇ ୨୦୨୨-୨୩ ରେ ୧୧.୨୮ ପ୍ରତିଶତ ହୋଇଛି । ପ୍ରାୟ ୨୪.୮୨ କୋଟି ଲୋକ ଏହି ବର୍ଗରୁ ବାହାରି ଯାଇଛନ୍ତି ।ନୀତି ଆୟୋଗ ଅନୁଯାୟୀ, ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣର ପରିବର୍ତ୍ତନକୁ ଆଧାର କରି ଆକଳନ କରାଯାଏ। ୧୨ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଆଧାର କରି ଏଗୁଡିକ ସୂଚକ ମାଧ୍ୟମରେ ମାପ କରାଯାଏ। ବିଦ୍ୟାଳୟର ବର୍ଷ, ବିଦ୍ୟାଳୟରେ ଉପସ୍ଥାନ, ରନ୍ଧନ ଇନ୍ଧନ, ପରିମଳ, ପାନୀୟ ଜଳ, ବିଦ୍ୟୁତ୍, ଗୃହ, ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟ ସାମିଲ।

### ସୁନା ଖଣିରେ ଭୂ-ସ୍ଖଳନ

# ମାଟିତଳେ ଚାପି ହୋଇ ୨୨ ମୃତ

ନୂଆଦିଲ୍ଲୀ



ପୂର୍ବ ଆଫ୍ରିକା ଦେଶ ତାଞ୍ଜାନିଆରେ ଅଘଟଣ । ଏକ ସୁନା ଖଣିରେ ଭୟଙ୍କର ଭୂ-ସ୍ଖଳନ ହୋଇଛି । ବାରିଆଡ଼ିର ଏକ ସୁନା ଖଣିରେ ବେଆଇନ ଖନନ ବେଳେ ଲ୍ୟାଣ୍ଡ ସ୍ଲାଇଡିଂ ହୋଇଛି । ଫଳରେ କାମ କରୁଥିବା ୨୨ ଶ୍ରମିକ ପ୍ରାଣ ହରାଇଛନ୍ତି । ମାଟି ତଳେ ଚାପି ହୋଇ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ କହିବା ମୁତାବକ, ଶନିବାର ସିମିୟୁ ଅଞ୍ଚଳରେ ଏହି ଅଘଟଣ ଘଟିଛି । ପୁରୁଣା ସୁନା ଖଣିରେ ୨୪ରୁ ୩୮ ବର୍ଷୀୟ ଲୋକଙ୍କ ଏକ ଗ୍ରୁପ୍ ବେଆଇନ ଭାବେ ଖନନ କରୁଥିଲେ । ଏହି ସମୟରେ ପ୍ରବଳ ବର୍ଷା ଯୋଗୁ ସୁନା ଖଣି ଭିତରେ ଭୂ-ସ୍ଖଳନ ହୋଇଥିଲା । ଫଳରେ କାମ କରୁଥିବା ଲୋକେ ମାଇନ୍ସ ଭିତରେ ଫସି ଯାଇଥିଲେ । ମାଟି ଅତଡ଼ା ଖସିବା ଯୋଗୁ ଏହା ତଳେ ଚାପି ହୋଇ ୨୨ଜଣ ପ୍ରାଣ ହରାଇଛନ୍ତି । ସେହିପରି କିଛି ଲୋକ ଆହତ ହୋଇଛନ୍ତି । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଅନ୍ୟପଟେ ମୃତଦେହ ଗୁଡ଼ିକୁ ମଧ୍ୟ ଉଦ୍ଧାର କରିଛନ୍ତି । ଅନେକ ଲୋକ ସୁନା ଖଣି ଭିତରେ ଫସି ରହିଥିବା ସୂଚନା ମିଳିଛି । ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଛି । ଏହି ଖବର ଜାଣିବା ପରେ ତାଞ୍ଜାନିଆର ରାଷ୍ଟ୍ରପତି ସାମିୟା ସୁଲୁହୁ ଦୁଃଖ ପ୍ରକାଶ କରିଛନ୍ତି । ଏହା ସହିତ ମୃତକଙ୍କ ପରିବାରକୁ ଶୋକ ସନ୍ତ୍ୱନା ଜଣାଇଛନ୍ତି । ଖଣି ଭିତରେ ଫସି ରହିଥିବା ଅନ୍ୟମାନଙ୍କୁ ଉଦ୍ଧାର କରିବାକୁ ରେସକ୍ୟୁ ଅପରେସନ ଜୋରଦାର କରାଯାଇଥିବା ସେ ସୂଚନା ଦେଇଛନ୍ତି ।







ଯଦି ନକରାତ୍ମକ ପରିସ୍ଥିତିରେ
ସର୍ବଦା ସକରାତ୍ମକ
ମନୋଭାବ ବଜାୟ ରଖନ୍ତି
ତେବେ ଏହି ବିଜୟ ହେବ
ଆପଣଙ୍କର

**ଶୁଭ ସକାଳ**



## ମା' ଲକ୍ଷ୍ମୀଙ୍କୁ ପୂଜା କଲେ ମିଳେ ଅଶେଷ କୃପା



ପଣ୍ଡିତମାନଙ୍କ ମତ ଅନୁଯାୟୀ ତୁଳସୀ ଗଛକୁ ପୂଜା କରିବା ସହ ଚଉରା ମୂଳରେ ଘିଅ ଦୀପ ଜାଳିଲେ ମା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୋଇଥାଏ । ଏହା ସହ ଅଶ୍ୱତ୍ଥ ବୃକ୍ଷ ମୂଳରେ ଦୀପ ଲଗାଇବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହେବା ସହ ଖୁବ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସକାଳୁ ସ୍ନାନ ସାରି ସଫା ବସ୍ତ୍ର ପରିଧାନ କରି ଭଗବାନ ବିଷ୍ଣୁଙ୍କୁ ପୂଜା ଅର୍ଚ୍ଚନା କରନ୍ତୁ । ଏହା ସହ ବିଷ୍ଣୁଙ୍କ ପ୍ରିୟ ଏକାଦଶୀ ବ୍ରତ ପାଳନ କଲେ ମଧ୍ୟ ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ନାମ ନେଇ ତୁଳସୀ ମାଳକୁ ୧୦୮ ଥର ଜପ କରିବା ସହ ଭଗବାନ ବିଷ୍ଣୁଙ୍କୁ ହଳଦିଆ ବସ୍ତ୍ର ପିନ୍ଧେଇ ଫଳ ଫୁଲ ଭୋଗ ଲଗାଇ ପୂଜା କରନ୍ତୁ। ଭଗବାନ ବିଷ୍ଣୁଙ୍କ ସାଙ୍ଗରେ ମା ଲକ୍ଷ୍ମୀଙ୍କ ଫଟୋକୁ ପୂଜା କଲେ ମା'ଙ୍କ ଅଶେଷ କୃପା ଲାଭ ହୋଇଥାଏ।

# ମହାଭାରତ ଯୁଦ୍ଧରେ ଲକ୍ଷଲକ୍ଷ ସୈନିକଙ୍କ ପାଇଁ ଦୈନିକ କିପରି ପ୍ରସ୍ତୁତ ହେଉଥିଲା ?

## ଖାଦ୍ୟ

*ଭଗବାନ ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ହୋଇଥିବା ଏହି ଯୁଦ୍ଧ ସାରା ମାନବ ସମାଜ ପାଇଁ ଏକ ବଡ଼ ଉଦାହରଣ ପାଲଟିଯାଇଥିଲା। ଯେପରି କି ସମ୍ପତ୍ତି ତଥା ଗର୍ବ ଅଂହକାରକୁ ନେଇ କିଭଳି ଗୋଟିଏ ପରିବାର ଯୁଦ୍ଧର ନିଆଁରେ ଭସ୍ମ ହୋଇଯାଉଛି।*

କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ଦୀର୍ଘ ୧୮ ଦିନ ଧରି ଚାଲିଥିଲା। କିନ୍ତୁ ଆପଣ କେବେ ଭାବିଛନ୍ତି ଯୁଦ୍ଧରେ ନିଯୋଜିତ ଥିବା ପ୍ରତ୍ୟେକ ଲୋକ କିଭଳି ଜୀବନ ବଞ୍ଚାଉଥିଲେ। ମାନେ ଭୋକିଲା ରହି ତ ଜଣେ ଯୁଦ୍ଧ ଲଢ଼ିପାରିବନି। ଭୋଜନ ତ ନିହାତି ଦରକାର ଥିଲା। ତେବେ ଏମାନଙ୍କ ପାଇଁ କିଏ ଖାଦ୍ୟ ପ୍ରସ୍ତୁତ କରୁଥିଲେ। ଆଉ ଆପଣ ଜାଣନ୍ତି କି ଏହି ଯୁଦ୍ଧରେ କେତେଜଣ ସୈନିକ ନିଯୋଜିତ ଥିଲେ? ମହାଭାରତ ଯୁଦ୍ଧ, ଆପଣ ମାନେ ଏହା ସମ୍ପର୍କରେ ଅନେକ ବାର ଶୁଣିଥିବେ। ପାଣ୍ଡବ ଓ କୌରବଙ୍କୁ ନେଇ ହୋଇଥିବା ଏହି ଯୁଦ୍ଧରେ ଅନେକ କିଛୀ ଧ୍ୱଂସ ହୋଇଯାଇଥିଲା। ଗୋଟିଏ ପରିବାରର ଦୁଇ ଭାଇଙ୍କ ମଧ୍ୟରେ ଏମିତି ପାରିବାରିକ କଳହ ହୋଇଥିଲା ଯାହା ଏବେ ବି ସମସ୍ତଙ୍କ ମନକୁ ରୁଦ୍ଧିମନ୍ତ କରି ରଖିଦେଉଛି। ଭଗବାନ ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ହୋଇଥିବା ଏହି ଯୁଦ୍ଧ ସାରା ମାନବ ସମାଜ ପାଇଁ ଏକ ବଡ଼ ଉଦାହରଣ ପାଲଟିଯାଇଥିଲା। ଯେପରି କି ସମ୍ପତ୍ତି ତଥା ଗର୍ବ ଅଂହକାରକୁ ନେଇ କିଭଳି ଗୋଟିଏ ପରିବାର ଯୁଦ୍ଧର ନିଆଁରେ ଭସ୍ମ ହୋଇଯାଉଛି। ତେବେ ଆପଣ ମାନେ ଜାଣିଥିବେ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ଦୀର୍ଘ ୧୮ ଦିନ ଧରି ଚାଲିଥିଲା। କିନ୍ତୁ ଆପଣ କେବେ ଭାବିଛନ୍ତି ଯୁଦ୍ଧରେ ନିଯୋଜିତ ଥିବା ପ୍ରତ୍ୟେକ ଲୋକ କିଭଳି ଜୀବନ ବଞ୍ଚାଉଥିଲେ। ମାନେ ଭୋକିଲା ରହି ତ ଜଣେ ଯୁଦ୍ଧ ଲଢ଼ିପାରିବନି। ଭୋଜନ ତ ନିହାତି ଦରକାର ଥିଲା। ତେବେ ଏମାନଙ୍କ ପାଇଁ କିଏ ଖାଦ୍ୟ ପ୍ରସ୍ତୁତ କରୁଥିଲେ। ଆଉ ଆପଣ ଜାଣନ୍ତି କି ଏହି ଯୁଦ୍ଧରେ କେତେଜଣ ସୈନିକ ନିଯୋଜିତ ଥିଲେ? ମହାଭାରତ ଯୁଦ୍ଧରେ ଥିଲେ ୫୦ ଲକ୍ଷ ସୈନିକ। ଆଉ ଏମାନଙ୍କ ପାଇଁ ଭୋଜନ ମଧ୍ୟ ତିଆରି କରାଯାଉଥିଲା। କିନ୍ତୁ ପ୍ରଶ୍ନ ଉଠୁଛି ଯେହେତୁ ପ୍ରତିଦିନ ଯୁଦ୍ଧରେ ହଜାର ପାଖାପଖି ସୈନିକ ମୃତ୍ୟୁ ବରଣ କରୁଥିଲେ ତାହାଲେ ଖାଇବା କେଉଁ ହିସାବରେ ତିଆରି ହେଉଥିଲା ? ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ। କିନ୍ତୁ ଭୋଜନ ପ୍ରସ୍ତୁତି ପରେ ଲୋକ କମ ହେଲେ ବି ଖାଦ୍ୟ କେବେବି ନଷ୍ଟ ହେଉନଥିଲା। କିନ୍ତୁ ଏହାକୁ ବାସ୍ତବରେ ବିଶ୍ୱାସ କରିବା ଟିକେ କଷ୍ଟ। ଏହା ପଛରେ ବି ରହସ୍ୟ ଲୁଚି ରହିଛି। ଦୁନିଆର ସବୁଠୁ ବଡ଼ ଯୁଦ୍ଧ ମହାଭାରତରେ ପ୍ରତ୍ୟେକ ଦିନ ଲକ୍ଷାଧିକ ସୈନିକ ନିଜ ନିଜ ପକ୍ଷରୁ ଲଢୁଥିଲେ। ଏମିତିରେ ଅନେକଙ୍କର ମୃତ୍ୟୁ ମଧ୍ୟ ହୋଇଯାଏ। ତେବେ ଏହି କୁରୁକ୍ଷେତ୍ରରେ ଯୁଦ୍ଧ ଆରମ୍ଭ ପୂର୍ବରୁ ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜ ବିଶ୍ୱରୂପ ଦେଖାଇ ଭାଗବତ ଗୀତାର ସାଂରାଶ ତଥା ସାସାଂରିକ ମୋହ ମାୟାର ଜ୍ଞାନ ଦେଇଥିଲେ। ମହାଭାରତର ପ୍ରଥମ ଦିନରୁ ଶେଷ ଦିନ ଯାଏ ଉଡ୍ଡୁପି ନରେଶ ଭୋଜନ ପ୍ରସ୍ତୁତ କରିବାର ଦାୟିତ୍ୱରେ ଥିଲେ । ସମସ୍ତଙ୍କ ପାଇଁ ସେ ସଠିକ ମାପର ଖାଦ୍ୟ ପ୍ରସ୍ତୁତ କରୁଥିଲେ। ତାଙ୍କର କୁଶଳତା କିଛି ଏଭଳି ଥିଲା। ଯେପରି ଦିନର ଶେଷ ଭାଗରେ ମଧ୍ୟ ଟିକେ ବି ଖାଦ୍ୟ ନଷ୍ଟ ହେଉନଥିଲା। ଦିନ ଗଡ଼ିବା ସହ ଯୋଦ୍ଧା ମାନଙ୍କ ସଂଖ୍ୟା ବି କମିବାକୁ ଲାଗିଲା। ସମସ୍ତେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ଯୁଦ୍ଧ ଶେଷରେ ରହୁଥିବା ଯୋଦ୍ଧା ମାନଙ୍କ ପାଇଁ ଉଡୁପୀ କିଭଳି ବରାବର ଖାଦ୍ୟ ପ୍ରସ୍ତୁତ କରିପାରୁଛନ୍ତି ? କେହି ବି ଜାଣିପାରୁନଥିଲେ ଯେ ତାଙ୍କୁ ଏହା ସମ୍ପର୍କରେ କିପରି ଜଣପଡୁଥିଲା ଯେ ଯୁଦ୍ଧ ଶେଷରେ କେତେ ଜଣ ସୁରକ୍ଷିତ ଫେରିବେ? ଏତେ ଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଆଉ ଏହାରି ମଧ୍ୟରେ ଖାଦ୍ୟ ଆଦୌ ନଷ୍ଟ ନହେବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିଲା। ଏହାକୁ ପ୍ରଥମ ବିଶ୍ୱଯୁଦ୍ଧ କହିଲେ ବି କିଛି ଭୁଲ ହେବ ନାହିଁ । କାହିଁକି ନା ଏଥିରେ ଅନେକ ଦେଶର ରାଜା ଆସି ଯୋଗ ଦେଇଥିଲେ। କିଛି ପାଣ୍ଡବ ଓ ଅନ୍ୟ କିଛି କୌରବଙ୍କୁ ସହଯୋଗ କରିଥିଲେ। କିନ୍ତୁ ଏଥିରେ ଦକ୍ଷିଣ ସ୍ଥାନରେ ଅବସ୍ଥିତ ଉଡ୍ଡୁପି ରାଜ୍ୟ ଭାଗ ନେଇନଥିଲା। ଉଭୟ ପକ୍ଷ ଉଡ୍ଡୁପି ରାଜାଙ୍କୁ ନିଜ ଆଡକୁ ଆଣିବାକୁ ଚେଷ୍ଟା କରୁଥିଲେ କାରଣ ସେ ବହୁତ ଶକ୍ତିଶାଳୀ ଥିଲେ। କିନ୍ତୁ ସେ ନିଜେ ମନା କଲେ। ଏକଦା ଶ୍ରୀକୃଷ୍ଣଙ୍କୁ ପଚାରିଲେ ଯୁଦ୍ଧ କରିବାକୁ ସମସ୍ତେ ଆଗଭର କନ୍ତୁ ସେହି ସମୟରେ ଏମାନେ ଖାଇବେ କଣ ତାହାକୁ ନେଇ ପ୍ରଶ୍ନ ଉଠିଲା। ଏହାବାଦ ଦୁଇ ଭାଇଙ୍କ ଭିତରେ ହେଉଥିବା ଏହି ଯୁଦ୍ଧକୁ ପସନ୍ଦ ବା ଠିକ ମନେ କରୁନଥିଲେ।



ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରର ସଠିକ ଦିଗରେ ଥିବା ଗଛ ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରାଇଥାନ୍ତି। ଯାହା ଘରେ ସଫଳତା, ପ୍ରଗତି ଏବଂ ସମୃଦ୍ଧି ଆଣିଥାଏ । ଅନ୍ୟପକ୍ଷରେ ଯଦି ସେମାନଙ୍କୁ ଭୁଲ ଦିଗରେ ରଖାଯାଏ ତେବେ ସେମାନେ ଦାରିଦ୍ର୍ୟ ସୃଷ୍ଟି କରନ୍ତି । ଏମିତିରେ ସମସ୍ତଙ୍କ ଘର ବାହାରେ ତୁଳସୀ ଗଛ ତ ରହିଥାଏ । କିନ୍ତୁ ବାସ୍ତୁ ଶାସ୍ତ୍ର ଅନୁସାରେ ଏହି ଗଛ ପାଖରେ କିଛି ନର୍ଦ୍ଦିଷ୍ଟ ଗଛ ରଖିବାକୁ ବାରଣ କରାଯାଇଛି । ଏହାସହ କିଛି କାମ କରିବାକୁ ଏଠାରେ ମଧ୍ୟ ବାରଣ କରାଯାଇଛି । ଆଜି ଆମେ ଏହା ସମ୍ପର୍କରେ କିଛି ସୂଚନା.. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରର ସଠିକ ଦିଗରେ ଥିବା ଗଛ ଘର ଭିତରକୁ ସକାରାତ୍ମକ ଶକ୍ତି ପ୍ରବେଶ କରାଇଥାନ୍ତି। ଯାହା ଘରେ ସଫଳତା, ପ୍ରଗତି ଏବଂ ସମୃଦ୍ଧି ଆଣିଥାଏ । ଅନ୍ୟପକ୍ଷରେ ଯଦି ସେମାନଙ୍କୁ ଭୁଲ ଦିଗରେ ରଖାଯାଏ ତେବେ ସେମାନେ ଦାରିଦ୍ର୍ୟ ସୃଷ୍ଟି କରନ୍ତି । ଏମିତିରେ ସମସ୍ତଙ୍କ ଘର ବାହାରେ ତୁଳସୀ ଗଛ ତ ରହିଥାଏ । କିନ୍ତୁ ବାସ୍ତୁ ଶାସ୍ତ୍ର ଅନୁସାରେ ଏହି ଗଛ ପାଖରେ କିଛି ନିର୍ଦ୍ଦିଷ୍ଟ ଗଛ ରଖିବାକୁ ବାରଣ କରାଯାଇଛି ।

ହିନ୍ଦୁ ଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ଧରାଯାଏ । କୁହାଯାଏ ଯେ ଯେଉଁ ଘରେ ତୁଳସୀ ଗଛ ଲାଗିଥାଏ ସେହି ଘରେ କେବେ ବି ସମସ୍ୟା ଆସିନଥାଏ। ତୁଳସୀ ଗଛ ପାଖରେ ଭୁଲରେ ମଧ୍ୟ କେବେବି ଓଦା କପଡା ଶୁଖାଇବା ଉଚିତ ନୁହେଁ। ଏହା ଦ୍ୱାରା ସକାରାତ୍ମକ ଉର୍ଜାର ହାନି ହେବାକୁ ଲାଗିଥାଏ ଏବଂ ମାତା ତୁଳସୀ ମଧ୍ୟ ବହୁତ କ୍ରୋଧିତ ହୋଇଥାନ୍ତି । ସହଜେ ଓଦା କପଡା ପୂର୍ବରୁ ବ୍ୟବହୃତ ହୋଇଥାଏ। ତାହା ତୁଳସୀମାତାଙ୍କ ନିକଟରେ ରହିବାକୁ ଅଶୁଭ ତଥା ଅପବିତ୍ର କୁହାଯାଇଥାଏ। କାରଣ ତୁଳସୀ ସ୍ୱୟଂ ବୃନ୍ଦାବତୀ। ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରାଣବଲ୍ଲଭୀ। ତେଣୁ ପବିତ୍ର ତୁଳସୀ ଗଛକୁ ସବୁ ସମୟରେ ପରିଷ୍କାର ରଖିବା ପାଇଁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ। ଏହି ଦିଗ ଉପରେ ଧ୍ୟାନ ନ ଦେଲେ ଅଶାନ୍ତି ଏବଂ ଧନ ଦୌଲତ ହ୍ରାସ ହେବାକୁ ଲାଗିଥାଏ। ଏଥିପାଇଁ ଏହି କଥା ଉପରେ ନିଶ୍ଚୟ ଧ୍ୟାନ ରଖନ୍ତୁ। କିଛି ଲୋକ ଏମିତି ଅଛନ୍ତି ଯେଉଁମାନେ ତୁଳସୀ ଗଛ ପାଖରେ ଗଣେଶ ମୂର୍ତ୍ତିକୁ ରଖି ଦିଅନ୍ତି, ଯାହା ବହୁତ ବଡ ଭୁଲ ବୋଲି ବିବେଚନା କରାଯାଏ। ଏଥିପାଇଁ ଏମିତି ଆଦୌ କରିବା ଉଚିତ ନୁହେଁ। ଏହା ଦ୍ୱାରା ଘରେ କାଙ୍ଗାଳ ପରିସ୍ଥିତି ଆସିଥାଏ । ତୁଳସୀ ଗଛ ପାଖରେ ଭୁଲରେ ମଧ୍ୟ କେବେ ବି ଜୋତା ଚପଲ ରଖନ୍ତୁ ନାହିଁ । ଏମିତି କରିବାକୁ ବହୁତ ଅଶୁଭ ବୋଲି ଧରାଯାଏ। ବାସ୍ତୁ ଶାସ୍ତ୍ରରେ, ଏପରି କିଛି ଗଛ ରହିଛି ଯାହା କେବେ ଦକ୍ଷିଣ ଦିଗରେ ଲଗାଯିବା ଉଚିତ୍ ନୁହେଁ। କୁହାଯାଏ ଯେ ଏମିତି କରିବା ଦ୍ୱାରା ଦାରିଦ୍ର୍ୟ ଘରେ ଆସିବା ଆରମ୍ଭ କରେ, ତେବେ






*ତୁଳସୀ ଗଛ ପାଖରେ ଭୁଲରେ ମଧ୍ୟ କେବେବି ଓଦା କପଡା ଶୁଖାଇବା ଉଚିତ ନୁହେଁ। ଏହା ଦ୍ୱାରା ସକାରାତ୍ମକ ଉର୍ଜାର ହାନି ହେବାକୁ ଲାଗିଥାଏ ଏବଂ ମାତା ତୁଳସୀ ମଧ୍ୟ ବହୁତ କ୍ରୋଧିତ ହୋଇଥାନ୍ତି । ତୁଳସୀ ଗଛକୁ ସବୁ ସମୟରେ ପରିଷ୍କାର ରଖିବା ପାଇଁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ।*

ଆସନ୍ତୁ ଜାଣିବା କେଉଁ ଗଛକୁ ଦକ୍ଷିଣ ଦିଗରେ ରଖିବା ଅନୁଚିତ ବୋଲି ବିବେଚନା କରାଯାଏ। – କଦଳୀ ଗଛକୁ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ। ଏହି ଦିଗରେ ଲଗାଯାଇଥିବା କଦଳୀ ଗଛ ଶୁଭ ବୋଲି ବିବେଚନା କରାଯାଏ ନାହିଁ । କୁହାଯାଏ ଯେ ଏହା ଉଦ୍ଦିଷ୍ଟ ଫଳାଫଳ ଦେଇନଥାଏ। ଯଦି ଆପଣ କଦଳୀ ଗଛ ଲଗାଇବାକୁ ଚାହୁଁଛନ୍ତି, ତେବେ ଏହା ପୂର୍ବ କିମ୍ବା ଉତ୍ତର ଦିଗରେ ଲଗାଇପାରିବ । – ତୁଳସୀ କୁ ମଧ୍ୟ ଦକ୍ଷିଣ ଦିଗରେ ଲଗାଯାଏ ନାହିଁ। ମାତା। ଲକ୍ଷ୍ମୀ ତୁଳସୀରେ ରୁହନ୍ତି ବୋଲି କୁହାଯାଏ। ଦକ୍ଷିଣ ଦିଗରେ ତୁଳସୀ ଗଛ ଲଗାଇଲେ ସେ କ୍ରୋଧିତ ହୁଅନ୍ତି ଏବଂ ଘରେ ଦାରିଦ୍ର୍ୟ ଆସେ। ଗୃହର ସଦସ୍ୟମାନଙ୍କ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗେ। ତୁଳସୀ ଗଛ ଲଗାଇବା ପାଇଁ ପୂର୍ବ ଦିଗକୁ ସର୍ବୋତ୍ତମ ଦିଗ ଭାବରେ ବିବେଚନା କରାଯାଏ । ଏହା ବ୍ୟତୀତ ଆପଣ ଉତ୍ତର ଦିଗରେ ଏହାକୁ ଲଗାଇ ପାରିବେ । – ଶାସ୍ତ୍ର ଅନୁଯାୟୀ ଶମି ଗଛ ଶନି ଦେବଙ୍କ ଅତ୍ୟନ୍ତ ପ୍ରିୟ। ଶମି ଗଛ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ । ଦକ୍ଷିଣ ଦିଗରେ ଶମି ଗଛ ଲଗାଇଲେ ଶନି ଦେବଙ୍କ କ୍ରୋଧର ସାମ୍ନା କରିବାକୁ ପଡିବ । ଏହାକୁ ଆପଣ ପୂର୍ବ କିମ୍ବା ଉତ୍ତର ପୂର୍ବରେ ଲଗାଇପାରିବ। – ଶାସ୍ତ୍ର ଅନୁଯାୟୀ ମନି ପ୍ଲାଣ୍ଟକୁ ଦକ୍ଷିଣ ଦିଗରେ ରଖନ୍ତୁ ନାହିଁ। ଏହି ଦିଗରେ ରଖାଯାଇଥିବା ମନି ପ୍ଲାଣ୍ଟ ଅର୍ଥ ହରାଇଥାଏ, ଯେଉଁ କାରଣରୁ ଘରେ ଅର୍ଥନୈତିକ ସଙ୍କଟ ଆସିଥାଏ ।



*ଶମି ଗଛ ଶନି ଦେବଙ୍କ ଅତ୍ୟନ୍ତ ପ୍ରିୟ। ଶମି ଗଛ ଦକ୍ଷିଣ ଦିଗରେ ଲଗାଯିବା ଉଚିତ୍ ନୁହେଁ ।*

## ଜ୍ଞାନ ଓ ଚରିତ୍ର




ଗୋଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ । ସେ ବେଦ ଏବଂ ଶାସ୍ତ୍ରରେ ପାରଙ୍ଗମ ହୋଇଥିଲେ ବି ତାଙ୍କ ନିକଟରେ ଧନର ଅଭାବ ରହିଥିଲା । ସେ ଭିକ୍ଷାଟନ କରି ପେଟ ପୋଷୁଥିଲେ । ଦିନେ ସେହି ପଣ୍ଡିତ ନିକଟସ୍ଥ ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଗଲେ । ସେ ଚିରାଫଟା ପୋଷାକ ପିନ୍ଧିଥିଲେ । ପଣ୍ଡିତ ସେହି ଗାଁର ଜଣେ ବ୍ୟକ୍ତିଙ୍କ କବାଟ ବାଡ଼େଇଲେ । ଶବ୍ଦ ଶୁଣି ଘର ଭିତରୁ ଜଣେ ବ୍ୟକ୍ତି ବାହାରି ଆସିଲେ । ସେ ଚିରାଫଟା ବସ୍ତ୍ର ପିନ୍ଧି ଛିଡ଼ା ହୋଇଥିବା ପଣ୍ଡିତଙ୍କୁ ଦେଖି ଘୃଣା କଲେ ଏବଂ ଧକ୍କା ମାରି ଘରୁ ବାହାର କରିଦେଲେ । ପଣ୍ଡିତ ସେଠାରୁ ଫେରିଆସି ରାସ୍ତାରେ ଆଗେଇ ଚାଲିଲେ । ଏହି ସମୟରେ ଜଣେ ଧନୀବ୍ୟକ୍ତି ତାଙ୍କୁ ଦେଖିଲେ । ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ । ବ୍ୟକ୍ତି ଜଣକ କବାଟ ଖୋଲି ବାହାରକୁ ଆସି ଦେଖିଲେ ଯେ ନୂତନ ବସ୍ତ୍ର ପିନ୍ଧି ପଣ୍ଡିତ ଜଣେ ଛିଡ଼ା ହୋଇଛନ୍ତି । ସେ ତାଙ୍କୁ ଭିତରକୁ ପାଛୋଟି ନେଲେ ଏବଂ ଭଲ ଭଲ ଜିନିଷ ଖାଇବାକୁ ଦେଲେ । ପଣ୍ଡିତ କିନ୍ତୁ ଥରେ ହେଲେ ସେହି ସବୁ ଜିନିଷ ଖାଇଲେ ନାହିଁ । ଓଲଟି ସବୁତକ ଖାଦ୍ୟ ଦ୍ରବ୍ୟ ନିଜ ନୂଆ କପଡ଼ାରେ ବୋଳିବାକୁ ଲାଗିଲେ ।

## ଆଦିତ୍ୟ ହୃଦୟପାଠ କରନ୍ତୁ



ରବିବାର ସୂର୍ଯ୍ୟଦେବଙ୍କ ଆରାଧନା ପାଇଁ ସମର୍ପିତ । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ରବିବାର ସୂର୍ଯ୍ୟଦେବଙ୍କ ଦିନ । ରବିବାର ଦିନ ଶ୍ରଦ୍ଧାର ସହ ସୂର୍ଯ୍ୟଦେବଙ୍କୁ ଆରାଧନା କଲେ ସୂର୍ଯ୍ୟଦେବଙ୍କ କୃପା ପ୍ରାପ୍ତ ହୋଇଥାଏ । ଜୀବନରେ ସୁଖ-ସମୃଦ୍ଧି, ଧନ-ସମ୍ପତ୍ତି ଏବଂ ଶତ୍ରୁଙ୍କ ଠାରୁ ସୁରକ୍ଷା ପାଇଁ ରବିବାର ବ୍ରତ ପାଳନ କରାଯାଇଥାଏ। ରବିବାର ବ୍ରତ ପାଳନ କଲେ ସମସ୍ତ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ପୌରାଣିକ ଧାର୍ମିକ ଗ୍ରନ୍ଥରେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ କରିବାର ବିଶେଷ ମହତ୍ତ୍ୱ ରହିଥିବା ଦର୍ଶାଯାଇଛି । ପ୍ରତିଦିନ ସକାଳୁ ତମ୍ବା ଢାଳରେ ଜଳ ନେଇ ସେଥିରେ ନାଲି ଫୁଲ, କିଛି ଚାଉଳ ମିଶାଇ ଶ୍ରଦ୍ଧାର ସହ ସୂର୍ଯ୍ୟଦେବଙ୍କ ମନ୍ତ୍ର ଜପ କରି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ କରିବା ଉଚିତ। ଅର୍ଘ୍ୟ ପ୍ରଦାନ କରିବା ଦ୍ୱାରା ସୂର୍ଯ୍ୟ ଭଗବାନ ପ୍ରସନ୍ନ ହୋଇଥାନ୍ତି । ସୂର୍ଯ୍ୟଦେବ ଆୟୁଷ, ଧନ-ଧାନ୍ୟ, ସନ୍ତାନ, ଯଶ, ଐଶ୍ୱର୍ଯ୍ୟ, ବୈଭବ, ସୌଭାଗ୍ୟ ପ୍ରଦାନ କରିଥାନ୍ତି । ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ ଓ ଆରାଧନା କରିବା ପାଇଁ ଏହିସବୁ ନିୟମ ପାଳନ କରିବା ଉଚିତ । ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ପରିତ୍ୟାଗ କରି ସ୍ନାନ କରି ଶୁଦ୍ଧ ହେବା ଆବଶ୍ୟକ । ସ୍ନାନ କରି ସୂର୍ଯ୍ୟ ନାରାୟଣଙ୍କୁ ତିନିଥର ଅର୍ଘ୍ୟ ପ୍ରଦାନ କରି ପ୍ରଣାମ କରନ୍ତୁ । ସଂଧ୍ୟା ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ପୁଣିଥରେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତୁ । ଶ୍ରଦ୍ଧାପୂର୍ବକ ସୂର୍ଯ୍ୟଙ୍କ ମନ୍ତ୍ର ଜପ କରନ୍ତୁ । ନିୟମିତ ଆଦିତ୍ୟ ହୃଦୟ ପାଠ କରନ୍ତୁ । ଉତ୍ତମ ସ୍ୱାସ୍ଥ୍ୟ, ଚକ୍ଷୁ ରୋଗରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ନେତ୍ରଉପନିଷଦ ପାଠ କରିବା ଉଚିତ । ରବିବାର ଦିନ ତେଲ, ଲୁଣ ନ ଖାଇ ଗୋଟିଏ ସମୟ ଭୋଜନ କରଲେ ସୁଫଳ ମିଳିଥାଏ।

# ସାଗର ପୁତ୍ରଙ୍କ ମୁକ୍ତି



ଭଗୀରଥ ଗଙ୍ଗାଦେବୀଙ୍କୁ ବନ୍ଦନାକରି ପ୍ରଣାମ କରି କହିଲେ, ମାତା ଏହି ମହାମୁନି କପିଳଙ୍କ ଆଶ୍ରମ କିପରି ଲଙ୍ଘନ କରି ଯିବା ? ଗଙ୍ଗାଦେବୀ କହିଲେ ବତ୍ସ ! ତୁ ଆଗରେ ଅଛୁ । ତୁ ଯେଉଁ ପଥ ଦେଇଯିବୁ ମୁଁ ତୋର ଅନୁଗମନ କରିବି । ଭଗୀରଥ କହିଲେ ମାତା ! ଦେଖ ସମ୍ମୁଖରେ କିପରି ଅଗ୍ନିରେ ମୋର ପ୍ରପିତାମହମାନେ କଳବଳ ହେଉଛନ୍ତି । ହେ ମାତା ! ଉପାୟ ବତାଇ ଦିଅ । ଗଙ୍ଗା ପୁନର୍ବାର କହିଲେ ତୁ ଆଗରେ ଚାଲ୍, ମୁଁ ପଛରେ ଯିବି । ଭଗୀରଥ କହିଲେ ହେ ମାତା ! ଅଯୋଧ୍ୟାରେ ମୋର ମାତାଦ୍ୱୟଙ୍କୁ ବଚନ ଦେଇ ଆସିଛି । ମୁଁ ପିତୃଙ୍କୁ ଉଦ୍ଧାର କରି ତୁମ୍ଭର ଚରଣ ବନ୍ଦନା କରିବି । ଏବେ ଅଗ୍ନିରେ ଝାସ ଦେଲେ ମୁଁ କିପରି ବର୍ତ୍ତିବି ? ମାତାଙ୍କୁ ଦେଇଥିବା ବଚନ ବୃଥା ହେବ । ଗଙ୍ଗା କହିଲେ ତୁ ପ୍ରଥମେ ଅଗ୍ନିମଧ୍ୟକୁ ଯା' ଦେଖିବୁ ପରେ କ'ଣ ହେବ । ଭଗୀରଥ କପିଳ ମୁନିଙ୍କ ଆଶ୍ରମ ଚାରିପାଖରେ ତିନିଥର ପରିକ୍ରମା କଲେ । ଗଙ୍ଗାଦେବୀ ସେହିପରି ଆଶ୍ରମ ଚାରିପଟେ ଘୂରିଲେ । ଭଗୀରଥ ଗଙ୍ଗାଦେବୀଙ୍କୁ ପ୍ରଣାମ କରି ରଥ ସହ ଶଙ୍ଖନାଦ କରି ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟରେ ପ୍ରବେଶ କଲେ । ଗଙ୍ଗାଦେବୀ ଭଗୀରଥଙ୍କୁ ଅଗ୍ନିରେ ପ୍ରବେଶ କରିବା ଦେଖି ଆହା ପୁତ୍ର ବୋଲି କହି ଶତଧାର ହୋଇ ଅଗ୍ନିମଧ୍ୟକୁ ବହିଗଲେ । ସଗର ପୁତ୍ରମାନେ ଯୁଗ ଯୁଗ ଧରି କପିଳମୁନିଙ୍କ କ୍ରୋଧାଗ୍ନିରେ ଅହରହ ଦଗ୍ଧ ହେଉଥିଲେ। ଏବେ ଗଙ୍ଗାଜଳ ସ୍ପର୍ଶ କରି ଶାନ୍ତିପାଇଁ ମୁକ୍ତିଲାଭ କରି ସ୍ୱର୍ଗପ୍ରାପ୍ତି ହେଲେ। ଗଙ୍ଗାଦେବୀ ଭଗୀରଥଙ୍କୁ ଉଦ୍ଧାର କରି ନିଜ ରାଜ୍ୟ ଅଯୋଧ୍ୟାକୁ ପ୍ରତ୍ୟାଗମନ କରିବାକୁ ଅନୁମତି ପ୍ରଦାନ କଲେ । ସେହିଠାରୁ ଯାଇ ଗଙ୍ଗାଦେବୀ ସାଗର ସହିତ ମିଳିତ ହେଲେ । ସାଗର ମହାମାୟୀଙ୍କ ନିଜ ସଂଗରେ ମିଶିବାଦେଖି ଅତୀବ ଆନନ୍ଦିତ ହେଲେ ।



## ଋଣ ପରିଶୋଧ




ପାଣ୍ଡବମାନେ ଦ୍ୟୁତକ୍ରୀଡ଼ାରେ ହାରିଯିବା ପରେ କୌରବମାନେ ଭରା ରାଜସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ପାଇଁ ଉଦ୍ୟମ କରିଥିଲେ । ତେବେ ଶ୍ରୀକୃଷ୍ଣ କୋଟିବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଥିଲେ । ଦୁଃଶାସନ ଶାଢ଼ୀ ଟାଣି ଟାଣି ଥକିଗଲା କିନ୍ତୁ ଦ୍ରୌପଦୀଙ୍କୁ ବିବସ୍ତ୍ର କରିପାରିଲା ନାହିଁ । ଶେଷରେ କୁରୁସଭାରେ ଉପସ୍ଥିତ ସମସ୍ତ ପାରିଷଦ ଥକିଗଲେ । ତେବେ ବିଶେଷ କାରଣ ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁସଭାରେ ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । କୁହାଯାଏ ଥରେ ଏକ ଯୁଦ୍ଧରେ ଯୋଗ ଦେଇ ଫେରିବା କାଳରେ ଶ୍ରୀକୃଷ୍ଣଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା । ସେହି କ୍ଷତରୁ ରକ୍ତ ଝରିଲା । ଦ୍ରୌପଦୀ ନିଜ ପିନ୍ଧା କାନି ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧି ଦେଇଥିଲେ । ଏହାପରେ ତାଙ୍କ ହାତରୁ ରକ୍ତ ଝରିବା ବନ୍ଦ ହୋଇଯାଇଥିଲା । ଏହି ଋଣ ସୁଝିବା ପାଇଁ କୁରୁସଭାରେ ଭଗବାନ କୃଷ୍ଣ ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦାନ କରିଥିଲେ । ଶ୍ରୀକୃଷ୍ଣ ସେହି ସମୟରେ କୁରୁ ସଭାରେ ଉପସ୍ଥିତ ନଥିଲେ । ସେ ଦୂରରେ ଥିଲେ । କିନ୍ତୁ ନିଜ ହାତରେ ବାନ୍ଧିଥିବା ଦ୍ରୌପଦୀଙ୍କ ସେହି ଚିରା କାନିକୁ ସେ ଧୀରେ ଧୀରେ ଖୋଲିଥିଲେ । ସେହି ଚିରା କାନି ଖଣ୍ଡକ ଅମାପ ଲମ୍ବର ଶାଢ଼ୀରେ ପରିଣତ ହୋଇ ଶୂନ୍ୟରେ ଉଡ଼ି ଆସି ଦ୍ରୌପଦୀଙ୍କ ଶରୀରରେ ଗୁଡ଼ାଇ ହୋଇଯାଇଥିଲା । ଏହିପରି ଭାବେ ଭଗବାନ ନିଜର ପ୍ରିୟ ସଖୀ ତଥା ପରମଭକ୍ତ ଦ୍ରୌପଦୀଙ୍କ ମାନ ରକ୍ଷା କରି ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ ।

## ଘୁମୁରା ମହୋତ୍ସବରେ ଖାଦ୍ୟ ଷ୍ଟଲ ଉପରେ ଚଢ଼ଉ

**କଳାହାଣ୍ଡି(ଅମୃତ ମିଡିଆ):** ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କଳାହାଣ୍ଡି ଉତ୍ସବ ଘୁମୁରା- ୨୦୨୪ର ପ୍ରଥମ ଦିନରେ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଖାଦ୍ୟ ନିରାପତ୍ତା ଅଧିକାରୀ ଧର୍ମଗଡ ସନ୍ତୋଷ କୁମାର ମହାପାତ୍ର, ଖାଦ୍ୟ ନିରାପତ୍ତା



ଅଧିକାରୀ, ଭବାନୀପାଟଣା ଭରତ ଭୂଷଣ ସ୍ୱାଇଁ ଏବଂ ଅନ୍ୟାନ୍ୟ ଖାଦ୍ୟ ନିରାପତ୍ତା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଯାଇଥିଲା ଏବଂ ଖାଦ୍ୟକୁ ସ୍ୱଚ୍ଛତା ଅନୁଯାୟୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଦ୍ୟ ପ୍ରସ୍ତୁତିରେ ରାସାୟନିକ ରଙ୍ଗର ବ୍ୟବହାର ନ କରିବା, ଖାଦ୍ୟ ପରିବେଷଣରେ ଖବରକାଗଜର ବ୍ୟବହାର ନ କରିବା, ଛଣା ଛଣିରେ ଖାଇବା ତେଲର ବାରମ୍ବାର ବ୍ୟବହାର ନ କରିବା କହିବା ସହ ନିୟମ ଉଲ୍ଲଙ୍ଘନ କଲେ ଜୋରିମାନା ଦଣ୍ଡ ଉପରେ କହିଥିଲେ।

## ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଜୟପୁର (ଅମୃତ ମିଡିଆ):** ଯୁବତୀଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ। ଏପରି ଏକ ଅଭାବନୀୟ ଘଟଣା ବୈପାରୀଗୁଡା ଥାନା ଅନ୍ତର୍ଗତ ନୂଆ ଘସରଡା ଗାଁର ଘଟିଛି। ମୃତ ଯୁବତୀ ଦିଗାପୁର ପଂଚାୟତ ନୂଆ ଘସରଡା ଗାଁର ଗୌରୀ ମାଝୀ। ଆଜି ସକାଳେ ଗାଁ ବାହାରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ବୈପାରୀଗୁଡା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳକୁ ଆସି ତଦନ୍ତ କରି ମୃତଦେହକୁ ଜବତ କରିଥିଲା। ହେଲେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏପଟେ ଏହା ଆତ୍ମହତ୍ୟା ନୁହେଁ ଏହା ହତ୍ୟା ବୋଲି ପରିବାର ଲୋକେ ଏବଂ ଗାଁ ଲୋକେ ଅଭିଯୋଗ ଆଣିଛନ୍ତି।

## ବେତନଟୀ ରେଳ ଷ୍ଟେସନରୁ ପ୍ରଥମ ରିଜର୍ଭେସନ ଟିକଟ୍

**ବେତନଟୀ (ଅମୃତ ମିଡିଆ):** ଗତ ଜାନୁଆରୀ ୧୩ ତାରିଖ ଦିନ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବେତନଟୀ ରେଳ ଷ୍ଟେସନର ସବୱେ ଓ ରେଳ ଟିକଟ ସଂରକ୍ଷଣ ବ୍ୟବସ୍ଥାକୁ ଅନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ। ଏହାପରେ ୧୫ତାରିଖ ଦିନ ସର୍ବପ୍ରଥମ କରି ଉକ୍ତ ଷ୍ଟେସନର ଟିକଟ କାଉଣ୍ଟରରୁ ବରିଷ୍ଠ ବାଣିଜ୍ୟ ସହାୟକ ବସନ୍ତ କୁମାର ଜେନାଙ୍କ ହସ୍ତରୁ ଭୁବନେଶ୍ୱରକୁ ଯିବା ଓ ଆସିବା ନିମନ୍ତେ ରିଜରଭେସନ ଟିକଟ କାଟିଥିଲେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି। ଏଥିପାଇଁ ବେତନଟୀ ଷ୍ଟେସନ ମ୍ୟାନେଜର ମେଘରାୟ ହାଁସଦା ଶୁଭେଚ୍ଛା ଜଣାଇବା ସହ ଷ୍ଟେସନ ଡାଇରୀରେ ଏହା ଲିପିବଦ୍ଧ କରାଯିବାର ବାର୍ତ୍ତା ଦେଇଛନ୍ତି। ଅନ୍ୟପକ୍ଷରେ ସିଭିଲ ସୋସାଇଟି, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ମୟୂର ସାହିତ୍ୟ ସଂସଦର ଅନେକ କର୍ମକର୍ତ୍ତା ଶ୍ରୀ ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କବାଡିଆ ଦୋକାନରେ ଅଗ୍ନିକାଣ୍ଡ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ

**କଟକ(ବ୍ୟୁରୋ):** କଟକ ଜିଲ୍ଲା ବାଙ୍କୀ ଏନଏସି ୧୦ ନମ୍ବର ୱାର୍ଡରେ ଅଭାବନୀୟ ଘଟଣା ଘଟିଛି। ଏକ କବାଡିଆ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡି ପାଉଁଶ ହୋଇଯାଇଛି। ଗତ ରବିବାର ସକାଳୁ ହଠାତ୍ ଗୋଦାମ ଘରୁ ଧୂଆଁ ବାହାରିଥିବା ଦେଖିବାକୁ ମିଳିଥିଲା। ଧୂଆଁ ବାହାରୁଥିବା ଦେଖି ଗୋଦାମର ମାଲିକ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାଙ୍କୀ ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସେପଟେ କେହି ଜାଣିଶୁଣି ନିଆଁ ଲଗାଇଥିବା ନେଇ ଗୋଦାମର ମାଲିକ ସନ୍ଦେହ ପ୍ରକାଶ କରୁଛନ୍ତି।

## ବୋରଗୁଡା ମଣ୍ଡିରୁ ଧାନ ଚୋରି ଅଭିଯୋଗ

**କଳାହାଣ୍ଡି (ଅମୃତ ମିଡ଼ିଆ):** ମାସ ମାସ ଧରି ମଣ୍ଡିରେ ପଡିରହୁଛି ଧାନ। କେତେବେଳେ ମୂଷା ଧାନ ସବୁ ନଷ୍ଟ କରି ଦେଉଛି ତ ଆଉ କେତେବେଳେ ଦୁର୍ବୃତ୍ତମାନେ ମଣ୍ଡିରୁ ଧାନ ସବୁ ଚୋରି କରି ନେଉଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋରଗୁଡା ମଣ୍ଡିରୁ ଧାନ ଚୋରି ଅଭିଯୋଗ। ଅଭିଯୋଗ ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋରଗୁଡା ଧାନ ମଣ୍ଡିରୁ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କିଛି ଚାଷୀଙ୍କ ୧୧୪ ଧାନ ବସ୍ତାକୁ ଚୋରି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସେପଟେ ମଣ୍ଡିର କର୍ମଚାରୀ କହିଛନ୍ତି ଏ ସଂକ୍ରାନ୍ତରେ ଦଶପୁର ଫାଣ୍ଡିରେ ଏତଲା ଦିଆଯାଇଛି। ୧୧୪ ବସ୍ତା ଧାନ ଚୋରିକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଅନ୍ତର୍ଯ୍ୟାମୀ ସୁନାନୀ, ଡମ୍ବରୁଧର ମାଝୀ, ନିର୍ମଳ ସାହୁ, ମୋତିଲାଲ ବନ୍ଧୀଛୋଡ, ଭୀମ ସେନ ଭୋଇ ଭଳି ଅନେକ ଚାଷୀଙ୍କ ୧୧୪ ବସ୍ତା ଧାନ ଚୋରି ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏ ଚୋରିରେ ଆର୍‌ଏମ୍‌ସି କର୍ମଚାରୀ, ମଣ୍ଡି କର୍ମଚାରୀ ସାମିଲ ଥିବା ପ୍ରକାଶ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଚୋରକୁ ନ ଧରିବା ପର୍ଯ୍ୟନ୍ତ ମଣ୍ଡି ବନ୍ଦ ରହିବ ବୋଲି ଚାଷୀ ନିର୍ମଳ ସାହୁ, ଗଣ୍ଠି ବାରିକ, ମତିଲାଲ ବନ୍ଦିଛୋଡ, ବବୁ ବାରିକ, ସୁଶାନ୍ତ ବଡକିୟା, ଡମ୍ବରୁଧର ସାହୁ, ଅନ୍ତର୍ଯ୍ୟାମୀ ଶୁଣାଣୀ, ମକର ଧ୍ୱଜ ଶୁନାନି, ଭୀମ ସେନ ସାହୁ ଓ ରାଜ କୁମର ଗୁଆ ପ୍ରମୁଖ ଦଶପୁର ପୋଲିସ୍ ଫାଣ୍ଡିରେ ଏତଲା କରାଯାଇଛି। ହେଲେ ପୋଲିସ୍ ପକ୍ଷରୁ କି ଭଳି ପଦକ୍ଷେପ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଛି। ଅନ୍ୟପଟେ ଚାଷୀ ଚୋରକୁ ନ ଧରିବା ପର୍ଯ୍ୟନ୍ତ ଧାନ ମଣ୍ଡିରେ ରହିଥିବ ବୋଲି ଚେତାବନୀ ଦେଇଥିଲେ। ଚୋରି ହୋଇଥିବା ଧାନକୁ ପୋଲିସ ଜବତ କରି ଆରଏମସି କୁ ହସ୍ତାନ୍ତର କରିଥିବା ଚାଷୀ ପ୍ରକାଶ କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ଶୀତ କାକରରେ ଜଗିରହିଛି ଚାଷୀ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ସାନବଡଗୋପାଳପୁର ପଚାଂୟତ ଭାଟପଡା ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡିରେ ଆରମ୍ଭରୁ ଅବ୍ୟବସ୍ଥା ଦେଖିବାକୁ ମିଳିଲାଣି। ମଣ୍ଡି ଖୋଲିବାର ତିନିଦିନ ପରେ ବି ଧାନ ଉଠୁନଥିବାରୁ ଚାଷୀମାନେ ଶୀତ କାକର ସହି ଧାନକୁ ଜଗି ରହିଛନ୍ତି। ହାଡଭଙ୍ଗା ଶୀତ ସାଙ୍ଗକୁ କୁହୁଡି କାକରରେ ଚାଷୀମାନେ ଧାନକୁ ଜଗି ବାହାରେ ଶୋଉଥିବାରୁ ମଣ୍ଡି ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଚାଷୀମାନେ ମଣ୍ଡିରେ ଧାନ ନେଇ ଯାଇଥିଲେ ମଧ ଚାଷୀମାନଙ୍କ ଆଶ୍ରୟସ୍ଥଳ, ପାନୀୟଜଳ ବ୍ୟବସ୍ଥାର ସୁବିଧା ସୁଯୋଗ ନଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଯୋଗାଣ ବିଭାଗ ଅଧିକାରୀଙ୍କ ଦେଖାନଥିବାରୁ ମିଲରମାନେ ମଣ୍ଡିରୁ ଧାନ ଉଠାଇବା ବିଳମ୍ବ କରୁଥିବାରୁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚାଷୀ ପ୍ରଭାକର ସ୍ୱାଇଁ, ଚନ୍ଦ୍ରମଣି କବି, ଅନାମ ସ୍ୱାଇଁ, ପିତାମ୍ବର କବି, ବୁଦ୍ଧଦେବ ସ୍ୱାଇଁ, ଗୌରାଙ୍ଗ କବି, ଭରତ ସ୍ୱାଇଁ, ସର୍ବେଶ୍ୱର ମଳିକ, ଭରତ ସ୍ୱାଇଁ, କଳାକର ସ୍ୱାଇଁ, ବସନ୍ତ ସ୍ୱାଇଁ ପ୍ରମୁଖ ଚାଷୀମାନେ ମଣ୍ଡିରେ ତିନିଦିନ ହେବ ଧାନବସ୍ତା ରଖି ଜଗିବସିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଧାନ ଅମଳ ପରେ ନିଜେ କିଣିଥିବା ଅଖାରେ ଭରି ମଣ୍ଡିକୁ ଆଣିଲେ। ଧାନ ଦେବା ପାଇଁ ଟୋକନ ଧରି ବସିଛନ୍ତି। ଶୀତ କାକରରେ ଚାଷୀମାନେ ଖୋଲା ଆକାଶ ତଳେ ପଡିରହିଥିବା ବେଳେ ପ୍ରଶାସନ ନିଦାବିଷ୍ଟ ସାଜିବା ଘଟଣା ସେମାନଙ୍କ ଅଧିକ ଆଘାତ ଦେଇଛି। ସେମାନଙ୍କ ପାଇଁ ପ୍ରଶାସନ ଓ ସରକାରଙ୍କର ଦରଦ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଯୋଗାଣ ଅଧିକାରିଣୀ ଅଳକା ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୁଁ ମିଲରଙ୍କୁ କହୁଛି। ଧାନ ଶୀଘ୍ର ଉଠାଇଦେବେ ବୋଲି କହିଛନ୍ତି।



# ଧବଳେଶ୍ୱର ପୀଠରେ ଲୁଟେରା ଗ୍ୟାଙ୍ଗ୍ ଆତଙ୍କ

### ସିସିଟିଭିରେ ଧରାପଡିଲେ ୨ ମହିଳା ଲୁଟେରା

**କଟକ (ବ୍ୟୁରୋ):** ବାବା ଧବଳେଶ୍ୱର ପୀଠରେ ମାତିଲେ ଲୁଟେରା। ମକର ସଂକ୍ରାନ୍ତି ଭିଡ଼ର ସୁଯୋଗ ନେଇ ପର୍ସ ଓ ମୋବାଇଲ ଲୁଟିନେଲେ ଲୁଟେରା। ସିସିଟିଭି ଫୁଟେଜ୍ ଆଧାରରେ ୨ ମହିଳା ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଜଣେ



ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲୁଟେରାମାନେ ରାଜସ୍ଥାନ ଅଞ୍ଚଳର ବୋଲି ସୂଚନା ମିଳିଛି। ପୋଲିସ ପକ୍ଷରୁ ପୀଠ ମଧ୍ୟରେ ବିଭିନ୍ନ ସ୍ଥାନରେ ଛାନଭିନ ଜାରି ରହିଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦତ୍ତ ବରାଳ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଜି ହେଉଛି ପବିତ୍ର ମକର ସଂକ୍ରାନ୍ତି। ମକର ସଂକ୍ରାନ୍ତିରେ ମନ୍ଦିର ଛାଡି ବେଢା ପରିକ୍ରମା କରି ମନ୍ଦିର ବାହାରେ ଦର୍ଶନ ଦେବେ ବାବା ଧବଳେଶ୍ୱର। ମକର ସଂକ୍ରାନ୍ତି ଆଠଗଡର ଅନ୍ୟତମ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠ ବେଶ୍ ଚଳଚଞ୍ଚଳ। ଧାର୍ମିକ ବିଶ୍ୱାସ ରହିଛି, ଆଜିର ଦିନରେ ଧବଳେଶ୍ୱରଙ୍କୁ ଦର୍ଶନ କରିବା ସହ ତାଙ୍କ ନିକଟରେ ମକର ଚାଉଳ ଲାଗି କଲେ କୋଟି ଜନ୍ମର ପୂନ୍ୟଫଳ ମିଳିଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ପୀଠରେ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି। ପୂଜକ ସମିତି ପକ୍ଷରୁ ରାତ୍ର ୪ଟାରୁ ଦ୍ୱାର ଫିଟାଯାଇ ୧୦୮ ପବିତ୍ର ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଯାଇ ଅଗୁରୁ, ଚନ୍ଦନ ଆଦି ଲାଗି କରିବା ସହ ସମସ୍ତ ନିତିକାନ୍ତି କରିବା ପରେ ସାଧାରଣ ଦର୍ଶନ ପାଇଁ ଦ୍ୱାର ଫିଟା ଯାଇଥିଲା। ପ୍ରବଳ ଭକ୍ତ ସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କଂକ୍ରିଟ୍ ସେତୁ ଠାରୁ ବାବା ଧବଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି।

## ଦେଶର ୪୪୬ଟି ସହର ମଧ୍ୟରେ ୧୭୨ ସ୍ଥାନରେ ରହିଛି କଟକ

**କଟକ (ବ୍ୟୁରୋ):** ରାଜ୍ୟରେ ଥିବା ୫ଟି ମହାନଗର ନିଗମ ଭିତରେ ତଳ ଆଡୁ ଏକ ନମ୍ବର ଅର୍ଥାତ ପାଞ୍ଚ ନମ୍ବର ସ୍ଥାନରେ ରହିଛି କଟକ ମହାନଗର ନିଗମ। ଯାହାକୁ ନେଇ କଟକ ସହର ବାସିନ୍ଦା ଏବଂ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଛନ୍ତି। କଟକକୁ ୟୁରୋପର ସ୍ୱପ୍ନ ଦେଖାଇ ଥିଲେ ମେୟର। ହେଲେ ଏବେ କଟକ ସହର ଦେଶରେ ଏବଂ ରାଜ୍ୟରରେ ନିନ୍ଦିତ ହୋଇଛି। ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି ମହାନଗର ନିଗମ, ସ୍ୱଚ୍ଛତାରେ କିପରି ଏତେ ତଳକୁ ଖସିବା ଆସିଲା ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଭୁବନେଶ୍ୱର ଶୀର୍ଷରେ ରହିବା ସହିତ ଭାରତ ବର୍ଷରେ ମଧ ଶ୍ରେଷ୍ଠ ୫୦ ମଧ୍ୟରେ ସ୍ଥାନ ହାସଲ କରିଛି। ସିଏମ୍‌ସି ଶ୍ରେଷ୍ଠ ଶହେ ମଧ୍ୟରେ ନିଜ ସ୍ଥାନ ବନାଇବାରେ ଅସଫଳ ରହିବା ଏବେ ସିଏମସିର ସ୍ୱଚ୍ଛତା ଓ ପରିମଳ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେୟର କହୁଛନ୍ତି, କଟକରେ ଜାଇକା ଏବଂ ଅନନ୍ୟା କନଷ୍ଟ୍ରକସନ କାମ ଚାଲୁଥିବାରୁ ସ୍ୱଚ୍ଛ ସର୍ବେକ୍ଷଣରେ ପଛରେ ରହିଛି। ଆବର୍ଜନା ମୁକ୍ତ ସହର ଭାବେ କଟକକୁ କୌଣସି ଷ୍ଟାର୍ ମିଳିନାହିଁ। ସିଏମ୍‌ସି ସବୁ ସହର ମଧ୍ୟରେ ୪୬୮୧.୪୦ ସ୍କୋର୍ ପାଇଛି। ଡମ୍ପିୟାର୍ଡ ଉନ୍ନତିକରଣରେ ଶୂନ ପ୍ରତିଶତ ପାଇଛି, ଯାହା ଚିନ୍ତାଜନକ।

# କଟକ ରେଳଷ୍ଟେସନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**କଟକ (ବ୍ୟୁରୋ):** କଟକ ରେଳଷ୍ଟେସନରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳଷ୍ଟେସନ ପରିସରରେ ଥିବା ମାଣିଆ ବନ୍ଧ ଶାଢୀ ଷ୍ଟଲ ବୁଲି ଦେଖିଛନ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳଷ୍ଟେସନ ପରିସରରେ ଖୋଲାଯାଇଥିବା ଏକ ଷ୍ଟେସନ ଏକ ଉତ୍ପାଦ ଷ୍ଟଲ ଗତ ଶୁକ୍ରବାର ଖୋଲାଯାଇଥିଲା। ସପ୍ତାହେ ପୂର୍ବେ ମନ୍ତ୍ରୀ ମାଣିଆ ବନ୍ଧ ଗସ୍ତ ସମୟରେ ବୁଣାକାରମାନେ କଟକ ଷ୍ଟେସନରେ ଏକ ଷ୍ଟଲ ପାଇଁ ସ୍ଥାନ ଦେବାକୁ ନିବେଦନ କରିଥିଲେ। ତେବେ ଦେଶ ସାରା ଏଭଳି ସ୍ଥାନୀୟ ପ୍ରମୁଖ ଉତ୍ପାଦ ଗୁଡିକ ବିଭିନ୍ନ ଷ୍ଟେସନରେ ବିକ୍ରି କରାଯାଉଛି। ତେବେ କଟକ ଜିଲ୍ଲା ମାଣିଆ ବନ୍ଧ ଶାଢୀର ଏକ ସ୍ୱତନ୍ତ୍ରତା ରହିଛି ଏବଂ ଏହା ଷ୍ଟେସନ ରେ ବିକ୍ରି ହେବା ଫଳରେ କେବଳ ଆମ ରାଜ୍ୟ ନୁହେଁ ରାଜ୍ୟ ବାହାରର ଲୋକ ମାଣିଆ ବନ୍ଧ ଶାଢୀ କିଣିବା ସହ ଏହାର ସ୍ୱତନ୍ତ୍ରତା ବିଷୟରେ ଜାଣିପାରିବେ। ତେବେ ମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ମାଣିଆବନ୍ଧର ବୁଣାକାର ମାନେ ଖୁସି ପ୍ରକାଶ କରିଛନ୍ତି। ଅନ୍ୟପଟେ ମାଣିଆବନ୍ଧ ଯେଉଁଠି ମିଳେ ସେ ସ୍ଥାନକୁ ଯାଇପାରୁନଥିବା ଗ୍ରାହକ ମାନେ ଷ୍ଟେସନରେ ଭିଡ଼ ଜମାଉଛନ୍ତି। ଏହାଛଡା କଟକ ରେଳ ଷ୍ଟେସନର ଚାଲୁଥିବା ନବୀକରଣ କାର୍ଯ୍ୟକୁ ମଧ ବୁଲି ଦେଖିଛନ୍ତି ରେଳମନ୍ତ୍ରୀ।



# ସାନ ସୁଲିଆ ପୀଠ ମଣ୍ଡପ ଉଦ୍‌ଘାଟନ କଲେ ନରସିଂହ

### ‘ଆଦିବାସୀଙ୍କ ପରମ୍ପରାକୁ ଅଗ୍ରାଧିକାର ଦିଆଯିବା ଦରକାର’

**ବଲାଙ୍ଗୀର(ଅମୃତ ମିଡିଆ):** ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲୁଟାପଡା ପଂଚାୟତର କୁମୁରିଆ ସ୍ଥିତ ସାନ ସୁଲିଆ ପୀଠର ସୁଲିଆବାବାଙ୍କ ଏକ ପୂଜାମଣ୍ଡପ ଉଦଘାଟିତ ହୋଇଯାଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ କରକମଳରେ ଏହି ପୂଜା ମଣ୍ଡପ ଉଦ୍‌ଘାଟନ ସମୟରେ ସୁଲିଆ ବାବାଙ୍କ ପରମ୍ପରାଗତ ଭାବେ ପୂଜା କରୁଥିବା ସମସ୍ତ ପୂଜକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ସୁଲିଆ ବାବାଙ୍କ ପୂଜା ସମୟରେ ବିଧାୟକ ଶ୍ରୀ ମିଶ୍ର ସୁଲିଆ ବାବାଙ୍କ ଦର୍ଶନ ବେଳେ ପୂଜକମାନଙ୍କ ଅନୁରୋଧକ୍ରମେ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁଦାନ ରାଶିରେ ଏହି ମଣ୍ଡପ ନିର୍ମାଣ କରାଯାଇଛି। ଏ ଅବସରରେ ସେ କହିଥିଲେ, ସବୁବେଳେ ଆମେ ଆଦିବାସୀଙ୍କ ପୂଜା ପଦ୍ଧତି,





ପରଂପରା ଏ ସବୁକୁ ସମ୍ମାନ ଜଣାଇବା ଦରକାର ଏବଂ ଅଗ୍ରାଧିକାର ଭିତ୍ତିରେ ତାଙ୍କର ଏହି ପରଂପରାଗତ ପୂଜା ପଦ୍ଧତି କିପରି ଠିକ୍ ଭାବରେ ଶାନ୍ତି ଶୃଙ୍ଖଳା ସହିତ ସମାପନ ହେବ ସେ ଦିଗରେ ସ୍ଥାନୀୟ ଜନତା, ଆଦିବାସୀ ଭାଇ ଭଉଣୀ ଓ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ପ୍ରସିଦ୍ଧ ସୁଲିଆ ପୀଠରେ ସୁଲିଆ ବାବାଙ୍କ ପୂଜା ଯାହାକୁ ଏ ଅଂଚଳରେ ସମସ୍ତେ ସୁଲିଆ ଯାତ୍ରା ଭାବେ ଜାଣନ୍ତି, ତାହା ଆଗାମୀ ୧୬ ତାରିଖ ଦିନ ଅନୁଷ୍ଠିତ ହେବ। ଏ ଅବସରରେ ଅଂଚଳବାସୀ ଯେପରି ଶାନ୍ତିଶଙ୍ଖଳା ସହିତ ଏହି ସୁଲିଆ ଯାତ୍ରା ପାଳନ କରିବେ ସେ ଉପରେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଉଦ୍‌ଘାଟନ ସମାରୋହରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତୀତ ଦେଓଗାଁ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଅନନ୍ତ ଚୌହାନ, ପ୍ରଫୁଲ୍ଲ ଦାଶ, ମୟ ପ୍ରଧାନୀ, ରାଜେନ୍ଦ୍ର ପାଣି, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ସେବାଦଳ ମୁଖ୍ୟ ଅସୀତ ମିଶ୍ର, ପୂଜକ ସୋମନାଥ ଦେହେରି, ହାଡୁ ଦେହେରି, ମାନ୍ଧାତା ଝାଙ୍କର, ଲଳିତ ଝାଙ୍କର, ତପନ କୁଅଁର, ନିରଞ୍ଜନ କୁଅଁର, ହରିହର ଝାଙ୍କର, ହେମନ୍ତ କୁଅଁର,କମ୍ପ ସୁନା ଶଶିଭୂଷଣ ଗଡତ୍ୟା, ବଳରାମ କୁଅଁର, ଶ୍ରୀପତି ପ୍ରଧାନ, କସବୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍-ସ୍କର୍ପିଓ ମୁହାଁମୁହିଁ : ୧୪ ଆହତ

**ନୂଆପଡ଼ା(ଅମୃତ ମିଡିଆ):** କୋମନା ଥାନ ମାନିଗୁଡ଼ା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୩୫୩ ଉପରେ ଖରିଆର ରୋଡରୁ ବଲାଙ୍ଗୀର ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ୍ ସହ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ୧୪ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏବଂ ୪ଜଣ ବସ୍ ଯାତ୍ରୀ ସାମାନ୍ୟ ଆହତ ହୋଇଥିବାରୁ ସେ ମାନଙ୍କୁ ତରବୋଡ ଠାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ବସର ୪ଜଣ ଓ ସ୍କର୍ପିଓର ୬ଜଣ ଗୁରୁତର ଆହତମାନଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ଅଣା ଯାଇଥିଲା। ସ୍କର୍ପିଓ ଗାଡିରେ ବନ ବିଭାଗର କର୍ମଚାରୀ ୬ ଜଣ ବସିଥିଲେ। ସେମାନେ ହେଲେ ଗୋପାଳ ମହାନନ୍ଦ, ଖଗେଶ୍ୱର ଦୁରିଆ, ତ୍ରିବିକ୍ରମ ନାଏକ୍, କନ୍ଦର୍ପ ସୁନାନି, ରାଜେଶ ହରିଜନ ଓ କୁଞ୍ଜ ବାଗ ବୋଲି ଜଣାପଡିଛି।

### ଅଗ୍ରେନ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ

# ମଦମୁକ୍ତି ପାଇଁ ଅଣ୍ଟାଭିଡ଼ିଲେ ଏସ୍‌ଏଚଜି ମହିଳା

**ନୂଆପଡ଼ା(ଅମୃତ ମିଡିଆ):** କୋମନା ଥାନା ଅଗ୍ରେନ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ଆରମ୍ଭ ହୋଇଛି। ମଦମୁକ୍ତି ପାଇଁ ପଞ୍ଚାୟତର ୨୦ଟି ଏସ୍‌ଏଚଜି ଅଣ୍ଟା ଭିଡ଼ିଛନ୍ତି। ଅଗ୍ରେନ ପଞ୍ଚାୟତ ଅଧିନ ଅଗ୍ରେନ, ସାଲବନ୍ଧ ଓ ଭଲଭା ଗାଁରେ ଦିନକୁ ଦିନ ବେଆଇନ ମଦବିକ୍ରି ବଢ଼ିବାରେ ଲାଗିଛି। ଫଳରେ ପଞ୍ଚାୟତର ଯୁବପିଢ଼ି ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ପୁରୁଷମାନେ ନିଶାସେବନ କରି କଳିଝଗଡ଼ା କରୁଥିବାରୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଅନେକ ଯୁବକ ନିଶା ସେବନ କରି ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ହେଉଛନ୍ତି। ଗାଁରେ ମଦୁଆଙ୍କ ପାଇଁ ସର୍ବଦା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଗାଁ ଦାଣ୍ଡରେ ମହିଳାମନେ ଅସୁରକ୍ଷିତ ମଣୁନାହାନ୍ତି। ଅତ୍ୟଧିକ ନିଶା ସେବନ



ଯୋଗୁଁ ଅନେକ ଯୁବକଙ୍କ ଜୀବନଯାଉଛି, ସୁଖଶାନ୍ତିର ପରିବାର ଉଜୁଡ଼ି ଯାଉଛି। ଏହାକୁ ନେଇ ଗତକାଲି ଉଲଭା ଓ ସାଲବନ୍ଧ ଗାଁର ଶତାଧିକ ମହିଳା ବୈଠକ କରିଥିଲେ। ବୈଠକରେ ମଦ ବିରୋଧୀ ଅଭିଯାନ ଆରମ୍ଭ କରି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଭଲଭା ଗାଁରେ ଅଗ୍ରେନ ସରପଞ୍ଚ ନୀଳାଦ୍ରି ଆଡ଼ବଙ୍ଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇଥିଲେ। ପ୍ରଥମେ ଉଲଭା ମାଟିଗୁଡ଼ିରେ ଗାଁର ଇଷ୍ଟଦେବୀ ଧରଣୀଙ୍କ ପୂଜାର୍ଚ୍ଚନା କରି ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା ପୂର୍ବକ ମଦମୁକ୍ତ ସମାଜ ଗଠନ ପାଇଁ ଲୋକଙ୍କୁ ସଚେତନ କରିଥିଲେ। ପରେ ସାଲବନ୍ଧ ଗାଁରେ ସଚେତନତା ଶୋଭାଯାତ୍ରା କରି ମଦ ବିକ୍ରି ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ମଧ୍ୟାହ୍ନରେ ମହିଳାମାନେ ଥାନାରେ ମଦବିକ୍ରି ବନ୍ଦ ପାଇଁ ସହଯୋଗ କରିବାକୁ ଅନୁରାଧ କରିଥିଲେ। ପରେ ମହିଳାମାନେ କୋମନା ମଦଭାଟିକୁ ଯାଇ ପଞ୍ଚାୟତରେ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ନଚେତ୍ ଆଗାମୀ ଦିନରେ ମଦ ବିରୋଧୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ରେବତୀ ଆଡ଼ବଙ୍ଗ, ରାଜେଶ୍ୱରୀ ହୋତା, ଯାଜ୍ଞସେନୀ ହୋତା, ପ୍ରତିମା ହୋତା, ନନ୍ଦିନୀ ମାଝି, ସତ୍ୟଭାମା ନିଆଲ, ପ୍ରିୟାବତୀ କୈବର୍ତ୍ତ ପ୍ରମୁଖ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ

**କଟକ(ବ୍ୟୁରୋ):** ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମିଶନ ଠାରେ ରାଜ୍ୟସ୍ତରୀୟ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପୂର୍ବଭାରତର ଉପସଭାପତି ସୟଦ ଅକିଲ ଅହମଦ ପୌରୋହିତ୍ୟ କରିଥିଲେ। କୋରାନ ପାଠ ସୟଦ ୟହିଆ ଅହମଦ କରିବା ସହ ବୈଠକର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମଜଲିସ ଅନସାରୁଲ୍ଲା ପୂର୍ବଭାରତର ଉପସଭାପତି ସଫାରତ ଅହମଦ ଖାଁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ବାଲେଶ୍ୱର ସଂଗଠନର ସଭାପତି ସିଦ୍ଦିକ ଖାଁ ଯୋଗ ଦେଇ ଯୁବସଂଗଠନର ବାର୍ଷିକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା କଟକ ସଂଗଠନର ସଭାପତି ଶଫାକତ ଅଲ୍ଲୀ, ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ ସଂଗଠନର ସଭାପତି ତବରେଜ ଅହମଦ ଖାଁ ଯୋଗ ଦେଇ ଉତ୍ତମ ସମାଜ ଗଢିବାରେ ଯୁବକମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯୁବକମାନଙ୍କ ଭଲ ଗତିରେ ହିଁ ଦେଶର ଓ ସମାଜର ପ୍ରଗତି ରହିଛି। ଯୁବକମାନେ ଶୃଙ୍ଖଳିତ ହୋଇ ଭଲ କର୍ମ କରିବା ଦରକାର ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମୌଲାନା ଫଜଲ ହକ ଖାଁ କହିଲେ ଯୁବକମାନଙ୍କୁ ନିଜ ବାର୍ଷିକ କାର୍ଯ୍ୟକ୍ରମ ବ୍ୟତୀତ ଭଲ ସମାଜ ଗଢିବା ଏବଂ ଧର୍ମକର୍ମରେ ଆଗେଇବା ତଥା ମାନବ ସେବା ଓ ପରୋପକାରୀ ହେବା ପାଇଁ ଯୁବକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏହି ବୈଠକରେ କଟକ ଜିଲ୍ଲାର ତାଳବରକୋଟ, କରଡ଼ାପଲ୍ଲୀ, ଗୁଣ୍ଡିଚାପଡ଼ା, ପଙ୍କାଳ, କୋଟପଲ୍ଲୀ, ସୁଙ୍ଗୁଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର କେରଙ୍ଗ, ମହମୁଦାବାଦ, ପଙ୍ଗାରସିଂ, ଭୁବନେଶ୍ୱର, ଓଏସ୍ଏପି, ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲ୍ଲାର ସୋରୋ, ଭଦ୍ରକ ଓ ବାଲେଶ୍ୱର ସଂଗଠନର ଯୁବସଭାପତି ତଥା ବହୁ ସଂଖ୍ୟାରେ ଯୁବକର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖତାର ଅହମଦ ପରିଚାଳନା କରିଥିଲେ।



## ସମ୍ପାଦକୀୟ...

# ରଥରେ ସ୍ୱାର୍ଥ ଚରିତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଶ୍ରୀକ୍ଷେତ୍ର ଯାହା ସାରା ବିଶ୍ୱରେ ବିଦିତ । ସେଥିପାଇଁ ତ ବିଶ୍ୱ ବିଦିତ । ବିଶ୍ୱରେ ଅନେକ ମନ୍ଦିର ରହିଛି, ଯାହା ମଧ୍ୟରେ ଏମିତି କେତେକ ମନ୍ଦିର ରହିଛି ଯାହା ପୁରୀ ଶ୍ରୀମନ୍ଦିର ଠାରୁ ଆକାରରେ ଯଥେଷ୍ଟ ବଡ଼ ଏବଂ ଯଥେଷ୍ଟ ସୁନ୍ଦର । ଏମିତି ଅନେକ ମନ୍ଦିର ବାସ୍ତବରେ ଅନେକ ସ୍ଥାନରେ ରହିଛି ଯାହା ମଧ୍ୟରେ ଆମେରିକାର ନିଉ ଜର୍ସିରେ ଅବସ୍ଥିତ ସ୍ୱାମୀ ନାରାୟଣ ଅକ୍ଷରଧାମ ମନ୍ଦିର ଅନ୍ୟତମ ଯାହା ବିଶ୍ୱର ସର୍ବବୃହତ୍ ମନ୍ଦିରମାନଙ୍କ ମଧ୍ୟରେ ଅନ୍ୟତମ, ଯାହା ବିଶ୍ୱର ଅନ୍ୟତମ ସୁନ୍ଦର ମନ୍ଦିରମାନଙ୍କ ମଧ୍ୟରେ ଅନ୍ୟତମ । ସେହିଭଳି ମନ୍ଦିର ହେଉଛି ଏକ ଜଗନ୍ନାଥ ମନ୍ଦିର ଯାହା ଦିଲ୍ଲୀର ଛତରପୁରରେ ଅବସ୍ଥିତ । ଦିଲ୍ଲୀର ଛତରପୁର ଠାରେ ଅବସ୍ଥିତ ମନ୍ଦିର ବି କିଛି କମ୍ ନୁହେଁ, ଯାହା ଆମର ଭାରତ ବର୍ଷର ସବୁଠାରୁ ଏକ ସୁନ୍ଦର ମନ୍ଦିର କହିଲେ ଅତ୍ୟୁକ୍ତି ହେବନାହିଁ । ପୃଥିବୀରେ ଏମିତି ଛୋଟ ବଡ଼ ଅନେକ ମନ୍ଦିର ରହିଛି ଯାହା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଗୁଣ ଓ ଗାଥା ବର୍ଣ୍ଣନା କରିବାରେ କେବେ ବି କିଛି ତ୍ରୁଟି କରିନାହାଁନ୍ତି । ଅର୍ଥ ଉପାର୍ଜନରେ ବି ସେମାନେ ରହିଛନ୍ତି ବହୁତ ଆଗରେ । ତେବେ ଆମେ ଏଠାରେ ସେପରି କିଛି ଅର୍ଥ କାରବାର ବିଷୟରେ ଆଲୋଚନା କରିବାର ଆବଶ୍ୟକତା ନାହିଁ କି ମନ୍ଦିରର ଚାକଚାକ୍ୟ ବିଷୟରେ ଜାଣିବାର ଆବଶ୍ୟକତା ନାହିଁ । ଆମେ ତ କେବଳ ଏତିକି ଜଣାଇବାର ପ୍ରୟାସ କରୁଛୁ କି ଭାରତରେ ଏବଂ ଭାରତ ବାହାରେ ବି ସେମିତି ଅନେକ ମନ୍ଦିର ରହିଛି ଯାହାର ଭବ୍ୟତା ଦର୍ଶନଯୋଗ୍ୟ ଯାହାର ଦିବ୍ୟତା ଶ୍ରବଣ ଯୋଗ୍ୟ । ତେବେ ଏ ସବୁ ଭିତରେ ଶ୍ରଜଗନ୍ନାଥଙ୍କ ସ୍ଥାନ କେଉଁଠି ? କେବଳ ଏତିକି କହିଲେ କାମ ଚଳିବନି କି କାମ ପୂରଣ ହେବନି । ଜଗନ୍ନାଥଙ୍କ ଧାମ ଭାବରେ ପୁରୀର ନାମ ସର୍ବାଗ୍ରେ ରହିବା ଦରକାର । କେବଳ ପୁରୀର ନାମ ହିଁ ଯଥେଷ୍ଟ କାରଣ ପୁରୀର ନାମରେ ଯାହା ରହିଛି ତାହା ହିଁ ଇଙ୍ଗିତ କରୁଛି ସିଧାସଳଖ ପ୍ରଭୁ ଶ୍ରଜଗନ୍ନାଥଙ୍କ ଆଡ଼କୁ । କାରଣ ପୁରୀ କହିଲେ ପ୍ରଭୁ ଶ୍ରୀଜଗନ୍ନାଥ ଅବା ଶ୍ରଜଗନ୍ନାଥ କହିଲେ ପୁରୀକୁ ହିଁ ବୁଝାଏ ଅନ୍ୟଥା ପୁରୀର ସେଭଳି କିଛି ବି ମାନ୍ୟତା ନାହିଁ । କାରଣ ପୁରୀ ହେଉଛି ସେହିଭଳି ଏକ କ୍ଷେତ୍ର ଯାହା ପ୍ରଭୁ ଶ୍ରଜଗନ୍ନାଥଙ୍କ ଗାଥା ଏବଂ ଗୁଣ ବର୍ଣ୍ଣନା କରିବାରେ କେବେ ବି କିଛି ଅବହେଳା କରିନାହାଁନ୍ତି । ତେବେ ଅନ୍ୟ ଏକ ବିଶେଷ କଥା ହେଉଛି ଯେ ପୁରୀ ଶ୍ରୀମନ୍ଦିର ତୂଳନାରେ ସେଭଳି ବହୁତ୍ ମ୍ଦିର ରହିଛି ଏ ବିଶ୍ୱରେ ଯେଉଁମାନେ ଅର୍ଥ ଉପାର୍ଜନରେ ହେଉ କି ଅନ୍ୟାନ୍ୟ କ୍ଷେତ୍ରରେ ବି ରହିଛନ୍ତି ବହୁତ ଆଗରେ । ତେବେ ଆମେ ଏଠାରେ ସେପରି କିଛି ଅର୍ଥ କାରବାର ବିଷୟରେ ଆଲୋଚନା କରିବାର ଆବଶ୍ୟକତା ନାହିଁ କି ମନ୍ଦିରର ଚାକଚାକ୍ୟ ବିଷୟରେ ଜାଣିବାର ଆବଶ୍ୟକତା ନାହିଁ । ଆମେ ତ କେବଳ ଏତିକି ଜଣାଇବାର ପ୍ରୟାସ କରୁଛୁ କି ଆମ ଦେଶ ଭାରତରେ ଏବଂ ଦେଶ ବାହାରେ ବି ସେମିତି ଅନେକ ମନ୍ଦିର ରହିଛି ଯାହାର ଭବ୍ୟତା ଦର୍ଶନଯୋଗ୍ୟ ଯାହାର ଦିବ୍ୟତା ଶ୍ରବଣ ଯୋଗ୍ୟ । ତେବେ ଏ ସବୁ ଭିତରେ ବି ରହିଛି ଅନେକ କଥା, ଏ ସବୁ ଭିତରେ ବି ରହିଛି ଅନେକ ଗାଥା ଯାହାର ବର୍ଣ୍ଣନା ସର୍ବଦା ସମ୍ଭବ ନୁହେଁ କି ଯାହାର ଆଲୋଚନା ବି ସର୍ବଦା ସମ୍ଭବ ନୁହେଁ । ତେବେ କେବଳ ଗୋଟାଏ ବିଶେଷ କଥା ଉପରେ କୌଣସି ବି ଆଲୋଚନାକୁ ଆମେ କେନ୍ଦ୍ରୀଭୂତ କରିପାରୁ କି ପୃଥିବୀରେ ଏମିତି ଛୋଟ ବଡ଼ ଅନେକ ମନ୍ଦିର ରହିଛି ଯାହା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଗୁଣ ଓ ଗାଥା ବର୍ଣ୍ଣନା କରିବାରେ କେବେ ବି କିଛି ତ୍ରୁଟି କରିନାହାଁନ୍ତି । ଅର୍ଥ ଉପାର୍ଜନରେ ବି ସେମାନେ ରହିଛନ୍ତି ବହୁତ ଆଗରେ । ତେବେ ଆମେ ଏଠାରେ ସେପରି କିଛି ଅର୍ଥ କାରବାର ବିଷୟରେ ଆଲୋଚନା କରିବାର ଆବଶ୍ୟକତା ନାହିଁ କି ମନ୍ଦିରର ଚାକଚାକ୍ୟ ବିଷୟରେ ଜାଣିବାର ଆବଶ୍ୟକତା ନାହିଁ । ତେବେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଯେ ପୁରୀ ବିଷୟରେ ଆମେ କେବଳ ଏତିକି ଜଣାଇବାର ପ୍ରୟାସ କରୁଛୁ କି ଭାରତରେ ଏବଂ ଭାରତ ବାହାରେ ଏମିତି ସେମିତି ଅନେକ ମନ୍ଦିର ରହିଥିଲେ ବି ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ଭବ୍ୟତା ଏବଂ ଦିବ୍ୟତା ଯାହା ଦର୍ଶନଯୋଗ୍ୟ । ତେବେ ଏ ସବୁ ଭିତରେ ଶ୍ରୀ ଜଗନ୍ନାଥଙ୍କ ସ୍ଥାନ କେଉଁଠି ? ଯଦି ପୁରୀ କଥା କହିବା ତେବେ ସର୍ବଦା ନଂ୧ । କେବଳ ଭାରତରେ ନୁହେଁ , ବିଶ୍ୱରେ ବି ନଂ ୧ ପୁରୀ ଶ୍ରୀମନ୍ଦିର ଯାହାର ଉନ୍ନତିକରଣ ପାଇଁ, ଯାହାର ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ପରିକ୍ରମା ପ୍ରକଳ୍ପ ନେଇ ଏବେ ସବୁଆଡେ ଚର୍ଚ୍ଚା । ଆଗାମୀ ୧୭ ତାରିଖରେ ପୁରୀ ସହର ଖାଲି ଝଲସିବ, ପୁରୀ ସହର ଖାଲି ସୁନ୍ଦର ଦିଶିବ ହିଁ ଦିଶିବ । କାରଣ ମନ୍ଦିରର ଚାରିପଟେ ଏବେ ଚାଲିଛି ପରିକ୍ରମା ପ୍ରକଳ୍ପ ନିର୍ମାଣ ଯାହାର ପ୍ରତୀକ ସ୍ୱରୂପ ଏବେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଗଡୁଛି ପରିକ୍ରମା ରଥର ପ୍ରତୀକ ଅର୍ପଣ ରଥ ଯାହାକୁ ଗୁଆ, ଚାଉଳ ଦ୍ୱାରା ସ୍ୱାଗତ କରାଯାଇ ରାଜ୍ୟବାସୀ ରଥକୁ ଅଭିମନ୍ତ୍ରିତ୍ କରିବା ସହ ନିଜକୁ ମନ୍ତ୍ରିତ କରୁଛନ୍ତି । ୧୭ ତାରିଖ ପୁରୀ ଗସ୍ତ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ତେବେ ଅର୍ପଣ ରଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସହ ରାଜ୍ୟ ମୁଖିଆ ଏବଂ ତାଙ୍କ ଅନୁଗତ ମିଷ୍ଟର ପାଣ୍ଡ୍ୟାଙ୍କ ଫଟୋ କେତେଦୂର ଯୁକ୍ତିଯୁକ୍ତ, ତାହା ହିଁ ଚିନ୍ତାର ବିଷୟ । ଏବେ ସେହି ଚିନ୍ତାର ବିଷୟ ରାଜ୍ୟବାସୀଙ୍କ ପାଇଁ ବହୁତ ବଡ଼ ଚିନ୍ତାର ବିଷୟ ପାଲଟିଛି । ଯାହାକୁ ନେଇ ବିଭିନ୍ନ ପ୍ରାନ୍ତରୁ ଉଠିଲାଣି ବିରୋଧର ସ୍ୱର । ପ୍ରଭୁଙ୍କ ଫଟୋ ସାଙ୍ଗରେ ଇଏ ପୁଣି କାହାର ଫଟୋ । ଇଏ କି ରକ୍ତ ଚରିତ୍ର ଅବା ସ୍ୱାର୍ଥ ଚରିତ୍ର ।

## ଜ୍ଞାନାମୃତ

# ନିୟନ୍ତ୍ରଣ ଶକ୍ତି

ସନ୍ନ୍ୟାସୀମାନଙ୍କର ଅଧିକାଂଶ ସମୟ ଯୋଗ,ଧ୍ୟାନ ଆଦିରେ ବିତିଥାଏ । ଜୀବନର ମାନେ ସେମାନେ କେବଳ ତାହା ହିଁ ବୁଝନ୍ତି । ସାଧାରଣ ଭାବେ ଦୈନନ୍ଦିନ ଜୀବନରେ ନିଜର ଦିନଚର୍ଯ୍ୟା ସମ୍ପାଦନ କଲାପରେ ଅବଶିଷ୍ଟ ସମୟ କେବଳ ଈଶ୍ୱର ଚିନ୍ତନରେ ସମୟ ବିତାଇଥାନ୍ତି । ଜୀବନ ଧାରଣ ପାଇଁ କେବଳ ମାତ୍ର ପନ୍ଥା ଅବଲମ୍ବନ ବ୍ୟତୀତ ଅନ୍ୟ କୌଣସିଥିରେ ବିଶେଷ ଧ୍ୟାନ ନଥାଏ ସେମାନଙ୍କର । ରାଗ ଦ୍ୱେଷ ଆଦିରୁ ଦୂରରେ ରହି ସେମାନେ ତାଙ୍କର ଜୀବନକୁ ଏକପ୍ରକାର ସାଧାରଣ ଧାରାରେ ପକାଇଦିଅନ୍ତି । ସାଧା ଖାଦ୍ୟ, ସାଧା ପୋଷାକ; ସବୁ କିଛି ସାଧାସିଧା । ସେହିଭଳି ଜଣେ ସାଧା ସନ୍ନ୍ୟାସୀ ଥରେ ବାହାରିଲେ ସାନ୍ଧ୍ୟ ଭ୍ରମଣରେ । କିଛିବାଟ ଗଲାପରେ ନଦୀଟିଏ ଦେଖି ଅଟକିଗଲେ ସେ । ନଦୀ କୂଳରେ ଖୁଣ୍ଟରେ ବନ୍ଧାହୋଇଥିବା ନଉକାଟିଏ ଦେଖି ସେହି ନଉକାରେ ଯାଇ ବସିଗଲେ ସେ କିଛି ସମୟ ପାଇଁ । ଫାଙ୍କା ଫାଙ୍କା ନଈକୂଳିଆ ଜାଗା । ସନ୍ନ୍ୟାସୀ ମହାଶୟ ବସିଗଲେ ଧ୍ୟାନରେ କିଛି ସମୟ ପାଇଁ । ବସୁ ବସୁ ଧ୍ୟାନରେ ଏପରି ଲୀନ ହୋଇଗଲେ ଯେ କେତେବେଳେ ରାତିର ଅନ୍ଧକାର ଘୋଟିଆସିଲା, ସେ ନିଜେ ବି ତାହା ଜାଣିପାରିଲେ ନାହିଁ । ହଠାତ ଝଲକାଏ ଶକ୍ତ ବାଆ ବହିଗଲା ତାଙ୍କ ମୁଣ୍ଡ ଉପର ଦେଇ । କାନମୁଣ୍ଡ ସାଇଁ ସାଇଁ ହୋଇଗଲା ସନ୍ନ୍ୟାସୀ ମହାଶୟଙ୍କର । ଭାରି ବିରକ୍ତ ହୋଇ ଉଠିପଡିଲେ ସେ । ରାଗିଯାଇ ଏଣୁତେଣୁ ବକିଗଲେ । ରାଗ ଗର ଗର ହୋଇ ସନ୍ନ୍ୟାସୀ ମହାଶୟ ଚାଲିଲେ ତାଙ୍କ ଆଶ୍ରମ ଆଡ଼େ । ଧୀରେ ଧୀରେ ଯାଇ ପହଞ୍ଚିଗଲେ ଆଶ୍ରମ ପାଖରେ । ଭିତରକୁ ଯାଇ ବସି ପଡ଼ିଲେ ସେ ଲଥ୍ କିନା କିଛି ସମୟ ପାଇଁ । ଏବେ କିନ୍ତୁ ଚେତା ପଶିଲା ତାଙ୍କର । ସନ୍ନ୍ୟାସୀ ମହାଶୟ ଭାବିଲେ ଯେ ଏତେବେଳ ଯାଏଁ କାହା ଉପରେ ରାଗୁଛନ୍ତି ସେ ? କାହିଁ, କେହି ତ ନାହାଁନ୍ତି । ସେ କ'ଣ ତେବେ ନିଜ ଉପରେ ନିଜେ ରାଗିଚାଲିଛନ୍ତି ? ଏପରି ଭାବି ଲଜ୍ଜା ଅନୁଭବ କଲେ ସେ । ସେହିଦିନଠାରୁ ଧୀରେ ଧୀରେ ରାଗ ଉପରେ ନିୟନ୍ତ୍ରଣ ଆଣିଲେ ସନ୍ନ୍ୟାସୀ ମହାଶୟ । କେବେ କେବେ ଏମିତି ବି ହୁଏ । କୌଣସି କାରଣ ନଥାଇ ଜୀବନରେ ଆମର ରାଗ ଆସିଯାଇଥାଏ । ଯଦି ସେହି ରାଗ ସୀମା ଭିତରେ ତେବେ ଠିକ୍ ଅଛି ହେଲେ ଯଦି ସେହି ରାଗ ସୀମା ବାହାରେ ତେବେ ତାହାକୁ ନିୟନ୍ତ୍ରଣ ଭିତରକୁ ଆଣିବା ଜରୁରୀ । ନଚେତ୍ କିଛି ବି ସମସ୍ୟା ସୃଷ୍ଟି ହୋଇପାରେ । ଯାହା ଆମର ଭବିଷ୍ୟତ ଜୀବନରେ ସୃଷ୍ଟି କରିପାରେ ପ୍ରତିବନ୍ଧକ । ସେ ପାଇଁ ଆମକୁ ସର୍ବଦା ସତର୍କ ରହି କାମ କରିବା ପାଇଁ ପଡ଼ିବ । ଏଣୁ ନିୟନ୍ତ୍ରଣ ଶକ୍ତି ଜରୁରୀ ଯାହା ଜଣେ ମଣିଷ ଜୀବନର ସଫଳତା ପଛରେ ସହାୟକ ହୋଇଥାଏ ।

# ଗଣତନ୍ତ୍ର ଓ ସ୍ୱ-ରାଜ

**ଅଧ୍ୟାପକ ଗୋପବନ୍ଧୁ**

ଗଣତନ୍ତ୍ର ଓ ସ୍ୱରାଜ ପରସ୍ପରର ପରିପୂରକ । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଗଣତନ୍ତ୍ର କହିଲେ ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ । ସ୍ୱରାଜ କହିଲେ ସାଧାରଣ ଜନତାଙ୍କ ନିଜସ୍ୱ ଶାସନ ପ୍ରଣାଳୀକୁ ବୁଝାଏ । ଅନେକ ସମୟରେ ଦେଖାଯାଏ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ସ୍ୱରାଜର କଥା ଉଠେ । ଗଣତନ୍ତ୍ରରେ ଦେଖା ଦେଉଥିବା ତୃଟି ବିଚ୍ୟୁତିକୁ ହଟାଇ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାପାଇଁ ସ୍ୱରାଜର କଥା ଆସେ । ସାଧାରଣ ଜନତାଙ୍କୁ କ୍ଷମତାର ପ୍ରକୃତ ଅଧିକାରୀଭାବେ ସ୍ଥାପନ କରାଯିବା ପାଇଁ ପ୍ରଚେଷ୍ଟା ହୁଏ । ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ସମୟରେ ସ୍ୱରାଜର କଥା କହନ୍ତି । ସ୍ୱରାଜ ପ୍ରତି ଅଙ୍ଗୀକାରବଦ୍ଧତା କଥା କହନ୍ତି । କ୍ଷମତାକୁ ଆସିଲେ ସ୍ୱରାଜର ଅକ୍ଷରେ ଅକ୍ଷରେ ପାଳନ ହେବ ବୋଲି ଘୋଷଣା କରନ୍ତି । ତେବେ ଅଦ୍ୟାବଧି କୌଣସି ରାଜନୈତିକ ଦଳ ସ୍ୱରାଜକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ଦେଖାଯାଇ ନାହିଁ । ଏହା ଏକ ସୁନ୍ଦର ରାଜନୈତିକ ସ୍ଲୋଗାନ । କିନ୍ତୁ କାମ କଲାବେଳେ ସ୍ୱରାଜର ଅଣଦେଖା । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ କାଳରେ ସ୍ୱରାଜର ମହତ୍ତ୍ୱ ଯେତିକି ଥିଲା ଏବେ ମଧ୍ୟ ସେତିକି ଅଛି । ସେ ସମୟରେ ସ୍ୱରାଜ କହିଲେ ଇଂରେଜମାନଙ୍କୁ ଦେଶରୁ ହଟାଇ ନିଜେ ନିଜର ଶାସକ ହେବାକୁ ବୁଝାଉଥିଲା । ଇଂରେଜକୁ ହଟାଇବା ପାଇଁ ସ୍ୱରାଜ ଶବ୍ଦର ବହୁଳ ବ୍ୟବହାର ହେଉଥିଲା । ଏହି ଅର୍ଥରେ ସ୍ୱାଧୀନତା ପରେ ସ୍ୱରାଜ ସ୍ଥାପିତ ହୋଇଛି କହିଲେ ଠିକ୍ ହେବ । କିନ୍ତୁ ଭିନ୍ନ ଏକ ଦୃଷ୍ଟିକୋଣରୁ ପ୍ରକୃତରେ ସ୍ୱରାଜ ଆସିଛି ବୋଲି ଅନେକେ ବିଶ୍ୱାସ କରନ୍ତି ନାହିଁ । ଏମାନଙ୍କ ମତରେ ସ୍ୱରାଜର ଅର୍ଥ କେବଳ ଇଂରେଜ ଶାସନକୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥାକୁ ସ୍ଥାପନ କରିବାକୁ ବୁଝାଏ ନାହିଁ । ଏହା ଶାସନ ବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାର କରିବାକୁ ବୁଝାଏ । ଇଂରେଜମାନଙ୍କୁ ହଟାଇ ଭାରତୀୟଙ୍କ ଶାସନ ବ୍ୟବସ୍ଥା କାଏମ ହୋଇଛି ସତ ହେଲେ ଶାସନରେ ପ୍ରତ୍ୟେକଟି ନାଗରୀକକୁ ଭାଗୀଦାରୀ କରିବା କାର୍ଯ୍ୟ ଏଯାଏଁ ସମ୍ପାଦିତ ହୋଇନାହିଁ । ଅର୍ଥାତ୍ ଆଭ୍ୟନ୍ତରୀଣ ସ୍ୱରାଜ ସ୍ଥାପନ ହୋଇପାରି ନାହିଁ । ନାଗରିକର କର୍ତ୍ତବ୍ୟ କେବଳ ଭୋଟଦେବାରେ ସୀମିତ ହୋଇ ରହିଯାଇଛି । ଇଂରେଜମାନେ ଚାଲିଗଲା ପରେ ତାଙ୍କରି ଢାଞ୍ଚାରେ ଶାସନ ଚାଲିଛି । ଦେଶର ମୁଷ୍ଟିମେୟ ଲୋକ ଶାସନ କ୍ଷମତାକୁ ଉପଭୋଗ କରୁଛନ୍ତି । ସାଧାରଣ ଜନତାଙ୍କ ଭୂମିକା କେବଳ ପ୍ରତିନିଧି ବାଛିବା । ପ୍ରତିନିଧି ବାଛିବା ପରେ ତାଙ୍କ ଭୂମିକା ଶେଷ । ନିର୍ବାଚିତ ଲୋକ ପ୍ରତିନିଧିମାନେ ଆଉ ଜନତାଙ୍କ ନିୟନ୍ତ୍ରଣରେ ନଥାନ୍ତି । ପ୍ରତିନିଧି ବଦଳାଇବା ପାଇଁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡେ । ରାଜନୈତିକ ଦଳଗୁଡିକରେ ଏକଛତ୍ରବାଦୀ ଭାବନା ଦେଖା ଦେଉଛି । ଜଣେ ଦୁଇଜଣଙ୍କ ଇଚ୍ଛାରେ ଦଳ ପରିଚାଳିତ ହେଉଛି । ଏହିପ୍ରକାର ଦଳ ଯେତେବେଳେ କ୍ଷମତାକୁ ଆସନ୍ତି ସେମାନେ ପ୍ରାଇଭେଟ କମ୍ପାନୀ ଢାଞ୍ଚାରେ ଶାସନ କରନ୍ତି । ସ୍ୱରାଜ ଏମାନଙ୍କ ପାଇଁ ଅନାବଶ୍ୟକ ବ୍ୟବସ୍ଥା ପରି ମନେହୁଏ । କଳେବଳେ କୌଶଳେ ଭୋଟ ହାତେଇବା ଓ ରାଜ କରିବା ଏମାନଙ୍କ ମୂଳ ଲକ୍ଷ୍ୟ ହୋଇଯାଏ । ଟଙ୍କା ଖଟାଓ ଓ ଟଙ୍କା ରୋଜଗାର କରିବା ନୀତିରେ ଏମାନେ ଚାଲନ୍ତି । ସ୍ୱରାଜ କଣ ଏମାନେ ବୁଝନ୍ତି ନାହିଁ ।କେବଳ ବ୍ୟକ୍ତିବାଦୀ ଓ ପରିବାରବାଦୀ ରାଜନୈତିକ ଦଳରେ ଏକଛତ୍ରବାଦୀ ମାନସିକତା ଦେଖାଦିଏ ତା ନୁହେଁ, ଯେଉଁ ରାଜନୈତିକ ଦଳଗୁଡିକ କୋଟରେ ଗଣତନ୍ତ୍ରବାଦୀ ବୋଲି ଦାବୀ କରନ୍ତି ସେମାନଙ୍କ ମଧ୍ୟରେ ମଧ୍ୟ ଏପରି ଏକଛତ୍ରବାଦୀ ଭାବନା ଲୁଚି ରହିଥାଏ । ଅନେକ ସମୟରେ ଏମାନେ ସ୍ୱରାଜ କଥା କହନ୍ତି, କିନ୍ତୁ ସ୍ୱରାଜର ଧାରଧାରନ୍ତି ନାହିଁ । ଏହି ଦଳଗୁଡିକ ମଧ୍ୟ ଗୋଟିଏ ଗୋଷ୍ଠୀଦ୍ୱାରା ପରିଚାଳିତ ହୁଅନ୍ତି । ସାଧାରଣ ଜନତାଙ୍କ ମତକୁ ଏମାନେ ଅପେକ୍ଷା କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ । ପ୍ରତ୍ୟେକ ଦଳୀୟ ସିଦ୍ଧାନ୍ତ ଏମାନେ ନିଜେ ନିଅନ୍ତି ଓ ସାଧାରଣ ସଂଗଠକ ଉପରେ ତାହା ଲଦି ଦିଅନ୍ତି । କେନ୍ଦ୍ରୀୟ ନେତୃତ୍ୱ ଏକଛତ୍ରବାଦୀ ଢାଞ୍ଚାରେ ପରିଚାଳିତ ହୁଏ । ଏମାନେ ଦଳୀୟ ସଂଗଠନକୁ ନିଜ ସ୍ୱାର୍ଥପାଇଁ ବ୍ୟବହାର କରନ୍ତି । ସେହିମାନଙ୍କୁ ସାଙ୍ଗଠନିକ ଦାୟିତ୍ୱ ଦିଆଯାଏ ଯେଉଁମାନେ ତାଙ୍କ ବୋଲକରା ହୋଇଥାନ୍ତି । ସାଙ୍ଗଠନିକ ପଦପଦବୀ ପାଇଁ ଜନମତ ନିଆଯାଏ ନାହିଁ । ପ୍ରାୟତଃ ଦଳୀୟ ସଂଗଠନ ଗଠନରେ ସ୍ୱରାଜ ନୀତିର ଅଣଦେଖା କରାଯାଏ । କୌତୂହଳର ବିଷୟ ଯେଉଁମାନେ ସ୍ୱରାଜ ପ୍ରତିଷ୍ଠାର ନାରା ଦିଅନ୍ତି ସେମାନେ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ ପଡ଼ନ୍ତି ନାହିଁ ।ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଲଢିବା ପାଇଁ ଟିକେଟ ଦେବା ବା ବଣ୍ଟନ କରିବା ବ୍ୟବସ୍ଥା ମଧ୍ୟ ସ୍ୱରାଜ ପ୍ରତି ପ୍ରହସନ । ସଂସଦପାଇଁ ଟିକେଟ ଦିଲ୍ଲୀରେ ଓ ବିଧାନସଭା ପାଇଁ ଟିକେଟ ରାଜ୍ୟ ରାଜଧାନୀରେ ବଣ୍ଟନ ହୁଏ । ଓଡିଶା ବିଧାନସଭା ପାଇଁ ଭୁବନେଶ୍ୱରରେ ଟିକେଟ ବଣ୍ଟାଯାଏ । ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଦଉଡନ୍ତି । ଟିକେଟ ପାଇବାର ମାନଦଣ୍ଡ ହୁଏ ପାର୍ଟିକୁ ଆର୍ଥିକ ସହାୟତା ଦେବା ଓ ତୋଷାମୋଦ । ନେତୃତ୍ୱ ମଧ୍ୟ ଦେଖେ କିଏ କେତେ ପଇସା ବାଲା ଓ କେତେ ଆଜ୍ଞାବହ । ଅନେକ ସମୟରେ ଜଣକର ଜାତି ଓ ଧର୍ମକୁ ମଧ୍ୟ ବିଚାରକୁ ନିଆଯାଏ । ବିଚାର କରାଯାଏ ନାହିଁ ଯେ କାହା ସପକ୍ଷରେ କେତେ ଜନମତ ରହିଛି । ଦେଖାଯାଏ ନାହିଁ ଜଣେ କେତେ ଜ୍ଞାନୀ ଓ କେତେ ଲୋକପ୍ରିୟ । ଏଠାରେ ସ୍ୱରାଜ ନୀତିର ସମ୍ପୂର୍ଣ୍ଣ ଅଣଦେଖା କରାଯାଏ । ସବୁଠାରୁ ଦୁଃଖର କଥା ଯେଉଁମାନେ ସ୍ୱରାଜ ସ୍ଥାପନର ସ୍ୱପ୍ନ ଦେଖାଇ ସଂଗଠନ କରନ୍ତି ସେମାନେ ସ୍ୱରାଜର ନୀତିକୁ ଅନୁସରଣ କରନ୍ତି ନାହିଁ । ଯେଉଁ ରାଜନୈତିକ ଦଳମାନେ ସ୍ୱରାଜକୁ ସ୍ୱୀକାର କରନ୍ତି ନାହିଁ, ନିଜ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅନୁସରଣ କରନ୍ତି ନାହିଁ, ସେମାନେ ସମଗ୍ର ଦେଶରେ ଶାସନ ବ୍ୟବସ୍ଥା ମଧ୍ୟରେ ସ୍ୱରାଜ ଆଣିବେ କିପରି ? ଦେଶରେ 'ସ୍ୱ-ରାଜ'କୁ ହଟାଇ 'ମୋ-ରାଜ' ସ୍ଥାପନ ଗଣତନ୍ତ୍ର ପାଇଁ ବିପଦ । ଏହା ଦେଶକୁ ଏକଛାତ୍ରବାଦୀ ଶାସନ ବ୍ୟବସ୍ଥା ଆଡକୁ ନେଇଯିବ । ଏଥିପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ । ମୋ-ରାଜ ଶାସନ ବ୍ୟବସ୍ଥାକୁ ବିରୋଧ କରିବାକୁ ହେବ । ଦଳୀୟ କ୍ଷେତ୍ରରେ ପ୍ରତ୍ୟେକଟି ପଦପଦବୀ ଲୋକମତକୁ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ଣ୍ଣୟ ହେବା ଉଚିତ୍ । ସଂଖ୍ୟାଧିକଭାବେ ଯାହାକୁ ଲୋକମାନେ ସମର୍ଥନ କରିବେ ସେହିଁ ପଦାଧିକାରୀ ହେବେ । ଭାଇଭତିଜା ଓ ସ୍ୱଜାତିକୁ ନେଇ ନିଯୁକ୍ତି ହେଲେ ସ୍ୱ-ରାଜ ଭାବନା ଧ୍ୱଂସ ହୁଏ । ହୋଟେଲ ରୁମ ଅଥବା ଅଫିସ ରୁମରେ ବସି ରାଜନୀତି କରିବା ସ୍ୱ-ରାଜ ବିରୋଧୀ । ଜନସାଧାରଣଙ୍କ ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ ହେଉଛି ପ୍ରକୃତ ସ୍ୱ-ରାଜ । ସେହିପରି ନିର୍ବାଚନ ଲଢିବା ପାଇଁ ଟିକେଟ ବଣ୍ଟନ ବ୍ୟବସ୍ଥା ମଧ୍ୟ ସ୍ୱରାଜ ନୀତିର ବିରୋଧି । ଲୋକମାନେ ନିଜ ଅଞ୍ଚଳରେ ବସି ସିଦ୍ଧାନ୍ତ ନିଅନ୍ତୁ କିଏ ତାଙ୍କର ପ୍ରାର୍ଥୀ ହେବେ । ଯାହାର ସପକ୍ଷରେ ଅଧିକ ସକ୍ରୀୟ କର୍ମୀ ରହିବେ ସେହିଁ ସମ୍ପୃକ୍ତ ଦଳର ପ୍ରାର୍ଥୀ ହେବ । ଏଥିପାଇଁ ଦିଲ୍ଲୀ କିମ୍ବା ଭୁବନେଶ୍ୱର ଦୌଡିବାକୁ ପଡିବ ନାହିଁ । କାହାକୁ ତୋଷାମୋଦ କରିବାକୁ ପଡିବନି । ଫଳରେ ସ୍ୱଚ୍ଛୋଟ, ଜ୍ଞାନୀ ଓ ପ୍ରକୃତ ସମାଜସେବୀମାନେ ପ୍ରାର୍ଥୀ ହୋଇ ପାରିବେ । ଟଙ୍କା ତାଙ୍କ ପାଇଁ ପ୍ରତିବନ୍ଧକ ହେବ ନାହିଁ । ତଦ୍ରୁପଭାବେ ରାଜନୈତିକ ସିଦ୍ଧାନ୍ତ ନେବା ସମୟରେ ଲୋକମାନଙ୍କ ମତ ଲୋଡାଯିବା ଉଚିତ୍ । ସାଧାରଣ ଜନତା ଅନୁଭବ କରନ୍ତୁ ଯେ ସେମାନେ ମଧ୍ୟ ପ୍ରତ୍ୟେକଟି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗୀଦାର ଅଟନ୍ତି । ଲୋକେ ଅନୁଭବ କରନ୍ତୁ ଯେ ଦେଶରେ ପ୍ରକୃତ ସ୍ୱରାଜ ଆସିଛି । ଅନୁଭବ କରନ୍ତୁ ସେମାନେ ପ୍ରକୃତ ଶାସକ ଅଟନ୍ତି । ଦେଶରୁ ମୋ-ରାଜକୁ ହଟାଇ ସ୍ୱ-ରାଜକୁ ସ୍ଥାପନ କରିପାରିଲେ ପ୍ରକୃତ ଗଣତନ୍ତ୍ର ଆସିବ । ଆମ ସ୍ୱାଧୀନତା ସେନାନୀମାନଙ୍କ ସେଦିନର ପରିକଳ୍ପିତ ସ୍ୱ-ରାଜର ପ୍ରକୃତ ରୂପରେଖକୁ ଉପଲବ୍ଧି କରାଯାଇ ପାରିବ । ମନେ ରଖିବାକୁ ହେବ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ସ୍ୱ-ରାଜର ସ୍ଥାପନା ଅନିବାର୍ଯ୍ୟ ।

**ବାରିପଦା, ମୟୁରଭଞ୍ଜ,**
**(ଅବସରପ୍ରାପ୍ତ), ଦର୍ଶନ ବିଭାଗ**

# କୃଷିଭିତ୍ତିକ ପର୍ବ ମକର ସଙ୍କ୍ରାନ୍ତି

**ଦଶରଥ ହେମ୍ବ୍ରମ୍**

ଓଡିଶାରେ ବାର ମାସର ତେର ପର୍ବ ପାଳନ ହୁଏ ।ତନ୍ମଧ୍ୟରୁ କେତେକ ପର୍ବ କୃଷିଭିତ୍ତିକ ହୋଇଥିବା ବେଳେ ଅନ୍ୟ କେତେକ ଋତୁଭିତ୍ତିକ । କିନ୍ତୁ ସାମାଜିକ ବ୍ୟବସ୍ଥା ଅନୁସାରେ ପାଳିତ ପର୍ବମାନଙ୍କ ମଧ୍ୟରେ ଅକ୍ଷୟ ତୃତୀୟା, ରାକ୍ଷୀ ପୂର୍ଣ୍ଣିମା, ନୂଆଖାଇ, ଦଳ ପୂର୍ଣ୍ଣିମା, ଗୁଣ୍ଡିଖାଇ ଏବଂ ମକର ସଙ୍କ୍ରାନ୍ତି ଆଦି କୃଷିଭିତ୍ତିକ ପର୍ବ ରୂପେ ସର୍ବଜନ ବିଦିତ । ତେବେ ଏହି କୃଷିଭିତ୍ତିକ ପର୍ବ ମଧ୍ୟରୁ 'ମକର ସଙ୍କ୍ରାନ୍ତି' ହେଉଛି ଉତ୍ତର ଓଡିଶାର ଏକ ପ୍ରଧାନପର୍ବ ଏବଂ ଗଣପର୍ବ ମଧ୍ୟ କୁହାଯାଏ ।ଏହାକୁ ସମସ୍ତେ ଉତ୍ସାହର ସହିତ ପାଳନ କରିଥାନ୍ତି । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ପ୍ରତିବର୍ଷ ଜାନୁଆରୀ ମାସର ୧୪ ତାରିଖ ଦିନ ମକର ସଙ୍କ୍ରାନ୍ତି ପାଳନ ହୋଇଥାଏ । ତେବେ ତିଥି ଗଣନା ଅନୁସାରେ କେବେ କେବେ ଏହି ସଙ୍କ୍ରାନ୍ତି ଜାନୁଆରୀ ମାସର ୧୩ କିମ୍ବା ୧୫ ତାରିଖରେ ମଧ୍ୟ ପଡିଥାଏ । କିନ୍ତୁ ଏବର୍ଷ ଜାନୁଆରୀ ୧୫ ତାରିଖରେ ମକର ସଙ୍କ୍ରାନ୍ତି ପାଳନ କରାଯାଉଛି । ଏହି ପର୍ବ ସମଗ୍ର ଦେଶରେ ବିଭିନ୍ନ ରୂପରେ ଏବଂ ଭିନ୍ନ ଉପାୟରେ ପାଳନ କରାଯାଏ । ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ କେରଳରେ ଏହାକୁ 'ପୋଙ୍ଗଲ' ଏବଂ ଓଡିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟଗୁଡିକରେ 'ମକର ସଙ୍କ୍ରାନ୍ତି' ରୂପରେ ପାଳନ କରାଯାଇଥାଏ । ଭାରତ ବାହାରେ ମଧ୍ୟ ଏହି ପର୍ବ ଲୋକମାନେ ଖୁବ ଉତ୍ସାହ ସହକାରେ ପାଳନ କରିଥାନ୍ତି । ପରମ୍ପରା ଅନୁସାରେ ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି ଏବଂ ସୂର୍ଯ୍ୟଦେବ ଦକ୍ଷିଣାୟନରୁ ଉତ୍ତରାୟଣକୁ ହୋଇଥାଏ । ତେଣୁ ଲୋକମାନେ ପୂଜାଠାରୁ ଆରମ୍ଭ କରିକି ଅନ୍ୟାନ୍ୟ ମାଙ୍ଗଳିକ ଭଳି କାର୍ଯ୍ୟ ମକର ସଙ୍କ୍ରାନ୍ତିଠାରୁ ଶୁଭାରମ୍ଭ କରିଥାନ୍ତି । କୁହାଯାଏ, ଏହି ଦିନରେ ଦାନ ଦକ୍ଷିଣା ପ୍ରଦାନ କରିଲେ ପୂଣ୍ୟ ହୁଏ । ଆହୁରି ମଧ୍ୟ ବିଶ୍ୱାସ କରାଯାଏ, ପବିତ୍ର ନଦୀ, ପୋଖରୀ ପାଣିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କରିଲେ ସକଳ ପାପରୁ ମୁକ୍ତି ମିଳେ । ତେଣୁ କେଉଁ ଆବାହମାନ କାଳରୁ ସରୋବର ନଦୀ ତଟ, ମହୋଦଧି ତୀରେ ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଏବଂ ମହୋତ୍ସବର ପରମ୍ପରା ଚାଲିଆସିଛି । ସବୁଠାରୁ ବଡକଥା ହେଲା, ଏହି ଦିନରେ ପଶ୍ଚିମ ବଙ୍ଗରେ ଥିବା ଗଙ୍ଗାସାଗର ଠାରେ ପା□ ଦିନ ଧରି ମହାମେଳା 'ଗଙ୍ଗା ସାଗର' ନାମରେ ଅନୁଷ୍ଠିତ ହୁଏ । ଗଙ୍ଗା ସ୍ନାନ, ଜପ, ତପ, ଶ୍ରାଦ୍ଧର ମହତ୍ୱ ରହିଥିବାରୁ ଲୋକମାନଙ୍କର ସମାଗମ ହୋଇଥାଏ । ଏପରିକି ପୂଣ୍ୟ ଲାଭ ଆଶାରେ ଅନେକ ଧାର୍ମିକ ଲୋକ ଗଙ୍ଗା ସାଗରରେ ବୁଡ଼ ପକାଇଥାନ୍ତି ଏବଂ ଏହି କାଳ ମଧ୍ୟରେ ମୃତ୍ୟୁବରଣ କରିଥିବା ମଣିଷ ବିଷ୍ଣୁଲୋକରେ ସ୍ଥାନ ପାଇଥାଏ । ତେଣୁ ମକର ସଙ୍କ୍ରାନ୍ତିର ସ୍ୱତନ୍ତ୍ରତା ରହିଛି ବୋଲି ବିବେଚନା କରାଯାଏ ।ମକର ସଙ୍କ୍ରାନ୍ତି ଉତ୍ତର ଓଡିଶାରେ ବଡ଼ ଧୂମଧାମରେ ପାଳନ ହୋଇଥାଏ । ବିଶେଷକରି ମୟୂରଭ ଏବଂ କେନ୍ଦୁଝରବାସୀ ଏହି ପର୍ବ ପାଇଁ ବହୁ ଦିନରୁ ଅପେକ୍ଷା କରିଥାନ୍ତି । ସଙ୍କ୍ରାନ୍ତିର ଏକ ସପ୍ତାହ ପୂର୍ବରୁ ସ୍ତ୍ରୀଲୋକମାନେ ଘରଦ୍ୱାରା ଲିପାପୋଛା କରିବା ସହ ବିଭିନ୍ନ ରଙ୍ଗରେ ଘରକୁ ସଜାଇଥାନ୍ତି । ଘରର ଲୁଗାପଟା ଏବଂ ପିନ୍ଧାବସ୍ତ୍ରକୁ ସଫା କରିବାରେ ସ୍ତ୍ରୀମାନେ ଲାଗିଥାନ୍ତି । ସେହିପରି ପୁରୁଷମାନେ ପାଖାପାଖି ଅ□ଳରେ ହେଉଥିବା ସାପ୍ତାହିକ ହାଟରୁ ସଉଦା କରିବା ହେଉଛି ମୁଖ୍ୟ ଆକର୍ଷଣ । ପ୍ରତି ହାଟରେ ଖୁବ ଭିଡ଼ ଜମିବା ଦେଖିବାକୁ ମିଳିଥାଏ । ଅତ୍ୟାବଶକୀୟ ଜିନିଷ କିମ୍ବା ନୂତନ ବେଶପୋଷାକ କ୍ରୟ କରିବାକୁ ଲୋକମାନେ ସହରାଭିମୁଖେ ହୋଇଥାନ୍ତି । ପର୍ବର ପୂର୍ବଦିନ ଯାହାକୁ 'ବାଉଣ୍ଡୀ' କୁହାଯାଏ, ଏହି ଦିନ ମଧ୍ୟରେ ଘରର ସବୁଆଡ଼େ ପରିଷ୍କାର ପରିଚ୍ଛନ୍ନ ହେବାସହ ସ୍ତ୍ରୀଲୋକମାନେ ଉପବାସ କରି ମକର ପ୍ରସ୍ତୁତିର ପିଠାପଣା ଇତ୍ୟାଦି କରିବା ପାଇଁ ଢିଙ୍କିକୁ ଧରି ଅରୁଆ ଚାଉଳର ଚୂନା କରିଥାନ୍ତି ଏବଂ ସେହି ରାତିରେ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରିଥାନ୍ତି । ଅବିବାହିତ ଯୁବକ-ଯୁବତୀ, ବାଳକ-ବାଳିକା, ବୃଦ୍ଧ-ବୃଦ୍ଧା ମାନେ ନିକଟରେ ଥିବା ନଦୀ, ଝରଣା କିମ୍ବା ପୋଖରୀକୁ ଯାଇ ବୁଡ଼ ପକାନ୍ତି । ଏହାପରେ ଆଗରୁ ପ୍ରସ୍ତୁତି ତାଳପତ୍ର, ଖଜୁରୀପତ୍ର କିମ୍ବା ଗଛର ଡାଳପତ୍ରରେ କୁଡ଼ିଆ କିମ୍ବା କୁମ୍ଭା ତିଆରି କରିଥାନ୍ତି । ଏହାକୁ ଗାଉଁଲି ଭାଷାରେ ବୁଢ଼ୀକୁମ୍ଭା କିମ୍ବା ଅଘିରା କୁହାଯାଏ । ବୁଡ଼ ପକାଇସାରିଲା ପରେ ତାହାକୁ ଜଳାଇ ସେଥିରେ ସେକି ବାଣରସଣି ଫୁଟାଇ ସକାଳେ ଘରକୁ ଫେରିଥାନ୍ତି । ବିଶ୍ୱାସ କରାଯାଏ ଯେ, ମକରରେ ବୁଡ଼ ପକାଇଲେ ବର୍ଷକର ସବୁ ଅଶୁଭ ଏବଂ ଯେତେସବୁ ପାପ ଦୂର ହୋଇଥାଏ ଏବଂ ସମସ୍ତଙ୍କ ଜୀବନରେ ଶାନ୍ତି ଓ ଆତ୍ମସନ୍ତୋଷ ଲାଭ ମିଳିଥାଏ ।

ପାରମ୍ପରିକ ପ୍ରଥା ଅନୁସାରେ ମକର ଚାଉଳର ଭୋଗ ସୂର୍ଯ୍ୟ ଦେବଙ୍କୁ ଅର୍ପଣ କରିସାରିବା ପରେ ସମସ୍ତେ ନୂଆ ଚାଉଳରେ ରୋଷେଇ କରି ଭାତ ଖାଇବାଦ୍ୱାରା ବର୍ଷସାରା ଶରୀର ଆରୋଗ୍ୟ ଏବଂ ସୁସ୍ଥ ରୁହନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି । ତେବେ ଏହି ଦିନରେ ଗୁଡ଼ି ଉଡ଼ାଇବା ପ୍ରଥା ମଧ୍ୟ ରହିଛି । ଏହି ଅବସରରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଲାଖବିନ୍ଧା ପ୍ରତିଯୋଗିତା ସନ୍ଧ୍ୟା ସମୟରେ ରଖିଥାନ୍ତି । ଶ୍ରେଷ୍ଠ ଧନୁର୍ଦ୍ଧାରୀଙ୍କୁ କାନ୍ଧରେ ବସେଇ ନାଚଗୀତ ମାଧ୍ୟମରେ ବିଜେତାର କାହାଣୀ ବଖାଣି ଥାଆନ୍ତି । ତା'ପର ଦିନ ସାନ୍ତାଳମାନେ ମକରବାସୀ ମାନିଥାନ୍ତି, ସେଦିନକୁ 'ଗାଣି ଆସେନ' କୁହାଯାଏ । କିଛି ପୁଅମାନେ ଝିଅ ଭେଶରେ ସଜେଇ ହୁଅନ୍ତି ଏବଂ କୁଟାଘାସରେ ଯଦୁ ଓ ରୂପୀ ନାମକ ଦୁଇଟା ମାଙ୍କଡ଼ ତିଆରି କରି ପ୍ରତି ଘରକୁ ଘର ବୁଲି ଗୀତ ଗାଇ ମାଙ୍କଡ଼ନଚା ଘର ବାରଣ୍ଡାରେ ପ୍ରଦର୍ଶନ କରିଥାନ୍ତି । ସେହି ଘରଲୋକମାନେ ମାଙ୍କଡ଼ ନାଚ ଦେଖି ଖୁସି ହୋଇ ଘରୁ ବାସୀ ପିଠା, ଚୂଡ଼ା, ମୁଢ଼ି ଏବଂ ଚାଉଳ ସେମାନଙ୍କୁ ଦେଇଥାନ୍ତି । ଏହିପରି ଭାବେ ସେମାନେ ଗାଁସାରା ବୁଲି ସାରିବା ପରେ ରାତିସାରା ନାଚଗୀତରେ ମଜ୍ଜିଯାଆନ୍ତି । ସେହିପରି କୁଡୁମୀ ସମ୍ପ୍ରଦାୟର ଲୋକମାନେ ନଦୀକୂଳରେ ଟୁସୁ ମେଳା ଆୟୋଜନ କରିଥାନ୍ତି । ତେବେ ସେହି ଟୁସୁ କିଏ ? ଏହି ଦିନରେ କାହିଁକି ପାଳନ ହୁଏ ? ଏହା ପଛରେ ଅନେକ ଇତିହାସ ରହିଛି, ସତ୍ୟତା ମିଳିବା ଯଦିଓ କଷ୍ଟକର, ତଥାପି ଟୁସୁ ମେଳା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥାଏ । ଏହିପରି ଭାବରେ ମକର ସଙ୍କ୍ରାନ୍ତିକୁ ତିନି ଦିନରୁ ପା□ ଦିନ ଧରି ପାଳନ କରିବା ଅବସରରେ ଜନସାଧାରଣଙ୍କ ମନରେ ଆହେତୁକ ଆମୋଦପ୍ରମୋଦର ଠିକଣା ସତେଜ ହୋଇ ଉଠିବା ସହ ଭାତୃଭାବ ସୃଷ୍ଟି କରିଥାଏ । ଏହା ସହିତ ସମସ୍ତଙ୍କୁ ସ୍ନେହ, ପ୍ରେମ ଓ ସଦଭାବନାରେ ବାନ୍ଧି ହେବାର ପ୍ରତ୍ୟେକ ମଣିଷକୁ ଶିକ୍ଷା ଦେଇଥାଏ ।

**ଦୁର୍ନୀତି ନିବାରଣ ଅଧିକାରୀ,**
**ବାଲେଶ୍ୱର, ଦୂରଭାଷା -**
**୯୩୩୭୪୦୪୨୫୪**

# ବିଦ୍ୟାଳୟ ଓ ଅଭିଭାବକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

**ଯଶସ୍ୱିନୀ ପଟ୍ଟନାୟକ**

ପିଲାମାନେ ଆଜି ହେଉଛି ଆମର ପାରମ୍ପରିକ ଓଡ଼ିଆ ଭାବନାର ପବିତ୍ର ମକର ସଂକ୍ରାନ୍ତି ଏକ ସ୍ମରଣୀୟ ଦିନ । ତୁମେମାନେ ପାଖାପାଖି ତିନିଦିନ ଲମ୍ବା ଛୁଟି ପାଇଗଲ । ମନେରଖିଥାଅ ଛୁଟିରେ ସବୁବେଳେ ତୁମେ ତୁମ ଘର ପରିବାରରେ ରହି ପାଠ ଆଉ ଆମ କଥା ଭୁଲିବନି । ଏ ବିଦ୍ୟାଳୟ ବା ତୁମର । ମୁଁ ସବୁବେଳେ ତୁମ ମାନଙ୍କ କଥା ହିଁ ଭାବେ । ହଁ, ଗୋଟିଏ ଭଲ କଥା ଜାଣିଛ ଓଡ଼ିଶାର ଲୋକପ୍ରିୟ ସରକାର ତୁମ ମାନଙ୍କ ପାଇଁ ଅନେକ ସଚେତନ । ତୁମେ ମାନେ କିପରି ଭଲ ପଢ଼ିବ, ତୁମର ବୌଦ୍ଧିକ, ମାନସିକ, ଶାରୀରିକ ଏପରିକି ଆଧ୍ୟାତ୍ମିକ ଅଭିବୃଦ୍ଧି ବଢ଼ିବ ଆଉ ଭଲ ଭାବେ ବାର୍ଷିକ ପରୀକ୍ଷା ପାଇଁ ପ୍ରସ୍ତୁତି ହେବ ଆଉ ପରୀକ୍ଷାକୁ ଏକ ଚାପ ନୁହେଁ ଏକ ଆହ୍ୱାନ ଓ ଖୁସିର ପାର୍ବଣ ଭାବେ ପାଳିବ ସେଥିପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ରାଜ୍ୟ ସାରା ତୁମ ମାନଙ୍କ ଅଭିଭାବକ ଓ ତୁମକୁ ପଢ଼ାଉଥିବା ଶିକ୍ଷକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସମାପ୍ତି ସୂଚକ ଆକଳନ ଓ ଅଭିଭାବକଙ୍କ ଭୂମିକା, ପିଲାମାନଙ୍କର ମାନସିକ ଚାପରୁ କିପରି ଦୂରେଇ ପାରିବେ, ତୁମ ମାନଙ୍କର ଏକ ସୁଧାର ଓ ଦିଗନିର୍ଣ୍ଣୟ କ୍ୟାରିୟର କିପରି ଗଢ଼ା ଯିବ, ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା, ଶିଶୁ ଯୌନ ଅପରାଧ ଆଇନ-୨୦୧୨, ଏହାସହ ବିଦ୍ୟାଳୟର ସୁରକ୍ଷା ନିୟମାବଳୀ ୨୦୧୬ ଏହିପରି ବିଭିନ୍ନ ପ୍ରସଙ୍ଗରେ ଏକ ଖୋଲା ଆଲୋଚନା ହୋଇଥିଲା । ଆମ ଓଡ଼ିଶାର ସବୁ ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷକଙ୍କ ସହ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ ସିଧାସଳଖ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ବହୁବିଧ ଉନ୍ନତିକରଣ ପ୍ରକ୍ରିୟାରେ ସମ୍ମିଳିତ ଯୋଗଦାନ କରି କିପରି ବିକାଶ ଆଗେଇ ପାରିବ ଏ ନେଇ ଖସଡ଼ା ପ୍ରସ୍ତୁତ ହୋଇଥିଲା । ତୁମେମାନେ ଜାଣିଛ ଆମ ସରକାର ତୁମ କଥା ସବୁବେଳେ ଚିନ୍ତା କରୁଛନ୍ତି । ତୁମେ କିପରି ଭଲ ପଢ଼ିବ, ତୁମ ପରିବାରର ଆର୍ଥିକ ବା ଅନ୍ୟ କୌଣସି ଅସୁବିଧା ଥିଲେ ସରକାର ସବୁ ପ୍ରକାର ସାହାଯ୍ୟ ତୁମ ମାନଙ୍କୁ କରୁଛନ୍ତି ଆଉ ତୁମ ମାନଙ୍କର ଡ୍ରେସପଟ୍ଟା ଠାରୁ ସାଇକେଲ, ପାଠପଢ଼ା ଠାରୁ ଖାଇବା ଏବଂ ଉଚ୍ଚଶିକ୍ଷା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦେଉଛନ୍ତି । ଭାରତରେ ଏପରି କ୍ୱଚିତ ରାଜ୍ୟ ରହିଛି ଯେଉଁଠି ସରକାର ଆଗାମୀ ଭବିଷ୍ୟତ କୁହାଯାଉଥିବା ଏହି କୋମଳମତି ପିଲାମାନଙ୍କ ପାଇଁ ନାନାବିଧ ଚିନ୍ତା କରୁଛନ୍ତି । ତୁମେମାନେ କେବଳ ପାଠ ମନସ୍କ ହୋଇ ନିଜର କେବଳ ନୁହେଁ ତୁମ ବିଦ୍ୟାଳୟର, ପରିବାରର, ଆମ ସମାଜର ସର୍ବୋପରି ଆମ ରାଜ୍ୟର ଜଣେ ଜଣେ ଗୌରବର ଶୀର୍ଷ ସ୍ଥାନକୁ ଯାଇପାରିବ ସେ ଚିନ୍ତା ବି ସରକାର କରୁଛନ୍ତି । ତୁମ ଅଭିଭାବକ ଅନେକ କଷ୍ଟ କରି ତୁମ ମାନଙ୍କୁ ଭଲ ମଣିଷ ଗଢ଼ି ତୋଳିବା ପାଇଁ ବିଦ୍ୟାଳୟକୁ ପଠାଉଛନ୍ତି । ମୁଁ ଜାଣିଛି ଅନେକ ଅଭିଭାବକ ଅଛନ୍ତି ଯେଉଁମାନଙ୍କର ଆର୍ଥିକ ଅସ୍ୱଚ୍ଛଳତା ରହିଛି । ସରକାର ଯେପରି ସାହାଯ୍ୟର ହାତ ବଢ଼ାଉଛନ୍ତି ତୁମ ନାଳନ୍ଦା ଅନୁଷ୍ଠାନ ବି ସେହିପରି ସାଧ୍ୟମତେ ସହଯୋଗର ହାତ ବଢ଼ାଉଛନ୍ତି । ତୁମ ପିତାମାତାଙ୍କ ପାଇଁ ତୁମେ ଯେପରି ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ଆମ ବିଦ୍ୟାଳୟ ପାଇଁ ତୁମେମାନେ ଗୋଟିଏ ଗୋଟିଏ ରତ୍ନ । ସବୁବେଳେ ତୁମମାନଙ୍କ ଚିନ୍ତା କରିଥାଏ । ରାଜ୍ୟ ସରକାରଙ୍କ ତରଫରୁ ଏହି ଯେଉଁ ରାଜ୍ୟସ୍ତରୀୟ ବୈଠକଟି ହୋଇଥିଲା ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପକୁ ସବୁ ଅଭିଭାବକ ପ୍ରଶଂସା କରିଥିଲେ । ଆଉ ଏ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗ ଦେଇ ମୂଲ୍ୟବାନ ପରାମର୍ଶ ଦେଇଥିଲେ ।ତୁମେମାନେ ସବୁବେଳେ ପାଠ ମନସ୍କ ହୋଇ ନିଜ ଜୀବନ ଗଢ଼ି ତୋଳିବା ବେଳେ ଏକ ଉତ୍ତମ ନାଗରିକ ହୋଇ ସାମାଜିକ ଦାୟିତ୍ୱ କଥା ନିଶ୍ଚିନ୍ତ ଚିନ୍ତା କରୁଥିବ ମୁଁ ଜାଣେ । ତୁମ ବାପା ମାଆ ଅନେକ କଷ୍ଟ ସ୍ୱୀକାର କରି ସେମାନଙ୍କ ମନ ଭିତରେ ରହିଥିବା ଅନେକ ସ୍ୱପ୍ନ ଓ ଆବେଗକୁ ସାକାର କରିବା ପାଇଁ ତୁମକୁ ବିଦ୍ୟାଳୟ ପଠାଉଛନ୍ତି । ବିଦ୍ୟାଳୟର ସୁନାମ ସହିତ ପରିବାରର ସୁନାମ, ଅଭିଭାବକଙ୍କ ସ୍ୱପ୍ନ ସମ୍ଭାବନା ସହିତ ତୁମେ ଜଣେ ସମର୍ଥ ନାଗରିକ ଆଉ ପ୍ରତିଭାବାନ ହୋଇପାରିଲେ ତାହା ହେବ ଏ ସମାଜ ପ୍ରତି ତୁମର ଶ୍ରେଷ୍ଠ ଦାୟିତ୍ୱ । ଜାତିର ପିତା ମହାତ୍ମା ଗାନ୍ଧୀ ହୁଅନ୍ତୁ ବା ବିବେକାନନ୍ଦ, ବିବେକାନନ୍ଦ ହୁଅନ୍ତୁ ବା ଓଡ଼ିଶାର କିମ୍ବଦନ୍ତୀ ଜନନାୟକ ବିଜୁବାବୁ । ସମସ୍ତଙ୍କ ପିଲାବେଳ ପ୍ରଥମରୁ ଯେଉଁ ଭାବନାର ଆହ୍ୱାନର ପ୍ରତିଶ୍ରୁତି ଦେଖିଥିଲେ ସେମାନେ ଆଜି ଆମ ପାଇଁ ଆଲୋକବର୍ତ୍ତିକା । ପରୀକ୍ଷାକୁ ନେଇ, ପାଠପଢ଼ାକୁ ନେଇ ବା ତୁମ ସାର ମାନେ ଦେଉଥିବା ହୋମଟ୍ୟାକ୍ସକୁ ନେଇ ଚାପଗ୍ରସ୍ତ ହେବନାହିଁ । ଯାହା ଅବୁଝା ହେଉଛି ତୁମ ସାର ମାନଙ୍କ ସହିତ ଖୋଲା ମନରେ କଥା ହେବ । ଯେତେବେଳେ ତୁମେ ମୋ ସହିତ ମିଶିବା ପାଇଁ ଚାହିଁବ ଖୋଲାମନରେ ତୁମର ଜଣେ ପରମ ହିତୈଷୀ ଭାବେ ମୋ ସହିତ କଥା ହେବ । ତୁମ ଭାବାବେଗ ଅନ୍ତରର କଥା ମୁଁ ଜାଣିପାରି ତୁମ ଇଚ୍ଛାକୁ ଆଗେଇ ନେବା ପାଇଁ ନିଶ୍ଚିନ୍ତ ସହଯୋଗ କରିବି । ତୁମେମାନେ କେବଳ ଏ ବିଦ୍ୟାଳୟର ଛାତ୍ରଛାତ୍ରୀ ନୁହଁ । ଏ ବିଦ୍ୟାଳୟ ହିଁ ତୁମ ମାନଙ୍କର । ଆଉ ତୁମ ମାନଙ୍କ ପାଇଁ ଆଉ ତୁମ ମାନଙ୍କୁ ନେଇ । ଭଲରେ ପରିବାର ସହ ମକର ସଂକ୍ରାନ୍ତି ପାଳନ କର, ହୋମଟ୍ୟାକ୍ସ କିଛି ଥିଲେ ସମୟ ତ ପାଇଛ ସାରିଦେବ ଆଉ ତୁମେ ତୁମ ନାଳନ୍ଦାକୁ ନେଇ କ'ଣ ସ୍ୱପ୍ନ ଦେଖିଛ ଆଉ ତୁମ ନାଳନ୍ଦା ଠାରୁ ତୁମେ କ'ଣ ଚାହୁଁଛ ମୋତେ ବିଦ୍ୟାଳୟକୁ ଆସିବା ପରେ ନିଶ୍ଚିନ୍ତ ଜଣାଇବ । ତୁମ ମାନଙ୍କୁ ମୋର ମକର ସଂକ୍ରାନ୍ତିର ଅନେକ ଅନେକ ଶୁଭକାମନା ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର-୮, ସିଡିଏ, କଟକ, ଇ-**
**jasaswinipattanaik78@gmail.com**

# ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ଅବସରରେ ଘରେ ଘରେ ବୁଲୁଥିବା ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ବ୍ଲକରେ ୭ଦିନ ଧରି ଅନୁଷ୍ଠିତ ହୋଇ ରବିବାର ଶେଷ ହୋଇଛି । ରାମକୃଷ୍ଣପୁର ପଂଚାୟତରେ ଏହାର ଉଦ୍‌ଯାପନ ଦିବସରେ ଅର୍ଜୁନମାହାରା ଯଜ୍ଞ ପଡ଼ିଆରୁ ଆଧ୍ୟାତ୍ମିକ ପରିବେଶରେ ରଥ ବାହାରିଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ପୌରହିତ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ବିଡ଼ିଓ ଧର୍ମରଂଜନ ପଣ୍ଡା, ସରପ ଭାରତୀ ସ୍ୱାଇଁ, ସମିତିସଭ୍ୟା ନର୍ମଦା ରାଉତ,ପୂର୍ବତନ ସରପଞ୍ଚ ମନୋରଂଜନ ସ୍ୱାଇଁ, ନୋଡ଼ାଲ ଅଫିସର ବଳରାମ ମଲିକଙ୍କ ସମେତ ବହୁ ବିଜେଡ଼ି ନେତୃବୃନ୍ଦ ଯୋଗ ଦେଇଥିଲେ । ସେହିପରି ନତକାଇ ପଂଚାୟତରେ ସରପଞ୍ଚ ଜୟଦେବ ରାଉତଙ୍କ ନେତୃତ୍ୱରେ ତିନିଦିନ ଧରି ରଥ ପରିକ୍ରମା କରିଥିଲା ବେଳେ ବନ୍ଧୁପୁର ପଂଚାୟତରେ ସରପଞ୍ଚଜୟନ୍ତୀ ଗୋଛାୟତ, ସମିତିସଭ୍ୟା ବିଶ୍ୱଜିତ୍ ସ୍ୱାଇଁ, ତରଣୀସେନ ଜେନା, ଦିଲ୍ଲୀପ କୁମାର ଜେନାଙ୍କ ସହଯୋଗରେ ରଥ ପରିକ୍ରମା ଓ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମହମ୍ମଦପୁର ପଂଚାୟତରେ ସରପଞ୍ଚ ପ୍ରତିଭା ବେହେରା ଓ ସରୋଜ ବେହେରାଙ୍କ ନେତୃତ୍ୱରେ ତିନିଦିନ ଧରି ରଥ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ସମିତିସଭ୍ୟ ରଂଜନ ପାତ୍ର ସମେତ ବହୁ ବିଜେଡ଼ି ନେତୃବୃନ୍ଦ ରଥ ସହିତ ବୁଲି ଅକ୍ଷତ ଓ ଗୁଆ ସଂଗ୍ରହ କରିଥିଲେ । ବରାଦୋ ପଂଚାୟତରେ ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳଙ୍କ ନେତୃତ୍ୱରେ ଦୁଇଦିନ ଧରି ରଥ ପରିକ୍ରମା କରିଥିଲା ବେଳେ ସଭାପତି ରତ୍ନାକର ବିଶ୍ୱାଳ, ସମିତିସଭ୍ୟା ଶୁଭଶ୍ରୀ ସାହୁ, ମଧୁସୂଦନ ସେଠୀ, ବଳରାମ ସାହୁ ପ୍ରମୁଖ ଘର ଘର ବୁଲିଥିଲେ । ସେହିପରି ସରପଞ୍ଚ ମିଳନ ଭୂୟାଁଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଜଗନ୍ନାଥ ପ୍ରେମୀ ଭକ୍ତ ବାବୁଜଙ୍ଗ ପଂଚାୟତରେ ରଥ ପରିକ୍ରମା କରି ଅକ୍ଷତ, ଗୁଆ ,ନଡ଼ିଆ ସଂଗ୍ରହ କରିଥିଲେ । ନଗସପୁର ପଂଚାୟତରେ ସରପ ପୁଷ୍ପଲତା ମଲିକ ଓ ଯୁବନେତା ବିଜ୍ଞାନ ମଲିକ, ସମିତିସଭ୍ୟ ଦେବେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅର୍ପଣ ରଥ ୩ଦିନ ଧରି ପରିକ୍ରମା ହୋଇଥିଲା । ଏହି ବ୍ଲକର ୪୧ଗୋଟି ପଞ୍ଚାୟତରେ ଅର୍ପଣ ରଥ କାର୍ଯ୍ୟ ଶେଷ ହୋଇଥିଲା ବ୍ରହ୍ମକ୍ଷେତ୍ର ଜିଗ୍ନିପୁର ବଳଦେବଜୀଉ ମନ୍ଦିରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଅକ୍ଷତ ଓ ଗୁଆ ରଖାଯାଇଛି ଏବଂ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଗୋଟି ପଂଚାୟତର ଅକ୍ଷତ ଓ ଗୁଆ ସାନ୍ତପୁର ପଂଚାୟତର ଦଧିବାମନ ଜୀଉ ମନ୍ଦିରରେ ସଂଗ୍ରହ କରି ରଖାଯାଇଛି ।

# ବେସରକାରୀ ସ୍କୁଲ ସଙ୍ଘ କରିବ ତ୍ରୀରଙ୍ଗା ଯାତ୍ରା




**କେନ୍ଦ୍ରାପଡ଼ା (ଅମୃତ ମିଡିଆ):** ଜିଲ୍ଲା ବେସରକାରୀ ସ୍କୁଲ ସଙ୍ଘର ସାଧାରଣ ପରିଷଦ ବୈଠକ ଗୋପସ୍ଥିତ ସେ□ଜାଭିଅର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ନିରଞ୍ଜନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷା ଅଧିକାର ଆଇନ ଆଧାରରେ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଓ ସରକାରୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ଯୋଗାଇଦେବା, ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ସୁଯୋଗ ଦେବା, ସିଇଓଆର ବ୍ୟବସ୍ଥାରେ ସରଳୀ କରଣ କରିବା ।ାଦି ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଆସନ୍ତା ଜାନୁଆରୀ ୨୩ ତାରିଖ ଦିନ ନେତାଜୀ ଜୟନ୍ତୀ ଅବସରରେ କେନ୍ଦ୍ରାପଡା ସହରରେ ଜିଲ୍ଲାର ପ୍ରାଇଭେଟ ସ୍କୁଲମାନଙ୍କ ପକ୍ଷରୁ ଏକ ବିଶାଳ ତ୍ରୀରଙ୍ଗା ଯାତ୍ରା ସଂଗଠିତ କରାଯିବାକୁ ସ୍ଥିର କରା|ଇଛି । "ଜସନ-ଇ- ତ୍ରୀରଙ୍ଗା" ନାମରେ ହେବାକୁ ଥିବା ୧୦୦୦ମିଟର ବ୍ୟାପି ବିଶାଳ ତ୍ରୀରଙ୍ଗା ପତକାର ଯାତ୍ରା ସକାଳ ୮ଘଟିକା ସମୟରେ ଇଛାପୁରର ଶ୍ରୀବଳଦେବଜୀଉ ମନ୍ଦିର ନିକଟରୁ ବାହାରି କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯିବ । ବେସରକାରୀ ବିଦ୍ୟାଳୟ ଗୁଡିକର ଅନୂ୍ୟନ ୫ହଜାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ହେବାକୁ ଥିବା ଏହି ତ୍ରୀରଙ୍ଗା ଯାତ୍ରାକୁ ଆକର୍ଷଣୀୟ କରିବା ନିମନ୍ତେ ସଭାରେ ଉପସ୍ଥିତ ବିଭିନ୍ନ ବେସରକାରୀ ବିଦ୍ୟାଳୟର ମୁଖ୍ୟ ଶିକ୍ଷକ ଓ କର୍ମକ□ାମାନଙ୍କ ପକ୍ଷରୁ ଶକ୍ତିସ୍ୱରୂପ ଭୂୟାଁ, ପ୍ରଭାତ କିଶୋର ନାୟକ, ଚି□ରଞ୍ଜନ ଆଚାର୍ଯ୍ୟ, ରବୀନ୍ଦ୍ର ଦାଶ, ଇଂ ଡଲି, ହିରଣ୍ୟ ନାଉରୀ, ଭିକାରୀ ପ୍ରଧାନ, ଅରୁଣ କୁମାର ମହାପାତ୍ର, ଅନୁସୟା ଦାସ, ଦୀପକ କୁମାର ଜେନା, ସୁରେନ୍ଦ୍ର କୁମାର ପତି ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା ସହ ଧନ୍ୟବାଦ ଅର୍ପଣ କରିଥିଲେ ସଙ୍ଘର ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳ ।

# ସାଂପ୍ରତିକ ସ୍ଥିତିରେ ଗୋଧନ (ପଶୁଧନ) ସୁରକ୍ଷା, ସେବା, ଯତ୍ନ ଓ ନବ୍ୟ ମାନବତା ବାଦ ଉପରେ ଏକ ଆଲୋଚନା ଚକ୍ର



**ବଲାଙ୍ଗୀର(ଅମୃତ ମିଡିଆ):** ସ୍ଥାନୀୟ ଜିଲ୍ଲା ଯାଦବ ଭବନ, ବଲାଙ୍ଗିର ଠାରେ ଅପରାହ୍ନ ୩ ଘଂଟା ସମୟରେ ୟାଫ୍ (ୟୁଥ ଏକଟିଭିଷ୍ଟ ଫୋରମ) ଦ୍ୱାରା ପରିଚାଳିତ ଶ୍ରୀ ସୁରଭି ଗୋ ସେବା ଧାମ ର ଉନ୍ନତି ନିମନ୍ତେ ଏକ ଆଲୋଚନା ଚକ୍ରରେ ତ୍ରିଲୋଚନ ମେହେର ଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ସନାତନ ଦେବତା ସ୍ୱାଗତ ଭାଷଣ ଦେଇଥିଲେ ଓ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆଲୋଚନା ଚକ୍ରରେ ସାଂପ୍ରତିକ ପରିସ୍ଥିତିରେ ଗୋଧନ ଓ ପଶୁଧନ ର ବିକାଶ, ସୁରକ୍ଷା ଓ ଯତ୍ନ ଏବଂ ବୁଲା ଗୋ ବଂଶଙ୍କ ଥଇଥାନ ତଥା ନବ୍ୟ ମାନବିକତା ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ବକ୍ତା ହିସାବରେ ରାମଚନ୍ଦ୍ର ବିଶ୍ୱାଳ, କେଦାର ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଅଶ୍ୱିନୀ ପଟେଲ, ସରୋଜ ଷଡଙ୍ଗୀ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବରେ ଓଡିଶା ଗୋ ଗ୍ରାମର ଅଧ୍ୟକ୍ଷ ପ୍ରଦୀପ୍ତ ତ୍ରିପାଠୀ ଗୋ ମାମାତ୍ମ୍ୟ ଓ ଗୋ ବିଜ୍ଞାନ ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରୋଜ କୁମାର ମେଶ୍ରା, କପିଳାସ ମହାକୁର, ନିଳମଣି ଯୋଷୀ, ଭକ୍ତ ଚନ୍ଦ୍ରୀୟା, ସରୋଜ ଦୋରା, ଭାଗ୍ୟବାନ ସାହୁ, ନରେଶ ବାଗ, ସୁମନ୍ତ ମେହେର, ବାସନ୍ତୀ ଜେନା, ଫିରୋଜ ବିବି, ସଞ୍ଜୁ ନାଏକ, ବାନାରି ଆର୍ଚ୍ଯ୍ୟ, ସରସ୍ୱତୀ ସାହୁ, ମଞ୍ଜରୀ ପଟେଲ, ବଳରାମ ମିଶ୍ର ଓ ସ୍ନନ୍ଦିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥଙ୍କ ଭାବର ପୁଲକରେ ପୁଲକିତ ତୁଳସୀକ୍ଷେତ୍ର

**କେନ୍ଦ୍ରାପଡ଼ା (ଅମୃତ ମିଡିଆ):** ଭାବର ପୁଲକର ପୁଲକିତ ହୋଇଛନ୍ତି ତୁଳସୀକ୍ଷେତ୍ରର ଶ୍ରଦ୍ଧାଳୁମାନେ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ଶ୍ରଦ୍ଧାର ସହିତ ଅକ୍ଷତ ଓ ଗୁଆ କେନ୍ଦ୍ରାପଡା ସହରବାସୀ ସମର୍ପି ଦେଇଛନ୍ତି । ଅର୍ପଣ ରଥକୁ ସ୍ୱାଗତ କରିବା ପାଇଁ କେନ୍ଦ୍ରାପଡା ପୌରାଞ୍ଚଳର ୧୦ନମ୍ବର ୱାର୍ଡ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଘର ଦ୍ୱାରମୁହଁରେ ମୁରୁଜ ଓ ଚିତା ପକାଇ ସଜାଇ ରଖିଥିବା ଦେଖିବାକୁ ମିଳିଥିଲା । ହରିବୋଲ, ହୁଳହୁଳି ସାଙ୍ଗକୁ ସଙ୍କୀର୍ତ୍ତନ, ଘଂଟଘଂଟା, ଶଙ୍ଖ ଧ୍ୱନୀ ଓ ଜୟ ଜଗନ୍ନାଥ ଶବ୍ଦରେ ସମଗ୍ର ସହରରେ ଏକ ଭାବଭକ୍ତିର ପରିବେଶ ସୃଷ୍ଟି ହୋଇଥିଲା । ପୌର କାର୍ଯ୍ୟାଳୟ ପରିସରରୁ ଆଜି ପୂର୍ବାହ୍ନ ସାଢେ ୧୦ଟାରେ ଅର୍ପଣ ରଥ ବାହାରି ବାସୁଳେଇ, ମଢିଆଳ, ବଳଗଣ୍ଡି ଦେଇ ସାନ୍ତସାହିରେ ପହଞ୍ଚିଥିଲା । ସେଠାରୁ ବାହାରି ମାଧପୁରକୁ ଯାଇ ମାଧପୁରରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ପ୍ରତ୍ୟେକ ସ୍ଥାନରେ ଶହ ଶହ ସଂଖ୍ୟାରେ ଲୋକମାନେ ରଥକୁ ଭବ୍ୟ ସ୍ୱାଗତ କରିବା ସହ ଅକ୍ଷତ ଓ ଗୁଆ ପ୍ରଦାନ କରିଥିଲେ । ୧୦ନମ୍ବର ୱାର୍ଡ କାଉନସିଲର ରଶ୍ମୀତା ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସରିତା ସାହୁ, ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂହ, ରଞ୍ଜିତ କୁମାର ସାହୁ, ସ୍ୱପ୍ନା ସିଂ, ବିଜୟ ମଣ୍ଡଳ, ଈଶ୍ୱରୀ ମା' ସ୍ୱୟଂ ସହାୟିକା ଗୋଷ୍ଠିର ସଭାପତି ସରୋଜିନୀ ନାୟକ, ସମ୍ପାଦିକା ମୀନାରାଣୀ ନାୟକ, ଶାନ୍ତିଲତା ଦାସ, ଅହଲ୍ୟା ଦାସ, ବାସନ୍ତୀ ଦାସ, ସରସ୍ୱତୀ ବେହେରା, ବାସନ୍ତୀ ବେହେରା, ନାଜ୍ ନଜମା, ଭାଗ୍ୟଲକ୍ଷ୍ମୀ ସାହୁ, ସୁକୁମାରୀ ସାହୁ, ମେନକା ସାହୁ, ରଜନୀରାଣୀ ସାହୁ, ମାମୁନି ସିଂ, ସତ୍ୟବତୀ ସାହୁ, ବବିନା ସିଂ, ପ୍ରଭାତୀ ନାୟକ, ଜ୍ୟୋତ୍ସ୍ନାରାଣୀ ନାୟକ, ବିଣାପାଣୀ ସାହୁ ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠିର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟାଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ ।




# ବୈଷ୍ଣବବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ନୀଳଗିରି(ଅମୃତ ମିଡିଆ):** ଶୁକ୍ରବାର ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ଅଧୀନସ୍ଥ ବୈଷ୍ଣବବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନୁକୁଲ୍ୟରେ ବାର୍ଷିକ ଉତ୍ସବ ୨୦୨୪ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଏସଏସଡି ବିଭାଗର ଅବସରପ୍ରାପ୍ତ ବାଲେଶ୍ୱର ଜିଲ୍ଲା ଶିକ୍ଷା ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପାଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଅବସରପ୍ରାପ୍ତ ଏସଏସଡି ଶିକ୍ଷାମଣ୍ଡଳାଧିଶ ପ୍ରଦୀପ କୁମାର ପଶା, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତି, ସ୍ୱତନ୍ତ୍ର ଅତିଥି ନୀଳଗିରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର କୁମାର ଶତପଥୀ , ମୁଖ୍ୟବକ୍ତା ଭାବେ ବାଲିଗୋହିରୀ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା , ସମ୍ମାନୀତ ଅତିଥି ଭାବରେ ଭୂଦାରଚଣ୍ଡୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଡ କୁମାର ବିଶ୍ୱାଳ, ସରୋଜ କୁମାର ବେହେରା ,ପ୍ରଧାନ ଶିକ୍ଷକ ତେଲିପାଳ ଏସଏସଡି, ବରଜୁ ପ୍ରସାଦ ନାୟକ ପ୍ରଧାନ ଶିକ୍ଷକ ଶ୍ରୀପତି ଏସଏସଡି ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହାପରେ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରାଯାଇଥିଲା । ମୁଖ୍ୟବକ୍ତା ଶ୍ରୀଯୁକ୍ତ ପଣ୍ଡା ଙ୍କ ମଧୁସ୍ୱନ୍ଦିତ ବକ୍ତବ୍ୟ ସମସ୍ତଙ୍କ ହୃଦୟରେ ଦିବ୍ୟ ଚେତନାର ଭାବ ତଥା ଛାତ୍ରୀ ମାନଙ୍କ ପ୍ରତି ଭଲ ମଣିଷଟିଏ ହେବାର ମାର୍ଗ ପ୍ରଦର୍ଶନ କରିଥିଲା । ପରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ପୂର୍ବବର୍ଷର ସର୍ବାଧିକ ନମ୍ବର ରଖି ଏ ଗ୍ରେଡ ରେ ଉତିର୍ଣ୍ଣ ହୋଇଥିବା ଛାତ୍ରୀ ପ୍ରତିମା ରାଣୀ ମାଝିଙ୍କୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ସୁବର୍ଣ୍ଣ ପଦକ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ସଭାର ଅନ୍ତିମ ପର୍ଯ୍ୟାୟରେ ଶିକ୍ଷୟତ୍ରୀ ରଶ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଦୁର୍ଘଟଣାରେ ଗୁରୁତର ହେଲେ ସାମ୍ବାଦିକ

**ଜୟପୁର(ଅମୃତ ମିଡିଆ):** ଦୁର୍ଘଟଣାରେ ଗୁରୁତର ହେଲେ ସାମ୍ବାଦିକ ରାଜେନ୍ଦ୍ର ଗୌଡ । ଆଜି ସକାଳୁ ସେ ଜୟପୁର ଦଶହରା ପଡିଆରେ ପ୍ରାତଃ ଭ୍ରମଣ କରୁଥିବା ବେଳେ ପଛପଟୁ ଏକ ବାଇକ ଧକ୍କା ଦେଇଥିଲା । ଫଳରେ ସେ ତଳେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ଚନ୍ଦ୍ର ଶେଖର ତ୍ରିପାଠି, ଟି ଗୌରି ଶଙ୍କର, ରବି ନାୟକ, ଚନ୍ଦ୍ର କାନ୍ତ ସୁତାର ଉଠାଇ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହିଦ ଲକ୍ଷ୍ ?ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଧକ୍କା ଦେଇଥିବା ଯୁବକ ଜଣକ ଗୌଡ ଙ୍କ ସମ୍ପର୍କୀୟ ଭାଇ ହେବ ବୋଲି ଜଣାଯାଇଛି । ପୁବ ଶତ୍ରୁତା କୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା କୁହାଯାଉଛି । ବାଇକ ଚାଳକ ମଧ ଗୁରୁତର ହୋଇଥିବା ବେଳେ ତାଙ୍କୁ ମଧ ଜୟପୁର ଠାରୁ କୋରାପୁଟ ସ୍ଥାନାନ୍ତର କରାଯାଇ ଥିବା ଜଣାଯାଇଛି ।

# ବାନାମ୍ବର ସାହୁଙ୍କ ବିୟୋଗରେ ଶୋକସଭା

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଅବସରପ୍ରାପ୍ତ ଶିକ୍ଷକ, ସମାଜସେବୀ ବାନାମ୍ବର ସାହୁଙ୍କ ବିୟୋଗରେ ଦୁହୁରିଆସ୍ଥିତ ଶିକ୍ଷକ ସଙ୍ଘ କାର୍ଯ୍ୟାଳୟରେ ଏକ ଶୋକସଭା ମଦନମୋହନ ବେହେରାଙ୍କ ଆହ୍ୱାନରେ ତପନ କୁମାର ସିଂହ, ହେମନ୍ତ ଜେନା, କାର୍ତିକ ଚରଣ ନାୟକ, ନିର୍ମଳ ନାୟକଙ୍କ ସମେତ ବହୁ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସମେତ ଉତ୍କଳ ସମ୍ମିଳନୀର କର୍ମକର୍ତାମାନେ ଯୋଗଦେଇ ବାନାମ୍ବରବାବୁଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଚୌଦ୍ୱାର ବିଜେଡିରେ ଅର୍ପଣ ରଥର ଲିଫଲେଟକୁ ନେଇ ଚର୍ଚ୍ଚା

**ଚୌଦ୍ୱାର (ଅମୃତ ମେଡ଼ିଆ) :** ସାରା ଓଡ଼ିଶାରେ ତଥା କଟକ ଜିଲ୍ଲା ରେ ଅର୍ପଣ ରଥ ପଞ୍ଚାୟତ୍ର ଗାଁ ଗାଁ ସହିତ ପୌରପାଳିକାର ବିଭିନ୍ନ ୱାର୍ଡ ରେ ପରିକ୍ରମା କରି ମୁଠି ଚାଉଳ ସଂଗ୍ରହ କରୁଥିବା ବେଳେ ଏହାକୁ ନେଇ ଚୌଦ୍ୱାର ରେ ଭିନ୍ନ ଚର୍ଚ୍ଚା ଚାଲିଛି, ଦଳୀୟ କନ୍ଦଳ ପଦ୍ଧାରେ ପଡିଛି,୩୮ ଲକ୍ଷ ଟଙ୍କାରେ ୩ ଦିନ ରଥ ବୁଲିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି, ଏକ ସାମ୍ବାଦିକ ସମ୍ମିଳନୀରେ ୧୨ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଲିଫଲେଟ ରେ ଲେଖା ହୋଇ ପ୍ରଚାର କରା ଯାଇଥିଲା, କିନ୍ତୁ ୧୦ ଓ ୧୯ ନମ୍ବର ୱାର୍ଡ ପାଇଁ ତାରିଖ ଉପାଧ୍ୟକ୍ଷ ପରିବର୍ତ୍ତନ କରିଥିଲେ ବୋଲି ଆଲୋଚନା ହେଉଛି, ଏ ଘଟଣା ପ୍ରାକ୍ତନ ବିଧାୟକ ଜାଣିଥିଲେ, କିନ୍ତୁ ଦଳରେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ପସନ୍ଦ ନକରି ଉପାଧ୍ୟକ୍ଷ ଙ୍କ ଅନୁପସ୍ଥିତି ରେ ତାଂକ ୱାର୍ଡରେ ରଥ ବୁଲାଇଥିଲେ, ଦଳ ଭିତରେ ଥିବା କନ୍ଦଳ ର ଏହା ପ୍ରଭାବ ବୋଲି ଚର୍ଚ୍ଚା ହେଉଛି,ଅନ୍ୟ ପକ୍ଷରେ ପ୍ରତି ୱାର୍ଡକୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ମୁଖ୍ୟ ଟେଣ୍ଡର ଧାରୀକୁ ବାହାନା କରି ଦଳୀୟ କର୍ମୀ ଓ ଠିକାଦାତ ଲୁଟ କରିଚାଲିଛନ୍ତି ବୋଲି ଦଳୀୟ ମହାଲରେ ଟୁପୁରୁ ଟାପର ଚାଲିଛି ।

# ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା

**କେନ୍ଦ୍ରାପଡ଼ା (ଅମୃତ ମିଡିଆ):** କେନ୍ଦ୍ରାପଡାର ସମାଜସେବୀ ତଥା ବିଜେଡି ନେତା ଇଂ ମୁରଲୀଧର ସେଠୀ ଆୟୁର୍ବେଦ ଚିକିତ୍ସକ ସ୍ୱର୍ଗତ ରାଜକିଶୋର ତ୍ରିପାଠୀ, ଜିଲ୍ଲା ବିଜେଡିର ଉପସଭାପତି ସ୍ୱର୍ଗତ ଦେବଦାସ ମହାନ୍ତି, ବରିଷ୍ଠ ବିଜେଡି ନେତା ସ୍ୱର୍ଗତ ଶୈଳେନ୍ଦ୍ର ନାରାୟଣ ଦାସ ଓ ଶିକ୍ଷକନେତା ସ୍ୱର୍ଗତ ବାନାମ୍ବର ସାହୁଙ୍କ ବାସଭବନକୁ ଯାଇ ସେମାନଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏଥିସହିତ ସେମାନଙ୍କ ପରିବାରଜନଙ୍କୁ ଭେଟି ସମବେଦନା ଜଣାଇଥିଲେ । ଇଂ ସେଠୀଙ୍କ ସହିତ ତଫୁର, ରଞ୍ଜନ ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଚ୍ୟୁତାନନ୍ଦ ସମବାୟ ସମିତିରେ ଧାନ ମଣ୍ଡି ଖୋଲିଲା



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିଶ୍ଚିନ୍ତକୋଇଲି ଶାଖା ଅଧିନରେ ଥିବା ଅଚ୍ୟୁତାନନ୍ଦ କୃଷି ଋଣ ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷର ଧାନ ମଣ୍ଡିତ ଉଦଘାଟିତ ହୋଇଛି । ସମିତିର ଭାରପ୍ରାପ୍ତ ସମ୍ପାଦକ ଶିଶିର କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ସମିତିର ସଭାପତି ଅଚ୍ୟୁତାନନ୍ଦ ଦାସ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିବା ବେଳେ ଉପସ୍ଥିତ ଚାଷୀମାନଙ୍କୁ ଧାନ କିଣା ସମୟରେ ସରକାରଙ୍କ ନୀତିନିୟମକୁ ମାନିବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ସଭ୍ୟ ରତିକାନ୍ତ ଭୂୟାଁ, ଚନ୍ଦ୍ରକାନ୍ତ ପରିଡ଼ା, କାଳନ୍ଦୀଚରଣ ଭୂୟାଁ, ଶରତଚନ୍ଦ୍ର ସାମଲ, ପ୍ୟାଡ଼ି କମିଟିର ସଭାପତି ବିଶ୍ୱେନ୍ଦୁ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ଆରଏମସି ପକ୍ଷରୁ ମାନ ନିର୍ଦ୍ଧାରକ ବ୍ରଜମୋହନ ପଣ୍ଡା ଚାଷୀମାନଙ୍କର ଧାନର ମାନ ତଦାରଖ କରିବା ପରେ ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ଠାରୁ ୪୦୮ କ୍ୱି□ାଲ ଧାନ ସଂଗ୍ରହ କରାଯାଇଥିଲା ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ଶିଳାନ୍ୟାସ



**ଟାଙ୍ଗୀ-ଚୌଦାର(ଅମୃତ ମିଡିଆ):** ଚୌଦ୍ୱାର ପୌର ପାଳିକା ରେ ରାସ୍ତାର ବିଭିନ୍ନ ଉନ୍ନତି କରଣ ନିମନ୍ତେ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି । ୫୫ ଜାତୀୟ ରାଜପଥ ନିକଟ ୧୬ ନମ୍ବରୱାର୍ଡ ସ୍ଥିତ ଧୂମାବତୀ ଛକ ଠାରୁ ନୁଆପାଟଣା ଛକ ପର୍ଯ୍ୟନ୍ତ ରାସ୍ତାଟି ଯାହାକି ପୁରୁଣା କଟକ ସମ୍ବଲପୁର ରାସ୍ତା ନାମରେ ନାମିତ ହୋଇଛି ଉକ୍ତ ରାସ୍ତାର ଉନ୍ନତି କରଣ ଓ ସମ୍ପ୍ରସାରଣ ନିମନ୍ତେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଶିଳାନ୍ୟାସ କରିଥିଲେ । ରାସ୍ତା ଓ ଗୃହନିର୍ମାଣ ବିଭାଗ ଦାରା ୨୩ କୋଟି ୫୫ ଲକ୍ଷ ୧୧ ହଜାର ୬୧୧ଟଙ୍କା ବ୍ୟୟରେ ଏହାର ଉନ୍ନତି କରଣ କରାଯିବ । ସେହିପରି ଆଗ୍ରହାଟ ପଞ୍ଚାୟତ ଅନ୍ତର୍ଗତ ବୁଢ଼ାଲିଙ୍ଗ ଠାରୁ କୁଜିବର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ମଧ ବିଧାୟକ ଶ୍ରୀ ବିଶ୍ୱାଳ ଶିଳାନ୍ୟାସ କରିଥିଲେ । ୫ କିଲୋମିଟରର ଦିର୍ଘ୍ୟ ଓ ୩.୭୫ ମିଟର ଓସାର ବିଶିଷ୍ଟ ରାସ୍ତାଟି ଆରଡି ବିଭାଗ ଦ୍ୱାରା ୩ କୋଟି ୭୪ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାଟି ଛଅ ମାସ ଅବଧି ଭିତରେ ଏହାର କାର୍ଯ୍ୟ ସରିବ ବୋଲି ବିଧାୟକଙ୍କ ପକ୍ଷର କୁହାଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ଚୌଦାର ସେହିପରି ଆଗ୍ରହାଟ ପଞ୍ଚାୟତ ଅନ୍ଧୁର୍ଗତ ବୁଢ଼ାବଳଙ୍ଗ ଠାରୁ କୁଜିବର ପର୍ଯ୍ୟନ୍ତୁ ରାସ୍ତାର ଉନ୍ନତି କରଣ ନିମନ୍ତେ ମଧ୍ୟ ବିଧାୟକ ଶ୍ରୀ ବିଶ୍ୱାଳ ଶିଳାନ୍ୟାସ କରିଥୁଲେ । ୫ କିଲୋମିଟର ଦୈର୍ଘ୍ୟ ଓ ୩.୭୫ ମିଟର ଓସାର ବିଶିଷ୍ଟ ରାସ୍ତାଟି ଆରଡି ବିଭାଗ ଦ୍ରାରା ୩ କୋଟି ୭୪ ଲକ୍ଷ ଟଙ୍କା ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାଟି ୬ ମାସ ଅବଧି ଭିତରେ ଏହାର କାର୍ଯ୍ୟ ସରିବ ବୋଲି ଆରଡି ବିଭାଗ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ପୌରପାରିଷଦ ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ମାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ,ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡା,ଆର ଆଣ୍ଡ ବି ଓ ଆରଡି ବିଭାଗର ଅଧିକାରୀ, ଟାଙ୍ଗୀ ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ,ଅର୍ଜିନି ବେହେରା, ଅଜୟ ବେହେରା, ସୁବ୍ରତ ସାମଲ, ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଟି.ପି .ଏସ୍. ଓ. ଡି.ଏଲ୍.ର ସଡ଼କ ସୁରକ୍ଷା ସଚେତନତା ମୋଟରସାଇକେଲ ଯାତ୍ରା




**ଜୟପୁର (ଅମୃତ ମିଡିଆ) :** ଟି.ପି .ଏସ୍. ଓ. ଡି. ଏଲ୍. ଜୟପୁର ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ମୋଟର ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ଟି.ପି.ଏସ୍.ଓ.ଡି.ଏଲ୍., ଉପ ସାଧାରଣ ପରିଚାଳକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ ଜୟପୁର ଠାରୁ ଭାୟା ଗାନ୍ଧି ଛକ ଦେଇ ରାଜାନଗର ଛକ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମୋଟର ସାଇକେଲ ଯାତ୍ରା କାର୍ଯ୍ୟକ୍ରମ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ୱାବଧନରେ ହୋଇଥିଲା। ନିର୍ବାହୀ ଯନ୍ତ୍ରୀ ଶ୍ରୀ ବରୁଣ ଚୌଧୁରୀ ସଡକ ସୁରକ୍ଷା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇ କର୍ମଚାରୀଙ୍କୁ ଓ ଜନସାଧାରଣଙ୍କୁ କହିଥିଲେ ଆସନ୍ତୁ ସଡକ ସୁରକ୍ଷାର ହିରୋ ହୁଅନ୍ତୁ ଶେଷରେ ସବୁଜ ପତାକା ଦେଖାଇ ସଡକ ସୁରକ୍ଷା ଯାତ୍ରାର ଶୁଭାରମ୍ଭ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ ଅନିରବାନ କୁଣ୍ଡୁ ଓ ସୌମ୍ୟ ରଞ୍ଜନ ଲେଙ୍କା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ଥିଲେ ପରିମଲ ପଲ, ରଞ୍ଜନ କୁମାର ମଲ୍ଲିକ, ବିଚିତ୍ର କୁମାର ବେହେରା,ରିତେଶ ମିଶ୍ର, ବିପିନି ଗିରି, ରାଜ କମର, ଜ୍ଞାନ ରଞ୍ଜନ ରାଉତ, ଆଲୋକ କୁମାର ନାୟକ,ମୋହର ସାହୁ,ଦେବାଶିଷ ସାହୁ ଓ ରମାକାନ୍ତ ସାହୁ। ସରକାରଙ୍କ ବହୁଳ ପ୍ରଚାର ସତ୍ତ୍ୱେ ସଡକ ଦୁର୍ଘଟଣା ରୋକିବାର ନାଁ ନେଉ ନାହିଁ ତେଣୁ ଏହି ସଚେତନତା ବାର୍ତ୍ତା ମାଧ୍ୟମରେ ଯଦି ଜନସାଧାରଣମାନେ ସଡକ ସୁରକ୍ଷା ନିୟମ ମାନି ଚଳିବେ ତେବେ ଧନଜୀବନ ରକ୍ଷା କରାଯାଇ ପାରିବ, ଯାହା ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# ସପ୍ତସ୍ୱର କଳାକେନ୍ଦ୍ର ସ୍ଥାପନ ନିମନ୍ତେ ପ୍ରସ୍ତୁତି

**ବ୍ରହ୍ମପୁର / ବେଲଗୁଣ୍ଠା (ଅମୃତ ମିଡିଆ) :** ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ବରିଷ୍ଠ କଳାକାର ସଂଘ ଦ୍ୱାରା ପ୍ରସ୍ତାବିତ 'ସପ୍ତସ୍ୱର କଳାକେନ୍ଦ୍ର' ପ୍ରତିଷ୍ଠା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରୀଶ୍ରୀ ବୈକୁଣ୍ଠନାଥ ସ୍ୱାମୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବୈଠକରେ ସଂଘ ବ୍ଲକ୍ ସଭାପତି ସୁରେନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିବା ବେଳେ ସର୍ବଶ୍ରୀ ନାରାୟଣ ଗୌଡ, ଶିବରାମ ରାଉତ, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ଗୌଡ, ରାଜେନ୍ଦ୍ର ମହାପାତ୍ର, ରମେଶ ଗୌଡ, ପ୍ରକାଶ ଭୂୟାଁ ପ୍ରମୁଖ ବ୍ଲକ୍ କର୍ମକର୍ତ୍ତା ତଥା ସଦସ୍ୟଗଣ ଉପସ୍ଥିତ ରହି ପ୍ରସ୍ତାବିତ କଳାକେନ୍ଦ୍ରର ଆବାସ ନିର୍ମାଣ ଓ ପରିଚାଳନା ସହିତ ସଂଘ ଗୃହ ନିର୍ମାଣ, ବାର୍ଷିକୋତ୍ସବ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ସଂଘ ଗୃହ ଓ କଳାକେନ୍ଦ୍ର ସ୍ଥାପନ ଆଞ୍ଚଳିକ କଳାସଂସ୍କୃତିର ବିକାଶ ସହିତ ପ୍ରାନ୍ତିୟ ସଂସ୍କୃତିକୁ ପରିପୁଷ୍ଟ କରିବାରେ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା । ସଂଘ ସଂପାଦକ ରଞ୍ଜିତ କୁମାର ପାତ୍ର ସ୍ୱାଗତ ଭାଷଣ ସହ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ଭୂୟାଁ, ରଙ୍କନିଧି ଗୌଡ, ଗଣେଶ ରାଉତ, ରମେଶ ଜେନା ପ୍ରମୁଖ ସହଯୋଗ କରିଥିବା ବେଳେ ପରିଶେଷରେ ବ୍ଲକ୍ ସଂଯୋଜକ ଈଶ୍ୱର ଗୌଡ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନନ୍ଦପୁରକୁ ରେଳ ସଂଯୋଗୀକରଣ ନେଇ ଦାବିପତ୍ର

**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡକୁ ନୂତନ ଭାବେ ରେଳ ସଂଯୋଗୀକରଣ ପାଇଁ ଆନନ୍ଦପୁର ଉପଖଣ୍ଡର ଯୁବ ବିଜେଡି ନେତା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟର ମାଧ୍ୟମରେ ଦାବି କରିଥିବା ଜଣାଯାଇଛି । ଯୁବ ନେତାଙ୍କ ଦାବୀ ଅନୁସାରେ ଓଡ଼ିଶାରେ ସମସ୍ତ ଜିଲ୍ଲା ଅପେକ୍ଷା କେନ୍ଦୁଝର ଜିଲ୍ଲା କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ପୈଠ କରୁଅଛି । କେନ୍ଦୁଝର ରେଳ ଷ୍ଟେସନ ଠାରୁ ଆନନ୍ଦପୁର ଉପଖଣ୍ଡ ୯୦ କିମି ରୁ ଉର୍ଦ୍ଧ ରାସ୍ତା ହେଇଥିବା ବେଳେ ଆନନ୍ଦପୁର ବାସୀ ଆଜି ପର୍ଯ୍ୟନ୍ତ କେନ୍ଦୁଝର ଯାଇ ରେଳ ସୁବିଧା ଉପଭୋଗ



କରିପାରିନାହାନ୍ତି । ଆନନ୍ଦପୁର ଠାରୁ କେନ୍ଦୁଝର, ଭୁବନେଶ୍ୱର, ଦିଲ୍ଲୀ, କଲିକତା ଏବଂ ବିଭିନ୍ନ ଦୂରଦୂରାନ୍ତର ସହରଗୁଡିକୁ ଗମନାଗମନ ପାଇଁ ରେଳ ଗାଡିର ବ୍ୟବସ୍ଥା ନ ହୋଇ ଥିବାରୁ ଦୀର୍ଘଦିନ ହେବ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରନ୍ତି । ଏହି ସବୁ ଅସୁବିଧାକୁ ସମାଧାନ କରିବା ଦିଗରେ ଆନନ୍ଦପୁର ଉପଖଣ୍ଡର ଜନସାଧାରଣଙ୍କ ସେବାରେ ସଦାସର୍ବଦା ନିୟୋଜିତ ଥିବା ଯୁବ ବିଜେଡି ନେତା ଇଂ. ବିଶ୍ୱନାଥ ପ୍ରତାପ ଜେନା ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରେଳମନ୍ତ୍ରୀ, ୫ -ଟି ସଚିବଙ୍କୁ ଟୁଇଟର ମାଧ୍ୟମରେ ଆନନ୍ଦପୁରକୁ ରେଳ ସଂଯୋଗ କରିବାକୁ ଦାବି ଜଣାଇଛନ୍ତି । ଯାହାଦ୍ୱାରା ଆନନ୍ଦପୁର ବାସିନ୍ଦା ଭାରତ ସରକାରଙ୍କ ରେଳ ସୁବିଧା ପାଇବା ସହ ସେମାନଙ୍କ ଦୀର୍ଘ ଦିନର ଅସୁବିଧା ସବୁଦିନ ପାଇଁ ଦୂର ହେଇପାରନ୍ତା ।

## ପରିବେଶ ସୁରକ୍ଷା ସଚେତନତା ନେଇ ସାଇକେଲ ଯୋଗେ ଭାରତ ଭ୍ରମଣରେ ୩ ଯୁବକ

# ଜାତୀୟ ରାଜପଥରେ ସ୍ୱାଗତ ଜଣାଇଲେ ଯୁବ କାଉନସିଲର

**ଛତ୍ରପୁର (ଅମୃତ ମିଡିଆ):** 'ପରିବେଶ ସୁରକ୍ଷା -ଜୀବନ ରକ୍ଷା' ସଚେତନତା ନେଇ ସାଇକେଲ ଯୋଗେ କଲିକତା ରୁ ୩ ଜଣ ଯୁବକ ସାଇକେଲ ଯୋଗେ ସାରା ଭାରତ ଭ୍ରମଣ ରେ ବାହାରିଛନ୍ତି,ତାଙ୍କୁ ସୋମବାର ଛତ୍ରପୁର ନିକଟ ଜାତୀୟ ରାଜପଥରେ ସ୍ୱାଗତ ଜଣାଇଛନ୍ତି ଛତ୍ରପୁର ଏନଏସିର ୧୦ନଂ ୱାର୍ଡ କାଉନସିଲର ତଥା ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦେବାଶିଷ ମିଶ୍ର । ଗତ ଡିସେମ୍ବର ମାସ ୨୨ ତାରିଖ ଦିନ କଲିକତା ର ରାହୁଲ ବାସଡ଼ି, ସମର ମହାତ ଓ ଶୁଭଜିତ ମଣ୍ଡଳ ସାଇକେଲ ଯୋଗେ ସାରା ଭାରତ ଭ୍ରମଣ ବାହାରି 'ପରିବେଶ ସୁରକ୍ଷା- ଜୀବନ ରକ୍ଷା'



ନେଇ ସଚେତନତା କରୁଛନ୍ତି । ଏହା ସହ ସେମାନେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ପାଇଁ ଆଶା ରଖିଥିବା ସେମାନେ କହିଛନ୍ତି । ଯୁବ କାଉନସିଲର ଶ୍ରୀ ମିଶ୍ର ତାଙ୍କୁ ଥଣ୍ଡା ପାନୀୟ ଦେଇ ସ୍ୱାଗତ କରିବା ସହିତ ତାଙ୍କର ଏଭଳି ମହତ କାର୍ଯ୍ୟ କୁ ଭୂୟସୀ ପ୍ରଶଂସା କରିଥିଲେ ।

# ୧୮ ଜାନୁୟାରୀରୁ ଗଞ୍ଜାମ ଜିଲ୍ଲା ପ୍ରାଣୀଚିକିତ୍ସକଙ୍କ ସମୂହ ଛୁଟି ନିଷ୍ପତ୍ତି

**ଛତ୍ରପୁର (ଅମୃତ ମିଡିଆ) :** ପ୍ରାଣିଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣିଚିକିତ୍ସା ସେବା ସଂଘ ତରଫରୁ ବିଗତ ବର୍ଷ ବର୍ଷ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି କର୍ଣପାତ ନକରିବା ପରିତାପର ବିଷୟ ।

ଗଞ୍ଜାମ ଜିଲ୍ଲା ପ୍ରାଣିଚିକିତ୍ସା ସେବା ସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣିପାଳନର ପରିଭାଷା ବଦଳିଛି । ପ୍ରାଣିପାଳକମାନେ ଆଜିର ସମୟରେ ବଡ ବଡ ସଂଗଠିତ ଫାର୍ମ ତିଆରି କରି ଅଧ ?କ ସଂଖ୍ୟାରେ ପ୍ରାଣିପାଳନ କରୁଛନ୍ତି ତଥା ଦେଶୀ ପ୍ରାଣୀସମ୍ପଦ ସ୍ଥାନରେ ଆଜି ବିଦେଶୀ ଓ ଉନ୍ନତ ପ୍ରଜାତିର ପ୍ରାଣିପାଳନ କରାଇଛନ୍ତି । ତାହା ସହିତ ସହରିକରଣ, ଔଦ୍ୟୋଗିକରଣ ଓ ସୂଚନା-ପ୍ରଯୁକ୍ତି ବିଦ୍ୟାର ପ୍ରଭୃତ ପ୍ରଗତି ମଧ୍ୟ ରାଜ୍ୟରେ ପ୍ରାଣିପାଳନ ବ୍ୟବସ୍ଥାକୁ ବହୁ ପରିମାଣରେ ପ୍ରଭାବିତ କରିଛି । ଆଜି ପ୍ରାଣିପାଳକମାନେ ନିଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା, ଇତ୍ୟାଦି ଦାବି କରୁଥିବା ବେଳେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିଭାଗରେ ଏପରି ବ୍ୟବସ୍ଥା ନ ଥିବା ଦୁର୍ଭାଗ୍ୟଜନକ । ଏଣୁ ପ୍ରାଣିପାଳକ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥ ?ିବା ବେଳେ ପ୍ରାଣିଚିକିତ୍ସକମାନେ ବିନା ଦୋଷରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି । ପାଖାପାଖୁ ୪୦% ଅଧସ୍ତନ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଛି, ଯାହାକି ପ୍ରାଣିଚିକିତ୍ସକ ମାନଙ୍କୁ ଅଧ ?କ ଚାପଗ୍ରସ୍ତ କରିଛି । ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ ସରକାରୀ କାମ ପାଇଁ ବାଧ କରାଯିବା, କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକ ମାନଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ କରାଯିବା ଇତ୍ୟାଦି ଯୋଗୁଁ ଆଜି ରାଜ୍ୟର ପ୍ରାଣୀ ଚିକିତ୍ସକ ମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି । ସେଥିପାଇ ପ୍ରାଣିପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ସେଥିପାଇଁ ଆବଶ୍ୟକ କ୍ୟାଡ଼ର ପୁନର୍ଗଠନ ପାଇଁ ସଂଘ ଦାବି କରିଛି । ତତ୍ ସହିତ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ସଂଘ ତରଫରୁ ଦାବି କରାଯାଇଛି । ପରିଶେଷରେ କରିରଖିବାର ଅଛି ଯେ ଶିକ୍ଷାଗତ ଓ ବୃତ୍ତିଗତ ସମାନତା ଆଧାରରେ ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ସାଧାରଣ ବର୍ଗ ଡାକ୍ତର ଓ ପ୍ରାଣିଚିକିତ୍ସକ ମାନଙ୍କପାଇଁ ସମାନ ଦରମା ଓ ପଦୋନ୍ନତି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବହୁବାର ସଂଘ ସହିତ ଆଲୋଚନା କରି ଉପରୋକ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଆଦୃଷ୍ଟିଆ ପଦକ୍ଷେପ ନିଆ ନ ଯାଇ କେବଳ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି । ଜାନୁଆରୀ ୧୭ ତାରିଖ ମଧ୍ୟରେ ଯଦି ସରକାର ସେମାଙ୍କର ଅଭିଯୋଗ ଗୁଡିକୁ ବିଚାର କରି ଯଥୋଚିତ ବିଜ୍ଞପ୍ତ ପ୍ରକାଶ ନ କରନ୍ତି ତେବେ ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରାଣୀଚିକିତ୍ସକ ଏକକାଳୀନ ୧୮ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଜିଲ୍ଲା ସଂଘର ପ୍ରତିନିଧିମାନେ ଆଜି ଜଣାଇଛନ୍ତି ।

# ସୁଲଣ ଓ ଅଁରା ପଞ୍ଚାୟତରେ ଗଡ଼ିଲା ଅର୍ପଣ ରଥ

## ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ସମଗ୍ର ଅଞ୍ଚଳ





**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ରବିବାର ଦିନ ସୁଲଣ ଓ ଅଁରା ପଞ୍ଚାୟତରେ ଗଡ଼ିଲା ଜୟ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ରଥ । ସୁଲଣ ପଞ୍ଚାୟତର ସରପଞ୍ଚ ମନୀଷାରାଣୀ ସାଙ୍କ ସଂଯୋଜନାରେ ପିଓ ଓ ଜିଆରଏସଙ୍କ ସହ ଶତାଧିକ ଏସଏସଜି ମହିଳା ମାନେ ଉପସ୍ଥିତ ରହି ରଥକୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ । ରଥଟି ବିରିଡି, ଆବୁଲୁପୁରା, ଜଳସରପୁର, ସୁଲଣ ପରି ସମସ୍ତ ଗ୍ରାମ ପରିକ୍ରମା କରିଥିବା ଦେଖାଦେଇଛି । ଗାଁ ଦାଣ୍ଡରେ ଝୋଟି, ମୁରୁଜ, କଳସ ଥୋଇ ରଥକୁ ପୂଜା ଅର୍ଚ୍ଚନା ସହ ଗୌରଭକ୍ତ ମାନଙ୍କ ଦ୍ୱାରା ଆୟୋଜିତ ରାମ ଧ୍ୱନିରେ କମ୍ପିଉଠିଲା ସୁଲଣ ପଞ୍ଚାୟତ । ସରପଞ୍ଚ ମନୀଷାରାଣୀ ସା ଜଗନ୍ନାଥ ଅର୍ପଣ ଟୋକେଇକୁ ମୁଣ୍ଡେଇ କରି ପଞ୍ଚାୟତ ଗାଁ ଦାଣ୍ଡରେ ଚାଲିଥିବା ବେଳେ ଲୋକେ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ । ଏଥିରେ ସମାଜସେବୀ ପ୍ରୀତି ପ୍ରକାଶ ମଲ୍ଲିକ, ବିଜୟ ଲେଙ୍କାଙ୍କ ସହ ବିଭିନ୍ନ ୱାର୍ଡ଼ ମେମ୍ବର ମାନେ ଯୋଗଦେଇଥିଲେ । ସେହିପରି ଅଁରା ପଞ୍ଚାୟତରେ ବେଲବନ୍ଧ, ବେଙ୍ଗାତିର, ବୃନ୍ଦାବନପୁର, ତୁମ୍ବାବନି ପାଟଣା, ଯାମିତିରା, ମଧୁରଗଡ଼ିଆ ଓ ଅଁରା ପରି ବିଭିନ୍ନ ଗାଁ ଗୁଡିକରେ ଜୟ ଜଗନ୍ନାଥ ରଥ ପରିକ୍ରମା କରିଥିଲା । ସ୍ଥାନୀୟ ସରପଞ୍ଚ ମମତା ବେହେରା, ନାଏବ ସରପଞ୍ଚ ହିମାଂଶୁ କୁମାର ଜେନା, ପ୍ରଦୀପ କୁମାର ଜେନା, ଜୟନ୍ତ କୁମାର ସ୍ୱାଇଁ, ପ୍ରିୟବ୍ରତ ସ୍ୱାଇଁ, ସତ୍ୟବ୍ରତ ଜେନା, ବସନ୍ତ କୁମାର ରାହୁଳ, ସନ୍ତସ କୁମାର ମାଝୀ, ସାରଙ୍ଗ ଧର ସୁତାର, ଉମାକାନ୍ତ ଖଣ୍ଡେଇ, କାହ୍ନୁ ଚରଣ ପରିଡ଼ା, ସମସ୍ତ ୱାର୍ଡ଼ମେମ୍ବର ଓ ଶତାଧିକ ଏସଏସଜି ମହିଳା ସାମିଲ ହୋଇ ସଂକୀର୍ତନ କରି ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ ।

# ପୁଅର ଗୋଡ଼ରେ ଶିକୁଳି, ଯନ୍ତ୍ରଣାରେ କଷ୍ଟ ଭୋଗୁଛନ୍ତି ପରିବାର

## ଘରର ସମସ୍ତ ସଦସ୍ୟ ମାନସିକବିକୃତ

**ଅସ୍ତରଙ୍ଗ (ଅମୃତ ମିଡିଆ):** ନାଁ କଅଁଳ ବୟସ, ନାଁ କଅଁଳ ମୁହଁ । ଗୋଟିଏ ଭେଣ୍ଡିଆ ପୁଅର ସେବା କରୁଛନ୍ତି ବୃଦ୍ଧ ବୟସରେ ଦାଦା ଦେବେନ୍ଦ୍ର ଲେଙ୍କା । ହାତ ଧରାଇ ଚଳାଉଛନ୍ତି ଦାଦା । ପୁତୁରା ଗୋଡ଼ରେ ଲୁହାର ଶିକୁଳି ପଡିଛି । ଯେଉଁ ମାନେ ହୁଏତ ଦୃଶ୍ୟ ହୁଏତ ଦେଖିଲେ ଆପଣଙ୍କୁ ବାଧ୍ୟ କରିବ ପୁତୁରା ବୟସ ଓ ଦାଦା ବୟସ ବିଷୟରେ ଭାବିବାକୁ । କିନ୍ତୁ ବୃଦ୍ଧ ବୟସରେ ଦାଦା ଦେବେନ୍ଦ୍ରଙ୍କ ମୁଣ୍ଡରୁ ଝାଳ ପୋଛିବା ବଦଳରେ ଦାଦା ପୁତୁରା ବଟକୃଷ୍ଣ ଲେଙ୍କା (ମାନସିକ ବିକୃତ :ବୟସ ୪୦)ସମସ୍ତ ଙ୍କ ସେବା କରୁଛନ୍ତି । ଭେଣ୍ଡିଆ ପୁତୁରା ଶିକୁଳିରେ ବନ୍ଧା ହୋଇପଡିଛି. ଦାଦା ଦେବେନ୍ଦ୍ର କେତେ କଣ ଭାବିଥିଲେ ପୁତୁରା ବଟକୃଷ୍ଣ ବି. କମ୍ ପାଠ



ପଢିଛନ୍ତି । ପୁତୁରା ଅଛି ବୃଦ୍ଧ ବୟସରେ ପୋଷିବା ବଦଳରେ ଶିକୁଳି ବନ୍ଧା ହୋଇଛି । ଅନ୍ୟ ପଟେ ଦେବେନ୍ଦ୍ର ଲେଙ୍କା ଉପରେ ବୋଝ ଉପରେ ବୋଝ ଭଳି ଭାଇ ରାଜକିଶୋର ଲେଙ୍କା ଦେହାନ୍ତ ପରେ ରାଜକିଶୋରଙ୍କ ପତ୍ନୀ କାଞ୍ଚନ ବେଓ୍ୱା(୬୦), ଝିଅ ଡଲି ଲେଙ୍କା (୩୫)ଓ ପୁଅ ବଟକୃଷ୍ଣ ଲେଙ୍କା ୪୦)୩ ଜଣ ମାନସିକ ବିକୃତ ହୋଇଥିବା ବେଳେ ଦେବେନ୍ଦ୍ର ସମସ୍ତଙ୍କ ସେବା କରିବାରେ ଲାଗିଛନ୍ତି

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଂଚାୟତ ଅଧିନସ୍ତ ବରପଦା ଗ୍ରାମର ଦେବେନ୍ଦ୍ର ଲେଙ୍କା, ଭାଇ ରାଜକିଶୋରଙ୍କ ଦେହାନ୍ତ ପରେ ଏହିଭଳି ଭାବେ ମାନସିକ ବିକୃତଙ୍କ ସେବା କରୁଛନ୍ତି । ସରକାରଙ୍କ କେତେ କଣ ଯୋଜନା ମାତ୍ର ଅସହାୟ ୩ ମାନସିକ ବିକୃତଙ୍କୁ କୌଣସି ସହାୟତା ହେଉ ଅବା ପ୍ରଶାସନ ତରଫରୁ ବନ୍ଦୋବସ୍ତ କରାଇଲେ ଗ୍ରାମବାସୀ ଖୁସି ହେବେ । ଏ ବିଷୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି ଗଣ ମାଧ୍ୟମ ପ୍ରତିନିଧି ଠାରୁ ଏ ସମ୍ପର୍କରେ ଖବର ପାଇଲେ ଖୁବ ଶୀଘ୍ର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦାରଖ କରିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ । ତେବେ ଆଜକୁ ପନ୍ଦର ବର୍ଷ ହେବ ବଟକୃଷ୍ଣ, ଭଉଣୀ ଡଲି ଓ ମା କାଞ୍ଚନ ମାନସିକ ବିକୃତ ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ କେବେ ପ୍ରଶାସନ ନଜର ପଡୁଛି ତାହା ହିଁ ଅପେକ୍ଷା ।

# ନିରାଡ଼ମ୍ବର ଭାବେ ମକରମେଳା ମହୋତ୍ସବ ପାଳିତ



**ହିନ୍ଦୋଳ (ଅମୃତ ମିଡିଆ) :** ସାରା ରାଜ୍ୟରେ ଗାଁ ଗଣ୍ଡା ମାନଙ୍କରେ ହିନ୍ଦୁତ୍ୱ କୁ ଜାହିର କରିବା ପାଇଁ ଧୁମ୍ ଧାମରେ ମକର ସଂକ୍ରାନ୍ତି ପର୍ବ ପାଳନ ହେଉଥିବା ବେଳେ ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମର କ୍ଷେତ୍ରପାଳ ସାହି ନିକଟରେ ଥିବା ପ୍ରଭୁ କ୍ଷେତ୍ରପାଳ ଙ୍କ ମନ୍ଦିରରେ ଗ୍ରାମବାସୀଙ୍କ ସହଯୋଗରେ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଯୋଗଦାନ କରିଥିଲେ । ସେହିପରି ବାଉଁଶ ପଂଚାୟତର ଡିହାସାହି ଆଶ୍ରମ ଠାରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଆବାଳ ବୃଦ୍ଧ ବନିତା ସହଯୋଗ କରିବା ସହ ଯୋଗଦାନ କରିଥିଲେ ।

# ଫକୀରମୋହନ ଥିଲେ ଜଣେ ଯୁଗାନ୍ତକାରୀ ସାହିତ୍ୟିକ : ପୂଜ୍ୟ ପୂଜା ସମିତି

**ବ୍ରହ୍ମପୁର (ଅମୃତ ମିଡିଆ) :** ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ସ୍ଥାନୀୟ ବିଜିପୁର କମ୍ୟୁନିଟି ହଲଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଉପଯୁକ୍ତ ମର୍ଯ୍ୟାଦାର ସହ ପାଳନ ହୋଇଯାଇଛି । ଓଡିଶା ନବଜାଗରଣର ଅନ୍ୟତମ ଅଭିବ୍ୟକ୍ତି ଫକୀର ମୋହନଙ୍କ ରଚିତ ଗଳ୍ପ, ଉପନ୍ୟାସ, କବିତା ଆଦି ଏହି ଉନ୍ନତ ଚିନ୍ତାଧାରା ଓ ପ୍ରଗତିଶୀଳ ସାହିତ୍ୟର ବାର୍ତ୍ତାବହ । ଆଜି ଫକୀରମୋହନଙ୍କ ସାହିତ୍ୟର ପ୍ରାୟତଃ ଏକ ଶତାବ୍ଦୀରୁ ଅଧିକ



ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ସମାଜରେ ସେହି ସାମନ୍ତବାଦୀ ମନନ ଅନ୍ଧତା, କୁସଂସ୍କାର, ଅନ୍ଧଧାର୍ମୀକତା, ନାରୀ ନିର୍ଯାତନା, ମଦ୍ୟପାନ, ବାବାମାନଙ୍କ ପ୍ରତି ଆକର୍ଷଣ, ମଣିଷକୁ ପଛକୁ ଟାଣୁଛି କ୍ଷ ଅନ୍ୟପଟେ ଏହି ଅନ୍ଧତା ଗୁଡିକୁ ସୁଚତୁର ଭାବେ ପ୍ରଚାର ମଧ କରାଯାଉଛି । ଶୋଷଣ, ଅତ୍ୟାଚାର ବଢ଼ି ବଢ଼ି ଚାଲିଛି ଏବଂ ସାମାଜିକ ଦାୟିତ୍ୱହୀନତା, ସ୍ୱାର୍ଥପରତା, ଆତ୍ମକୈନ୍ଦ୍ରିକତା, ଅପସଂସ୍କୃତି, ମଦମାଦକତା ଆଦି ଆଜିର ଶିକ୍ଷିତ ଯୁବ ଛାତ୍ରମାନଙ୍କୁ ଧ୍ୱଂସ କରୁଛି । ଏଭଳି ଏକ ସମୟରେ ଆଜି ବି ଫକୀରମୋହନ ସାହିତ୍ୟ ଚର୍ଚ୍ଚାର ପ୍ରାସଙ୍ଗିକତା ରହିଛି କ୍ଷ ଏହି ସାହିତ୍ୟରୁ ପ୍ରୟୋଜନୀୟ ଶିକ୍ଷା ଗ୍ରହଣ କରି ଉନ୍ନତ ନୀତିନୈତିକତା, ରୁଚିସଂସ୍କୃତି, ମୂଲ୍ୟବୋଧର ଭିତ୍ତିରେ ଶୈକ୍ଷିକ ସାଂସ୍କୃତିକ ଆନ୍ଦୋଳନ ଗଢି ତୋଳିବାର ଆବଶ୍ୟକତା ରହିଛି ବୋଲି ପୂଜ୍ୟ ପୂଜା ସମିତି ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି । ସମିତି ସଭାପତି ବଂଶୀଧର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଏସ. ସାମ୍ବଶିବା ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ରାମଚନ୍ଦ୍ର ସାହାଣୀ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଗୌରୀ ଶଙ୍କର ମହାନ୍ତି,ସନ୍ତୋଷ ପାତ୍ର,ଅବନୀ ଗୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ନାଳରେ ପଡ଼ି ଗାଈ ଗୁରୁତର

## ମିଳିତ କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମରେ ଉଦ୍ଧାର

**ବ୍ରହ୍ମପୁର (ଅମୃତ ମିଡିଆ) :** ରେଡିଓ ଷ୍ଟେସନ ଠାରୁ ରମ୍ଭାସାହିଁ ପ୍ରବେଶ ପଥ ପର୍ଯ୍ୟନ୍ତ ନିର୍ମାଣାଧିନ ନୂତନ ଡ୍ରେନରେ ଗତକାଲି ଏକ ଗାଈ ପଡ଼ି ଯାଇ ଗୁରୁତର ଆହତ ଅବସ୍ଥାରେ ଛଟପଟ ହୋଇ ନାଳରୁ ବହାରିନପାରି ଜୀବନ ସହ ସଂଗ୍ରାମ କରୁଥିଲା । ସେହି ବାଟଦେଇ ଯାଉଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ସହ ସମ୍ପାଦକ ବି ଭି ସାଗରଙ୍କ ଦୃଷ୍ଟିରେ ପଡ଼ିଥିଲା । ଏହା ଦେଖି ସେ ତତକ୍ଷଣାତ ପ୍ରାଣୀ ସମ୍ପଦ ବିଭାଗ ସହ ଯୋଗାଯୋଗ କରିଥିଲେ । କିନ୍ତୁ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା । ଫୋନ ରିଙ୍ଗ ହେଉଥିଲେ ମଧ୍ୟ ସେପଟୁ କୌଣସି ପ୍ରତ୍ୟୁତ୍ତର ମିଳିବା ସମ୍ଭବ ହେଇ ପାରିନଥିଲା । ଏହାପରେ ସେ ପଶୁ ପ୍ରେମୀ ତଥା ସାମାଜିକ କର୍ମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ । ଲଲାଟେନ୍ଦୁ ଚୌଧୁରୀଙ୍କ ହସ୍ତକ୍ଷେପ ପରେ ପଶୁ ଓ ପ୍ରାଣୀ ସମ୍ପଦ ବିଭାଗର ଏକ ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲା । ତତପରେ ଗାଇଟିର ଚିକିତ୍ସା ଆରମ୍ଭ ହେଇଥିଲା । ଔଷଧ ଓ ଇଞ୍ଜେକସନ ଦିଆଯିବାର କିଛି ସମୟ ପରେ ଗାଈଟି ଉଠିବାକୁ ଚେଷ୍ଟା କରିଥିଲା । ଗାଈଟିର ଏକ ଆଖି ଗଭୀର କ୍ଷତ ହୋଇ ଥିବା ପରିଦୃଷ୍ଟ ହୋଇଥିଲା । ଏଥି ନିମନ୍ତେ ମିଳିତ କ୍ରିୟାନୁଷ୍ଠାନ କମିଟି ସହ ସମ୍ପାଦକ ବି ଭି ସାଗର କମିଟି ତରଫରୁ ଶ୍ରୀ ଚୌଧରୀଙ୍କୁ ଧନ୍ୟବାଦ୍ ଦେବା ସହ ଗାଈଟିକୁ ଉତ୍ତମ ଚିକିତ୍ସା ଯୋଗାଇ ଦେଇଥିବା ଭେଟେନେରୀ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ଗାଈ ମାଲିକ ମାନେ ଗାଈମାନଙ୍କୁ ନିଜ ଉଖାଡରେ ନରଖି ଏହିଭଳି ଏଣେତେଣେ ଛାଡ଼ି ଦେଉଥିବା ହେତୁ ଅନେକ ସମୟରେ ଗାଈମାନଙ୍କ ଜୀବନ ବିପଦ ଗ୍ରସ୍ତ ହୋଇପଡ଼ିଥାଏ । ଏତଦବ୍ୟତୀତ ବୁଲା ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଥିବାର ନଜିର ରହିଛି ଏବଂ ଦୁର୍ଘଟଣା ମଧ୍ୟ ସମୟ ସମୟରେ ଘଟିଥାଏ । ତେଣୁ ଏ ଦିଗରେ ମହାନଗର ନିଗମ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ଏଭଳି ଅମାନିଆ ଗାଈ ମାଲିକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବ୍ରହ୍ମପୁର ବନଖଣ୍ଡରେ ସରିଲା ପକ୍ଷୀ ଗଣନା, ୧୪୯ ପ୍ରଜାତିର ୨୭ ହଜାର ପକ୍ଷୀଙ୍କ ଆଗମନ

**ବ୍ରହ୍ମପୁର (ଅମୃତ ମିଡିଆ) :** ଚଳିତ ବର୍ଷ ବ୍ରହ୍ମପୁର ବନଖଣ୍ଡରେ ଅନୁଷ୍ଠିତ ହୋଇଥିବା ପକ୍ଷୀ ଗଣନା ଗୁରୁବାର ସମାପ୍ତ ହୋଇଛି । ଏହି ବନଖଣ୍ଡରେ ମୋଟ ୪ ଗୋଟି ବନାଞ୍ଚଳ ରହିଥିବା ବେଳେ ୪୯ ଗୋଟି ଟିମ୍ ଚଳିତ ବର୍ଷ ପକ୍ଷୀ ଗଣନା ପାଇଁ ନିୟୋଜିତ ହୋଇଥିଲେ । ଏହି ଟିମ୍ ଗୁଡ଼ିକ ବନଖଣ୍ଡ ରେ ପକ୍ଷୀଙ୍କ ସମାଗମ ହେଉଥିବା ବିଭିନ୍ନ ସ୍ଥାନ ମାନଙ୍କରେ ନିୟୋଜିତ ରହିଥିଲେ । ଚଳିତ ବର୍ଷ ମୁଖ୍ୟତଃ ବନଖଣ୍ଡ ଅଧିନରେ ଖପରା ଖାଇ, ଲାଞ୍ଜି ଗେଣ୍ଡି, ହଂସରାଳି, ପାଣିଚିରା ଗେଣ୍ଡି, ପାଣି ଚିରା, କୁକୁଭା, ରଙ୍ଗ ଗେଣ୍ଡି, ଧୂସୁରା ଗେଣ୍ଡି,ଗୋଠ ବଗୁଲି, ଗେଣ୍ଡାଳିଆ ପ୍ରଜାତିର ପକ୍ଷି ବହୁମାତ୍ରାରେ



ଦେଖିବାକୁ ମିଳିଛି । ପୂର୍ବ ବର୍ଷ ଭଳି ଚଳିତ ଥର ମଧ ବନଖଣ୍ଡ ର ବାହୁଦା ନଦୀ ଓ ସମୁଦ୍ରର ମିଳନ ସ୍ଥଳରେ ସର୍ବାଧିକ ପକ୍ଷୀଙ୍କ ସମାଗମ ହୋଇଥିଲା । ଚଳିତ ଥର ବନଖଣ୍ଡ ଅଧୀନରେ ହୋଇଥିବା ଗଣନାରେ ମୋଟ ୧୪୯ ପ୍ରଜାତିର ୨୬ ହଜାର ୯୮୫ ଗୋଟି ପକ୍ଷୀ ନଜର ଆସିଥିଲେ । ବନଖଣ୍ଡ ଅଧୀନରେ ପ୍ରଥମ କରି ଫ୍ଲାମୀଙ୍ଗୋ ପକ୍ଷୀ କୁ ଗଣନା କାରୀ ଟିମ୍ ଦେଖିଥିଲେ । ସେହିପରି ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବନଖଣ୍ଡ ପକ୍ଷୀଙ୍କ ଆଗମନ ବହୁତ୍ ସଂଖ୍ୟାରେ କମି ଯାଇଛି । ବିଗତ ବର୍ଷ ଗଣନା ଅନୁଯାୟୀ ଏହି ବନଖଣ୍ଡ କୁ ୩୪ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ଏହାର ସଂଖ୍ୟା ୨୭ ହଜାର ଛୁଇଁ ପାରି ନଥିବା ଦେଖା ଦେଇଛି । ତେବେ ଗଣନା କାରୀ ଟିମ୍ ବିଭିନ୍ନ ନୂତନ ପ୍ରଜାତିର ପକ୍ଷୀ ଦେଖିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ସୂଚନା ଦେଇଛନ୍ତି ।

# ରାଧାଦେଇପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡଚଣା ବ୍ଲକ ଅନ୍ତର୍ଗତ ରକ୍ଷଧକ୍ଷଦେଇପୁର ପଞ୍ଚାୟତର ରକ୍ଷଧକ୍ଷଦେଇପୁର ଗ୍ରାମରେ ପଞ୍ଚାୟତ ଭବନର ଶୁଭ ଶିଳାନ୍ୟାସ ଓ ଗ୍ରାମୀଣ ଉଦ୍ୟାନ ର ଉଦ୍ଘାଟନ ହୋଇଯାଇଛି ! ଏହି କାର୍ଯ୍ୟକ୍ରମରେ ସାଂସଦ ଶର୍ମିଷ୍ଠା ସେଠୀ , ବିଧାୟକ ଅମର ପ୍ରସକ୍ଷଦ ଶତପଥି, ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି , ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଭ୍ୟା ସସ୍ମିତା ମହାନ୍ତି , ସରପଞ୍ଚ ସକ୍ଷଗରିକା ଚୌଧୁରୀ ,ସମିତିସଭ୍ୟା ଶ୍ରୀକ୍ରିଷ୍ଟା ପରିଡ଼ା ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପ ଦୁଇଟିର ଶିଳାନ୍ୟାସ ଓ ଉଦ୍ଘାଟନ କରି ପଞ୍ଚାୟତର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ! ପ୍ରମୁଖ ଅତିଥି ମାନଙ୍କୁ ପଞ୍ଚାୟତ ପକ୍ଷରୁ ଏକ ଶୋଭାଯାତ୍ରାରେ କର୍ମୀ ମାନେ ପଛଟି ନେଇଥିଲେ ଏହି କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ନିରଞ୍ଜନ ସେନାପତି ,ଅମର ମହାନ୍ତି ,ମିହିର ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡ଼ା , ସୁଶାନ୍ତ ନାୟକ, ସୁଜିତ୍ ସୌରଭ ସାମଲ ,ପ୍ରତାପ ସାହୁ , ଅରୁଣ ଦାସ ,ବିଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟ କ୍ରମକୁ ପ୍ରସଂଶକ୍ଷ କରିଥିଲେ ।

# ରାଧାଦେଇପୁର ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ରଥ ଉଦ୍‌ଯାପନ

**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତରେ ଶ୍ରୀ ମନ୍ଦିର ପରିକ୍ରମା ରଥର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି ! ବିଭିନ୍ନ ଗ୍ରାମରେ ଆଜି ଶ୍ରୀମନ୍ଦିର ପରିକ୍ରମା ଅର୍ପଣ ରଥ ଏକ ଭକ୍ତିମୟ ପରିବେଶ ମଧ୍ୟରେ ପରିକ୍ରମା କରିଥିଲା । ରାଧାଦେଇପୁର (ଠାକୁରପଟଣା) ଅନ୍ଧାରଶୁଣୀ ଗ୍ରାମଦେବତୀ ମନ୍ଦିର ନିକଟରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ବିଧାୟକ ଅମର ପ୍ରସାଦ ଶତପଥୀ ଏହି ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ନାମ ସଂକୀର୍ତ୍ତନ ସହିତ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉପବେଶନ କରାଯାଇ ପଞ୍ଚାୟତର ସମସ୍ତ ଗ୍ରାମ ଓ ସାହିକୁ ଏହି ରଥ ପରିକ୍ରମା କରାଯାଇଥିଲା । ଏ ଉଦଯାପନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସସ୍ମିତା ମହାନ୍ତି, ଯତୀନ୍ଦ୍ର ନାୟକ,ନିରଞ୍ଜନ ସେନାପତି, ଅମର ମହାନ୍ତି, ସରପଞ୍ଚ ସାଗରିକା ଚୌଧୁରୀ, ସମିତି ସଭ୍ୟା ଶ୍ରୀକ୍ରିଷ୍ଟା ପରିଡା, ଯୁବ ସମାଜ ସେବୀ ମିହିର ସ୍ୱାଇଁ ମିତି ସଭ୍ୟ ମଧୁସୂଦନ ବଳ,କିଶୋର ସାମଲ,ପ୍ରକାଶ ପ୍ରଧାନ, ପ୍ରଦୀପ ସାହୁ,ସୂର୍ଯ୍ୟକାନ୍ତ ପରିଡା, ଅରୁଣ ଦାସ, ବିଜୟ ସ୍ୱାଇଁ,ସୁଶାନ୍ତ ନାୟକ ଓ ସୁଜିତ ସୌରଭ ସାମଲ ପ୍ରମୁଖ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପ୍ରତ୍ୟେକଟି ଗ୍ରାମର ମହିଳା ଆଜିର ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିଲେ । ଭଜନ କୀର୍ତ୍ତନ ସହିତ ଏହି ପଞ୍ଚାୟତର ଦିଗାମ୍ବରପୁର ଗ୍ରାମ ସ୍ଥିତ ଶ୍ରୀହନୁମାନ ଓ ଶ୍ରୀଶନିଶ୍ଚର ମନ୍ଦିର ପରିସରରେ ଏହି ପରିକ୍ରମା କାର୍ଯ୍ୟ ଶେଷ କରାଯାଇଥିଲା ।



# ପିଡିଏସ ଚାଉଳ ବଣ୍ଟନକୁ ନେଇ ତୀବ୍ର ଉତ୍ତେଜନା,ଗୋଦାମ ଘରେ ତାଲା ମାରିଲେ ଗ୍ରାମବାସୀ

**ବେତନଟୀ(ଅମୃତ ମିଡିଆ):** ଶୁକ୍ରବାର ମୁକ୍ତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳବଣ୍ଟନକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିବା ବେଳେ ବଣ୍ଟନ ଅଧାରୁ ଚାଉଳ ସରିଯିବାରୁ ଉତ୍ୟକ୍ତ ଉପଭୋକ୍ତା ଦାୟୀତ୍ୱରେ ରହିଥିବା ଜିଆରଏସ,ଏସଇଏମ ସଦସ୍ୟାଙ୍କ ସମେତ ୭ଜଣ ହିତାଧିକାରୀ ଏହିପରି ମୋଟ ୯ଜଣଙ୍କୁ ଗୋଦାମଘରେ ତାଲାମାରି ରଖିଥବା ବେଳେ ଖବରପାଇ ବେତନଟୀ ବିଡିଓ ବେତନଟୀ ପୁଲିସ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରିଛନ୍ତି। ସୂଚନାମୁତାବକ ମୁକ୍ତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଣତାପାଳ ଗାଁର ଉପଭୋକ୍ତାଙ୍କ ପାଇଁ ଶୁକ୍ରବାର ଚାଉଳ ବଣ୍ଟନ ଚାଲିଥିଲା। ଜିଆରଏସ ରାଜୀବ କୁମାର ପ୍ରଧାନ, ଏସଇଏମ ସଦସ୍ୟ ଖୁଦୀରାମ ହାଁସଦା ଚାଉଳ ଦେଉଥିବା ବେଳେ ଅଧାରୁ ଚାଉଳ ସରିଯାଇଥିଲା।ଏହାପରେବଣ୍ଟନ ଦାୟୀତ୍ୱରେ ରହିଥିବା ଜିଆରଏସ ଚଉଳ ସରିଯାଇଥିବାରୁ ଚାଉଳ ଆସିଲେ ବାକିରହିଯାଇଥିବା ହିତାଧୁକାରୀଙ୍କୁ ପୁନର୍ବାର ଚାଉଳ ଦିଆଯିବ ବୋଲି କହିଥିଲେ । ମାତ୍ର କିଛି ଉପଭୋକ୍ତ ଉତ୍ୟକ୍ତ ହୋଇ ଆଜି ହିଁ ଚାଉଳ ନେବେ ବୋଲି ଜିଦ୍ ଧରିଥିଲେ । ତେବେ ଚାଉଳ ସରିଯାଇଥିବାରୁ ଜିଆରଏସ ରାଜୀବ କୁମାର ପ୍ରଧାନ ଚାଉଳ ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ।ମାତ୍ର ଉତ୍ୟକ୍ତ ଉପଭୋକ୍ତା ଜିଆରଏସ ରାଜୀବ, ଏସଇଏମ ସଦସ୍ୟ ଖୁଦୀରାମ ହାଁସଦାଙ୍କ ସମେତଚାଉଳ ନେବାକୁ ଗୋଦାମ ଘରକୁ ପଶିଥିବା ୭ଜଣ ଉପଭୋକ୍ତା ଏହିପରି ମୋଟ ୯ଜଣଙ୍କୁ ସଟର୍ ପକାଇ ବନ୍ଦକରି ରଖିଦେଇଥିଲେ । ଖବରପାଇ ବେତନଟୀ ବିଡିଓ ନିର୍ଲିପ୍ତା ମହାନ୍ତି ବେତନଟୀ ପୁଲିସ ସହାୟତାରେ ପଞ୍ଚାୟତ ଅଫିସରେ ପହଞ୍ଚି ବନ୍ଦ ଗୋଦାମ ଘରେ ଅଣନିଃଶ୍ୱାସୀ ହୋଇପଡିଥିବା ୯ଜଣଙ୍କୁ ଉଦ୍ଧାରକରିଥିଲେ । ସଟ ? ପକାଇ ସରକାରୀ କର୍ମଚାରୀଙ୍କ ସମେତ ଉପଭୋକ୍ତାଙ୍କୁ ବନ୍ଦକରି ରଖୁବା ଘଟଣାରେ ୫ଜଣଙ୍କୁ ପୁଲିସ ଉଠାଇନେଇ ଥାନାରେ ଅଟକ ରଖିଛି । ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଉଭୟପକ୍ଷ ମଧ୍ୟରେ ଆପୋଷ ଆଲୋଚନା ଚାଲିଥିବା ଜଣାଯାଇଛି ।

# ସନ୍ତେଶ୍ୱରପୁରରେ ଶ୍ରୀଜଗନ୍ନାଥ ଅର୍ପଣ ରଥ



**ଯାଜପୁର(ଅମୃତ ମିଡିଆ):** ଯାଜପୁର ପୌରାଂଚଳ ଅନ୍ତର୍ଗତ ୧୦ ନଂ ୱାର୍ଡ଼ର ଭୀମକରପୁର ଓ ସନ୍ତେଶ୍ୱରପୁର ଗ୍ରାମରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। କୁସୁମା ପାର୍କ ନିକଟସ୍ଥ ବିରଜା ମହିଳା ମହାବିଦ୍ୟାଳୟ ନିକଟରୁ ଏହି ଅର୍ପଣ ରଥ ଯାତ୍ରା ଆରମ୍ଭ ହୋଇ ରେଡ୍‌କ୍ରସ ଛକ, ସନ୍ତେଶ୍ୱରପୁର, ଭୀମକରପୁର, ମହାବୀର ଛକ, ମହାବୀର ନଗର ଅତିକ୍ରମ କରିଥିଲା। ଏହି ବିଶାଳ ଅର୍ପଣ ରଥ ପରିକ୍ରମା ଯାତ୍ରାରେ ଯାଜପୁର ପୌରପାଳିକା ଅଧକ୍ଷା ରଞ୍ଜୁଲତା ହୋତା, ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ବିଧାୟକ ଙ୍କ ପ୍ରତିନିଧି ତଥା ବିଶିଷ୍ଟ ସଙ୍ଗଠକ କର୍ଣ୍ଣାଟ କେଶରୀ ଦାସ ଯାଜପୁର ପୌରାଂଚଳ ନଗର ବିଜେଡ଼ି ସଭାପତି ମନୋଜ ସାହୁ, ୧୦ନଂ ୱାର୍ଡ ର କାଉନ୍‌ସିଲର ମୀନାକ୍ଷୀ ନନ୍ଦ, ପୂର୍ବତନ କାଉନ୍‌ସିଲର ସ୍ୱଦେଶ ପଟ୍ଟନାୟକ, ମିହିର ନନ୍ଦ, ବିଶ୍ୱଜିତ ରଣା, ରବିନାରାୟଣ ପଣ୍ଡା, କାହ୍ନୁ ଚରଣ ମହାନ୍ତି ଯାଜପୁର ପୌରପରିଷଦର ବହୁ କାଉନ୍‌ସିଲର ଯଥା ସୁରେନ୍ଦ୍ର ରଣା, ସୁଭାଶିଷ ରାଉତ, ରାଜୀବ ବେହେରା, ହେମାଙ୍ଗିନୀ ଦାସ ମହାନ୍ତି, ରୁନା ବେହେରା, ରୀନାବାଳା ସାମନ୍ତ ଓ ତିଳୋତମା ସାହୁଙ୍କ ସହ ଯାଜପୁର ପୌରପାଳିକାର ସହର ମିଶନ ପରିଚାଳକ ବିଶ୍ୱରଞ୍ଜନ ନାୟକ, ୧୦ନଂ ୱାର୍ଡ଼ର ୱାର୍ଡ଼ ଅଫିସର ଜୟନ୍ତ କୁମାର ମହାପାତ୍ର, ୱାର୍ଡ଼ କୋଅଡ଼ିନେଟର ଜ୍ୟୋତିଶିଖା ରଣା ପ୍ରମୁଖ ଏହି ଅର୍ପଣ ରଥଯାତ୍ରାରେ ସାମିଲ ହୋଇଥିଲେ।

# ଅସୁରେଶ୍ୱର- ଜିଗ୍ନୀପୁର-ପାଇକରାପୁର-ଓରିକରେ ଧାନମଣ୍ଡି ଉଦ୍‌ଘାଟିତ




**ନିଶ୍ଚିନ୍ତକୋଇଲି(ଅମୃତ ମିଡ଼ିଆ): କଟକ** କେନ୍ଦ୍ର ସମବାୟ ବ୍ୟାଙ୍କ ନିଶ୍ଚିନ୍ତକୋଇଲି ଶାଖା ଅଧିନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ସ୍ଥିତ ବଳଦେବଜୀଉ ସେବା ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି । ସମିତିର ସମ୍ପାଦକ ମହମ୍ମଦ ଅମିନ୍ ଖାଁଙ୍କ ତତ୍ତ୍ୱାବଧାନରେ ସଭାପତି ଧିରେନ୍ଦ୍ରନାଥ ବେହେରା ମଣ୍ଡିକୁ ଉଦଘାଟନ କରିବା ପରେ ମୁରଲୀଧର ଆଗ୍ରୋ ମିଲରଙ୍କ ଦ୍ୱାରା ୮ଜଣ ଚାଷୀ ଠାରୁ ୪ଶହ କ୍ୱିଣ୍ଟାଲ ଧାନ କିଣାଯାଇଛି । ଏହି ଉଦଘାଟନ ସମୟରେ ଆରଏମସି କର୍ମଚାରୀ ତାହେର ବକ୍ସ, ମିଲ କର୍ମଚାରୀ ଜଗନ୍ନାଥ ପ୍ରଧାନ, ଡ଼ିଇଓ ମିହିର ତାହେର ଅଲ୍ଲୀ,ସମିତିର ସଭ୍ୟ ପ୍ରମୋଦ କୁମାର ବେହେରା, ପ୍ରଫୁଲ୍ଲ କୁମାର ପୃଷ୍ଟି, ପୂର୍ଣ୍ଣାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଅସୁରେଶ୍ୱର ସେବା ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି । ସମିତିର ସମ୍ପାଦକ କୈଳାସ ବାରିକଙ୍କ ନେତୃତ୍ୱରେ ସଭାପତି ମନୋରଂଜନ ଭୂୟାଁ ମଣ୍ଡିକୁ ଉଦଘାଟନ କରିଥିଲେ । ଚଳିତବର୍ଷ ମୋଟ ୪୧୨ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜିକୃତ କରିଥିଲାବେଳେ ପ୍ରଥମ ଦିନରେ ୨୨ଜଣ ଚାଷୀ ୬୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ଏଥିରେ ସରପଞ୍ଚ ଚିତ୍ତରଂଜନ ମଲିକ, ବିଜୟ ବଳ, ଅନନ୍ତ ଦାସ, ଶାରଦାପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ପାଇକରାପୁର ଠାରେ ଧାନ ମଣ୍ଡି ଉଦଘାଟିତ ହୋଇଛି । ସମିତି ପରିଚାଳନା କମିଟିର ସଭାପତି ଅଭିରାମ ମଲ୍ଲଙ୍କ ପୌରହିତ୍ୟରେ ଉକ୍ତ ମଣ୍ଡିକୁ ଚାଷୀ ପ୍ରଭାକର ମିଶ୍ର ,ଅଚ୍ୟୁତାନନ୍ଦ ଓଝା ଓ କ୍ଷେତ୍ରବାସୀ ସାମଲ ପ୍ରମୁଖ କଣ୍ଟା ପୂଜାରେ ଉପସ୍ଥିତ ହୋଇଥିଲେ । ସମିତିର ସମ୍ପାଦକ ବିଶ୍ୱଭୂଷଣ ସ୍ୱାଇଁ ଚଳିତ ବର୍ଷ ମଣ୍ଡିରେ ଧାନ କିଣିବା ପାଇଁ ସରକାରୀ ନିୟମ ସଂକ୍ରାନ୍ତରେ ଅବଗତ କରାଇ ବର୍ଦ୍ଧିତ ମୂଲ୍ୟରେ କ୍ୱିଣ୍ଟାଲ ପିଛା ଧାନର ମୂଲ୍ୟ ୨୧୮୩ ଟଙ୍କା ରଖାଯାଇଥିବା ପ୍ରକାଶ କରିଥିଲେ । ସମିତିର ସଭ୍ୟ ବିଶ୍ୱଜିତ ରାଉତ, ଉପସଭାନେତ୍ରୀ ବିଣାପାଣୀ ସାମଲ, ହିମାଂଶୁ ଶେଖର ପୃଷ୍ଟି, ଅନନ୍ତକିଶୋର ଓଝା, ପବିତ୍ରମୋହନ ପ୍ରଧାନ, ମାନସରଂଜନ ଭୂୟାଁ, ଧ୍ରୁବଚରଣ ବେହେରା, ସରୋଜ କୁମାର ବେହେରା, ଡ଼ିଇଓ ଚିନ୍ମୟ ଲେଙ୍କା ଓ କରୁଣାକର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇଥିଲେ । ଚଳିତବର୍ଷ ମୋଟ ୩୨୫ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜିକୃତ କରିଥିଲାବେଳେ ପ୍ରଥମ ଦିନରେ ୧୮ଜଣ ଚାଷୀ ୫୯୯ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ସେହିପରି ଭାବେ ନିଶ୍ଚିନ୍ତକୋଇଲି ଶାଖା ଅଧିନରେ ଥିବା ଅଚ୍ୟୁତାନନ୍ଦ କୃଷି ଋଣ ସମବାୟ ସମିତି ଓରିକଣ୍ଡା ଆନୁକୂଲ୍ୟରେ ଚଳିତ ବର୍ଷର ଧାନ ମଣ୍ଡିତ ଉଦଘାଟିତ ହୋଇଛି । ସମିତିର ଭାରପ୍ରାପ୍ତ ସମ୍ପାଦକ ଶିଶିର କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ସମିତିର ସଭାପତି ଅଚ୍ୟୁତାନନ୍ଦ ଦାସ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିବା ବେଳେ ଉପସ୍ଥିତ ଚାଷୀମାନଙ୍କୁ ଧାନ କିଣା ସମୟରେ ସରକାରଙ୍କ ନୀତିନିୟମକୁ ମାନିବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ସଭ୍ୟ ରତିକାନ୍ତ ଭୂୟାଁ, ଚନ୍ଦ୍ରକାନ୍ତ ପରିଡ଼ା, କାଳନ୍ଦୀଚରଣ ଭୂୟାଁ, ଶରତଚନ୍ଦ୍ର ସାମଲ,ପ୍ୟାଡ଼ି କମିଟିର ସଭାପତି ବିଶ୍ୱେନ୍ଦୁ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ଆରଏମସି ପକ୍ଷରୁ ମାନ ନିର୍ଦ୍ଧାରକ ବ୍ରଜମୋହନ ପଣ୍ଡା ଚାଷୀମାନଙ୍କର ଧାନର ମାନ ତଦାରଖ କରିବା ପରେ ଚଳିତବର୍ଷ ମୋଟ ୩୧୨ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜିକୃତ କରିଥିଲାବେଳେ ପ୍ରଥମ ଦିନରେ ୧୨ଜଣ ଚାଷୀ ୪୮୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି ।

# ୱାର୍ଡସଭ୍ୟଙ୍କ ହୃଦ୍‌ଘାତରେ ପରଲୋକ



**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡଚଣା ବ୍ଲକ ଅନ୍ତର୍ଗତ ଧନମଣ୍ଡଳ ପଞ୍ଚାୟତର ୧୩ ୱାର୍ଡ଼ ସଭ୍ୟ ଦିଲୀପ କୁମାର ସାହୁ (୫୩) କର ଗତକାଲି ରାତି ରେ ହୃଦ୍ ଘାତ ରେ ପରଲୋକ ହୋଇଯାଇଛି ! ଗତକାଲି ରାତିରେ ଶାସନ ସୀମା ଗ୍ରାମ ସ୍ଥିତ ବାସଭବନରେ ଥିବାବେଳେ ହ୍ରଦ ଘାତ ହୋଇଥିଲା ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ମାତ୍ର ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ ! ମର ସରୀର ଗ୍ରାମରେ ପହଞ୍ଚିବ ପରେ ଶହଶହ ସଂଖ୍ୟାରେ ଲୋକେ ପହଞ୍ଚି ଶବ ଦର୍ଶନ କରିବା ସହ ଶୋକ କୁଳ ପରିବେଶ ସୃଷ୍ଟି ହୋଇଥିଲା କ୍ଷ ୱେଡ ସଭ୍ୟଙ୍କ ମୃତ ଖବର ପାଇ ବିଧାୟକ ଅମର ପ୍ରସାଦ ଶତପଥୀ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି ,ଉପଦକ୍ଷ ବିଭକ୍ଷସ୍ ଚନ୍ଦ୍ର ନନ୍ଦ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ,ବିଜେଡ଼ି ସଭାପତି ଅରବିନ୍ଦ ସକ୍ଷମଲ ,ସଞ୍ଜୟ ସ୍ୱାଇଁ ,ସରପଞ୍ଚ ନବଦ୍ୱୀପ ନାୟକ , ଓ ବହୁ ବିଶିଷ୍ଟ ବ୍ୟକ୍ତି ମୃତ ୱେଡ୍ ସଭ୍ୟ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ ଗ୍ରକ୍ଷମପରିକ୍ରମ କରାଯାଇ ଗ୍ରାମ ଶ୍ମଶାନ ଶବଦକ୍ଷୟ କରାଯାଇଥିଲା କ୍ଷ ବଡ଼ ପୁଅ ଯୋତି ରଞ୍ଜନ ମୁଖା ଅଗ୍ନି ଦେଇଥିଲେ।

# ମକରମେଳା ପାଇଁ ଉତ୍ସବମୁଖର ଆଖଣ୍ଡଳମଣିଙ୍କ ପୀଠରେ ମକର ସଂକ୍ରାନ୍ତି

**ଚାନ୍ଦବାଲି (ଅମୃତ ମିଡ଼ିଆ ):** ପବିତ୍ର ମକର ସଂକାନ୍ତି ପାଇଁ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୀଠରେ ପ୍ରଚଳିତ ବିରଜାପଞ୍ଜିକା ଅନୁଯାୟୀ ଆଜି ମାଘମାସର ପ୍ରଥମ ସୋମବାର ଥିବାରୁ ଦୈନିକ ନୀତିକାନ୍ତି ଅନୁଯାୟୀ ଭୋର ୪ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ କରାଯିବା ସହ ସକାଳ ୫ଟାରେ ନୂଆ ମକର ଚାଉଳ ଓ ପୋଡପିଠା ଭୋଗ ଲାଗି କରାଯାଇଛି। ଭକ୍ତଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା କରାଯାଇଥିବା ବେଳେ ଭିତରବେଢା ଓ ବାହାରବେଢାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ବସଷ୍ଟାଣ୍ଡ ଠାରୁ ମନ୍ଦିର ଓ ପୀଠ ଚତୁଃପାର୍ଶ୍ୱରେ କଡା ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଜିଲା ପୁଲିସ ପକ୍ଷରୁ ଫୋର୍ସ ମୃତ୍ୟୟନ କରାଯାଇଛି। ଶ୍ରଦ୍ଧାଳୁ ଭକ୍ତମାନଙ୍କର ଦର୍ଶନ ନିମନ୍ତେ ସକାଳ ୫ଟାରୁ ରାତ୍ର ୧୦ଟା ଯାଏଁ ମନ୍ଦିର ସାହଣ ମେଳା କରାଯାଇଛି। ଏଥିସହ ସମସ୍ତ ସକାଳ ନୀତିକାନ୍ତି ଅପରାହ୍ଣ ସୁଧା ସମ୍ପନ୍ନ ହେବା ପରେ ୪ଟାରେ ବଡସିଂହାର ବେଶରେ ଦର୍ଶନ ଦେବେ ଆଖଣ୍ଡଳମଣି କ୍ଷ ସେହିପରି ଧାମରା ରେ ମା ଧାମରେଇଙ୍କ ପିଠରେ ଆରମ୍ଭ ହୋଇଛି ମକରମେଳା, ଏହି ମେଳା ସଂକ୍ରାନ୍ତି ଦିନରୁ ୧୦ଦିନ ଯାଏ ଚାଲିବ, ଭଦ୍ରକ ଜିଲ୍ଲା ମା ଧମରେଈଙ୍କ ମେଳା ଏକ ମୋହନ ଗଣ ପର୍ବ ହୋଇ ଥିବାରୁ ପ୍ରତିଦିନ ମେଳକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ କ୍ଷ ଆଜି ମାଙ୍କ ପିଠରେ ମକର ଚାଉଳ ଓ ପୋଡି ପିଠା ଭୋଗ ହେବା ସହ ନୀତିକ୍ରାନ୍ତି ଅନୁସାରେ ପୁଜା ପାଠ ଆରମ୍ଭ ହୋଇଛି।



# ବଲାଙ୍ଗୀର ଲୋକଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର(ଅମୃତ ମିଡିଆ):** ୧୨ ଜାନୁଆରୀ : ୨୨ତମ ବଲାଙ୍ଗିର ଲୋକ ଉତ୍ସବ ପାଇଁ ଆଜି ପ୍ରସ୍ତୁତି ବୈଠକ ମହକୁମା ସ୍ଥିତ ଡିଏଫଓ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏଥର ଫେବୃଆରୀ ୭ ରୁ ୧୧ ଯାଏଁ ମହୋତ୍ସବ ଅନୁଷ୍ଠିତ ହେବ । ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ଙ୍କ ଅଧ୍ୟକ୍ଷତାରେ ହେଇଥିବା ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତ ଉପସ୍ଥିତ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ସ୍ୱାଗତ କରିଥିଲେ । ପୂର୍ବ ବର୍ଷର ଅଡିଟ ରିପୋର୍ଟ ପ୍ରକାଶ ସହ ଖର୍ଚ୍ଚ ବାବଦରେ ହିସାବ ଦେଇଥିଲେ ସଂସ୍କୃତି ଅଧିକାରୀ । ଏହାପରେ ଲୋକ ଉତ୍ସବ କୁ ବୁଦ୍ଧିଜୀବି ତଥା ଲୋକଙ୍କ ଦ୍ୱାରା କରା ଯାଉ ବୋଲି ପ୍ରସ୍ତାବକୁ ନେଇ ସମସ୍ତେ ରାଜି ହେଇଥିଲେ । ଏକ କୋର କମିଟି ଗଢିବା ସହ ବିଭିନ୍ନ ସବ କମିଟି ଗଠନ ହେଇଥିଲା । ସମସ୍ତ ସବ କମିଟି ର ସଭାପତି ବଛା ଯିବା ସହ ଜିଲ୍ଲାପାଳଙ୍କୁ ଏକ୍ସ ଅଫିସିଓ ଚେୟାରମ୍ୟାନ ବଛା ଯାଇଥିଲା । ଏହି କୋର କମିଟି ସମ୍ପୂର୍ଣ୍ଣ ମହୋତ୍ସବ ଭାର ସମ୍ଭାଳିବ । ଫାଇନାନ୍ସ ସବ କମିଟି ର ସଭାପତି ଶ୍ରୀକର ମିଶ୍ର ମନୋନୀତ ହେଇଥିବା ବେଳେ ,ସ୍ମରଣିକା କମିଟି ଅଧ୍ୟକ୍ଷ ରୂପେ ସନ୍ଦୀପ କୁଅଁର , ପବ୍ଲିସିଟି କମିଟି ସଭାପତି ବୀରେନ୍ଦ୍ର କୁମାର ଝାଙ୍କର , ପଡିଆ ମ୍ୟାନେଜମେଣ୍ଟ ର ସଭାପତି ଗୋପାଳ ପ୍ରଧାନ, ଖାଦ୍ୟ କମିଟି ସଭାପତି ସୋମନାଥ ମିଶ୍ର , ସେମିନାର ର ସଞ୍ଜୟ ମିଶ୍ର ସର୍ବ ସମ୍ମତି କ୍ରମେ ମନୋନୀତ ହେଇଥିଲେ । ସଂସ୍କୃତି କମିଟି ର ବାସୁଦେବ ସା , ରିସେପସନ କମିଟି ର ଚିତ୍ତରଞ୍ଜନ ଦାଶ ସଭାପତି ରୂପେ ମନୋନୀତ ହେଇଥିବା ବେଳେ ଷ୍ଟେଜ କମିଟି ମୁଖ୍ୟ ଭାବେ ସଙ୍ଗୀତା ଦାଶ , ରାମ ପ୍ରସାଦ ଦାଶ ମନୋନୀତ ହେଇଛନ୍ତି । ଏହି ସମୟରେ ପଲ୍ଲିଶ୍ରୀ ମେଳା ର ମଜା ଲୋକ ନେଇପାରିବେ । ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଏବଂ ମହେନ୍ଦ୍ର ମହାପାତ୍ର , ମୁଖ୍ୟ ଉନୟନ ଅଧିକାରୀ ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।



## କୋମନା ଲୋକମହୋତ୍ସବ

# ଦେବ ନିମନ୍ତ୍ରଣ ପାଇଁ ଶୁଭଖମ୍ବ ସ୍ଥାପନ

**ନୂଆପଡା (ଅମୃତ ମିଡିଆ):** ନୂଆପଡା ଜିଲ୍ଲା କୋମନାର କୋମନା ଲୋକ ମହୋତ୍ସବ ନିମନ୍ତେ ଆଜି ଦେବ ନିମନ୍ତ୍ରଣ ଓ ଶୁଭ ଖମ୍ବ ସ୍ଥାପନ କରାଯାଇଛି । ମହାସମାରୋହରେ ଶତାଧିକ ଲୋକଙ୍କ ସମାହାରରେ ଏ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା ।

କୋମନା ବ୍ଲକ ଅଞ୍ଚଳର ଲୋକଗୀତ, ଲୋକ ନୃତ୍ୟଲୋକ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ପାଇଁ ଆସନ୍ତା ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ କୋମନା ଲୋକ ମହୋତ୍ସବର ଆୟୋଜନ କରାଯାଇଛି । କୋମନା ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୂଆପଡା ଜିଲ୍ଲା ତଥା ଜିଲ୍ଲା ବାହାରୁ ଓ ରାଜ୍ୟ ବାହାରର ଅନେକ ସାଂସ୍କୃତିକ ଦଳ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଲୋକଙ୍କ ମନୋରଞ୍ଜନ ପାଇଁ ମୀନା ବଜାର, ପ୍ରିୟଦର୍ଶନୀ ଷ୍ଟଲ ଓ ଓଲିଉଡ କଳାକାରର ବ୍ୟବସ୍ଥା କରାଯାଇଛି ।



ମକର ସଂକ୍ରାନ୍ତି ଉପଲକ୍ଷେ କୋମନା ଲୋକ ମହୋତ୍ସବ-୨୦୨୪ ପାଇଁ ଦେବ ନିମନ୍ତ୍ରମ ଓ ଶୁଭଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାରମ୍ପରିକ ବାଦ୍ୟ ସହ ଶତାଧିକ କମିଟି ସଭ୍ୟ ଓ ସ୍ଥାନୀୟ ବାସିନ୍ଦା ଦେବ ନିମନ୍ତ୍ରଣରେ ସାମିଲ ହୋଇ ଥିଲେ । କୋମନା ଗଡର ସମଲେଶ୍ୱରୀ ମନ୍ଦିରରେ ପୂଜା କଲା ପରେ ରକ୍ତାମ୍ବରୀ, ବନଦୁର୍ଗା, ଠାକୁରାଣୀ, ଲଙ୍କେଶ୍ୱରୀ, ବଳଶଘରେନ, ବୈଷ୍ଣୋଦେବୀ, ଛୁଟିଗୁଡି, ଶ୍ରୀଜଗନ୍ନାଥ, ରାଧାକଷ୍ଣ, ଚଣ୍ଡି ସମଲେଇ, ମହାଦେବ, ବୀର ହନୁମାନ ଆଦି ଦେବଦେବୀଙ୍କୁ ନିମନ୍ତ୍ରଣ କରା ଯାଇଥିଲା ।

କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଶୁଭ ଖମ୍ବ ସ୍ଥାପନ କରା ଯାଇଥିଲା । ଶ୍ରୀ ଗଙ୍ଗାଧର ପାଣିଗ୍ରାହୀ ଓ ଶ୍ରୀମତୀ ସୋନାଲି ପାଣିଗ୍ରାହୀ କର୍ତ୍ତା ହୋଇ ଥିଲେ । ଏହି ଦେବ ନିମନ୍ତ୍ରଣ ଓ ଶୁଭ ଖମ୍ବ ସ୍ଥାପନ ଉତ୍ସବରେ କୋମନା ଲୋକ ମହୋତ୍ସବର ଆୟୋଜକ କମିଟିର ସଭାପତି ଜଗଦୀଶ ଚନ୍ଦ୍ର ଦୁରିଆ, ଉପସଭାପତି ସାହାରୁଖ ଖାଁ, ସଂପାଦକ ମନୋଜ କୁମାର ଅଦା, ଯୁଗ୍ମସଂପାଦକ ଗୌତମ ଦୁରିଆ, କୋଷାଧ୍ୟକ୍ଷ ଅସଲମ ମହମ୍ମଦ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରଜନା ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, କୋମନା ବ୍ଲକ ଭାଇସ ଚେୟାରମେନ ଜୟଦେବ ପ୍ରଧାନ, ମଙ୍ଗଳା ପ୍ରସାଦ ବର୍ଗେ, ପ୍ରବୀଣ କୁମାର ଭୋଇ, ବଳରାମ ସରାଫ, ଯମରାଜ ସରାଫ, ରମେଶ ଶବର, ଦିଲ୍ଲିପ ପାଣିଗ୍ରାହୀ, ସାଗର ଠେଲା, ମକୁନ୍ଦ ଦେବ ଚିନାଗୁନ, ଗୌରାଙ୍ଗ ମଲ୍ଲିକ , ଶିବ ପ୍ରଧାନୀ ପ୍ରମୁଖ ଯୋଗଦାନ କରି ଥିଲେ ।

## ସିନାପାଲିରେ ଗଙ୍ଗାଧର ସାରସ୍ୱତ ସମିତିର ଫକୀରମୋହନ ଜୟନ୍ତୀ



**ସିନାପାଲି (ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ମକର ମିଳନ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଛି । ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହାଇସ୍କୁଲ ସ୍ଥିତ ଏନସିସି ଭବନରେ ଆୟୋଜିତ ଏହି ସାହିତ୍ୟ ଆସରରେ ସାହିତ୍ୟ ଓ ଭାଷାପ୍ରେମୀ ଉପସ୍ଥିତ ରହି ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ମକର ମିଳନ ଓ କଥାସମ୍ରାଟ ଫକୀର ମୋହନଙ୍କ ସାହିତ୍ଯ କୃତି ବିଷୟରେ ଆଲୋଚନା କରିଥିଲେ । ଏଥିସହ ୨୦୨୪ରେ ସମିତି ତରଫରୁ ହେବାକୁ ଥିବା ସାହିତ୍ୟ କାର୍ଯ୍ୟକ୍ରମ ଗୁଡ଼ିକର ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷାବିତ ରମେଶ କୁମାର ହଂସ ଓ ଅତୁଳ କୁମାର ପାତ୍ରଙ୍କ ସହ ସମିତିର ସଂପାଦକ ତରୁଣ କୁମାର ମେହେର, ମୁରଲୀଧର ସା, ଲଳିତ କୁମାର ସୁନାରୀ, ପରେଶନାଥ ପାଣିଗ୍ରାହୀ, ଭ୍ରମର ବାଗ, ହରେକୃଷ୍ଣ ମେହେର, ପ୍ରେମାନନ୍ଦ ମେହେର, ବଂଶୀଧର ଜଗତ, ଲୋଚନ ମେହେର, ରଶ୍ମିରଂଜନ ସା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଗୌତମ ମେହେର ଧନ୍ୟବାଦ ଦେଇଥିଲେ ।

## ଦେଓଗାଁ ମଣ୍ଡଳରେ ବୁଦ୍ଧିଜୀବୀ ସମ୍ମିଳନୀ



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଉପଖଣ୍ଡ ଘସିପୁରା ନିର୍ବାଚନ ମଣ୍ଡଳୀ ଦେଓଗାଁ ମଣ୍ଡଳ ର ଆଠଗୋଟି ପଞ୍ଚାୟତରେ ଥିବା ବୁଦ୍ଧିଜୀବୀ ଓ ବିଜେପି ର ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତା ନେଇ କେନ୍ଦୁଝର ଜିଲ୍ଲା ବୁଦ୍ଧିଜୀବୀ ସେଲ ସଂଯୋଜକ ଡ଼ଃ ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଏକ ବୁଦ୍ଧିଜିବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ବାଇଧର ଚିନ୍ଦ୍ରା ଙ୍କ ସଂଯୋଜନାରେ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ଅତିଥିମାନେ ବର୍ତ୍ତମାନ ପରିସ୍ଥିତିର ମୋଦି ସରକାରଙ୍କର ସୁଚିନ୍ତିତ ଗରିବ କଲ୍ୟାଣ ଯୋଜନା ସହ ବିକଶିତ ଭାରତର ସ୍ୱପ୍ନକୁ ସା ର୍ଥକ କରିବା ପାଇଁ ବୁଦ୍ଧିଜୀବୀ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସାରା ପୃଥିବୀ ବର୍ଷରେ ରାମ ମନ୍ଦିର ନିର୍ମାଣର ବିଜୟ ଗାଥାକୁ ଭାରତୀୟ ମାନଙ୍କର ଇତିହାସକୁ ସ୍ୱର୍ଣାକ୍ଷର ରେ ଲିପିବଦ୍ଧ ହେବ ବୋଲି ନିଶ୍ଚିତତା କରିବ ବୋଲି ପୂର୍ଣ୍ଣ ବିଶ୍ୱାସ ପ୍ରକଟ କରିଥିଲେ ।ଆସନ୍ତା ଜାନୁଆରୀ ବାଇଶ ତାରିଖରେ ରାମଲାଲା ଙ୍କର ପ୍ରାଣ ପ୍ରତିଷ୍ଠା ପାଇଁ ଘରେ ଘରେ ରାମଙ୍କ ପୂଜନ,ଦୀପ ପ୍ରଜ୍ୱଳନ,ଭଜନ କୀର୍ତ୍ତନ ସହ ଆଲୋକପର୍ବ ପାଳନର ବିଧି ବିଧାନ ପାଳନ ପାଇଁ ଡ଼ଃ ରାଉତ ନିବେଦନ କରିଥିଲେ । ପରେ ପରେ ସଭାରେ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ନିମନ୍ତ୍ରଣ ପତ୍ର ସହ ରାମଙ୍କ ଫୋଟୋ ଚିତ୍ର ବର୍ଣ୍ଟନ

## ଘଷିପୁରା ନିର୍ବାଚନମଣ୍ଡଳୀ

କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଏକାଦଶୀ ପଲେଇ,କୃଷ୍ଣଚନ୍ଦ୍ର ପରିଡ଼ା,ପିତାମ୍ବର ମଲ୍ଲିକ,ଶ୍ରୀଧର ଜେନା,ମହେନ୍ଦ୍ର ବିଶ୍ୱାଳ, ପ୍ରଣବ ପୁହାଣ, ବସନ୍ତ ଜେନା,ଆର୍ତ୍ତତ୍ରାଣ ସାହୁ,ଶଙ୍କର୍ଷଣ ନାୟକ,ଧର୍ମାନନ୍ଦ ସେଠୀ, କୀର୍ତ୍ତନ ସାହୁ ,ବାବନ ଭୂୟାଁ, ରମଣୀ ଚକ୍ର, ହଳଧର ସାହୁ,ଗୋଲକ ଚକ୍ର,ଶରତ ନାୟକ,ସୁଦାମ ସାହୁ,ଚୁନା ଚକ୍ର,ମାୟାଧର ରଣା,କୁନା ବିଶ୍ୱାଳ,ରବି ମହାପାତ୍ର,ଗୟାଧର ମାଝୀ,ପଞ୍ଚାନନ ସାହୁ,ଧୀରେନ୍ଦ୍ର ନାଏକ, କାଠି ସାହୁ,ଆନନ୍ଦ ବିଶ୍ୱାଳ,ପ୍ରଫୁଲ୍ଲ ଧିର,ଗୌତମ ନାଏକ, ବିଜୟ ସାହୁ,ଗୋପବନ୍ଧୁ ପଣ୍ଡା,ସୁଫଳ ମୁର୍ମୁ,ଆନନ୍ଦ ସାହୁ, ବିପିନ ଜେନା,ବୁଦ୍ଧଦେବ ମହାରଣା,ଘାସିରାମ ମୁର୍ମୁ ସମେତ ଦୁଇ ଶହରୁ ଉର୍ଦ୍ଧ ବୁଦ୍ଧିଜୀବି ଯୋଗଦେଇଥିଲେ ।

## ବିଭିନ୍ନ ୱାର୍ଡରେ ଅର୍ପଣ ରଥକୁ ଉତ୍ସାହର ସହ ସ୍ୱାଗତ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ମହାନଗର ନିଗମ ବିଭିନ୍ନ ୱାର୍ଡରେ ପରିଭ୍ରମଣ କଲା ଅର୍ପଣ ରଥ । ସୂଚନା ଅନୁସାରେ ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ତଥା ଲୋକାର୍ପଣ ଉତ୍ସବ ପରିପ୍ରେକ୍ଷୀରେ ଚାଉଳ ଓ ଗୁଆ ଅର୍ପଣ ପାଇଁ ଆୟୋଜିତ ଅର୍ପଣ ରଥକୁ ବ୍ରହ୍ମପୁରର ୱାର୍ଡ ନମ୍ବର- ୪, ୧୪, ୨୦, ୩୧ ଓ ୩୬ ରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଭାବମୟ ପରିବେଶରେ ୱାର୍ଡର ପ୍ରତି ସାହିରେ ମା ଓ ଭଉଣୀ ମାନେ ସ୍ୱତଃ ପ୍ରବୃତ ଭାବେ ଦ୍ୱାର ମୁହଁରେ ପ୍ରଦୀପ ପ୍ରଜ୍ୱଳନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ଚାଉଳ ଓ ଗୁଆ ଅର୍ପଣ କରିଥିଲେ । ଜୟ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା ସାରା ଅଞ୍ଚଳ । ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ସମାରୋହରେ ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ବିକ୍ରମ କୁମାର ପଣ୍ଡା, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଉପ ମେୟର ଶ୍ରୀ ଇ. ବିବେକ ରେଡ୍ଡୀ, ଶ୍ରୀଯୁକ୍ତ ଡ଼ାଃ. ରମେଶ ଚନ୍ଦ୍ର ଚ୍ୟାୟୁ ପଟ୍ଟନାୟକ, ଶ୍ରୀ ସୁବାସ ମହାରଣା ବହୁ କର୍ପୋରେଟର, ସ୍ଥାନୀୟ ବିଜେଡି ନେତୃବୃନ୍ଦ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭକ୍ତଗଣ ସମାହିତ ହୋଇ ଗଡିଚାଲିଥିଲା ।

## ବୀର ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଭଞ୍ଜନଗର (ଅମୃତ ମିଡିଆ):** ଚଳିତ ବର୍ଷ ବୀର ଚକରା ବିଷୋୟୀଙ୍କ ଜନ୍ମ ଜୟନ୍ତୀ ରାଜ୍ୟସ୍ତରୀୟ ଉତ୍ସବ ଭଞ୍ଜନଗର ଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ପାଳିତ ହେବ । ଏଥିନେଇ ଭଞ୍ଜନଗର ସ୍ଥିତ ଜଙ୍ଗଲ ବିଭାଗୀୟ ଅତିଥିଭାକ ବଙ୍ଗଳା ଠାରେ ସୋମବାର ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ କର , ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଚଳିତ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୀର ଚକରା ବିଷୋୟୀ ଙ୍କ ଜନ୍ମ ଜୟନ୍ତୀ କିଭଳି ମହା ଆଡମ୍ବର ସହକାରେ ପାଳିତ ହେବ ସେଥି ସକାଶେ ସବିଶେଷ ଆଲୋଚନା କରିଥିଲେ । ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ ନିଜ ବକ୍ତ୍ୟବରେ ଅବଗତ କରାଇଥିଲେ ଯେ ପ୍ରତିବର୍ଷ ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ଙ୍କ ଜନ୍ମଜୟନ୍ତୀ



ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାଜ୍ୟ ସ୍ତରରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ପାଳିତ ହୋଇ ଆସୁଥିଲା । ଚଳିତ ବର୍ଷ ଏହି ମହାନ ଶହୀଦ ବୀରଙ୍କ ଜୟନ୍ତୀ ଭଞ୍ଜନଗର ସ୍ଥିତ ଟାଉନ ହଲ ତାଙ୍କ ନିଜ ଅଞ୍ଚଳରେ ପାଳିତ ହେବ । ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଖରେ ଚକରା ବିଷୋୟୀ ଙ୍କ ବିଷୟରେ ଅଧିକ ସଚେତନତା ସୃଷ୍ଟି ହୋଇପାରିବ । ଏହି ଉପଲକ୍ଷେ ବୌଦ୍ଧିକ ଜ୍ଞାନର ବିକାଶ ତଥା ବୀର ଚକରା ବିଷୋୟୀ ଙ୍କ ଜୀବନ ଆଦର୍ଶ ସମ୍ପର୍କିତ ଜିଲ୍ଲାର ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ବତକୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହେବ । ପ୍ରତିଯୋଗିତାରେ ଅଂଶ ଗ୍ରହଣ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ସମସ୍ତ ବିଦ୍ୟାଳୟ ଗୁଡିକୁ ସୁଚିତ କରାଯିବ । ସମସ୍ତ ପ୍ରତିଯୋଗିତା ଭଞ୍ଜନଗର ସ୍ଥିତ ଦୀନବନ୍ଧୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାସ ୧୮ ତାରିଖରେ ଅନୁଷ୍ଠିତ ହେବ । ଜିଲ୍ଲାର ପ୍ରତିବିଦ୍ୟାଳୟରୁ ଚୟନ ହୋଇ ଛାତ୍ର ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ସହଯୋଗ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଅଞ୍ଚଳରେ ରହିଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ହେବ । ସନ୍ଧ୍ୟାରେ ସାଧାରଣ ସଭା ଆୟୋଜନ ହୋଇ ଚକରା ବିଷୋୟୀ ଙ୍କ ସ୍ମୃତି ଚାରଣ, ପୁରସ୍କାର ବିତରଣ, ଭଜନ ସମାରୋହ, ଚକରା ବିଷୋୟୀ ଙ୍କ ଉପରେ ପର୍ଯ୍ୟବେସିତ ନାଟକ ପରିବେଷଣ ହେବାର ବ୍ୟବସ୍ଥା, କଳାକାରଙ୍କ ରହଣି, ଆଇନ ଶୃଙ୍ଖଳା ପରିସ୍ଥିତି ଇତ୍ୟାଦି ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଥିଲା ।

## ଭୂଗୋଳ ପୋଥିରେ ପରିଚୟ ଖୋଜୁଛି ସୁନାମୁଖୀ ଶାନ୍ତିବନ



**କଳାହାଣ୍ଡି (ଅମୃତ ମିଡିଆ):** ପୁରାଣରେ ବର୍ଣ୍ଣିତ ଅସୁର ରାଜ ଗୋସିଙ୍ଗ ଦୈତ୍ୟଙ୍କ ବନ ବିହାର ସ୍ଥଳ ହେଉଛି 'ସୁନାମୁଖୀ ଶାନ୍ତିବନ' ନଭେମ୍ବର ମାସରୁ ଜାନୁଆରୀ ଶେଷ ପର୍ଯ୍ୟନ୍ତ ବଣଭୋଜି ଋତୁରେ ଏହି ସୁନାମୁଖୀ ଶାନ୍ତିବନ ଉତ୍ସବ ମୁଖର ହୋଇଉଠେ । କିନ୍ତୁ ପ୍ରାକୃତିକ କୀର୍ତ୍ତିରାଜି ଭରା ଏହି ସୁନାମୁଖୀ ଶାନ୍ତିବନ ଏବେ ଭୂଗୋଳ ପୋଥିରେ ନଜିର ପରିଚୟ ଖୋଜୁଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତର ମହଗାଁ ଗ୍ରାମରେ ଥିବା ପ୍ରକୃତିର ନୈସର୍ଗିକ ଶୋଭା ସମ୍ଭାର ମଧ୍ୟରେ ଥିବ । ଐତିହାସିକ ସୁନାମୁଖୀ ଶାନ୍ତି ବନ ରେ ଲୋକେ ବଣଭୋଜି କରିବା ସହ ପ୍ରକୃତିର ମଜା ନେବା ସହ ଏଠାରେ ଥିବା ଆରାଧ୍ୟ ଦେବୀ ସୁନାମୁଖୀଙ୍କ ଦର୍ଶନ କରିଥାନ୍ତି । ମହଗାଁ ଗ୍ରାମବାସୀ ଓ ସୁନାମୁଖୀ ଶାନ୍ତିବନ କମିଟିର ଅକ୍ଲାନ୍ତ ପରିଶ୍ରମ ଫଳରେ ଏହି ସ୍ଥାନ ଏବେ ଏକ ରମଣୀୟ ଉପବନ ଭାବେ ଉଭା ହୋଇଛି । ସୁନାମୁଖୀ ଦେବୀଙ୍କ ଆସ୍ଥାନପରିସରରେ ଏକ କଲ୍ୟାଣ ମଣ୍ଡପ, ମଞ୍ଚ, ମହିମା ଆଶ୍ରମ ସହ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି ନଭେମ୍ବର ମାସରୁ ଏଠାରେ ଆରମ୍ଭ ହୋଇଥିବା ବଣଭୋଜି ବର୍ତ୍ତମାନ ସୁଦ୍ଧା ଜାରି ରହିଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଏଠାକୁ ଆସି ବଣଭୋଜିର ମଜା ଉଠାଇବା ସହ ପ୍ରାକୃତିକ ପରିବେଶରେ କିଛି ସମୟ ଅତିବାହିତ କରୁଛନ୍ତି । ସୁନାମୁଖୀ ଶାନ୍ତିବନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଛି, ହେଲେ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ତୁରନ୍ତ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗ ଏହି ସୁନାମୁଖୀ ଶାନ୍ତିବନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ରୂପାନ୍ତରୀକରଣରେ କଳାହାଣ୍ଡି ଜିଲ୍ଲା ଏକନମ୍ବର

**କଳାହାଣ୍ଡି (ଅମୃତ ମିଡିଆ):** ନୂଆ ଓଡିଶା ଗଠନ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ, ଲୋକଙ୍କୁ ବିକାଶର ହିସାବ ଦେଲେ ୫-ଟି ଅଧ୍ୟକ୍ଷ, କହିଲେ ଏହି ସରକାର ଲୋକମାନଙ୍କର ସରକାର ।

କଳାହାଣ୍ଡି ଜିଲ୍ଲା ଗସ୍ତରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଦେଲେ ସଫଳତାର ଗୁରୁମନ୍ତ୍ର । ଜୟ ଜଗନ୍ନାଥ, ଜୟ ମା' ମାଣିକେଶ୍ୱରୀ କହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ ୫ଟି ଅଧ୍ୟକ୍ଷ । ନୂଆବର୍ଷର ଅଭିନନ୍ଦନ ଦେବା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ ୫ଟି ଅଧ୍ୟକ୍ଷ ।ଏହି ଅବସରରେ ସେ କହିଥିଲେ, 'ସମସ୍ତ ଛାତ୍ରଛାତ୍ରୀ ଏବେ ସେମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚରେ ଅଛନ୍ତି । ଛାତ୍ରଛାତ୍ରୀଙ୍କ ଏହା ଏକ ଗୋଲଡେନ ପିରିୟଡ । ଏହି ସମୟରେ ଆପଣମାନଙ୍କ ଲାଗି ସବୁଠୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଠ ପଢିବା । ପାଠ ପଢିବା ସହ କରିକୁଲାର ଆକ୍ଟିଵିଟିଜ୍ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢିବ । ଜୀବନରେ ସଫଳ ହେବା ଲାଗି ଆତ୍ମବିଶ୍ୱାସ ବହୁ ଜରୁରୀ । ଏଥିଲାଗି ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହାଦ୍ୱାରା ଆପଣଙ୍କ ମଧ୍ୟରେ ଥିବା ପ୍ରତିଭା ବାହାରକୁ ଆସିବ । ସାମଗ୍ରିକ ବ୍ୟକ୍ତିତ୍ୱର ଉନ୍ନତି ହେବ । ପାଠ ପଢିବା ସହ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ହେଲେ ଜୀବନରେ ସଫଳତା ହାସଲ କରି ହେବ । ଆଗକୁ ସେ କହିଥିଲେ, କୌଣସି ପ୍ରତିଯୋଗିତାରେ ଜିତିଲେ ଖୁସି ଲାଗିବ ।



ଏଥିରେ ଭାଗ ନେଲେ ଜୀବନ ସଂଘର୍ଷ କ'ଣ ଜାଣିବେ । ଆପଣଙ୍କ ମଧ୍ୟରେ ଥିବା ନେତୃତ୍ୱ ଓ ଟିମ ୱାର୍କ ଭଳି ପ୍ରତିଭାର ବିକାଶ ହେବ । ଏଥିଲାଗି ଆପଣମାନଙ୍କୁ ସୁସ୍ଥ ରହିବା ସହ ନିଜ ମନକୁ ସୁସ୍ଥ ରଖିବା ଜରୁରୀ । ପ୍ରତିଦିନ ୩୦ ମିନିଟ ଶାରୀରିକ ପରିଶ୍ରମ ସହ ୧୫ ମିନିଟ୍ ଧ୍ୟାନ ନିଶ୍ଚିତ କରନ୍ତୁ । ଉଜ୍ଜଳ ଭବିଷ୍ୟତ ଲାଗି ଦିନକୁ ୧୪ ଘଣ୍ଟା ପରିଶ୍ରମ କରନ୍ତୁ । ସୋସିଆଲ ମିଡିଆରେ ସମୟ ଅପଚୟ ନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ୫-ଟି ଅଧ୍ୟକ୍ଷ । ସୋସିଆଲ ମିଡିଆରୁ ବହୁତ କିଛି ଭଲ ତଥ୍ୟ ଗ୍ରହଣ କରିବାକୁ ଚେଷ୍ଟା କରିବାକୁ ଛାତ୍ରଛାତ୍ରୀଙ୍କ ପରାମର୍ଶ ଦେଇଛନ୍ତି ୫-ଟି ଅଧ୍ୟକ୍ଷ । ସେହିପରି ବାପା ମାଆ ଓ ଗୁରୁଜନଙ୍କ କଥା ମାନି ସେମାନଙ୍କୁ ସମ୍ମାନ ଦେବାକୁ କହିଛନ୍ତି । କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । ଆତ୍ମବିଶ୍ୱାସ ରଖି କଠିନ ପରିଶ୍ରମ କଲେ ଭବିଷ୍ୟତ ଉଜ୍ଜଳ ହେବ ଓ ସ୍ୱପ୍ନ ସାକାର କରିବେ ବୋଲି ୫ଟି ଅଧ୍ୟକ୍ଷ କହିଛନ୍ତି ।

ଏହି ଅବସରରେ କଳାହାଣ୍ଡି ଜିଲ୍ଲାର କିଛି ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇଥିଲେ ୫ଟି ଅଧ୍ୟକ୍ଷ । କେସିଙ୍ଗାର ସରକାରୀ ବିଦ୍ୟାପୀଠରୁ ପାଠ ପଢି ଅନୁପମ ଶାହା ଜିଲ୍ଲାପାଳ ହୋଇ ପାରିଛନ୍ତି । ବରିଷ୍ଠ ପୋଲିସ ଅଧିକାରୀ ସତ୍ୟବ୍ରତ ଭୋଇ ଏମ. ରାମପୁର ସରକାରୀ ବିଦ୍ୟାଳୟରେ ପଢି ଆଇପିଏସ ହୋଇ ପାରିଛନ୍ତି । ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ପାଠ ପଢି ଆଇପିଏସ ପାଇଥିବା ପିନାକ ମିଶ୍ରଙ୍କ ମଧ୍ୟ ଉଦାହରଣ ଦେଇ କଠିନ ପରିଶ୍ରମ ଏକମାତ୍ର ସଫଳତାର ସୂତ୍ର ବୋଲି ବୋଲି କହିଛନ୍ତି ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ।

ପ୍ରତି ବିଶ୍ୱସ୍ତ ହୁଅନ୍ତୁ, ବହୁ ଛାତ୍ରଛାତ୍ରୀ ନିଜ ଆପଣଙ୍କ ସଫଳତାକୁ ବନ୍ଦ କରିପାରିବେନି ବୋଲି କୁହନ୍ତି, ବହୁତ ଉପରକୁ ଯିବେ । କିଏ ବି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ୭ ମାସ ଭିତରେ କଳାହାଣ୍ଡି ପାଇଛି ୫୭୦ କୋଟି ଟଙ୍କା ପାଇଛି ବୋଲି କହିଛନ୍ତି ୫ଟି ଅଧ୍ୟକ୍ଷ । ରୂପାନ୍ତରଣର ସବୁଠୁ ବଡ଼ ଉଦାହରଣ ପାଲଟିଛି କଳାହାଣ୍ଡି । ମେଡିକାଲ ୪୬, ୟୁନିଭର୍ସିଟି, ଇଂଜିନିୟରିଂ କଲେଜରୁ ଜଳସେଚନ ପର୍ଯ୍ୟନ୍ତ ସବୁ ସୁବିଧା ଯୋଗାଇ ଦିଆଯାଇଛି । ଚାଷୀଙ୍କ ପାଇଁ କଳାହାଣ୍ଡିରେ ଜଳସେଚନ ପାଇଁ ଯେଉଁ କାମ ହୋଇଛି ସାରା ରାଜ୍ୟରେରେ ଆଉ କେଉଁଠି ହୋଇନି । ଚାଷୀ ଭାଇଙ୍କ ଜୀବନରେ ବହୁତ ବଡ଼ ଆକାରରେ ରୂପାନ୍ତରଣ ହୋଇଥିବା ଭବାନୀପାଟଣା ଶ୍ରୀକ୍ରିଷ୍ଣ ପଡ଼ିଆରେ କହିଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସ୍ଥାନୀୟ ଲୋକଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, 'କଳାହାଣ୍ଡି ଜିଲ୍ଲାକୁ ବହୁତ ଭଲ ପାଆନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଁ ୨୦୦୨ରେ କଳାହାଣ୍ଡିରେ ଦୁଇ ବର୍ଷ କାମ କରିଥିଲି । କଳାହାଣ୍ଡି କେମିତି ଥିଲା ଗାଁ ଗାଁକୁ ଯାଇ ବୁଲି ଦେଖିଥିଲି । ଆଉ ଏବେ କଳାହାଣ୍ଡି କେମିତି ହୋଇ ହାଇଛି ସେକଥା ସମସ୍ତେ ଜାଣିଛନ୍ତି ଓ' ଏହି ଅବସରରେ କଳାହାଣ୍ଡିବାସୀଙ୍କୁ ପୁରୁଣା ପରିବାର କହି ସମ୍ବୋଧନ କରିଥିଲେ କାର୍ତ୍ତିକ ପାଣ୍ଡିଆନ । ବିକାଶର ହିସାବ ଦେଇ ୫ଟି ଅଧ୍ୟକ୍ଷ କହିଥିଲେ, ମୁଁ ଗତ ମେ' ୧୯ ଓ ୨୦ ତାରିଖରେ କଳାହାଣ୍ଡି ଆସିଥିଲି । ସେତେବେଳେ ପାଖାପାଖି ୨ ହଜାର ଦରଖାସ୍ତ ନେଇଥିଲେ । ଏଥିରୁ ୧୮ ଶହ ଦରଖାସ୍ତର ସମାଧାନ ହୋଇଛି । ୭ ମାସ ଭିତରେ କଳାହାଣ୍ଡି ଜିଲ୍ଲା ପାଇଁ ୫୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । କଲେଜ ରୂପାନ୍ତରଣ ପାଇଁ ୨୭ କୋଟି ଟଙ୍କା ମଞ୍ଜୁର ହୋଇଛି । ଫେବୃଆରୀ ଶେଷ ସୁଦ୍ଧା କାମ ସରିଯିବ । ବେଲଖଣ୍ଡି ଓ ମା' ଲଙ୍କେଶ୍ୱରୀ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ ଲେଖାଏଁ ଟଙ୍କା, ମା' ଭଣ୍ଡରଘରଣୀ ମନ୍ଦିର ପାଇଁ କୋଟିଏ ୯ ଲକ୍ଷ, ଆମ୍ବପାଣି ବୁଢାରଜା ମନ୍ଦିର ପାଇଁ ୭୫ ଲକ୍ଷ ଟଙ୍କା, ଥୁଆମୂଳ ରାମପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ ଲକ୍ଷ, ଭବାନୀପାଟଣା ଆଶା ସାଗର ପାଇଁ ୬ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।' ପିପଲ ନାଳ ସେତୁ ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟିଏ ୭୦ ଲକ୍ଷ, ସାନ୍ଦୁଲ ନଦୀ ଉପରେ ସେତୁ ପାଇଁ ୧୪ କୋଟି ୫୦ ଲକ୍ଷ, ହାତୀ ନଦୀ ଉପରେ ସେତୁ ପାଇଁ ୧୧ କୋଟି ୨୦ ଲକ୍ଷ, କଲ୍ୟାଣ ନଦୀ ଉପରେ ଡଙ୍ଗର ମୁରଲୀରୁ ଖଲିପଦର ରାସ୍ତାରେ ସେତୁ ପାଇଁ ୮ କୋଟି ୮୨ ଲକ୍ଷ ଟଙ୍କା ଓ ରେତ ନଦୀ ଉପରେ ସଗରପଦା ଖମାରପଦର ରାସ୍ତାରେ ସେତୁ ପାଇଁ ୮ କୋଟି ୪୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ୫-ଟି ଅଧ୍ୟକ୍ଷ କହିଛନ୍ତି । ଆଗକୁ ସେ କହିଥିଲେ ଯେ, ଥୁଆମୂଳ ରାମପୁରରେ ସରକାରୀ ଡିଗ୍ରୀ କଲେଜକୁ ମଞ୍ଜୁରୀ ମିଳିଛି । ୧୦ ଦିନ ଭିତରେ ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଖୁସି ଖବର ମିଳିବ । ଜିଲ୍ଲାରେ ଲକ୍ଷ୍ମୀ ବସ ଚାଲିଛି । ବିଏସକେୱାଇ କାର୍ଡ ପାଇ ନ ଥିବା ଗ୍ରାମାଞ୍ଚଳ ଲୋକ ଆବେଦନ କରନ୍ତୁ । ଏହି ଯୋଜନାରେ ବଡ଼ ହସ୍ପିଟାଲରେ ଚିକିତ୍ସିତ ହେବାକୁ ଗରିବଙ୍କୁ ମୁଖ୍ୟମନ୍ତ୍ରୀ ସାହାସ ଦେଇଛନ୍ତି । ଏହି ଅବସରରେ କଳାହାଣ୍ଡିରେ ପ୍ରତି ଘରେ ଘରେ ନବୀନ କାର୍ଡ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ । ମାର୍ଚ୍ଚ ସୁଦ୍ଧା ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ । ଭତ୍ତା ପାଉଥିବା ଲୋକଙ୍କୁ ଶୀଘ୍ର ଖୁସି ଖବର ମିଳିବ ବୋଲି ସେ କହିଛନ୍ତି । ନୂଆ ଓଡ଼ିଶା ଗଠନ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ । କଳାହାଣ୍ଡି କୁ ସବୁ ଦେଇଛନ୍ତି ମୁଖ୍ୟମନ୍ତ୍ରୀ, କଳାହାଣ୍ଡି ବାସୀ ତାଙ୍କୁ ସମ୍ମାନ ଦେବାକୁ ୫ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି । । ଏହି ସରକାର ଲୋକଙ୍କ ସରକାର । ଲୋକ ଯାହା ଚାହିଁବେ ସେଇ ସେଇ କାମ ହେବ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

# ପରିକ୍ରମା ପ୍ରକଳ୍ପର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି

## ସୁରକ୍ଷା ଚାଦର ଓ ସିସିଟିଭି ବଳୟରେ ରହିଛି ଶ୍ରୀକ୍ଷେତ୍ର
## ୮୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୯ଟି ସ୍ୱତନ୍ତ୍ର ଟିମ୍ ହେବେ ମୁତୟନ
## ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପିଙ୍କ ବିସ୍ତୃତ ଆଲୋଚନା



**ପୁରୀ(ବ୍ୟୁରୋ):** ଆସନ୍ତା ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଲୋକାର୍ପଣ ଉତ୍ସବରେ ବହୁ ଭିଆଇପି ଓ ଭିଭିଆଇପି ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏ ନେଇ ସୋମବାର ଡ଼ିଜିପି ଅରୁଣ କୁମାର ଷଡ଼ଙ୍ଗୀ ସମୀକ୍ଷା କରିଛନ୍ତି । ସମୀକ୍ଷା ସହ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ୧୭ ତାରିଖ ପାଇଁ ୮୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୯ଟି ସ୍ୱତନ୍ତ୍ର ଟିମ୍ ଓ ୪ଟି ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ରହିବେ। ସୁରକ୍ଷା ଚାଦର ଓ ସିସିଟିଭି କ୍ୟାମେରା ବଳୟ ମଧ୍ୟରେ ରହିଛି ଶ୍ରୀକ୍ଷେତ୍ର। ପୁରୀ ସହରକୁ ସୁରକ୍ଷା ଚାଦରରେ ରଖାଯାଇଛି। ୧୭ ତାରିଖରେ ଚାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିବ। ଟ୍ରାଫିକ ସୁପରିଚାଳନା, ଭକ୍ତଙ୍କ ସୁରକ୍ଷା, ଭିଭିଆଇପିଙ୍କ ସୁରକ୍ଷା, ଭକ୍ତଙ୍କ ଦର୍ଶନ ପାଇଁ ଆନୁସଙ୍ଗିକ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ୧୦୦ ଜଣ ସୁପରଭାଇଜିଂ ଅଧିକାରୀ, ୨୫୦ ସବ ଇନ୍ସପେକ୍ଟର ଓ ଏଏସଆଇ ଓ ୮୦ ପ୍ଲାଟୁନ ପୋଲିସ ଫୋର୍ସ ଓ ହୋମଗାର୍ଡ ମୁତୟନ ରହିବ। ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନ କୌଶଳକୁ ଯୋଡାଯାଇଛି। ସିଂହଦ୍ୱାର ଥାନା ନିକଟରେ ପୋଲିସ କଣ୍ଟ୍ରୋଲ ରୁମ୍ କରାଯାଇଛି। ବଡ଼ଦାଣ୍ଡ, ଶ୍ରୀମନ୍ଦିର ଭିତର ଓ ବାହାର, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ଯଜ୍ଞ ମଣ୍ଡପ, ମୁଖ୍ୟମନ୍ତ୍ରୀ ବସିବା ସ୍ଥାନ, ଶ୍ରୀମାର୍ଗ, ଶ୍ରୀସେତୁ, ଶ୍ରୀଜଗନ୍ନାଥ ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, ଉତ୍ତର ପାର୍ଶ୍ୱ ମଠ ନିକଟରେ ଅତିଥିଙ୍କ ବସିବା ପାଇଁ ହୋଇଥିବା ସ୍ଥାନ ସିସିଟିଭି କ୍ୟାମେରା ଦ୍ୱାରା ନିୟନ୍ତ୍ରଣ କରାଯାଉଛି। ଚେହେରା ଚିହ୍ନଟ ପ୍ରଣାଳୀ ଦ୍ୱାରା କୌଣସି ସନ୍ଦେହ ଉପୁଜିଲେ ସହଜରେ ତାଙ୍କ ଚେହେରା କ୍ୟାମେରା ଦ୍ୱାରା ରେକର୍ଡ ହୋଇ ଅପରାଧିକ କାର୍ଯ୍ୟକଳାପକୁ ଚିହ୍ନଟ କରିପାରିବ। ସେହିପରି ହେଲିପ୍ୟାଡ, ମୁଖ୍ୟମନ୍ତ୍ରୀ ଓ ଭିଭିଆଇପିଙ୍କ ରୁଟ୍, ଶ୍ରୀସେତୁ, ଶ୍ରୀମାର୍ଗ, ଯଜ୍ଞ ସ୍ଥଳ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମୁଖ୍ୟମନ୍ତ୍ରୀଙ୍କ ବସିବା ସ୍ଥାନ, ଫଳକ ଉନ୍ମୋଚନ ସ୍ଥାନର ଚିକିନିଖି ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ। ସମଙ୍ଗ ପାର୍କିଂରେ ରହିବ ୨୫ଟି ଶ୍ରୀଜଗନ୍ନାଥ ବସ୍ ସହ ୫୦ଟି ବ୍ୟାଟେରୀ ଗାଡ଼ି ମଧ ରହିବ। ୧୭ ତାରିଖ ଅପରାହ୍ନରେ ଶ୍ରଦ୍ଧାଳୁ ଏହି ୫୦ଟି ବ୍ୟାଟେରୀ ଗାଡ଼ି ଯୋଗେ ପରିକ୍ରମା ପ୍ରକଳ୍ପ ଅନ୍ତଃ ପ୍ରଶିକ୍ଷଣ ମାର୍ଗକୁ ଆସିପାରିବେ। ପରିକ୍ରମା ପ୍ରକଳ୍ପର ୫୫ ମିଟର ହେଉଛି ଅନ୍ତଃ ପ୍ରଦିକ୍ଷଣ ମାର୍ଗ। ୪ ବର୍ଷର ପରିଶ୍ରମ ସଫଳ ରୂପ ନେବାକୁଯାଉଛି। ପରିକ୍ରମା ପ୍ରକଳ୍ପରେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ରହିଛି। ଡ଼ିଜିପି ଅରୁଣ କୁମାର ଷଡ଼ଙ୍ଗୀ ସମୀକ୍ଷା ବେଳେ ଅତିରିକ୍ତ ଡ଼ିଜି ସଂଜୀବ ପଣ୍ଡା, ଆଇନ ଶୃଙ୍ଖଳା ଅତିରିକ୍ତ ଡ଼ିଜି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ, ପୁରୀ ଏସ୍‌ପି ଡ଼ କେ. ବିଶାଳ ସିଂ ଓ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

**ପୁରୀ (ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବେ। ତେବେ ସୋମବାର ପୁରୀ ଗସ୍ତରେ ଆସି ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା। ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅନୁଯାୟୀ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ପାଇଁ ସବୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭିଭିଆଇପି ଶ୍ରୀମାର୍ଗ ଦେଇ ଆସିବେ। ସୋମବାର ଠାରୁ ବାହାର ରାଜ୍ୟର ଅତିଥିମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିବେ। ୧୭ତାରିଖ ଲୋକାର୍ପଣ ପରେ ଶ୍ରୀ ସେତୁ ସ୍ୱାଗତ ତୋରଣ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱଚ୍ଛତା ରକ୍ଷା ସହ ରକ୍ଷଣାବେକ୍ଷଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ। ସୋମବାର ଠାରୁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ସମଗ୍ର ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।



# ପତ୍ରିକା 'ନୀଳଚକ୍ର ବାନା' ଲୋକାର୍ପିତ

**ପୁରୀ(ବ୍ୟୁରୋ):** ଆଧ୍ୟାତ୍ମିକ ପତ୍ରିକା 'ନୀଳଚକ୍ର ବାନା' ର ଶୁଭ ଲୋକାର୍ପଣ ଉତ୍ସବ ସ୍ଥାନୀୟ ୟୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୋଗଦାନ କରିଥିବା ବେଳେ ବିଶିଷ୍ଟ ବାଗ୍ମୀ ଡକ୍ଟର ପ୍ରତିଭା ମହାରଥୀ ମୁଖ୍ୟବକ୍ତା ଏବଂ କବି ଶଙ୍କର୍ଷଣ ପରିଡ଼ା ଓ ଡକ୍ଟର ପ୍ରତିମା ରାଣୀ ଷଡଙ୍ଗୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ଡକ୍ଟର କମଳାକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପତ୍ରିକା ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସାହିତ୍ୟ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମକର ସଂକ୍ରାନ୍ତି ଦିବସର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ 'ନୀଳଚକ୍ର ବାନା' ଲୋକାର୍ପିତ ହେବା ସହ ପ୍ରତିମା ରାଣୀଙ୍କ 'ଆସ ପ୍ରାର୍ଥନା କରିବା' ଏବଂ ସୁବାସିନୀ ଧଳଙ୍କ କବିତା ସଂକଳନ 'ମନ ମଲ୍ଲାର' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିସହ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା ଶକୁନ୍ତଳା ବଳିଆରସିଂ, ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର, ସୁଲେଖା ସମ୍ପାଦକ ସଦାଶିବ ମିଶ୍ରଙ୍କୁ ନୀଳଚକ୍ର ବାନା ସମ୍ମାନରେ ସମ୍ମାନିତ କରାଯିବା ସହ ଓଡିଶାରୁ କୋଡ଼ିଏ ଜଣ ପ୍ରତିଭାଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ସଭା କାର୍ଯ୍ୟ ସଂଚାଳନ କରିଥିଲେ। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଷାଠିଏ ଜଣ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କବି କ୍ରିଷ୍ଣା ମହାପାତ୍ର, ଅନାମ ଚନ୍ଦ୍ର ସାହୁ, ପ୍ରବାଶିନୀ ମିଶ୍ର, ତୃପ୍ତି ପଣ୍ଡା, ରାଜେଶ କୁମାର ନନ୍ଦ, ସୁରେଶ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



# ପୁରୀ ରେଳଷ୍ଟେସନରେ ଯାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ସେବା

**ପୁରୀ(ବ୍ୟୁରୋ):** ପୁରୀର ପୁନଃବିକଶିତ ରେଳଷ୍ଟେସନରେ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ପାରମ୍ପରିକ ସ୍ଥାପତ୍ୟ ବିଶେଷତ୍ୱ ପ୍ରତିଫଳିତ ହେବା ସାଙ୍ଗକୁ ଯାତ୍ରୀମାନଙ୍କ ଲାଗି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ରେଳଷ୍ଟେସନ ବିକାଶ କାର୍ଯ୍ୟ ହାତକୁ ନେଇଥିବା ରଥ ଆର୍କିଟେକ୍ଟୋନିକ୍ ପକ୍ଷରୁ ଏହା କୁହାଯାଇଛି। ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ପୁନର୍ବିକାଶ କାର୍ଯ୍ୟ ଶେଷ ହେବ। କଳିଙ୍ଗ ସ୍ଥାପତ୍ୟ ଅନୁଯାୟୀ ଷ୍ଟେସନର ପୁନଃନିର୍ମାଣ କରାଯାଉଛି। ଷ୍ଟେସନର ସମ୍ମୁଖ ଭାଗ ଜଗନ୍ନାଥ ମନ୍ଦିର ଆକୃତିର ହେବ ବୋଲି ସଂସ୍ଥାର ପ୍ରତୀକ ରଥ କହିଛନ୍ତି। ପୁରୀ ମନ୍ଦିର ମୂଳତଃ ଦୁଇ ଭାଗରେ ବିଭକ୍ତ ଯଥା ଦେଉଳ ଏବଂ ଜଗମୋହନ। ମନ୍ଦିରର ପ୍ରବେଶପଥରେ ଦେଉଳର ପ୍ରତିଫଳନ ଦେଖିବାକୁ ମିଳିବ। ଏହାର ପଶ୍ଚାତ୍‌ଭାଗ ଯେଉଁଠାରେ ଯାତ୍ରୀଙ୍କ ସମାଗମ ହେବ, ତାହା ଜଗମୋହନ ଆକୃତିର ହେବ। ଉକ୍ତ ସ୍ଥାନର ଦୈର୍ଘ୍ୟ ୧୧୫ ମିଟର ଓ ପ୍ରସ୍ଥ ୩୦ ମିଟର ରହିବ। କଳିଙ୍ଗ ସ୍ଥାପତ୍ୟ ଅନୁଯାୟୀ ଷ୍ଟେସନ ନିର୍ମାଣରେ ବିଭିନ୍ନ ଶିଳାକୁ ଖୋଦିତ କରାଯାଇ ବ୍ୟବହାର କରାଯିବ। ବର୍ତ୍ତମାନ ପୁରୀ ଷ୍ଟେସନରେ ଦୈନିକ ୬ରୁ ୭ ହଜାର ଯାତ୍ରୀ ଯାତାୟାତ କରୁଥିବାବେଳେ ଆଗାମୀ ଦିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ ଷ୍ଟେସନରେ ଯାତ୍ରୀ କ୍ଷମତା ୪୦ ହଜାରକୁ ବୃଦ୍ଧି କରାଯାଉଛି। ୨୦୨୨ ଜୁଲାଇରେ ରେଳୱେ ପୁରୀ ଷ୍ଟେସନ ପୁନଃ ବିକାଶ କାର୍ଯ୍ୟ ରଥ ଆର୍କିଟେକ୍ଟୋନିକ୍‌କୁ ଦେଇଥିବାବେଳେ ୨୦୨୩ ଜାନୁୟାରୀରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନୋଜ ରଥ ଏବଂ ପ୍ରତୀକ ରଥ ଷ୍ଟେସନର ଡିଜାଇନ୍ କରିଛନ୍ତି ଏବଂ ବି.ସି ଭୂୟାଁ କନଷ୍ଟ୍ରକ୍‌ସନ୍ ପ୍ରା.ଲିଃ ଏହାର ନିର୍ମାଣ କରୁଛି।

# ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ନୀତି

**ପୁରୀ (ଅମୃତ ମିଡିଆ):** ଶ୍ରୀମନ୍ଦିର ଆଜି ମକର ସଂକ୍ରାନ୍ତି ନୀତି । ଶ୍ରୀଜୀଉମାନେ ଆଜି ମକର ଚୌରାଶୀ ବେଶରେ ଦର୍ଶନ ଦେଇଛନ୍ତି। ପବିତ୍ର ମକର ସଂକ୍ରାନ୍ତି ଅବସରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ମକର ଚାଉଳ ପ୍ରସାଦ ଲାଗି ହେବାର ପରମ୍ପରା ରହିଛି। ଆଜି ମହାପ୍ରଭୁ ସ୍ୱତନ୍ତ୍ର ମକର ଚୌରାଶି ବେଶରେ ଭକ୍ତିଙ୍କୁ ଦର୍ଶନ ଦିଅନ୍ତି । ଏହି ବେଶରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି କରାଯାଇ ନୂଆ ଲୁଗା, ଚୂଳ ମାଳ ଲାଗି କରାଯାଇ ଛଅମୂର୍ତ୍ତୀ ଅଳଙ୍କାରରେ ଭୁଷିତ କରାଯାଏ। ମଧ୍ୟାନ୍ନ ଧୂପ ପରେ ନଡିଆ, ଘିଅ, ମିଠା, ଦୁଧ, ସର, ଖୁଆ ଓ ଚାଉଳକୁ ମିଶ୍ରିତ କରାଯାଇ ମକର ଭୋଗ ଭୁଙ୍କୁ ଲାଗି କରାଯାଇଥାଏ । ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ପରଠାରୁ ମକର ନିତୀ ପାଳନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଆଲାମଚଣ୍ଡୀ ମନ୍ଦିରରୁ ଆସିଥିବା ମକର ତାଡକୁ ଭୋଗମଣ୍ଡପରୁ ଆଣି ସେବାୟତମାନେ ଆଣି ସେଥିରେ ମକର ଚାଉଳ ପ୍ରସ୍ତୁତ କରିଥାନ୍ତି। ଏଥିସହିତ ଶ୍ରୀଜୀଉଙ୍କୁ ମକର ଚୌରାଶି ବେଶ କରାଯାଇଥାଏ ଏବଂ ଏହା ସହିତ ପ୍ରସ୍ତୁତ ହୋଇଥିବା ମକର ମହାପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଇଥାଏ। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ବାରମାସରେ ତେର ପର୍ବ ପାଳନ ହୋଇଥାଏ ବୋଲି ଲୋକ କଥାରେ ରହିଛି। ସେଥିମଧ୍ୟରୁ ମକର ସଂକ୍ରାନ୍ତି ପର୍ବ ଅନ୍ୟତମ। ମକର ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଛି। ମହାପ୍ରଭୁଙ୍କ ମକର ଚାଉଳ ପ୍ରସାଦ ରୂପେ ପାଇବା ପାଇଁ ଭକ୍ତିମାନେ ମଧ୍ୟ ଉତ୍କଣ୍ଠାରେ ରହିଥାନ୍ତି। ସେପଟେ ମହାପ୍ରଭୁଙ୍କ ମକର ସଂକ୍ରାନ୍ତି ନୀତି ଅବସରରେ ବିଭିନ୍ନ ମଠ ମନ୍ଦିରରେ ମଧ୍ୟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମକର ଚାଉଳ ପ୍ରସ୍ତୁତ କରାଯାଇ ଭୋଗ ରୂପେ ଅର୍ପଣ କରାଯାଏ। ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀରେ ବିଭିନ୍ନ ମଠ ମନ୍ଦିର ମଧ୍ୟ ଚଳଚଞ୍ଚଳ ହୋଇପଡିଛି। ସେପଟେ ଶ୍ରୀ ମନ୍ଦିରକୁ ହଜାର ହଜାର ଭକ୍ତିଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୦୨ତମ ଆଗମନୀ ସ୍ମୃତି ଉତ୍ସବ



**ପୁରୀ(ବ୍ୟୁରୋ):** ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୦୨ତମ ଉତ୍କଳ ତଥା ପୁରୀ ଆଗମନୀ ସ୍ମୃତି ଉତ୍ସବ ତାଳବଣିଆ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରେ ସତ୍‌ସଙ୍ଗ ଠାକୁରବାଡ଼ିରେ ବେଦ, ନହବତ୍, ଉଷାକୀର୍ତ୍ତନ, ପ୍ରାର୍ଥନା ଓ ଗ୍ରନ୍ଥ ପାଠ କରାଯାଇଥିଲା। ସକାଳେ ତାଳବଣିଆ ସ୍ଥିତ ମଞ୍ଚରେ ଦେଶାତ୍ମବୋଧକ ସଂଗୀତ 'ଆର୍ଯ୍ୟ ଭାରତ ବର୍ଷ ଆମାର'ରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉତ୍ସବ କମିଟି ସଭାପତି ଡ଼ ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟିକା ସୁନନ୍ଦା ଦାସ, ପୂର୍ବାଞ୍ଚଳ ଆରଡିସି ଡ଼ ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ବୈରାଗୀ ଚରଣ ଦ୍ୱିବେଦୀ ପ୍ରମୁଖ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁରୀ ଆଗମନର ସ୍ମୃତିଚାରଣ କରିଥିଲେ। ପରେ ସୁସଜ୍ଜିତ ରଥରେ ଶ୍ରୀଶ୍ରୀ ଠାକୁରଙ୍କ ବିଗ୍ରହ ପରିକ୍ରମା କରାଯାଇଥିଲା। ରେଳ ଷ୍ଟେସନ୍ ନିକଟକୁ ନେବା ପରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରୁ ରଥକୁ ଭିଆଇପି ରୋଡ୍, ସୁଭାଷ ବୋଷ ଛକ ଦେଇ ଠାକୁରବାଡ଼ିକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୩ଟି ମଞ୍ଚରେ ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡ଼ମା, ଶ୍ରୀଶ୍ରୀ ବଡ଼ଦା, ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କୁ ସୁସଜ୍ଜିତ କରି ବସାଯାଇଥିଲା। ମଞ୍ଚରେ ଭକ୍ତି ସଂଗୀତ, ଦୀକ୍ଷାପତ୍ର ସମ୍ମିଳନୀ, ସାଧାରଣ ସଭା, ଅନୁଭୂତିର ଗଳ୍ପ, ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୬୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୧ ହଜାରରୁ ଅଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶ୍ରୀଶ୍ରୀ ଠାକୁରଙ୍କ ଅଣନାତି ଅରଣୀ ଦାଦା ଭକ୍ତମାନଙ୍କ ଗହଣରେ ଉପସ୍ଥିତ ରହି ଆଶୀର୍ବାଦ ଦେଇଥିଲେ। ସତ୍‌ସଙ୍ଗ ଦେଓଘର ଆଶ୍ରମର ପ୍ରତି ଋତ୍ୱିକ୍ ଡ଼ ବିନାୟକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା।


# ଶ୍ରୀମନ୍ଦିରକୁ ଦୁଇବ୍ୟାଟେରୀ ଗାଡ଼ି ଦେଲେ ମହିଳା ଭକ୍ତ

**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁବିଧା ନିମନ୍ତେ ଦୁଇଟି ବ୍ୟାଟେରୀ ଚାଳିତ ଗାଡିକୁ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶଙ୍କୁ ପ୍ରଦାନ କରିଛନ୍ତି ଜଣେ ମହିଳା ଭକ୍ତ କୁମାର ଷଡଙ୍ଗୀ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ବ୍ୟାଟେରୀ ଗାଡିରେ ୮ଜଣ ଭକ୍ତ ବସିପାରିବାର ସୁବିଧା ରହିଛି। ଶ୍ରୀମନ୍ଦିରକୁ ଆସୁଥିବା ବରିଷ୍ଠ ନାଗରିକ ଓ



ବିଷ୍ଣୁପ୍ରିୟ ସ୍ୱାଇଁ। ମହିଳା ଭକ୍ତଜଣଙ୍କ ଅନୁଗୁଳ ଜିଲ୍ଲା ହୋଇଥିବାବେଳେ ସେ ଆନନ୍ଦ-ବିଷ୍ଣୁପ୍ରିୟା କନଷ୍ଟ୍ରକସନ୍‌ର ନିର୍ଦ୍ଦେଶକ ବୋଲି ଜଣାପଡିଛି। ଗାଡି ପ୍ରଦାନ ସମୟରେ ସ୍ଥାନୀୟ ବିଧାୟକ ଜୟନ୍ତ ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ଉକ୍ତ ଗାଡିରେ ବସି ସିଂହଦ୍ୱାର ସମେତ ଶ୍ରୀମନ୍ଦିର ପରିକ୍ରମା ପରିସରରେ ବୁଲିପାରିବେ। ଉକ୍ତ ଦୁଇ ଗାଡିର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

# ବାଲୁକା କଳାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ




**ପୁରୀ(ବ୍ୟୁରୋ):** ଚଳିତ ମାସ ୧୭ ତାରିଖରେ ଲୋକାର୍ପିତ ହେବାକୁ ଯାଉଛି ବହୁ ପ୍ରତିକ୍ଷିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ତେଣୁ ଏହାକୁ ନଜରରେ ରଖି ବିଶ୍ୱସ୍ତରୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ବାଲିରେ ପ୍ରସ୍ତୁତ କରିଛନ୍ତି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଯେଉଁଥିରେ ୧୦ ଟନର ବାଲି ବ୍ୟବହାର କରାଯାଇଛି। ଏହି ପ୍ରକଳ୍ପର ଦୈର୍ଘ୍ୟ ୮ ଫୁଟ, ପ୍ରସ୍ଥ ୮ ଫୁଟ ଏବଂ ଉଚ୍ଚତା ୨.୫ ଫୁଟ ରହିଛି। ଏହାକୁ ପ୍ରସ୍ତୁତ କରିବାକୁ ସୁଦାମଙ୍କୁ ୭ ଦିନର ସମୟ ଲାଗିଥିଲା ଏବଂ ପ୍ରତ୍ୟେକ ଦିନ ୧୨ରୁ ୧୩ ଘଣ୍ଟା ପରିଶ୍ରମ କରି ଏହି ବାଲୁକା ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ। ଏହି କାର୍ଯ୍ୟ ନିଷ୍ପାପର ସହ କରିବାକୁ ଏବଂ ସୌନ୍ଦର୍ଯ୍ୟ ପୂର୍ଣ୍ଣ କରିବା ହେଉଛି ମହାପ୍ରଭୁଙ୍କ ଇଚ୍ଛା, ମହାପ୍ରଭୁ ଏମିତି ଆଶୀର୍ବାଦ କରୁଥାନ୍ତୁ ମୁଁ ସବୁ ସମୟରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେବାର ସୁଯୋଗ ପାଉଥାଏ, ଏହା ହିଁ ମୋର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ବୋଲି କହିଛନ୍ତି ବିଶ୍ୱସ୍ତରୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ।




## ଯୁବ ଓଡ଼ିଶା ନବୀନ ଓଡ଼ିଶା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ସମାଜ ଓ ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'




**ପୁରୀ (ଅମୃତ ମିଡିଆ):** ମହାତ୍ମାଗାନ୍ଧୀ ସ୍ମୃତିଶିକ୍ଷା ଓ ବୈଷୟିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂବାଶାସନ, କୌଶଲ୍ୟାଗଙ୍ଗ ପୁରୀ ଠାରେ ସମ୍ପନ୍ନିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି) ଅଧିନ ଯୁବ ଓଡିଶା ନବୀନ ଓଡିଶା ନୂଆ- ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ଏକମାସ ବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ଉଦ୍‌ଘାଟନୀ ସମାରୋହ ଠାରୁ ଉଦ୍‌ଯାପନୀ ସମାରୋହ ପର୍ଯ୍ୟନ୍ତ କ୍ରୀଡ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା, ସାମାଜିକ କାର୍ଯ୍ୟକଳାପ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଚାରକମାନଙ୍କ ମାଧମରେ ଚୟନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକୁ ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀଧର ସାହୁଙ୍କ ନିର୍ଦ୍ଦେଶରେ ନୋଡାଲ ଅଫିସର ବରାହୀ ପ୍ରସାଦ ଶତପଥୀଙ୍କ ପରାମର୍ଶକ୍ରମେ କ୍ରୀଡା ବିଭାଗର ମୁଖ୍ୟ ସୋମନାଥ ମିଶ୍ର, ସାଂସ୍କୃତିକ ବିଭାଗ ମୁଖ୍ୟ ଡ. ଶିବପ୍ରସାଦ ରାଉତ ଓ ସାମାଜିକ କାର୍ଯ୍ୟକଳାପର ମୁଖ୍ୟ ମଧୁସ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ଉଚ୍ଚମାଧମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀମାନଙ୍କ ସହାୟତାରେ ସମ୍ପାଦିତ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଡେଲାଙ୍ଗ-ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ସୁନିଲ କୁମାର ଜେନା, ଯୁଗ୍ମ ନିର୍ଦ୍ଦେଶକ ଓଡିଶ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ପ୍ରିୟବ୍ରତ ସାମନ୍ତରାୟ, ସଦସ୍ୟ ରାଜ୍ୟ ଓଡିଶା ଖାଦ୍ୟ ଆୟୋଗ କିଶୋର କୁମାର ଛୋଟରାୟ, ସଭାପତି ପୁରୀ, ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଦେବସ୍ମିନୀ ନନ୍ଦ, ଅଧକ୍ଷ ପିପିଲି ପଂଚାୟତ ସମିତି ଜନାବ୍ ସେକ୍ ବାବୁ, ଅଧକ୍ଷ ପିପିଲି ବିକଶିତ ଅଂଚଳ ପରିଷଦ ନାରାୟଣ ସ୍ୱାଇଁ, ସାଂସଦ ପୁରୀଙ୍କ ପିପିଲି ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପାଧକ୍ଷ ପିପିଲି ପଂଚାୟତ ସମିତି ସୁଶ୍ରୀ ସଙ୍ଗୀତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଜୋନ୍-୨୨ ରଶ୍ମିପ୍ରଭା ଦାସ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ସରକାରଙ୍କ ଏପରି ଯୋଜନାଉତ୍ତମ ଛାତ୍ରଛାତ୍ରୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ମତପୋଷଣ କରିଥିଲେ। ମୁଖ୍ୟଅତିଥି ମହାରଥୀ କହିଥିଲେ ଯେ, ସମାଜ ଓ ଦେଶ ଗଠନରେ ଯୁବଶକ୍ତିର ଭୂମିକା ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅନେକ ତଥ୍ୟ ପ୍ରଦାନ ସହ ସରକାରଙ୍କ ଏହି କାର୍ଯ୍ୟକ୍ରମର ଧାରାକୁ ଭୂୟସୀ ପ୍ରଂଶସା କରିଥିଲେ । ଏଥିରେ ପୂର୍ବତନ ପରିଚାଳନା କମିଟି ଅନେକ ସଦସ୍ୟ ଯୋଗ ଦେଇଥିଲେ। ସଭା କାର୍ଯ୍ୟ ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ଆକାଂକ୍ଷା ମହାନ୍ତିଙ୍କ ଓଡିଶୀ ନୃତ୍ୟ, ନୃତ୍ୟଗୁରୁ ଶ୍ରୀମାନ ରୋହିତ କୁମାର ଭୋଇଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।







# ର୍ୟୁମାଟିଜିମ୍

ଡାକ୍ତର ଗୋପାଳ ଚନ୍ଦ୍ର ସେଠୀ

**ଆପଣଙ୍କ ଗଣ୍ଠିର ବିନ୍ଧା ଓ ମାଂସପେଶୀ ଯନ୍ତ୍ରଣା ଦେଉଛି କି ? ହାତ ଓ ଗୋଡର ଗଣ୍ଠି ଗୁଡ଼ିକ ଫୁଲିବା ସହ ଦରଜ ଲାଗୁଛି କି ତାହାଲେ ଏହା ର୍ୟୁମାଟିଜିମ୍ ହୋଇପାରେ । ତେବେ ଚିକିତ୍ସାରେ ବିଳମ୍ବ କଲେ କେତେକ କ୍ଷେତ୍ରରେ ରୋଗୀଟିର ଗଣ୍ଠି ଗୁଡ଼ିକ ବଙ୍କା ହେବାର ଆଶଙ୍କା ମଧ୍ୟ ରହିଥାଏ ।**

ବୟସ ବୃଦ୍ଧି, ବର୍ତ୍ତମାନର ଅତ୍ୟାଧୁନିକ ଜୀବନଶୈଳୀ, ବଂଶଗତ କାରଣ ଏହି ତିନୋଟି ହେଉଛି ଏହାର ମୁଖ୍ୟ ଲକ୍ଷଣ । କେତେକ କ୍ଷେତ୍ରରେ ଆଣ୍ଠୁରେ କୌଣସି ଦୁର୍ଘଟଣାଜନିତ ଆଘାତ କାରଣ ହେଉ ବା କୌଣସି ସଂକ୍ରମଣ । କେତେକ କ୍ଷେତ୍ରରେ ଟ୍ୟୁମର ଜନିତ କାରଣରୁ ମଧ୍ୟ ଏହି ଯନ୍ତ୍ରଣା ଆରମ୍ଭ ହୋଇଥାଏ । ତେବେ ମାଂସପେଶୀ ଯନ୍ତ୍ରଣାରୁ କାନ୍ଧ, ଅଣ୍ଟା ଓ ଆଣ୍ଠୁ ଅଧିକ କଷ୍ଟ ଦେଇଥାଏ । ର୍ୟୁମାଟିଜିମର ମୁଖ୍ୟ ଲକ୍ଷଣ ହେଉଛି ଗଣ୍ଠି ଫୁଲିବା ସହ ଟାଣ ଅନୁଭବ ହେବା, ଲାଲ ପଡ଼ିଯିବା, ଲଗାତର ଦରଜ ରହିବା, ସକାଳୁ ଶଯ୍ୟାତ୍ୟାଗ ପରେ ଗଣ୍ଠି କଷ୍ଟ ଅନୁଭବ ହେବା ଏପରିକି ତଳେ ବସିବା ଉଠିବା ହେଉ ବା ବିଛଣାରେ କଡ ଲେଉଟାଇବା ସମୟରେ ଅସୁବିଧା ଦେଖାଦେବା, ଆଙ୍ଗୁଠି ବା ଗୋଡ ଅତ୍ୟଧିକ ଫୁଲିଯାଇ ବୁଲାଚଲାରେ କଷ୍ଟ ଅନୁଭବ କରିବା ହେଉଛି ଏହାର ପ୍ରମୁଖ କାରଣ ।

ଆର୍ଥ୍ରାଇଟିସ୍ ଏକ ଦୀର୍ଘକାଳୀନ ରୋଗ ହୋଇଥିଲେ ମଧ ସଚେତନତାର ଅଭାବ ଲୋକମାନଙ୍କୁ ଯଥେଷ୍ଟ ବିଳମ୍ବରେ ବିଶେଷଜ୍ଞଙ୍କ ପାଖରେ ପହଞ୍ଚାଇଥାଏ । ସାଧାରଣତଃ ଆର୍ଥ୍ରାଇଟିସ୍ ମୁଖ୍ୟତଃ ଦୁଇ ପ୍ରକାର । ପ୍ରଥମଟି ହେଉଛି ଅଷ୍ଟିଓ ଆର୍ଥ୍ରାଇଟିସ୍ । ସାଧାରଣତଃ ଶରୀରର ଦୁଇ ହାଡ଼ ମଝିରେ ଥିବା କୋମଳ ଅବସ୍ଥାର ଅସ୍ଥି କ୍ଷୟ ଯୋଗୁଁ ଏହା ହୋଇଥାଏ । ବର୍ତ୍ତମାନ ଦେଖାଯାଉଥିବା ମେଦବହୁଳତା ହେଉଛି ଏହାର ପ୍ରମୁଖ କାରଣ । ବାର୍ଦ୍ଧକ୍ୟ ଅବସ୍ଥାରେ ଏହା ଅଧିକ ଦେଖା ଦେଇଥାଏ । ଏହାଯୋଗୁଁ ସାଧାରଣରେ ଚଲାବୁଲା କରିବା, ସିଡ଼ି ଚଢ଼ିବା, ପାଇଖାନା ସମୟରେ ଉଠାବସା ହେବା ଏବଂ ଦୀର୍ଘ ସମୟ ଧରି କୌଣସି ସ୍ଥାନରେ ଛିଡ଼ା ହେଲେ ଆଣ୍ଠୁର ଯନ୍ତ୍ରଣା ହେବା । ସେହିପରି ଆଉ ଗୋଟିଏ ଆର୍ଥ୍ରାଇଟିସ୍ ହେଉଛି ସୋରିଆଟିକ୍ ଆର୍ଥ୍ରାଇଟିସ୍ । ଏହି ପ୍ରକାର ଆର୍ଥ୍ରାଇଟିସରେ ଉଭୟ ଗଣ୍ଠି ଓ ଚର୍ମରେ ଯନ୍ତ୍ରଣା ଅନୁଭବ ହୁଏ । ଏବଂ ଏକ ପ୍ରକାର ମୋଟା ଦାଗ ଦେଖାଦେଇ ସେଥିରୁ କିଛି ଦିନ ପରେ କାତି ପରି ଚୋପା ଛାଡ଼େ । ବର୍ତ୍ତମାନର ଯୁବକମାନଙ୍କ ଠାରେ ଦେଖାଦେଉଥିବା ଆଙ୍କାଲୋଜିଂ ସ୍ପଣ୍ଡିଲାଇଟିସ୍ ସାଧାରଣତଃ 'ଏଚ୍‌ଏଲ୍‌ଏବି ୨୭' ନାମକ ଜିନ୍ ଯୋଗୁଁ ହୋଇଥାଏ । ପିଠି ପାଖ ମେରୁଦଣ୍ଡ ଓ ଉପର ତଳ ତଥା ଏହାସହ ସଂଲଗ୍ନ ହୋଇଥିବା ଗଣ୍ଠି ଗୁଡ଼ିକ ପ୍ରଭାବିତ ହେବା ଦ୍ୱାରା ଅଣ୍ଟା ଓ ବେକରେ ଯନ୍ତ୍ରଣା ଦେଖାଦିଏ । ବେଳେ ବେଳେ ବେକ ଓ ଅଣ୍ଟା ଭାଙ୍ଗି ହୋଇନଥାଏ ଏବଂ ବିଶେଷକରି ସକାଳୁ ଶଯ୍ୟାତ୍ୟାଗ ବେଳେ ଉଠିବାରେ ଏହା କଷ୍ଟ ଦେଇଥାଏ । ସେହିଭଳି ଏହି ସ୍ପଣ୍ଡିଲାଇଟିସ୍ କେତେକ କ୍ଷେତ୍ରରେ ଆଖିକୁ ପ୍ରଭାବିତ କରିବାର ସମ୍ଭାବନା ଦେଖାଦେଇଥାଏ ଯାହାକୁ ୟୁଭିଆରଟିସ୍ କୁହାଯାଏ । ପ୍ରାଥମିକ କ୍ଷେତ୍ରରେ ଏହାର ଚିକିତ୍ସା ନକଲେ ରୋଗୀଟିର ଦୃଷ୍ଟିଶକ୍ତି ଲୋପ ପାଇବାର ଆଶଙ୍କା ଥାଏ । ସେହିଭଳି ଆଉ ଏକ ପ୍ରକାର ଆର୍ଥ୍ରାଇଟିସ୍‌କୁ ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍ କୁହାଯାଏ । ଜଣେ ଯଦି ସକାଳୁ ଉଠିଲା ପରେ ହାତକୁ ଭଲଭାବରେ ମୁଠା ନକରିପାରେ, ଆଙ୍ଗୁଠି ଫୁଲିଯାଏ ଏପରିକି ଅଟା ଦଳିବା ବେଳେ କଷ୍ଟ ଅନୁଭବ କରିବା ହେଉଛି ଏହାର ଲକ୍ଷଣ । ମହିଳା ମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଦେଇଥାଏ କାରଣ ସେମାନଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ୍ ହରମୋନ ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତିକୁ ଅଧିକ ପ୍ରତିକ୍ରିୟାଶୀଳ କରାବା ଦ୍ୱାରା ଏହା ଆଣ୍ଠୁ ଓ ଗଣ୍ଠିକୁ ପ୍ରଭାବିତ କରିଥାଏ । ସେହିଭଳି ୧୬ବର୍ଷରୁ କମ୍ ପିଲାଙ୍କୁ ଗଣ୍ଠିବାତ ହେଲେ ଏହାକୁ ଜୁଭେନାଇଲ୍ ଆର୍ଥ୍ରାଇଟିସ୍ କୁହାଯାଏ । ଏ କ୍ଷେତ୍ରରେ ପିଲାଟି ସ୍କୁଲ ଯିବାକୁ ଅସ୍ୱସ୍ତି ମନେକରେ, ଖେଳକୁଦରେ କଷ୍ଟପାଏ, ଆଖିଟି ଲାଲ ପଡ଼ି ଦରଜ ଦେଖାଦିଏ, ଏପରିକି ଗଣ୍ଠି ଫୁଲି ଦରଜ ମଧ ହୋଇଯାଇଥାଏ । କେତେକ କ୍ଷେତ୍ରରେ ପିଲାଟି ଯନ୍ତ୍ରଣା ସହ ଜ୍ୱର ମଧ ଅନୁଭୂତ କରିଥାଏ । ସେହିପରି ୟୁରିକ୍ ଏସିଡ଼ ନାମକ ଏକ ସ୍ଫଟିକ ଗଣ୍ଠି ଭିତରେ ଜମା ହୋଇ ଯନ୍ତ୍ରଣା ହେଲେ ଏହାକୁ ଗାଉଟ୍ କୁହାଯାଏ । ଏହା ଦୁଇଗୋଡର ବୁଢ଼ାଆଙ୍ଗୁଠିକୁ ପ୍ରଭାବିତ ମଧ କରିଥାଏ । ସକାଳୁ ଉଠିଲେ ଆଙ୍ଗୁଠି ଗୁଡ଼ିକ ଖୁବ୍ ଲାଲ ପଡ଼ିଯିବା ସହ ଫୁଲା ରହେ ଏବଂ ଦରଜ ମଧ ଲାଗେ । ତେବେ ଆର୍ଥ୍ରାଇଟିସ୍ କାରଣରୁ ଅସ୍ଥି ଗୁଡ଼ିକ ବଙ୍କା ହୋଇଗଲେ, କୌଣସି ଗଣ୍ଠି ହାଡ଼ ଯଦି ଖରାପ ହୋଇଯାଏ ଏହାକୁ ପ୍ରତ୍ୟାରୋପଣ ମଧ କରାଯାଇପାରୁଛି । କୃତ୍ରିମ ଗଣ୍ଠି ପ୍ରତ୍ୟାରୋପଣ ବେଳେ ଏହି ଗଣ୍ଠି ଭିତରେ ନ ଘଷି ହେବା ପାଇଁ ପଲିଏଥିଲିନ୍ ସରଫେସ୍ ମଧ ଦିଆଯାଏ । ଯାହାକୁ ସାଧାରଣରେ ଗଣ୍ଠି ପ୍ରତ୍ୟାରୋପଣ କୁହାଯାଇଥାଏ । ଏବେ ର୍ୟୁମାଟିଜିମ୍ ପାଇଁ ଅଟୋ ଆଣ୍ଟିବଡ଼ି ଟେଷ୍ଟ, ର୍ୟୁମାଟଏଡ୍ ଫ୍ୟାକ୍ଟର, ଆଣ୍ଟିସିସିପି ଆଣ୍ଟିବଡ଼ି, ଏଚ୍‌ଏଲଏବି- ୨୭ ଭଳି ରକ୍ତ ପରୀକ୍ଷା କରାଯାଉଛି । ଏହାସହ ବାୟୋଲୋଜିକ୍ ମେଡିସିନ୍ ସହ ମସ୍କ୍ୟୁଲୋସ୍କେଲିଟାଲ ଅଲଟ୍ରାସାଉଣ୍ଡ ମେସିନ୍ ଦ୍ୱାରା ରୋଗ ନିରୂପଣ କରାଯାଉଛି । କୌଣସି କ୍ଷେତ୍ରରେ ଗଣ୍ଠି ବା ମାଂସପେଶୀ ଯନ୍ତ୍ରଣା ଦେଖାଦେଲେ ତୁରନ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସୁଷମ ଖାଦ୍ୟ ଖାଆନ୍ତୁ, ନିୟମିତ ଦିନଚର୍ଯ୍ୟା ଭିତରେ ଖାଦ୍ୟ ଓ ବିଶ୍ରାମକୁ ଉଚିତ ସମୟ ଦିଅନ୍ତୁ । ପ୍ରାତଃ ଭ୍ରମଣ, ଯୋଗାସନ, ସନ୍ତରଣ, ସାଇକେଲ ଚାଳନା ଖୁବ୍ ଭଲ ଅଭ୍ୟାସ । ଥଣ୍ଡା ଓ ଫାଷ୍ଟଫୁଡ଼୍ ଆମିଷ ଠାରୁ ଦୂରେଇ ରହିଲେ ଭଲ ।

କାର୍ଯ୍ୟକ୍ଷେତ୍ର ହେଉ ବା ଘରେ ବସିବା ସମୟରେ ସିଧା ଭାବେ ବସନ୍ତୁ । ନରମ ଚପଲ ବ୍ୟବହାର କରନ୍ତୁ, ମହିଳା ମାନଙ୍କ ପାଇଁ ମୋଟା ହାଇହିଲ ଜୋତା ଭଲ ନୁହେଁ । ହାଡ଼ର କୌଣସି ଫୁଲା ଦରଜ ହେଲେ ଡାକ୍ତରଙ୍କ ପରାମର୍ଶ ନ ନେଇ କୌଣସି ସେକ ବା ମାଲିସ୍ କରନ୍ତୁନାହିଁ । ତନ୍ତୁଜାତୀୟ ଖାଦ୍ୟ, ଶାଗ, ସାଲାଡ଼ ଶରୀର ପାଇଁ ଖୁବ୍ ଭଲ । ର୍ୟୁମାଟିଜିମ୍‌କୁ ନେଇ ସେପରି ଭୟଭୀତ ହେବାର କିଛି କାରଣ ନାହିଁ । ପ୍ରାଥମିକ ଅବସ୍ଥାରୁ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ଯନ୍ତ୍ରଣାଦାୟକ ହେବନାହିଁ ।



*ସହକାରୀ ପ୍ରଫେସର, ଅସ୍ଥିଶଲ୍ୟ ବିଭାଗ*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ*
*କଟକ, ଦୂରଭାଷ : ୭୦୦୮୪୧୦୧୨୯*

# ଲଭ୍ ଫୋବିୟା

ଡାକ୍ତର ସମ୍ରାଟ କର

**ପ୍ରେମରେ ମଣିଷ ସୁସ୍ଥ ଅନୁଭବ କରେ ବୋଲି କୁହାଯାଏ । ତେବେ ଅନ୍ଧ ବି ହୋଇଯାଏ ବୋଲି କଥା ରହିଛି । କିନ୍ତୁ ପ୍ରେମରେ କେତେକ ଫୋବିୟା ମଧ୍ୟ ଆକ୍ରାନ୍ତ କରିଥାଏ ଯାହା ଅନେକଙ୍କୁ ଅଜଣା । ଏହାକୁ କୁହାଯାଏ ଲଭ୍ ଫୋବିୟା । ଏହା ବାବଦରେ ସଠିକ୍ ତଥ୍ୟ ନଜାଣିଲେ ଏଭଳି ସ୍ଥିତି ପ୍ରେମ ଜୀବନକୁ ନଷ୍ଟ କରିଦେଇପାରେ ।**



କମିଟମେଣ୍ଟ ଫୋବିୟା : ଏଥିରେ ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ଅନୁଭବ କରନ୍ତି ଯେ ସେ ଅନ୍ୟମାନଙ୍କୁ କୌଣସି ପ୍ରକାର ପ୍ରତିଶ୍ରୁତି ଦେଇପାରିବେ ନାହିଁ । ତେଣୁ ସମ୍ପର୍କରେ କୌଣସି ପ୍ରତିଶ୍ରୁତି ଦେବାକୁ ସେମାନେ ଭୟ କରନ୍ତି । ଏହି ଫୋବିୟା ପୁରୁଷମାନଙ୍କ ଠାରେ ବେଶୀ ଦେଖାଯାଏ । ୨୦ରୁ ୩୦ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହେଉଥିବାବେଳେ ବିଶେଷଜ୍ଞମାନଙ୍କ ଅନୁସାରେ ଏମାନେ କୌଣସି ପ୍ରକାର ନିଷ୍ପତ୍ତି ନେବା କିମ୍ବା ଫଳାଫଳର ସାମ୍ନା କରିବାକୁ ଭୟ କରନ୍ତି ।

ମେଟ୍ରୋଫୋବିୟା : ଯଦି ଆପଣ ପ୍ରେମରେ ରୋମାଣ୍ଟିକ୍ କଥାବାର୍ତ୍ତା କରିବାକୁ ଭଲ ପାଆନ୍ତି ଏବଂ ଆପଣଙ୍କ ପାର୍ଟନର ଏସବୁରୁ ଦୂରେଇ ରହିବାକୁ ଚାହାନ୍ତି ତେବେ ତାଙ୍କ ଉପରେ ଚାପ ପକାନ୍ତୁ ନାହିଁ କି ଅଭିମାନ କରନ୍ତୁ ନାହିଁ । କାରଣ ସେ ମେଟ୍ରୋଫୋବିୟାରେ ଆକ୍ରାନ୍ତ ହୋଇଥାଇପାରନ୍ତି । ଏଭଳି ମଣିଷ କବିତା ତଥା ରୋମାଣ୍ଟିକ୍ କଥାବାର୍ତ୍ତାକୁ ଭୟ କରିବା ଦେଖାଯାଏ । ସ୍କୁଲ ବେଳେ ଶିକ୍ଷକମାନେ ଜବରଦସ୍ତି କରାଇଥିବା କବିତା ପାଠ ସେମାନଙ୍କର ଏହି ଭୟର କାରଣ ହୋଇଥାଇପାରେ ବୋଲି ବିଶେଷଜ୍ଞମାନେ ଜଣାଇଛନ୍ତି । ଏପରିକି ସେମାନେ ନିଜ ପ୍ରେମପତ୍ର ମଧ ଆଉ କାହା ହାତରେ ଲେଖାନ୍ତି ।

ଜୋକୋଲେଟୋଫୋବିୟା : ସାଧାରଣତଃ ପ୍ରେମିକ ପ୍ରେମିକା ପରସ୍ପରକୁ ହୃଦୟ ଆକୃତିର ଚକୋଲେଟ ବକ୍ସ ଉପହାର ଦେଇଥାନ୍ତି । ପ୍ରେମରେ ଏହା ସବୁଠାରୁ ସୁନ୍ଦର ଉପହାର । ତେବେ ଏହି ରୋମାଣ୍ଟିକ ଗିଫ୍ଟ ଜୋକୋଲେଟୋ ଫୋବିୟାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଭୟଭୀତ କରାଇପାରେ । କାରଣ ଏମାନେ ଚକୋଲେଟ୍‌କୁ ଭୟ କରନ୍ତି । ଏହା ଏକ ପ୍ରକାର ଫୁଡ୍ ଫୋବିୟା ହୋଇଥିବା ବେଳେ ଅଜାଣତରେ ଏଥିପାଇଁ ଏକାଧିକ ପ୍ରେମୀଯୁଗଳଙ୍କ ସମ୍ପର୍କ ଖରାପ ହୋଇଛି ।

ଫିଲେମେଟୋଫୋବିୟା : ପ୍ରେମରେ ଚୁମ୍ବନ ଏକ ସାଧାରଣ କଥା । କିନ୍ତୁ ଆପଣଙ୍କ ପାର୍ଟନର ଯଦି ଚୁମ୍ବନକୁ ଭୟ କରୁଥାନ୍ତି ଏବଂ ଦୂରେଇ ରହୁଥାନ୍ତି ତେବେ ସେ ଫିଲେମେଟୋଫୋବିୟାରେ ଆକ୍ରାନ୍ତ ବୋଲି ଜାଣିବେ । ଏଭଳି ବ୍ୟକ୍ତି ଭଲ ଭାବେ ଚୁମ୍ବନ ଦେଇପାରନ୍ତି ନାହିଁ । ତେଣୁ ଏମାନଙ୍କ ସମ୍ପର୍କ ବେଶୀଦିନ ତିଷ୍ଠି ରହିବା କଷ୍ଟକର ହୋଇଯାଏ ।

ଏମାନଙ୍କ ଭୟ ଥାଏ ଯେ, ଚୁମ୍ବନ ଦେଲେ ମୁହଁର ଜୀବାଣୁ ଆଦାନ-ପ୍ରଦାନ ହୋଇଯିବ ଯାହା ସେମାନଙ୍କୁ ରୋଗରେ ପକାଇବ । ଅନେକ ସମୟରେ ମୁକ ଦୁର୍ଗନ୍ଧ ବି ଏପରି ଫୋବିୟାର କାରଣ ହୋଇପାରେ ।

ନିରାକରଣ ନିଜ ହାତରେ : ଏ ସମସ୍ତ ଫୋବିୟା ମଣିଷ ଅତୀତ ଏବଂ କୌଣସି ଅନୁଭବରୁ ସୃଷ୍ଟି ହୋଇପାରେ । ତେଣୁ ନିରାକରଣର ଉପାୟ ଫୋବିୟା ଆକ୍ରାନ୍ତ ବ୍ୟକ୍ତିଙ୍କ ପାର୍ଟନରଙ୍କ ହାତରେ ରହିଛି । ସେ ତାଙ୍କୁ ବୁଝାଶୁଝା କରି ତାଙ୍କ ମନରୁ ସେହି ଭୟ ବାହାର କରିପାରିଲେ ସମ୍ପର୍କ ସୁନ୍ଦର ଏବଂ ସୁଦୃଢ଼ ହୋଇପାରିବ । ତଥାପି ଯଦି ଏହି ଫୋବିୟା ସମ୍ପର୍କକୁ ଖରାପ କରୁଛି ତେବେ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ*
*ପୁରୀଘାଟରୋଡ଼, କଟକ*
*ମୋବାଇଲ-୯୧୩୨୪୩୩୩୩୩*



# ବ୍ଲକ୍ ସ୍ତରରେ କୃଷି ଯନ୍ତ୍ରପାତି ମେଳା ଆୟୋଜନ କରାଯିବ: କୃଷି ମନ୍ତ୍ରୀ

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଜନତା ମଇଦାନଠାରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ମହିଳା ଚାଷୀମାନଙ୍କୁ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରିବା ଲାଗି ଆହ୍ୱାନ ଦେବା ସହ ନିଜ ଉତ୍ପାଦର ଭଲ ପ୍ୟାକେଜିଂ ଓ ମାର୍କେଟିଂ କରିବା ଉପରେ ଧ୍ୟାନ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଗୁଡ଼ିକୁ କହିଛନ୍ତି। ଗ୍ରାମୀଣ କ୍ଷେତ୍ରର ବିକାଶ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ଏବଂ ୨୦୪୭ ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ମହିଳାଙ୍କ ଯୋଗଦାନ ବିନା କୌଣସି ଦେଶର ବିକାଶ ସମ୍ଭବ ନୁହେଁ। ଆମ ଦେଶର ମହିଳାମାନଙ୍କ ଅବଦାନ ସାରା ବିଶ୍ୱରେ ଅତୁଳନୀୟ। ଚାଷ, ପଶୁପାଳନ, ମତ୍ସ୍ୟଚାଷ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ଚାଷୀ ନିୟୋଜିତ ହୋଇଛନ୍ତି। କୃଷି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଉତ୍ପାଦକତା ବଢ଼ିଛି। ସେଥିପାଇଁ ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି। ନିଜର ପାଖରେ ଜମି ନଥିବା କାରଣରୁ ସମସ୍ତ ସରକାରୀ ସୁବିଧାରୁ ବଂଚିତ ହୋଇଥିବା ମହିଳା ଚାଷୀମାନେ ଯୋଗଦାନ କିନ୍ତୁ ଊଣା କରିନାହାନ୍ତି।

# ଆତଙ୍କରାଜ ବିରୋଧରେ ରାଜଧାନୀରେ ଢ଼ିଙ୍କିଆ ଚାରିଦେଶ ସଂହତି ଦିବସ

**ଭୁବନେଶ୍ୱର, (ବ୍ୟୁରୋ):** ଗତ ଜାନୁଆରୀ ୧୪, ୨୦୨୨ରେ ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆରେ ସ୍ଥାନୀୟ ଜନସାଧାରଣ ନିଜର ଜୀବନ- ଜିବିକା ତଥା ଭିଟାମାଟି ର ସୁରକ୍ଷା ପାଇଁ ଜିନ୍ଦଲ ପ୍ରତିରୋଧ ସଂଗ୍ରାମ ସମିତି ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ନିଜ ନିଜର ପାନ ବରଜକୁ ଯାଉଥିବା ସମୟରେ ଓଡ଼ିଶା ପୋଲିସ୍ ଯେପରି ନିର୍ମମ ଲାଠିଚାଳନା କରିଥିଲା, ଆବାଳବୃଦ୍ଧବନିତା ତା'ର ଶୀକାର ହୋଇ ଲହୁ ଲୁହାଣ ହୋଇଥିଲେ, ତାହା ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନର ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ବୋଲି ଆଜି ଭୁବନେଶ୍ୱରରେ ଆୟୋଜିତ ପ୍ରତିବାଦ ସଭାରେ ମତବ୍ୟକ୍ତ କରାଯାଇଛି । ଜିନ୍ଦଲ ପ୍ରତିରୋଧ ଆନ୍ଦୋଳନ କୁ ସଂହତି ଜଣାଇ 'ଢ଼ିଙ୍କିଆ ଚାରିଦେଶ ସଂହତି ଦିବସ' ପାଳନ ମାଧ୍ୟମରେ କର୍ପୋରେଟ ସ୍ୱାର୍ଥରେ ବିଜେଡ଼ି ସରକାର ଯେପରି ରାଜ୍ୟର ଜମି, ଜଙ୍ଗଲ, ଖଣି ଓ ପାଣିକୁ ପୁଞ୍ଜିପତି ତଥା କର୍ପୋରେଟ ହାତରେ ଟେକି ଦେଉଛନ୍ତି ତାହା ସରକାରଙ୍କ ଜନବିରୋଧୀ ଚରିତ୍ରକୁ ପଦାରେ ପକାଇ ଦେଇଛି ବୋଲି ବିଭିନ୍ନ ନେତୃବୃନ୍ଦ ଅଭିଯୋଗ କରିଥିଲେ । ଅନ୍ୟ ଆନ୍ଦୋଳନକାରୀ ସାଥୀ ମାନଙ୍କ ସହିତ ୨ ବର୍ଷ ତଳେ ଗିରଫ ହୋଇ ପୋଲିସ୍ ନିର୍ଯ୍ୟାତନାର ଶିକାର ହୋଇଥିବା ଆନ୍ଦୋଳନର ନେତା ଦେବେନ୍ଦ୍ର ସ୍ୱାଇଁ ମାତ୍ର ଦୁଇ ମାସ ଅନ୍ତରୀଣ ଜାମିନ୍ ପାଇ ପୁନର୍ବାର ଜେଲରେ ଜୀବନ କାଟୁଛନ୍ତି। ଏବେ ମଧ ପୋଲିସ୍ ର ଆତଙ୍କରାଜ ଓ ମିଥ୍ୟା ମକଦ୍ଦମା ଜରିଆରେ ଗିରଫଦାରୀ ଚାଲୁ ରହିଛି। ଏପରି ଏକ ସଙ୍ଗୀନ୍ ସମୟରେ ବିରୋଧୀ ରାଜନୈତିକ ଦଳ ମାନଙ୍କ ର ବିଜେଡ଼ି ସରକାରଙ୍କ ଜନବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତି ବିରୋଧରେ ଯେଉଁ ଦୃଢ଼ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ । ବିଜେଡି ସରକାର ଗୋଟିଏ ପରେ ଗୋଟିଏ ଜନବିରୋଧୀ ନୀତି ଆପଣେଇ ଚାଲିଛନ୍ତି ଓ ଉପକୂଳ ଠାରୁ ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ରୁ ଉତ୍ତରାଞ୍ଚଳ ପର୍ଯ୍ୟନ୍ତ ସବୁଆଡେ ବିସ୍ଥାପନ ନୀତି କୁ ଜୋର୍ ଦାର୍ କରିଚାଲିଛନ୍ତି । ସବୁଆଡେ କୃଷକ, ଆଦିବାସୀ, ଦଳିତ, ରାସ୍ତା ପାର୍ଶ୍ୱ ଦୋକାନୀ, ବସ୍ତି ବାସିନ୍ଦା ଏହି ବିସ୍ଥାପନ ରୂପକ କର୍ପୋରେଟ ଆକ୍ରମଣ ର ସହଜ ଶିକାର ହେଉଛନ୍ତି ବୋଲି ସେମାନେ ଦର୍ଶାଇଥିଲେ । ଜିନ୍ଦଲ ପ୍ରତିରୋଧ ଆନ୍ଦୋଳନ ସଂହତି ମଞ୍ଚ ପକ୍ଷରୁ ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବିଶ୍ୱପ୍ରିୟ କାନୁନଗୋ, ହେନାରାଣୀ, ମହେନ୍ଦ୍ର ପରିଡା,ପ୍ରଶାନ୍ତ ପାଇକରାୟ, ଶଙ୍କର, ବିଶ୍ୱନାଥ ପାତ୍ର, ପ୍ରଦୀପ ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହାକୁ ସମର୍ଥନ କରି ସୁଧୀର ପଟ୍ଟନାୟକ, ଶ୍ରୀମନ୍ତ ମହାନ୍ତି, ପୂଜା, ସତୀଶ୍ ମିଶ୍ର, ଅଶୋକ ସାହୁ, ପ୍ରମୋଦିନୀ ପ୍ରଧାନ, ରାକେଶ କାନୁନଗୋ,ସସ୍ମିତା ଜେନା, ଦେବରଞ୍ଜନ, ବିଜୟ ପଣ୍ଡା , ନିଗମ, ସୁବାସ, ତପନ ପାଢ଼ୀ, ମହମ୍ମଦ ସୁର୍କୁ, ଦେବୀପ୍ରସନ୍ନ ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଜିନ୍ଦଲ କମ୍ପାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଯଥା ନିୟମଗିରି , ଖଣ୍ଡୁଆଳମାଳୀ, ସିଜିମାଳୀ ଓ କୋରାପୁଟ ମାଳି ପର୍ବତ ଅଞ୍ଚଳରେ ବେଦାନ୍ତ, ହିଣ୍ଡାଲକୋ, ମୈତ୍ରୀ ଭଳି କର୍ପୋରେଟ/କମ୍ପାନୀ ମାନଙ୍କ ସହିତ ହୋଇଥିବା ଜନବିରୋଧି ଚୁକ୍ତି ବାତିଲ କରିବା, ମିଥ୍ୟା ମକଦ୍ଦମାରେ ଗିରଫ ହୋଇଥିବା ଆନ୍ଦୋଳନକାରୀ ମାନଙ୍କୁ ମୁକ୍ତ କରିବା, ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ ବନ୍ଦ କରିବା ସହିତ ଗ୍ରାମସଭାର ଅଧିକାରକୁ ସମ୍ମାନ ଦେବାକୁ ସେମାନେ ଦାବି କରିଥିଲେ ।

# ମହିଳା ଚାଷୀଙ୍କ ପାଇଁ ଫୁଲ ଅମଳ ଓ ତୋଳିବା ପରିଚାଳନାରେ ବିପୁଳ ସମ୍ଭାବନା

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଜନତା ମଇଦାନଠାରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ରେ ଫୁଲ ଅମଳ ଓ ତୋଳିବା ପରିଚାଳନାରେ ମହିଳା ଚାଷୀମାନଙ୍କ ଲାଗି ରହିଥିବା ସମ୍ଭାବନା ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । କୃଷିରେ ମହିଳା ସଶକ୍ତୀକରଣ-ମହିଳା ଏସ୍ଏଚ୍ଜି ପାଇଁ ଉଦ୍ୟମିତାର ପ୍ରସାର' ଅଧୀନରେ ଫୁଲଚାଷ ମିସନ ନାମକ ଏକ ନୂଆ ରାଜ୍ୟ ଯୋଜନା ୨୦୨୨-୨୩ରେ ଆରମ୍ଭ କରାଯାଇଥିଲା ଯେଉଁଥିରେ ମହିଳା ହିତାଧିକାରୀ, ମହିଳା ଏସ୍ଏଚ୍ଜିମାନଙ୍କୁ ନେଇ ରାଜ୍ୟରେ ଫୁଲ ଚାଷର ପ୍ରସାର କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଉକ୍ତ ଯୋଜନା ବିଷୟୟରେ ମହିଳା ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ସେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ଫୁଲଚାଷ ଓ ଲ୍ୟାଣ୍ଡସ୍କେପିଂ ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡକ୍ଟର ସି ଆର୍ ମହାନ୍ତି ଖୋଲା ଓ ସଂରକ୍ଷିତ ସ୍ଥାନରେ ଗୋଲାପ ଚାଷ ଉପରେ ଆଲୋକପାତ କରିଥିଲେ । ଆଇସିଏଆର-ଆଇଆଇଏଚ୍ଆର, ବେଙ୍ଗାଲୁରୁର ଫୁଲ ଓ ଔଷଧୀୟ ବୃକ୍ଷ ବିଭାଗର ପ୍ରମୁଖ ବୈଜ୍ଞାନିକ ଡ. ପି ନବୀନ ମହିଳା ଉଦ୍ୟମିତ ଉପରେ ଆଲୋଚନା କରିଥିଲେ । ଫୁଲ ଚାଷ ଜରିଆରେ କିଭଳି ମହିଳାମାନେ ନିଜ ଆୟ ବଢ଼ାଇପାରିବେ ତାହା ସେ ବର୍ଣ୍ଣନା କରିଥିଲେ । ପିଏସ୍ଏଫ୍ପିଓର ବୈଷୟିକ ସହାୟତା ବିଭାଗର ବିଶ୍ୱଜିତ ବେହେରା ଫୁଲ ଅମଳ ଓ ଫୁଲ ତୋଳିବା ପରିଚାଳନାରେ ଏଫ୍ପିଓ, ମହିଳା ଏସ୍ଏଚ୍ଜି ଓ ଏଫ୍ ?ଆଇଜିଙ୍କ ଭୂମିକା ଉପରେ ବର୍ଣ୍ଣନା କରିଥିଲେ ।

# ଓପୋ ପକ୍ଷରୁ ନୂଆ ରେନୋ୧୧ ସିରିଜ୍ ଉନ୍ମୋଚିତ

**ଭୁବନେଶ୍ୱର, (ବ୍ୟୁରୋ):** ଓପୋ ଇଣ୍ଡିଆ ପକ୍ଷରୁ ଏହାର ରେନୋ ସିରିଜର ନୂତନ ସଂସ୍କରଣ ରେନୋ ୧୧ ପ୍ରୋ ୫ଜି ଓ ରେନୋ୧୧ ୫ଜିର ଶୁଭାରମ୍ଭ କରାଯାଇଛି। ଉଭୟ ଡିଭାଇସ୍‌ରେ ଓପୋର ନିଜସ୍ୱ ଟେକ୍ନୋଲୋଜି ଯଥା ହାଇପରଟୋନ ଇମେଜ ଇନ, ୪ ବର୍ଷରୁ ଅଧିକ ସମୟ ପର୍ଯ୍ୟ' ରହୁଥିବା ବ୍ୟାଟେରୀଗୁଡିକ ପାଇଁ ବିଏଚ୍ଇ (ବ୍ୟାଟେରୀ ହେଲ୍ଥ ଇନ), ସୁରକ୍ଷିତ ଓ ଦ୍ରୁତ ଚାର୍ଜିଙ୍ଗ ପାଇଁ ସୁପରଭିଓସିଟିଏମ୍ ଏବଂ ବିନା ଲ୍ୟାଗ୍ ଓ ହିକପ୍‌ରେ ପୃଷ୍ଠଭୂମିରେ ପ୍ରାୟ ୩୦ଟି ଆପ୍ ପରିଚାଳନା କରିବା ପାଇଁ ଡିଜାଇନ ହୋଇଥିବା ଟ୍ରିନିଟି ଇନ ଆଦି ରହିଛି। ୩୯,୯୯୯ ଟଙ୍କା ମୂଲ୍ୟର ରେନୋ୧୧ ପ୍ରୋ ୫ଜି ଆସ'। ଜାନୁଆରୀ ୧୮ ତାରିଖ ୨୦୨୪ରୁ ସେଲ ପାଇଁ ଉପଲବ୍ଧ ହେବ। ସେହିପରି ରେନୋ ୧୧ ୫ଜି ଦୁଇଟି ଷ୍ଟୋରେଜ ଭାରିଆଂଟ୍‌ରେ ଯଥାକ୍ରମେ ୨୯,୯୯୯ ଟଙ୍କା (୧୨୮ଜିବି) ଓ ୩୧,୯୯୯ ଟଙ୍କା (୨୫୬ଜିବି)ରେ ଆସ'। ଜାନୁଆରୀ ୨୫ ତାରିଖରୁ ଉପଲବ୍ଧ ହେବ। ଏହି ସ୍ମାର୍ଟଫୋନ୍‌ଗୁଡିକ ଫ୍ଲିପ୍‌କାର୍ଟ, ଓପୋ ଇଷ୍ଟୋର ଓ ମେନ୍‌ଲାଇନ୍ ରିଟେଲ ଆଉଟ୍‌ଲେଟରେ ଉପଲବ୍ଧ ହେବ। ରେନୋ୧୧ ପ୍ରୋ ୫ଜିରେ ଏକ ଟ୍ରିପଲ କ୍ୟାମେରା ସେଟଅପ ରହିଛି ଯେଉଁଥିରେ ୫୦ ଏମ୍‌ପି ଆଇଏମ୍ଏକ୍ସ୮୯୦ ଅଲ୍‌ଟ୍ରା-କ୍ଲିୟର ମେନ୍ କ୍ୟାମେରା, ୩୨ଏମ୍‌ପି ଆଇଏମ୍ଏକ୍ସ୭୦୯ ଆର୍‌ଜିବିଡବ୍ଲ୍ୟୁ ଟେଲିଫଟୋ ପୋର୍ଟ୍ରେଟ୍ କ୍ୟାମେରା ସହିତ ୨ଏକ୍ସ ଅପ୍ଟିକାଲ ଜୁମ୍ ଏବଂ ୮ଏମ୍‌ପି ଆଇଏମ୍ଏକ୍ସ୩୫୫ ଅଲ୍‌ଟ୍ରା ୱାଇଡ୍-ଆଙ୍ଗେଲ ୧୧୨° ସ୍ନାପର୍ ସାମିଲ ରହିଛି।

# ଭାରତ ସହଯୋଗରେ ଭାରତୀୟ ୟୁନିକର୍ଣ୍ଣଙ୍କୁ ଉନ୍ନତ କରିପାରିବେ ଏବଂ ଡିଜିଟାଲ୍ ପ୍ରତିଯୋଗୀତାକୁ ବୃଦ୍ଧି କରିପାରିବେ

**ଭୁବନେଶ୍ୱର, (ବ୍ୟୁରୋ):** ହାଇଦ୍ରାବାଦର ୱାକ୍ସେନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ୟେଭସ୍ ଲେଟର୍ମେଙ୍କୁ ସମ୍ମାନିତ କରାଯାଇଛି। 'ଉଚ୍ଚଶିକ୍ଷାର ଭବିଷ୍ୟତ ପାଇଁ ଷ୍ଟ୍ରାଟେଜିକ୍ ପାର୍ଟନର ଭାବେ ଭାରତ-ୟୁରୋପୀୟ ସଂଘ' ଶୀର୍ଷକ ଆ'ର୍ଜାତୀୟ କନକ୍ଲେଭରେ ଲେଟର୍ମେଙ୍କ ଗୁରୁତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ଏହି ସମ୍ମିଳନୀରେ ଡ. ରେଡିଜ୍ ଲାବୋରାଟୋରିଜର କୋ-ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି.ଭି. ପ୍ରସାଦ ଏବଂ ବେଲଜିୟମର ସମ୍ମାନିତ କନ୍‌ସୁଲ୍ ଜେନେରାଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଆଇସିଟିଇର ପୂର୍ବତନ ଅଧକ୍ଷ ଡ. ଶଙ୍କର ଏସ୍. ମନ୍ଥାଙ୍କ ସମେତ ଆମେରିକୀୟ ଦୂତାବାସ ହାଇଦ୍ରାବାଦ, ନେଦରଲ୍ୟାଣ୍ଡ ଦୂତାବାସ, ତେଲଙ୍ଗାନା ସରକାର, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ଆଇବିଏସ୍ ହାଇଦ୍ରାବାଦ, ନାଲ୍‌ସାର, ନିକମାର ବିଶ୍ୱବିଦ୍ୟାଳୟ ଓ ଆଇଏମଟି ହାଇଦ୍ରାବାଦର ପ୍ରତିନିଧିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ଇଂଟରନ୍ୟାସନାଲ୍ କନକ୍ଲେଭର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୁଟନୀତି, ଉଚ୍ଚ ଶିକ୍ଷା ଏବଂ ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ଅଂଶୀଦାରମାନଙ୍କ ମଧ୍ୟରେ ଉନ୍ମୁକ୍ତ ଓ ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ପ୍ରତିଷ୍ଠା କରିବା। ଥଟ୍ ଲିଡର, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷ ପ୍ରତିନିଧିମାନଙ୍କୁ ଏକାଠି କରି ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ୟୁରୋପିୟ ସଂଘ-ଭାରତ ସମ୍ପର୍କକୁ ସୁଦୃଢ଼ କରିବା, ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସକାରାତ୍ମକ ପରିବର୍ତନ ଆଣିବା। ଡ. ରେଡ୍ଡିଜ୍ ଲ୍ୟାବର କୋ ଚେୟାରମ୍ୟାନ ତଥା ଏମଡି ତଥା ବେଲଜିୟମର ସମ୍ମାନିତ କନ୍‌ସୁଲ୍ ଜେନେରାଲ୍ ଜି.ଭି ପ୍ରସାଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହାପରେ ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ୟେଭେସ୍ ଲେଟର୍ମେ 'ଭାରତୀୟ-ୟୁରୋପୀୟ ସଂଘ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି' ଶୀର୍ଷକ ଏକ ଆକର୍ଷଣୀୟ ଭାଷଣ ପ୍ରଦାନ କରିଥିଲେ। ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ୟେଭେସ୍ ଲେଟର୍ମେ କହିଛନନ୍ତି, 'ୟୁରୋପିୟ ସଂଘ, ଭାରତ ଏବଂ ଆମେରିକା ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର। ନୂତନ ଉଦୀୟମାନ ଶକ୍ତି ଭାରତ ହେଉଛି।

# ଭାରତୀୟ ୟୁନିକର୍ଣ୍ଣଙ୍କୁ ଉନ୍ନତ କରିପାରିବେ ଏବଂ ଡିଜିଟାଲ୍ ପ୍ରତିଯୋଗୀତାକୁ ବୃଦ୍ଧି କରିପାରିବେ

**ଭୁବନେଶ୍ୱର, (ବ୍ୟୁରୋ):** ହାଇଦ୍ରାବାଦର ୱାକ୍ସେନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ୟେଭସ୍ ଲେଟର୍ମେଙ୍କୁ ସମ୍ମାନିତ କରାଯାଇଛି। 'ଉଚ୍ଚଶିକ୍ଷାର ଭବିଷ୍ୟତ ପାଇଁ ଷ୍ଟ୍ରାଟେଜିକ୍ ପାର୍ଟନର ଭାବେ ଭାରତ-ୟୁରୋପୀୟ ସଂଘ' ଶୀର୍ଷକ ଆନ୍ତର୍ଜାତୀୟ କନକ୍ଲେଭରେ ଲେଟର୍ମେଙ୍କ ଗୁରୁତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ଏହି ସମ୍ମିଳନୀରେ ଡ. ରେଡିଜ୍ ଲାବୋରାଟୋରିଜର କୋ-ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି.ଭି. ପ୍ରସାଦ ଏବଂ ବେଲଜିୟମର ସମ୍ମାନିତ କନ୍‌ସୁଲ୍ ଜନେରାଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଆଇସିଟିଇର ପୂର୍ବତନ ଅଧକ୍ଷ ଡ. ଶଙ୍କର ଏସ୍. ମନ୍ଥାଙ୍କ ସମେତ ଆମେରିକୀୟ ଦୂତାବାସ ହାଇଦ୍ରାବାଦ, ନେଦରଲ୍ୟାଣ୍ଡ ଦୂତାବାସ, ତେଲଙ୍ଗାନା ସରକାର, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ, ଆଇବିଏସ୍ ହାଇଦ୍ରାବାଦ, ନାଲ୍‌ସାର, ନିକମାର ବିଶ୍ୱବିଦ୍ୟାଳୟ ଓ ଆଇଏମଟି ହାଇଦ୍ରାବାଦର ପ୍ରତିନିଧିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ଇଂଟରନ୍ୟାସନାଲ୍ କନକ୍ଲେଭର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୁଟନୀତି, ଉଚ୍ଚ ଶିକ୍ଷା ଏବଂ ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ଅଂଶୀଦାରମାନଙ୍କ ମଧ୍ୟରେ ଉନ୍ମୁକ୍ତ ଓ ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ପ୍ରତିଷ୍ଠା କରିବା। ଥଟ୍ ଲିଡର, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷ ପ୍ରତିନିଧିମାନଙ୍କୁ ଏକାଠି କରି ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ୟୁରୋପିୟ ସଂଘ-ଭାରତ ସମ୍ପର୍କକୁ ସୁଦୃଢ଼ କରିବା, ସହଯୋଗକୁ




ପ୍ରୋତ୍ସାହିତ କରିବା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସକାରାତ୍ମକ ପରିବର୍ତନ ଆଣିବା। ଡ. ରେଡ୍ଡିଜ୍ ଲ୍ୟାବର କୋ ଚେୟାରମ୍ୟାନ ତଥା ଏମଡି ତଥା ବେଲଜିୟମର ସମ୍ମାନିତ କନ୍‌ସୁଲ୍ ଜେନେରାଲ୍ ଜି.ଭି ପ୍ରସାଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହାପରେ ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ୟେଭେସ୍ ଲେଟର୍ମେ 'ଭାରତୀୟ-ୟୁରୋପୀୟ ସଂଘ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି' ଶୀର୍ଷକ ଏକ ଆକର୍ଷଣୀୟ ଭାଷଣ ପ୍ରଦାନ କରିଥିଲେ। ବେଲଜିୟମର ପୂର୍ବତନ ପ୍ରଧାନମନ୍ତ୍ରୀ ୟେଭେସ୍ ଲେଟର୍ମେ କହିଛନ୍ତି, 'ୟୁରୋପିୟ ସଂଘ, ଭାରତ ଏବଂ ଆମେରିକା ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର। ନୂତନ ଉଦୀୟମାନ ଶକ୍ତି ଭାରତ ହେଉଛି ଏକ ଗଣତନ୍ତ୍ର ଯାହା ବିଶ୍ୱସ୍ତରୀୟ ଆହ୍ୱାନ ଏବଂ ସୁସନ୍ତୁଳିତ ବହୁରାଷ୍ଟ୍ରୀୟ ଅନୁଷ୍ଠାନ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ଏଜେଣ୍ଡାର ମୁକାବିଲା କରିବା ସହିତ ଏହାର ମୂଲ୍ୟବୋଧକୁ ସୁରକ୍ଷା ଦେଇଥାଏ ଏବଂ ୱକ୍ସେନ ଭବିଷ୍ୟତର ଏକ ପିଢ଼ି ଗଠନ କରୁଛି ଯେଉଁଥିରେ ଏହି ନୀତି ରହିଛି।' ସେ ଆହୁରି ମଧ କହିଛନ୍ତି ଯେ, ୟୁରୋପିୟ ସଂଘ- ଭାରତ ସହଯୋଗର ପ୍ରଥମ ପର୍ଯ୍ୟାୟ ହେଉଛି ଉତମ ପ୍ରୋତ୍ସାହନକୁ ପ୍ରୋତ୍ସାହିତ କରିବା ଏବଂ ପରସ୍ପର ବିଷୟରେ ଶିଖିବା ପାଇଁ ସହଯୋଗ କରିବା ଏବଂ ସଂଯୋଗ କରିବା। ଯୋଗାଯୋଗ ଭାଗିଦାରୀ ଏକ ନମ୍ବର ପ୍ରାଥମିକତା ଭାବରେ ପରିବହନ ସହିତ ୟୁରୋପିୟ ସଂଘ ଏବଂ ଭାରତ ମଧ୍ୟରେ ସାମୁହିକ ପ୍ରୟାସକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତି ନେଇଛି - ଶକ୍ତି ସାମଗ୍ରୀ ଏବଂ ଜଳ ପରିବହନ ପାଇଁ ଭିତିଭୂମି ଲିଙ୍କରେ ନିବେଶ କରିବା ପାଇଁ କିଛି ଅତିରିକ୍ତ ମୂଲ୍ୟ ସହିତ । ଦ୍ୱିତୀୟ ପ୍ରାଥମିକତା ହେଉଛି ଶକ୍ତି ବ୍ୟବହାର ପାଇଁ ଏକ ଇକୋସିଷ୍ଟମ ସ୍ଥାପନ କରିବା। ସମ୍ବଳଗୁଡ଼ିକୁ ଦକ୍ଷତାର ସହିତ ବ୍ୟବହାର କରିବା ପାଇଁ ଆମକୁ ଅନେକ ଉଦ୍‌ଭାବନ ଏବଂ ନିବେଶର ଆବଶ୍ୟକତା ରହିଛି। ତୃତୀୟଟି ହେଉଛି ଡିଜିଟାଲ୍ ଡୋମେନ୍। ଆମକୁ ଡିଜିଟାଲ୍ ଦୁନିଆଁରେ ସାମିଲ୍ ହେବାକୁ ପଡ଼ିବ କାରଣ ମୁକ୍ତ ବଜାର ପ୍ରତିଯୋଗୀତାରେ ୟୁରୋପୀୟ ସଂଘ ପ୍ରାକୃତିକ ସମ୍ବଳ ଆବଶ୍ୟକ କରେ। ୟୁରୋପୀୟ ସଂଘ ଏବଂ ଭାରତ ସହଯୋଗ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଭାରତୀୟ ୟୁନିକର୍ଣ୍ଣଙ୍କୁ ପ୍ରୋତ୍ସାହିତ କରିପାରିବେ ଏବଂ ଡିଜିଟାଲ୍ ଦୁନିଆଁରେ ଅଧିକ ପ୍ରତିଯୋଗୀତା ସୃଷ୍ଟି କରିପାରିବେ। ଚତୁର୍ଥ କ୍ଷେତ୍ର ହେଉଛି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସହଯୋଗ, ଯାହା ଶିକ୍ଷା ବିନିମୟ ଏବଂ ପର୍ଯ୍ୟଟନର ଗୁରୁତ୍ୱ ଅଟେ। ଆମେ ଭାରତର ଭଲ ମ୍ୟାନେଜମେଂଟ ସ୍କୁଲରୁ ସୁଶିକ୍ଷିତ କୁଶଳୀ ଲୋକଙ୍କୁ ଚାହୁଁଛୁ।

# ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର, (ବ୍ୟୁରୋ):** ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସମିତିର ସାଧାରଣ ସମ୍ପାଦକ ଭାବେ ଦାୟୀତ୍ୱ ଗ୍ରହଣ କରିଥିବାରୁ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭି ଏସ୍ ଏସ୍ ନଗର ଦୁର୍ଗା ପୂଜା ମଣ୍ଡପରେ ଅନୁଷ୍ଠାନର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାଁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଶିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ନନ୍ଦ, ସମରନ ମହାନ୍ତି, ପ୍ରକାଶ କୁମାର ସାମଲ, ରାମ ଚନ୍ଦ୍ର ସାମଲ ଓ ଅଜୟ କୁମାର କାନୁନଗୋ ପ୍ରମୁଖ ଯୋଗ ଦେଇ କେନ୍ଦ୍ରୀୟ ସମିତିର ସାଧାରଣ ସମ୍ପାଦକ ଶ୍ରୀ ଦାଶଶର୍ମାଙ୍କୁ ସମ୍ବଦ୍ଧିତ କରିଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପରେ ଦିବଙ୍ଗତ ସଦସ୍ୟ ସ୍ୱର୍ଗତଃ କ୍ଷେତ୍ରମୋହନ ନାୟକଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧିଙ୍କ ଦ୍ୱାରା ଗତ ବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିବା ସହିତ ଆଗାମି ଦିନ ପାଇଁ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଶେଷରେ ପ୍ରସନ୍ନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ନୃତ୍ୟାୟନା ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ



**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ 'ନୃତ୍ୟାୟନା ଟ୍ରଷ୍ଟ'ର ଷଷ୍ଠତମ ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟର ବ୍ୟାପକ ପ୍ରଚାର, ପ୍ରସାର ଓ ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବାରେ ନୃତ୍ୟାୟନା ଟ୍ରଷ୍ଟ ବିଗତ ୬ ବର୍ଷ ଧରି କାର୍ଯ୍ୟ କରି ଆସୁଅଛି। ଏହି ଉତ୍ସବକୁ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ଇଲିଆନା ସୀତାରିଷ୍ଟ ଉଦ୍‌ଘାଟନ କରିଥିଲେ। ନୃତ୍ୟଗୁରୁ ସୁନିତା ମହାରାଣାଙ୍କ ଶିକ୍ଷାଦାନରେ ୭୦ରୁ ଉର୍ଦ୍ଧ୍ୱ କୁନି କୁନି ପିଲାମାନେ ଓଡ଼ିଶୀ, ମାହାରୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟ ପାଇଁ ଗୋକୁଳଶ୍ରୀ ଦାସ ଏବଂ ଶିଖା ପଟ୍ଟନାୟକଙ୍କୁ, ସାମ୍ବାଦିକତା ପାଇଁ ସୁମିତ୍ରା ସାହୁ, କବିତା ସ୍ୱାଇଁ ଓ ସରୋଜ ରଞ୍ଜନ ବେହେରାଙ୍କୁ ନୃତ୍ୟାୟନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖ୍ୟ ବକ୍ତା ଭାବରେ ଓଡ଼ିଶୀ ନୃତ୍ୟଗୁରୁ ଚପଳା ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜସେବୀ ତଥା କବୟତ୍ରୀ ଡ. ବନ୍ଦନା ହରିଚନ୍ଦନ, ନୃତ୍ୟଗୁରୁ ଗୌରୀଶଙ୍କର ଦାଶ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ଅଧକ୍ଷା ନୃତ୍ୟଗୁରୁ ସୁନିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜାନୁଆରୀ ୨୯ରୁ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର, (ବ୍ୟୁରୋ):** ସରକାର ରାଜ୍ୟରେ ଶିକ୍ଷକ କର୍ମଚାରୀ ମାରଣ ନୀତି ଜାରି ରଖିଛନ୍ତି। ସରକାର ସମସ୍ତଙ୍କ ପାଇଁ ବହୁ ଯୋଜନା କରୁଥିବା ବେଳେ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକମାନଙ୍କ ପାଇଁ କୌଣସି ସୁଚିନ୍ତିତ ଯୋଜନା କରୁନାହାନ୍ତି। ମାଧମିକ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରିତ କରିଥିଲେ ମଧ ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ଅ'ର୍ଭୁକ୍ତ କରାଯାଉ ନାହିଁ। ଶିକ୍ଷା ଅଧିକାର ଆଇନରେ ସମସ୍ତ ପଞ୍ଚମଶ୍ରେଣୀ ବିଶିଷ୍ଟ ବିଦ୍ୟାଳୟକୁ ଅଷ୍ଟମ ଶ୍ରେଣୀରେ ରୂପା'ରିତ କରିବା ଯାହା ଆଇନ ଥିଲା, ତାହା ନାଳିଫିତା ତଳେ ଆଜି ପର୍ଯ୍ୟନ୍ତ ଚପିହୋଇ ରହିଛି। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟାହ୍ନ ଭୋଜନ ବ୍ୟୟ ବରାଦ ଅଧିକ ନ ହେବାରୁ ସେମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଯାହାଦ୍ୱାରା ରାଜ୍ୟରେ ଗୁଣାତ୍ମକ ଶିକ୍ଷା ହୋଇପାରୁ ନାହିଁ। ଶିକ୍ଷା ଅଧିକାର ଅଧିନିୟମକୁ ଆମ ରାଜ୍ୟରେ ଆଦୌ କାର୍ଯ୍ୟକାରୀ କଲେ ନାହିଁ। ବିଭିନ୍ନ ଜିଲ୍ଲାରେ ପ୍ରଧାନ ଶିକ୍ଷକ, ଗ୍ରାଜୁଏଟ ଶିକ୍ଷକ




ପଦବୀ ସଂଖ୍ୟା ବହୁ ସଂଖ୍ୟାରେ ଖାଲି ପଡ଼ିଥିଲେ ମଧ ପଦୋନ୍ନତି କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟର ସମସ୍ତ ଠିକା କର୍ମଚାରୀ ମାନଙ୍କୁ ୬ ବର୍ଷର ଠିକା କାର୍ଯ୍ୟକାଳକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ସହିତ ସେମାନଙ୍କୁ ନିୟମିତ କରାଗଲା। ପ୍ରାଥମିକ ଶିକ୍ଷାରୁ ନା ଉଠିଲା ଠିକା ନିଯୁକ୍ତି ନା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଗଲା। ଯେଉଁ ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ କମ୍ ଟଙ୍କା ପାରିତୋଷିକ ପାଇ ରାଜ୍ୟ ସରକାରଙ୍କ ରାଜକୋଷକୁ ଭରଣା କରିଥିଲେ ସେମାନଙ୍କର ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରାଗଲା ନାହିଁ। ଆମ ଦେଶର ପ୍ରାୟ ସବୁ ରାଜ୍ୟର ପ୍ରାଥମିକ ଶିକ୍ଷକ କେନ୍ଦ୍ରୀୟ ହାରରେ ଦରମା ପାଉଥିବା ବେଳେ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକ ୨୨୦୦ ଗ୍ରେଡ୍ ପେରେ ଦରମା ପାଉଛନ୍ତି। ସର୍ବୋଚ୍ଚ ଅଦାଲତ ସମାନ କାମକୁ ସମାନ ଦରମା ଦେବା ପାଇଁ କହିଥିବା ବେଳେ ରାଜ୍ୟ ସରକାର ତାହାକୁ କାର୍ଯ୍ୟକାରୀ କରୁନାହାଁନ୍ତି। ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ବହୁ ଭାଗରେ ବିଭକ୍ତ କରି ଶୋଷଣ କରୁଛନ୍ତି। ଏକ୍ସ-କ୍ୟାଡ଼ର ମାନଙ୍କୁ କ୍ୟାଡ଼ରଭୁକ୍ତ କରୁନାହାନ୍ତି ଓ କଳାକ୍ରିଡ଼ା ଶିକ୍ଷକ ମାନଙ୍କର କ୍ୟାରିଅର ଆଡ଼ଭାନ୍‌ସମେଣ୍ଟ ପଲିସ କରୁନାହାନ୍ତି। ଜଗତୀକରଣ, ଉଦାରୀକରଣ ଅର୍ଥନୀତି ଚାପରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୫ ମସିହା ଠାରୁ ପୁରୁଣା ପେନସନ ବ୍ୟବସ୍ଥାକୁ ବନ୍ଦ କରି ଯେଉଁ ନୂତନ ପେନସନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି, ଶିକ୍ଷକ କର୍ମଚାରୀ ମାନଙ୍କୁ ସେଥିରେ ବିଶେଷ କିଛି ଅବସରକାଳୀନ ସୁବିଧା ସୁଯୋଗ ମିଳୁନାହିଁ। ଜଣେ ଶିକ୍ଷକ ଅବସର ନେବା ପରେ ନୂତନ ପେନସନ ନିୟମ ଅନୁଯାୟୀ ସେମାନଙ୍କୁ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ପେନସନ ମିଳୁଛି। ଯାହାଦ୍ୱାରା ଅବସରର ଅବଶିଷ୍ଟ ଜୀବନକାଳ ଦୁଃଖକଷ୍ଟରେ ଅତିବାହିତ କରିବାକୁ ପଡୁଛି। ୧ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ନଭେମ୍ବର-୨୦୨୨ରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ଦୁଇଥର ଆଲୋଚନା ଓ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଗଲା। କିନ୍ତୁ ସରକାର ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କଲେ। ଗୋପାଳ କିଶୋର ସେନ, ସଂଗଠନ ସମ୍ପାଦକ ଆଭାଲିନ ପରିଡ଼ା, ଜନ୍ମେଯ ପରିଡ଼ା, ଝୁନା ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ପ୍ରଶାସନରେ ୫-ଟି ଏକ ବଡ଼ ବିପର୍ଯ୍ୟୟ ଓ ପ୍ରଶାସନିକ ଦୁର୍ଗତିର ମୁଖ୍ୟ କାରଣ

**ଭୁବନେଶ୍ୱର, (ବ୍ୟୁରୋ):** ରାଜ୍ୟରେ ପ୍ରାୟ ସମସ୍ତ ବିଭାଗରେ ବା ସରକାରୀ କାର୍ଯ୍ୟରେ ୫-ଟି ଓ ଏହାର ବର୍ତ୍ତମାନର ଅଧକ୍ଷ ଭି.କେ ପାଣ୍ଡିଆନଙ୍କ ପ୍ରଚାର ହେଉଛି। ୫-ଟି ନାମରେ ଶ୍ରୀ ପାଣ୍ଡିଆନ ସମସ୍ତ ବିଭାଗର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ସମୀକ୍ଷା, ଅନୁଧ୍ୟାନ କରୁଛନ୍ତି ଏବଂ ନିର୍ଦ୍ଦେଶ ମଧ ଦେଇଛନ୍ତି। କୌଣସି କାର୍ଯ୍ୟକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ମୁଖ୍ୟ ଶାସନ ସଚିବ ବା ଡେଭଲପମେଣ୍ଟ କମିଶନର ସମୀକ୍ଷା କରିବାର ଦେଖିବାକୁ ମିଳୁନାହିଁ। ନଦୀ ପୋଲ ନିର୍ମାଣ ଠାରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ ନିର୍ମାଣ, ମନ୍ଦିର ନିର୍ମାଣ ଇତ୍ୟାଦି କାର୍ଯ୍ୟ ଶ୍ରୀ ପାଣ୍ଡିଆନ କରୁଛନ୍ତି। ତେଣୁ ବସ୍ତୁତଃ ପାଣ୍ଡିଆନଙ୍କ କବଳରେ ବା ନିୟନ୍ତ୍ରଣରେ ରାଜ୍ୟ ପ୍ରଶାସନ କଳ। ଏହି ୫-ଟି ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରଖିବା ପାଇଁ ପ୍ରସ୍ତୁତ ହୋଇଛି ଏବଂ ଏହି କାର୍ଯ୍ୟ କି ତଦାରଖ ପାଇଁ ଶ୍ରୀ ପାଣ୍ଡିଆନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦେଇଛନ୍ତି। କିନ୍ତୁ ବାସ୍ତବରେ ପ୍ରଶାସନରେ ସ୍ୱଚ୍ଛତାର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନାହିଁ କି ସରକାରୀ ଅଧିକାରୀଙ୍କ ଲୋକଙ୍କ ନିକଟରେ ଉତ୍ତରଦାୟିତ୍ୱ ଥିବାର ମଧ ଦେଖାଯାଉ ନାହିଁ। ବରଂ ୫-ଟି ନାମରେ ଗୁଡ଼ାଏ ମିଛ ପ୍ରଚାର ହେଉଛି ଏବଂ ପାଣ୍ଡିଆନଙ୍କୁ ଏକ ମହାମାନବ ଭାବେ ପ୍ରଚାର କରାଯାଉଛି। ଏହିସବୁ ପ୍ରଚାର ପାଇଁ ଗଣମାଧ୍ୟମକୁ ପ୍ରଚୁର ଅର୍ଥ ଦିଆଯାଇଛି। ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ଯେ, ରାଜ୍ୟ ପ୍ରଶାସନର ଦୁର୍ଗତିର ବଡ଼




କାରଣ ହୋଇଛି ୫-ଟି ବ୍ୟବସ୍ଥା। ସ୍ୱଚ୍ଛତା କଥା କହୁଥିବା ୫-ଟି ସମସ୍ତ ତଥ୍ୟକୁ ଗୋପନୀୟ କରି ରଖିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କଥା ହେଉଛି, ଭି.କେ ପାଣ୍ଡିଆନଙ୍କ କୌଣସି ତଥ୍ୟ ସରକାରୀ ଦପ୍ତରରୁ ମିଳୁନାହିଁ। ଏହାର କେତେକ ସ୍ୱଷ୍ଟଚିତ୍ର ଆମ୍ଭେ ଏଠାରେ ଉପସ୍ଥାପନ କରୁଛୁ। (୧) ଗତ ୨୫.୧୦.୨୦୨୩ରିଖରେ ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ ସାଧାରଣ ପ୍ରଶାସନ ବିଭାଗକୁ ଭି.କେ ପାଣ୍ଡିଆନଙ୍କୁ ୫-ଟି ଓ ନବୀନ ଓଡ଼ିଶାର ଅଧକ୍ଷ ନିଯୁକ୍ତି ପାଇଁ ହୋଇଥିବା ନିଷ୍ପତି ଓ ଫାଇଲ ନୋଟିଙ୍ଗର କପି ମାଗିଥିଲେ। ସାଧାରଣ ପ୍ରଶାସନ ବିଭାଗ ଉକ୍ତ ଦରଖାସ୍ତଟିକୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦେଇଥିଲେ। ଉକ୍ତ ବିଭାଗ କେବଳ ପାଣ୍ଡିଆନଙ୍କ ନିଯୁକ୍ତିର ବିଜ୍ଞପ୍ତିର କପି ପ୍ରଦାନ କରିଥିଲେ। ଅର୍ଥାତ୍ ଶ୍ରୀ ପାଣ୍ଡିଆନଙ୍କୁ ନିଯୁକ୍ତି ପାଇଁ ସରକାରୀସ୍ତରରେ ହୋଇଥିବା ନିଷ୍ପତିର କୌଣସି ବର୍ଷ ତଥ୍ୟ ପ୍ରଦାନ କରିନଥିଲେ। ଏଥିରୁ ସ୍ପଷ୍ଟ ଯେ, ରାଜ୍ୟ ସରକାର କେଉଁ ପରିସ୍ଥିତିରେ ଓ କେଉଁ ପ୍ରକ୍ରିୟାରେ ଶ୍ରୀ ପାଣ୍ଡିଆନଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତି ନେଲେ, ଏହା ଏବେ ବି ରହସ୍ୟ ଘେରରେ। (୨) ୧୯.୦୬.୨୦୨୩ରିଖରେ ସୂଚନା ଅଧିକାର କର୍ମୀ ଶ୍ରୀ ପ୍ରକାଶ ଚନ୍ଦ୍ର ଦାସ ପରିବହନ ବିଭାଗକୁ ଶ୍ରୀ ପାଣ୍ଡିଆନଙ୍କ ତାହକୁ ତୁହା ହେଲିକପ୍ଟର ଗସ୍ତର ବିବରଣୀ, ଏଥିପାଇଁ ହୋଇଥିବା ଖର୍ଚ୍ଚର ତଥ୍ୟ ମାଗିଥିଲେ। କି'ୁ ବିଭାଗ ପାଖରେ ଏ ସମ୍ପର୍କରେ କୌଣସି ତଥ୍ୟ ନଥିବାର ପି.ଆଇ.ଓ ଦର୍ଶାଇଥିଲେ। ଏହା ବିରୁଦ୍ଧରେ ପ୍ରକାଶ ଦାସ ସୂଚନା କମିଶନଙ୍କ ନିକଟରେ ୩୧.୦୭. ୨୦୨୩ ରିଖରେ ଅଭିଯୋଗ କରିଛନ୍ତି ଯାହାକି କମିଶନଙ୍କ ବିଚାରଧୀନ ଅଛି। (୩) ୧୦.୦୨. ୨୦୨୩ ରିଖରେ ଶ୍ରୀ ପ୍ରକାଶ ଚନ୍ଦ୍ର ଦାସ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଶ୍ରୀ ପାଣ୍ଡିଆନ ନେଇଥିବା ଛୁଟି, ମେଡ଼ିକାଲ ବିଲ୍, ତାଙ୍କ ସମ୍ପତି ତାଲିକା ସମ୍ପର୍କିତ ତଥ୍ୟ ମାଗିଥିଲେ। ଉକ୍ତ ଦରଖାସ୍ତଟିକୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଥିଲା। ପାଣ୍ଡିଆନ କୌଣସି ଛୁଟି ବା ମେଡ଼ିକାଲ ବିଲ୍ ପାଇଁ ଆବେଦନ କରିନାହାଁନ୍ତି। କେବଳ ୨୦୧୯ ମସିହାରେ ଚାରିଦିନ ଛୁଟି ନେଇଛନ୍ତି। କିନ୍ତୁ ସମ୍ପତି ତାଲିକାର ତଥ୍ୟ ପାଇଁ ସଂସଦୀୟ ବ୍ୟାପାର ବିଭାଗ ସାଧାରଣ ପ୍ରଶାସନ ବିଭାଗକୁ ଦରଖାସ୍ତ ପଠାଇ ଦେଇଥିଲେ ମଧ ସାଧାରଣ ପ୍ରଶାସନ ବିଭାଗ କୌଣସି ତଥ୍ୟ ନଦେଇ ନୀରବ ରହିଥିଲେ। ଏ ସମ୍ପର୍କରେ ଶ୍ରୀ ପ୍ରକାଶ ସୂଚନା କମିଶନଙ୍କ ନିକଟରେ ଅପିଲ୍ କରିଛନ୍ତି।

## ପୁଷ୍ପ ପ୍ରଦର୍ଶନୀର ଉଦ୍‌ଯାପିତ



**ଭୁବନେଶ୍ୱର(ବ୍ୟୁରୋ):** ଭଳିକି ଭଳି ଫୁଲ, ଭଳିକି ଭଳି ରଙ୍ଗ। କିଏ ରିଲ ବନଉଛି ତ କିଏ ସେଲ୍‌ଫି ଉଠାଉଛି। ତେବେ ଲମ୍ବା ଧାଡ଼ି ଲାଗିଛି ବିନା ମାଟିରେ ବଢୁଥିବା ଗଛ ପାଖରେ। ଶିଶୁଙ୍କ ଠାରୁ ବୟସ୍କ, ଗୃହିଣୀଙ୍କ୍ ଠାରୁ ଆରମ୍ଭ କରି ଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଭିଡ଼ ସେଇଠି। ରିଜଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର (ଆରପିଆରସି) ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ପକ୍ଷରୁ ଏକାମ୍ରକାନନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ରବିବାର ଥିବାରୁ ଆଜି ଏଠାରେ ପ୍ରବଳ ଭିଡ଼ ହୋଇଥିଲା। ପ୍ରାୟ ୪୦ ହଜାରରୁ ଅଧିକ ଲୋକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ପ୍ରଦର୍ଶନୀରେ ମନ୍ଦାର ଓ ଅର୍କିଡ ଫୁଲର ଗେଟ, ଫୁଲରେ ଜଗନ୍ନାଥଙ୍କ ପ୍ରତିଛବି ପ୍ରମୁଖ ଆକର୍ଷଣ ସାଜିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ କେ ମୃଗସେନ, ରିଜଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ପନ୍ତ, ପ୍ରଶାସନିକ ଅଧିକାରୀ ଋତୁପର୍ଣ୍ଣା ମହାପାତ୍ର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍‌ର ସଭାପତି କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ପୁଷ୍ପ ପ୍ରଦର୍ଶନ କରିଥିବା ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ସାଧାରଣ ଲୋକ, କାର୍ଯ୍ୟନୁଷ୍ଠାନକୁ ପୁରସ୍କୃତ କରିଥିଲେ। ଓଡ଼ିଶା ଖଣି ନିଗମ ରାଜ୍ୟ ସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବର ଚାମ୍ପିଅନ ଟ୍ରଫି ଜିତି ବିଜେତା ଘୋଷିତ ହୋଇଛି। ନିଗମର କ୍ୟାମ୍ପସ୍ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତି ସଫଳତା ହାସଲ କରିଥିବା ବେଳେ କ୍ୟାମ୍ପସ୍-୨ ବୃହତ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର।

## ରାଜ୍ୟରେ ବଢୁଛି ଶୀତ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଏବେ କୁହୁଡ଼ି କମିଯାଇଥିବାବେଳେ ଥଣ୍ଡା ଅନୁଭୂତ ହେଉଛି। ରବିବାର ୧୦ଟି ସ୍ଥାନରେ ୧୦ଡିଗ୍ରୀ ତଳେ ପାରଦ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର କିରେଇରେ ସର୍ବନିମ୍ନ ୭.୩ ଡିଗ୍ରୀ ତାପମାତ୍ରା ଥିବାବେଳେ ଜି ଉଦୟଗିରିରେ ୮, ରାଉରକେଲା ୮.୭, କୋରାପୁଟ ୮.୯, ସୁନ୍ଦରଗଡ଼ ୯, ଝାରସୁଗୁଡ଼ା ୯.୩, ଫୁଲବାଣୀ ୯.୫, ରାଣୀତାଲ ୯.୫, ସିମିଳିଗୁଡ଼ା ୯.୫ ଓ କେନ୍ଦୁଝରଗଡ଼ରେ ୯.୬ ଡିଗ୍ରୀ ରହିଥିଲା। ସେହିଭଳି ଅନୁଗୋଳରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ଭିତରେ ରାତିର ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ଜିଲାରେ ସ୍ୱଳ୍ପ କୁହୁଡ଼ି ଅନୁଭୂତ ହେବାର ସମ୍ଭାବନା ରହିଛି। ତେବେ ୧୭ ଓ ୧୮ତାରିଖରେ କିଛି ଜିଲାରେ ବର୍ଷା ହେବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୭ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଓ ୧୮ରେ ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।



# ରାଜଧାନୀରେ ବଢୁଛି ଜବରଦଖଲକାରୀଙ୍କ ରାଜ୍



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଥିବା ସରକାରୀ ଜମିକୁ ଜମି ମାଫିଆ କବ୍‌ଜା କରି ନେଉଛନ୍ତି। ନିଜର ମାଲିକାନା ସ୍ୱତ୍ୱ ଦେଖାଇ ଅନ୍ୟକୁ ବିକ୍ରି ମଧ୍ୟ କରି ଦେଉଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ନାକ ତଳେ ବର୍ଷବର୍ଷ ଧରି ଏଭଳି ଜବରଦଖଲ ସହ ବେଆଇନ କାରବାର ଚାଲିଥିଲେ ବି କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଜବରଦଖଲ ନେଇ ଅଭିଯୋଗ ପାଇବା ବେଳକୁ ସମ୍ପୃକ୍ତ ଜମିରେ ନିର୍ମାଣ କାର୍ଯ୍ୟ ସରି ଯାଉଛି, ନଚେତ୍ ହାଇକୋର୍ଟରୁ ରହିତାଦେଶ ମିଳିଯାଉଛି। ଫଳରେ ବେଆଇନ ନିର୍ମାଣ କାର୍ଯ୍ୟକୁ ଭାଙ୍ଗିବା ବିଡିଏ ପକ୍ଷେ କଷ୍ଟକର ହୋଇପଡୁଛି। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏବେ ସହରର ଅଧିକାଂଶ ସରକାରୀ ଜମି ଜବରଦଖଲରେ ରହିଥିବା ଦେଖାଯାଉଛି। ବିଡିଏର ତଥ୍ୟ ଅନୁଯାୟୀ ଗତ ୬ମାସ ମଧ୍ୟରେ ପ୍ରାୟ ୧୫ଏକର ଜମି ଜବରଦଖଲ ମୁକ୍ତ କରାଯାଇଥିବବେଳେ ଏବେ ମଧ୍ୟ ବହୁ ଜମି ଜବରଦଖଲରେ ରହିଛି। ଆଗକୁ ନିର୍ବାଚନ ଆସୁଥିବାରୁ ଉଚ୍ଛେଦ କାର୍ଯ୍ୟ କିଛିଟା ଧିମା ପଡି ଯାଇଥିବା ସୂଚନା ଦିଆଯାଇଛି। ହେଲେ ସାମ୍ପୁର ମୌଜାରେ ଚାଲିଥିବା ବେଆଇନ ନିର୍ମାଣ କାର୍ଯ୍ୟକୁ ବିଡିଏ ଅଧିକାରୀମାନେ ପ୍ରଶ୍ରୟ ଦେବାଭଳି ଲାଗୁଛି। ୧୪୪ ଧାରା ସତ୍ତ୍ୱେ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ମାମଲା କରି ବିଡିଏ ଦୋଷ ଖସାଉଥିବା ମଧ୍ୟ ଅଭିଯୋଗ ଉଠୁଛି। ସାମପୁର ମୌଜାରେ ଥିବା ୬୮ ଏକର ୪୪୫ ଡିସିମିଲି ଜମି ଉପରେ ଏବେ ଜମି ମାଫିଆଙ୍କ ରାଜ୍ ଚାଲିଛି। ଏଠାରେ ଆଫୋର୍ଡେବୁଲ ହାଉସିଂ ପ୍ରୋଜେକ୍ଟ (ଏଏଚ୍‌ପି) ନିର୍ମାଣ ପାଇଁ ସାଧାରଣ ପ୍ରଶାସନ ବିଭାଗ (ଜିଏ) ବିଡିଏକୁ ଜମି ଦେଇଥିଲା। ମାତ୍ର ଉକ୍ତ ଜମିକୁ ନିଜର ଦର୍ଶାଇ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରାଯାଉଥିବା ବିଡିଏ ଅଧିକାରୀ ଖବର ପାଇଥିଲେ। ଡିସେମ୍ବର ୨୧ରେ ବିଡିଏ ବିଡିଏ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ୨ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସାମପୁର ଗସ୍ତ କରି ସ୍ଥିତି ଯାଞ୍ଚ କରିଥିଲେ। ପୁରୁଣା ୧୬ଟି ଘର ସମେତ ଆଉ ୨୦ଟି ଘର ନିର୍ମାଣ ଚାଲିଥିବା ନେଇ ରିପୋର୍ଟ ଦେବାପରେ ୨୭ ତାରିଖରେ ଇଓଡବ୍ଲ୍ୟୁରେ ବିଡିଏ ଅତିରିକ୍ତ ଜମି ଅଧିକାରୀ ଦେବରାଜ ସେଠୀ ଏତଲା ଦେଇଛନ୍ତି। ଏଥିସହ ୧୬ଜଣଙ୍କ ନାମରେ ଓଡିଶା ପ୍ରିଭେନ୍‌ସନ୍ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋଚ୍‌ମେଣ୍ଟ ଆକ୍ଟ ଅନୁଯାୟୀ କେସ୍ କରାଯାଇଛି। ଏପରିକି ସମ୍ପୃକ୍ତ ସ୍ଥାନରେ ୧୪୪ ଧାରା ମଧ୍ୟ ଲାଗୁ କରାଯାଇଛି। ଏହାସତ୍ତ୍ୱେ ଜମି ଦଲାଲ ବେଧଡକ ନିର୍ମାଣ ଜାରି ରଖିଥିବାରୁ ବିଡିଏର ଉପରଠାଉରିଆ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଯେପରି କାହାକୁ ନୂଆ ବିଦ୍ୟୁତ୍ ସଂଯୋଗ ନ ଦିଆଯାଏ ସେ ନେଇ ବିଡିଏ ୨ଦିନ ତଳେ ଟିପିସିଓଡିଏଲ୍‌କୁ ଚିଠି କରିଛି। ତେବେ ୨୭ରୁ ଏତଲା ଦେବା ପରେ ମଧ୍ୟ ନୂତନ ବିଦ୍ୟୁତ୍ ସଂଯୋଗ ନ ଦେବା ପାଇଁ ପୂର୍ବରୁ କାହିଁକି ଚିଠି କରାଯାଇ ନ ଥିଲା, ସମ୍ପୃକ୍ତ ଅଞ୍ଚଳରେ ୧୬ଟି ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲେ ମଧ୍ୟ ତାହାକୁ କାଟିବା ପାଇଁ କାହିଁକି ଚିଠିରେ ଉଲ୍ଲେଖ ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷେ ବିଡିଏର ଏହି ୬୮.୪୪୫ ଏକରର ଜମିରୁ ପ୍ରାୟ ୧୦ ଏକର ଜମିରେ ହାଇକୋର୍ଟର ସ୍ଥଗିତାଦେଶ ରହିଥିବା ସୂଚନା ମିଳିଛି। ତେଣୁ ବିଡିଏ ଉକ୍ତ ସ୍ଥାନରୁ ଉଚ୍ଛେଦ କରିପାରୁ ନ ଥିବା ଦର୍ଶାଇଛି। ମାତ୍ର ମୋଟ୍ ଜମିରୁ ଜବରଦଖଲକାରୀଙ୍କୁ କେଉଁ ଜମିରେ ସ୍ଥଗିତାଦେଶ ମିଳିଛି ତାହା ବିଡିଏ ଅଧିକାରୀ ଜାଣିପାରୁନାହାଁନ୍ତି। ଫଳରେ ଶୁକ୍ରବାରଠାରୁ ସମ୍ପୃକ୍ତ ସ୍ଥାନରେ ଡିମାର୍କେଶନ ଓ ସର୍ଭେ କାମ ଆରମ୍ଭ ହୋଇଛି। ବିଡିଏର ଅମିନ, ଲ୍ୟାଣ୍ଡ୍ ଅଫିସର ଓ ଟିମ୍ ଏହି କାମରେ ନିୟୋଜିତ ଅଛନ୍ତି। ଅନ୍ୟପଟେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବାର ୨ସପ୍ତାହରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଏଯାଏ ମାମଲା ଇଓଡବ୍ଲ୍ୟୁ ଲିଗାଲ ସେଲ୍‌ରୁ ଆଗକୁ ବଢୁନାହିଁ। ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ କେବଳ ତଦନ୍ତ ଚାଲିଥିବା କୁହାଯାଇଛି।

## ଲାଗିଲାଣି ବ୍ୟାନର: ଜମିବ ଖଣ୍ଡଗିରି ଯାତ୍ରା



**ଭୁବନେଶ୍ୱର(ବ୍ୟୁରୋ):** ଫେବ୍ରୁଆରୀ ୧୬ରୁ ମାଘମେଳା। ୧୮ରୁ ଆରମ୍ଭ ହେବ ଯାତ୍ରା ମହାସମର। ପ୍ରସିଦ୍ଧ ଖଣ୍ଡଗିରି ଯାତ୍ରା ପାଇଁ ଅପେରାପାର୍ଟି ପ୍ରସ୍ତୁତ ହୋଇଗଲେଣି। ନୂଆ ନୂଆ କାହାଣୀ, ଦମ୍‌ଦାର ସଂଳାପକୁ ନେଇ ପ୍ରସ୍ତୁତ ହୋଇଥିବା ୧୩ ପାର୍ଟିକୁ ବଇନା ଦିଆ ସରିଲାଣି। କିଛି ଯାତ୍ରା କମିଟି ପ୍ରଚାର ବ୍ୟାନର ଲଗାଇଥିବାରୁ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଲାଣି। ଘାଟିକିଆ ସନାତନ ସେବା ସଦନ, ଜାଗମରା ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ, ଜୟଦୁର୍ଗା ସାଂସ୍କୃତିକ ପରିଷଦ, ମା' ମଙ୍ଗଳା ନାଟ୍ୟ ସଂସଦ, ଜାଗମରା, ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲ, ନିଳାଦ୍ରୀ ସାଇ ଯାତ୍ରା କମିଟି, ଜାଗମରା ଇନ୍ଦିରା ସାଂସ୍କୃତିକ ମଣ୍ଡପ, ବରମୁଣ୍ଡା ବାବା ନିଳକଣ୍ଠେଶ୍ୱର ଯାତ୍ରା କମିଟି ପକ୍ଷରୁ ୭ଟି ପେଣ୍ଡାଲରେ ୧୩ଟି ଅପେରା ପାର୍ଟି ନାଟକ ପରିବେଷଣ କରିବେ। ୧୮ରୁ ୨୯ତାରିଖ ପର୍ଯ୍ୟନ୍ତ ୧୨ରାତି ଜମିବ ଖଣ୍ଡଗିରି ଯାତ୍ରା ପଡ଼ିଆ। ପ୍ରଥମ ପର୍ଯ୍ୟାୟରେ ସାଇସମ୍ରାଟ, ଗୌରୀ, ସୂର୍ଯ୍ୟମନ୍ଦିର, ଦୂର୍ଗାମନ୍ଦିର, ଶିବାନୀ ଅପେରା ଆସିବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅଶୋକ ସମ୍ରାଟ, ସ୍ୱର୍ଣ୍ଣ ମନ୍ଦିର, ସ୍ୱପ୍ନ ମହଲ, କୋଣାର୍କ, ସ୍ୱର୍ଣ୍ଣ ମନ୍ଦିର, କଳିଙ୍ଗ, ଯାତ୍ରା ସମ୍ରାଟ ତୁଳସୀ ଆଦି ଦଳ ସେମାନଙ୍କ କିମିଆ ଦେଖାଇବେ। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ଜେନା ଓ ସମ୍ପାଦକ ନୃସିଂହ ପ୍ରସାଦ ସୁନ୍ଦରାୟଙ୍କ ସୂଚନା ଅନୁସାରେ କମିଟି ପକ୍ଷରୁ ୩ଟି ଅପେରା ପାର୍ଟି ଆସିବେ। ସାଇ ସମ୍ରାଟ ୧୮ ଫେବ୍ରୁଆରୀରୁ ୨୦ ତାରିଖ ୩ ରାତି ନାଟକ ମଞ୍ଚସ୍ଥ କରିବ। ଅଶୋକ ସମ୍ରାଟ ୨୧ରୁ ୨୪ ତାରିଖ ଓ ଯାତ୍ରା ସମ୍ରାଟ ତୁଳସୀ ୨୫ରୁ ୨୯ ପର୍ଯ୍ୟନ୍ତ ମହତାବ ପେଣ୍ଡାଲରେ ଯାତ୍ରା ପରିବେଷଣ କରିବ। ଏଥର ସାଇ ସମ୍ରାଟ 'ଦେବାଦାସୀ ହେବି ତୋରି ପାଇଁ' ନାଟକ ସହ ଅନୁସନ୍ଧାନ ନାଟକ 'ତୁ ଯୋଉଠି ଥିଲେ ବି ମୋର' ମଞ୍ଚସ୍ଥ କରିବ। ଅଶୋକ ସମ୍ରାଟ 'ରକ୍ତ ସମ୍ପର୍କ' ଓ 'ବାଦାମ ବାଡ଼ିର ରିକ୍ସା ବାଲା' ମଞ୍ଚସ୍ଥ କରି ଦର୍ଶକଙ୍କ ମନକିଣିବାକୁ ଆଶା ରଖିଛି। ଗତ ଥର ଲୋକପ୍ରିୟତା ହାସଲ କରିଥିବା ନାଟକ 'ଅଧା ରାତିର ସାଥୀ' ମଞ୍ଚସ୍ଥ କରିବାକୁ ତୁଳସୀ ଯୋଜନା କରିଥିବା ବେଳେ ଏଥରର ଅନୁସନ୍ଧାନ ନାଟକ ହେଉଛି 'ଏଇ ବୋଧେ ଶେଷ ଦେଖା'।

## ୧୭ରୁ ୧୫ ଜିଲାରୁ ପୁରୀକୁ ଗଡ଼ିବ ଏସି ବସ

**ଭୁବନେଶ୍ୱର(ବ୍ୟୁରୋ):** ଲକ୍ଷ୍ମୀ ଯୋଜନାରେ ଆସନ୍ତା ୧୭ ତାରିଖରୁ ୧୫ ଜିଲାରୁ ଓଏସ୍‌ଆରଟିସି ପକ୍ଷରୁ ପୁରୀକୁ ସ୍ୱତନ୍ତ୍ର ଏସି ବସ୍ ଆରମ୍ଭ ହେବ। ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ପ୍ରଥମ ପର୍ଯ୍ୟାୟରେ ୧୫ଟି ଚାଲିବ। ଏନେଇ କିଣାଯାଇଥିବା ୧୫ଟି ନୂଆ ବସ୍ ବର୍ତ୍ତମାନ ଭୁବନେଶ୍ୱରରେ ପହଞ୍ଚିସାରିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଜିଲାରୁ ଏହି ବସ୍ ଚଳାଚଳ ଆରମ୍ଭ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀ ଯୋଜନାର ଟାୟାର-୧ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳ କରିବ। ଟାୟାର-୨ ଅନୁଯାୟୀ ପ୍ରତ୍ୟେକ ବ୍ଲକସ୍ତରରୁ ଜିଲାକୁ ଲକ୍ଷ୍ମୀ ଯୋଜନାରେ ବସ୍ ଚାଲିବ। ଟାୟାର-୩ ଅନୁଯାୟୀ ପ୍ରତ୍ୟେକ ଜିଲାରୁ ଭୁବନେଶ୍ୱର ଦେଇ କିଛି ସ୍ୱତନ୍ତ୍ର ସ୍ଥାନକୁ ବସ୍ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, ବରଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡା, କୋରାପୁଟ, କଳାହାଣ୍ଡି, କେନ୍ଦୁଝର, ମାଲକାନାଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡରୁ ପୁରୀକୁ ବସ୍ ଚଳାଚଳ କରିବ।




## ଭୁବନେଶ୍ୱର ରେଳ ଷ୍ଟେସନ କାର୍ଯ୍ୟର ସମୀକ୍ଷା କଲେ ରେଳମନ୍ତ୍ରୀ

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଯୁଦ୍ଧାକଳୀନ ଭିତ୍ତିରେ ଚାଲିଛି। ମୁଖ୍ୟ ପ୍ରବେଶ ପଥର ୪ର୍ଥ ମହଲା ନିର୍ମାଣ କାର୍ଯ୍ୟ ଚାଲିଛି। କାମ ଶେଷ ହେବା ପରେ ଷ୍ଟେସନ ସହରର ଆକର୍ଷଣ ପାଲଟିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈ?ଷ୍ଣବ କହିଛନ୍ତି। ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଜି ସନ୍ଧ୍ୟାରେ ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ସମୀକ୍ଷା କରିଥିଲେ। ଷ୍ଟେସନ ଗସ୍ତ କରି କାମ ତଦାରଖ କରିଥିଲେ। ସେ କହିଥିଲେ, ଓଡ଼ିଶା ଅନ୍ୟ ରାଜ୍ୟର ରାଜ୍ୟର ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନ୍ ଅନୁଯାୟୀ ଷ୍ଟେସନଗୁଡ଼ିକୁ ସହରର ହବ୍ ଭାବେ ପରିଣତ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଷ୍ଟେସନରେ ରହି ଯାତ୍ରୀମାନେ ଯେପରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମଗ୍ରୀ ପାଇପାରିବେ ସେଦିଗରେ ପଦକ୍ଷେପ ନିଆଯାଉଛି। ପୂର୍ବତଟ ରେଳପଥର ଜଣେ ଅଧିକାରୀଙ୍କ କହିବାନୁଯାୟୀ ୨୦୨୪ ମାର୍ଚ୍ଚ ସୁଦ୍ଧା ଭୁବନେଶ୍ୱର ରେଳ ଷ୍ଟେସନର ୪ ମହଲା ବିଶିଷ୍ଟ କୋଠା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୭ ମହଲା ନିର୍ମାଣ କରାଯିବ। ଷ୍ଟେସନ୍‌ର ପୂର୍ବ ପାର୍ଶ୍ୱରେ ଗ୍ରାଉଣ୍ଡ ଫ୍ଲୋର ସହ ୪ ମହଲା ଓ ଗ୍ରାଉଣ୍ଡ ଫ୍ଲୋର ସହ ୬ ମହଲା ବିଶିଷ୍ଟ ଦୁଇଟି କୋଠା ହେବ। ପ୍ରବେଶ ଓ ପ୍ରସ୍ଥାନ ପଥରେ ଉଚ୍ଚା ସଡ଼କ ରହିବ। ପ୍ରତୀକ୍ଷା ସ୍ଥାନରେ ସିଟ୍‌ଗୁଡ଼ିକ ମଧ୍ୟରେ ଫାଙ୍କା ସ୍ଥାନ ଛଡ଼ାଯିବ। ଲାଉଞ୍ଜ ସହ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ଲାଗି ଷ୍ଟଲ ମଧ୍ୟ ଖୋଲାଯିବ। ଯିବା ଆସିବା ପାଇଁ ୪ଟି ଏକ୍ସାଲେଟର ରହିବ। ସେଠାକୁ ପ୍ରାକୃତିକ ଆଲୋକ ପଡ଼ିବାର ସୁବିଧା ଉପଲବ୍ଧ ହେବ। ପ୍ରବେଶ ପଥରୁ ପ୍ଲାଟଫର୍ମକୁ ଯିବା ପାଇଁ ଯୋଗଯୋଗ ରାସ୍ତା ସୁଗମ ହେବ। ଯାତ୍ରୀଙ୍କୁ ସୂଚନା ଦେବା ଲାଗି ବିମାନବନ୍ଦର ପରି ଡିଜିଟାଲ୍ ଡିସ୍‌ପ୍ଲେ ଲାଗିବ। ଷ୍ଟେସନ ଭିତରେ ରେଲୱେ ଅଫିସ୍, ପ୍ଲାଟଫର୍ମ, ଫୁଟ୍ ଓଭରବ୍ରିଜ୍, ରେଲୱେ ୟାର୍ଡ, ଆରପିଏଫ୍ ବାରାକ୍‌ସ, ରେଲୱେ କ୍ୱାର୍ଟର୍ସ, ଗେଷ୍ଟ ହାଉସ୍, ପ୍ରଶାସନିକ କାର୍ଯ୍ୟାଳୟ, ପାର୍ସଲ ଅଫିସ୍ ଆଦି ରହିବ। ୩୮୦ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ଷ୍ଟେସନ କାମ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି।

# ରାଜ୍ୟରେ ଦିନକୁ ଦିନ ବଢୁଛି କୁକୁର କାମୁଡ଼ା



**ଭୁବନେଶ୍ୱର(ବ୍ୟୁରୋ):** କୁକୁର କାମୁଡ଼ାରେ ଆହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ଭୁବନେଶ୍ୱରରେ ସବୁଠାରୁ ଅଧିକ। କୁକୁର ବନ୍ଧ୍ୟାକରଣ ପାଇଁ ଲାଗିଥିବା ହାଇକୋର୍ଟଙ୍କ କଟକଣା ଉଠିଯିବା ପରେ ବି ଅପରେସନ ବିଳମ୍ବିତ ହେଉଥିବାରୁ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ ଭୁବନେଶ୍ୱର ସମେତ ଉପକଣ୍ଠ ଓ ପଡ଼ୋଶୀ ଜିଲ୍ଲାର ଆହତ ଭୁବନେଶ୍ୱର ଉପରେ ନିର୍ଭର କରୁଥିବାରୁ କ୍ୟାପିଟାଲ୍ ହସ୍‌ପିଟାଲ୍ ଉପରେ ଚାପ ମଧ୍ୟ ବଢ଼ିଛି। ବଡ଼କଥା ହେଉଛି ଗତ ୨୦୨୨ ମସିହାରେ ସାରା ରାଜ୍ୟରେ କୁକୁର କାମୁଡ଼ା ପାଇଁ ୬୪,୬୪୨ଜଣଙ୍କୁ ଆଣ୍ଟିରାବିଜ୍ ଟିକା ଦିଆଯାଇଥିବା ବେଳେ ୨୦୨୩ରେ କେବଳ ଭୁବନେଶ୍ୱର କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ୬୬ହଜାର ୧୪୮ଜଣଙ୍କୁ 'ଆଣ୍ଟିରାବିଜ୍' ଟିକା ଦିଆଯାଇଛି। ୨୦୨୧ ମସିହାରେ ସାରା ରାଜ୍ୟରେ ୫୯,୦୮୫ ଆଣ୍ଟିରାବିଜ୍ ଟିକା ଦିଆଯାଇଥିଲା। ୨୦୨୨ ମସିହାରେ ଏହି ସଂଖ୍ୟା ୬୪ହଜାର ୬୪୨ରେ ପହଞ୍ଚିଥିଲା। କିନ୍ତୁ ୨୦୨୩ରେ କେବଳ କ୍ୟାପିଟାଲ ହସ୍ପିଟାଲରେ ୬୬ହଜାର ୧୪୮ ଜଣଙ୍କୁ ଆଣ୍ଟି ରାବିଜ ଦିଆଯାଇଛି। ଏହି ପରିସଂଖ୍ୟାନ ଭୁବନେଶ୍ୱରର କୁକୁର କାମୁଡ଼ା ସ୍ଥିତିକୁ ପ୍ରମାଣ କରୁଛି। ଗତ ୬ ମାସ ହେଲା ଭୁବନେଶ୍ୱରରେ ହାଇକୋର୍ଟଙ୍କ କଟକଣା ଯୋଗୁ କୁକୁର ବନ୍ଧ୍ୟାକରଣ ବନ୍ଦ ରହିଥିଲା। ଗତ ସୋମବାର ଠାରୁ କଟକଣା ଉଠିଥିଲେ ମଧ୍ୟ ବିଏମ୍‌ସି ଏହି କାର୍ଯ୍ୟକ୍ରମ ଆରମ୍ଭ କରିପାରୁ ନାହିଁ। ଫଳରେ ଏହି ସଂଖ୍ୟା ଆଗକୁ ଆହୁରି ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଣେ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଚାପ ବଢ଼ିବାରେ ଲାଗିଛି। ରାଜଧାନୀର ଆଖପାଖ ଜିଲ୍ଲା ହସ୍ପିଟାଲରେ ଆଣ୍ଟିରାବିଜ୍ ଇଞ୍ଜେକସନ୍ ମିଳୁନଥିବାରୁ ପୁରୀ, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲ୍ଲାମାନଙ୍କରୁ ରୋଗୀମାନେ ଏଠାକୁ ଆସୁଛନ୍ତି। ନେଉଳ, ବିରାଡ଼ି ଓ କୁକୁର କାମୁଡ଼ା ପାଇଁ ଏହି ଆଣ୍ଟିରାବିଜ୍ ଇଞ୍ଜେକସନ୍ ଦିଆଯାଉଛି। ଆଣ୍ଟି ରାବିଜ୍ ଦିଆଯାଇଥିବା ଆହତମାନଙ୍କ ମଧ୍ୟରେ ପ୍ରାୟ ୮୫ ପ୍ରତିଶତ କୁକୁର କାମୁଡ଼ା ପାଇଁ ଦିଆଯାଇଛି। ଅର୍ଥାତ ଗତ ବର୍ଷ ୫୫ ହଜାରରୁ ଅଧିକ କୁକୁର କାମୁଡ଼ାରେ ଆହତ ହୋଇଛନ୍ତି। ଏହି ୫୫ ହଜାରରୁ ପ୍ରାୟ ୪୦ ହଜାର ରାଜଧାନୀରେ କୁକୁର କାମୁଡ଼ାରେ ଆହତ ହୋଇଛନ୍ତି। ତଥ୍ୟ ଅନୁସାରେ ଜାନୁଆରି, ମାର୍ଚ୍ଚ ଓ ଡିସେମ୍ବର ମାସରେ ଯଥାକ୍ରମେ ୬୯୦୩, ୬୨୧୬ ଓ ୬୭୯୨ ଜଣ ଆଣ୍ଟିରାବିଜ୍ ଇଞ୍ଜେକସନ ଦିଆଯାଇଛି। ଜୁଲାଇ ଓ ଅଗଷ୍ଟ ମାସରେ ସବୁଠାରୁ କମ୍ ଯଥାକ୍ରମେ ୪୪୬୨ ଓ ୪୪୭୦ ଇଞ୍ଜେକସନ ଯାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ ରାଜଧାନୀରେ ଧନୀକ ଓ ଉଚ୍ଚ ମଧ୍ୟବିତ୍ତ ପରିବାରଙ୍କ ମଧ୍ୟରେ କୁକୁର ପାଳିବା ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ସେହି ଅନୁସାରେ ରାଜଧାନୀରେ ପୋଷା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କିଛି ଲୋକ ସଡକରେ ଏକରୁ ଅଧିକ କୁକୁର ପାଳୁଛନ୍ତି। ତେଣୁ କୁକୁର କାମୁଡ଼ା ସଂଖ୍ୟା ବୃଦ୍ଧି ପାଉଛି। ଏହସହ ଡିସେମ୍ବର ଓ ଜାନୁଆରି ମାସରେ କୁକୁରଙ୍କ ପ୍ରଜନନ ସମୟ ହୋଇଥିବାରୁ ବୁଲା କୁକୁର କାମୁଡ଼ା ସଂଖ୍ୟା ବୃଦ୍ଧି ପାଇଛି। କ୍ୟାପିଟାଲ ହସ୍ପିଟାଲ ଉପଅଧିକ୍ଷକ ଧନଞ୍ଜୟ ଦାସଙ୍କ ସୂଚନାନୁସାରେ କୁକୁରମାନଙ୍କ ଛୁଆ ଜନ୍ମ ଋତୁ ହୋଇଥିବାରୁ କୁକୁରମାନେ ହିଂସ୍ର ହୋଇଛନ୍ତି। ଏଣୁ କାମୁଡ଼ାରେ ଆହତଙ୍କ ସଂଖ୍ୟା ବଢ଼ିଛି। ଏହାସହ ଆଖପାଖ ଜିଲ୍ଲା ହସ୍ପିଟାଲରେ ଜଳାତଙ୍କ ରୋଗୀଙ୍କ ପାଇଁ ଟିକା ମିଳୁନଥିବାରୁ ସେମାନେ ମଧ୍ୟ କ୍ୟାପିଟାଲ ହସ୍ପିଟାଲକୁ ଆସୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଜଳାତଙ୍କ ରୋଗକୁ 'ନୋଟିଫାଏବୁଲ୍' ଘୋଷଣା କରିଛି। ତେଣୁ ରୋଗୀ ସଂପର୍କରେ ସୂଚନା ଦେବାକୁ ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲକୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଜିଲ୍ଲାସ୍ତରରେ ଜଣେ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିବର୍ଷ ଦେଶରେ ୨୦ ହଜାରରୁ ଅଧିକ ଲୋକ ଜଳାତଙ୍କ ରୋଗରେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ୧୫ ବର୍ଷରୁ କମ୍ ବୟସର ଶିଶୁ ଅଧିକ ରହୁଛନ୍ତି।




# ସମିତି କାର୍ଯ୍ୟାଳୟରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ପଞ୍ଚାୟତ ସମିତି କାର୍ଯ୍ୟଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହି ଅର୍ପଣ ରଥ କୁ ସଦର ବ୍ଲକ ଅଧକ୍ଷା ସରିତା ବାଗ ବ୍ଲକ ଅଫିସ ପରିସରରେ ପୂଜାର୍ଚ୍ଚନା ସହିତ ୩ ଟି ରଥର ଉଦଘାଟନ କରିଥିଲେ । ଜଗନ୍ନାଥ ସଂସ୍କୃତିର ପ୍ରଚାର ସହିତ ସରଂକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଓ ସମଗ୍ର ଓଡ଼ିଶାର ଜଣସାଧାରଣଙ୍କୁ ଏହି ମହାନ ସଂସ୍କୃତି ସହିତ ଜଡ଼ିତ କରିବା ପାଇଁ ସମସ୍ତ ୱାର୍ଡ ଓ ପଞ୍ଚାୟତ ବୁଲି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିବ । ଆଜି ଏହି ରଥ ଚୂଡ଼ାପାଲି ଗ୍ରାମପଞ୍ଚାୟତ ର ଚୂଡ଼ାପାଲି ,ଦଉପାଲି, ଧୂଲୁସାର , କୁଡ଼ାଶିଙ୍ଘା ପଞ୍ଚାୟତ ର କୁଡଶିଙ୍ଘା , ନୂଆପଡ଼ା, ଶିରିଶ , ମାନହିର ପଞ୍ଚାୟତ ର ଆମମୁଣ୍ଡା,ବାଘପାଲି, ଭଇଁଷା, ମାନହୀରା, ସକମା ପଞ୍ଚାୟତ ର ଫସଡା, କୁତୁରପାଲି, ରାଣିପାଲି, ସକମା ଏବଂ ତୁସ୍ରାବାହାଲ ଦଙ୍ଗାଘାଟ, ଜିରଟମାଳ, ତୁଷରାବାହାଲ ଗ୍ରାମର ପ୍ରତ୍ୟେକ ୱାର୍ଡ ରୁ ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ନିକଟସ୍ଥ ଜଗନ୍ନାଥ ମନ୍ଦିର ରେ ରଖା ଯାଇଥିଲା ଓ ସେଠାରେ ଭକ୍ତ ଓ କୀର୍ତନ ମଣ୍ଡଳୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି ରଥ ଉଦଘାଟନ ବେଳେ ବ୍ଲକ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ , ଜିଲ୍ଲାପରିଷଦ ସଭ୍ୟସଭ୍ୟା , ପିଆରଆଇ ମେମ୍ବର , ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକ କର୍ମଚାରୀ ,ସଂକୀର୍ତନ ମଣ୍ଡଳୀ , ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ୧୭ତାରିଖରେ ହେବାକୁ ଥିବା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ସମସ୍ତ ଅଞ୍ଚଳରେ ଏଲଇଡି ପରଦା ମାଧ୍ୟମରେ ଜଣସାଧାରଣ ଦେଖିବାର ବ୍ୟବସ୍ଥା କରା ଯାଇଛି । ଜିଲ୍ଲାପାଳ ଙ୍କ ଦିଗଦର୍ଶନରେ ଓ ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।




# ଜାତୀୟ ଯୁବ ଦିବସରେ ମୁକ୍ତସାମାଜ ଗଠନ ପାଇଁ ସଚେତନତା ଶୋଭାଯାତ୍ରା

**ବଲାଙ୍ଗୀର(ଅମୃତ ମିଡିଆ):** ବ୍ୟସନ ମୁକ୍ତ ସାମାଜ ଗଠନ ଦିଗରେ ଆମର ଯୁବ ସାମାଜ କୁ ନିଶା ଗ୍ରହଣ ରେ ହେଉଥିବା ବିଭିନ୍ନ ପୋଷ୍ଟର ପ୍ଲେ କାର୍ଡ ନେଇ ସ୍ୱାମୀ ବିବେକାନନ୍ଦ ଙ୍କ ଜୟନ୍ତୀ ଜାତୀୟ ଯୁବ ଦିବସରେ ଗାୟତ୍ରୀ ପରିବାର ବଲାଙ୍ଗିର ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଆଜି ଅପରାହ୍ନ ତିନି ଘଣ୍ଟା ରୁ ଗୋପାଳଜୀ ମନ୍ଦିର ପରିସରରେ ଥିବା ଗାୟତ୍ରୀ ଶକ୍ତି ପୀଠ ରୁ ସ୍ୱାମୀ ବିବେକାନନ୍ଦ ଙ୍କ ପ୍ରତିକୃତି ରେ ଦୀପ ପ୍ରଜ୍ୱଳନ ପରେ ବଲାଙ୍ଗିର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତା ଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଆଞ୍ଚଳ ଏଥିରେ କୁଡାସିଂହା ପ୍ରଜ୍ଞାପିଠ ପରିଜନ ବୃନ୍ଦ, ପୁଇଁତଳା ବ୍ଲକ, ବଲାଙ୍ଗିର ବ୍ଲକ,ଦେଓଗାଁ ବ୍ଲକ ବଲାଙ୍ଗିର ନଗର ରୁ ଆସିଥିବା ପରିଜନ ମହିଳା ସଦସ୍ୟ, ଯୁବା ବାହିନୀ ସଦସ୍ୟ ମାନେ ସହର ମଧ୍ୟରେ ଯାଇ ସମଲେଇଶ୍ୱରୀ ମନ୍ଦିର, ଦୈନିକ ବଜାର, ଟିକରାପଡ଼ା, କଳାମଣ୍ଡଳ ପୁରୁଣା ସରକାରୀ ଓ ଘରୋଇ ବସଷ୍ଟାଣ୍ଡ ହୋଇ ସଂସ୍ଥା ର ପ୍ରସ୍ତୁତ ବିଭିନ୍ନ ପୁସ୍ତକ ପ୍ରଚାର ପତ୍ର ରାସ୍ତାରେ ବିଭିନ୍ନ ଲୋକଙ୍କୁ ବଣ୍ଟନ କରି ଥିଲେ । ବିଭିନ୍ନ ସ୍ଥାନରେ ନିଶା ପାନ ବିଡି ଗୁଟକା ଦ୍ୱାରା ଦେଉଥିବା କୁ ପରିଣାମ ଉପରେ ଲୋକଙ୍କୁ ସଚେତନ କରିଥିଲେ ଓ ଆମ ଦେଶରେ ଯୁବସମାଜ ର ବ୍ୟସନ ରେ ଅଭ୍ୟସ୍ତ ହୋଇ କୁପଥଗାମୀ ହେଉଥିବା ଉପରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ହରିଦ୍ୱାର ଆହ୍ୱାନ ରେ ସମଗ୍ର ଦେଶରେ ବ୍ୟସନ ମୁକ୍ତ ସ୍ୱର୍ଣ୍ଣିମ ଭାରତ ଗଠନ ଦିଗରେ ମହା ଅଭିଯାନ ଆରମ୍ଭ କରିଛି ଏହି କ୍ରମରେ ବଲାଙ୍ଗିର ଗାୟତ୍ରୀ ପରିବାର ବର୍ଷ ତମାମ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ କରୁଛି । ଆଜିର ଦିନରେ ଯୁବା ଦିବସ ପାଳିତ କରି ଶୋଭାଯାତ୍ରା ମାଧ୍ୟମ ସଚେତନତା ସୃଷ୍ଟି ଦିଗରେ ରେ ପ୍ରୟାସ ରତ ହୋଇଥିଲା ।



# ବ୍ଲକ କଳା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

**ନୂଆପଡା(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ କଳା ସଂସ୍କୃତି ସଂଘ ସଭାପତି ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମ ଦାତା ଭାବରେ ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦ ସଭାପତି ତ୍ରିମନ ମାଝୀ ,ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ଉପେନ୍ଦ୍ର ସଲମା,ବିଶିଷ୍ଟ ପାଲା ଗାୟକ ଶିବ ପ୍ରସାଦ ଅଗସ୍ତି,ବିଶିଷ୍ଟ ସଙ୍କୀର୍ତ୍ତନ ଗୁରୁ ତଥା ସଙ୍ଗୀତଜ୍ଞ ଅମୂଲ୍ୟ ମିଶ୍ର ମଞ୍ଚାସିନ ରହିଥିବା ବେଳେ ପ୍ରୋଗ୍ରାମ ସଂଯୋଜକ ବି ଏସ ଏସ ଓ ହିତେଶ ଆଡବାହୀ ଙ୍କ ସମେତ ପ୍ରତି ଦଳରୁ ଦୁଇ ଦୁଇ ଜଣ (୩୦ ଟି ଦଳରୁ)କଳାକାର ପ୍ରତିନିଧି ତାଲିମ ପାଇଁ ଯୋଗଦାନ କରିଥିଲେ ।ସଙ୍ଗୀତ, ନୃତ୍ୟ ଓ ନାଟକ ମାଧ୍ୟମରେ ରାଜ୍ୟ ସରକାରଙ୍କ ୧୫ ଗୋଟି ଯୋଜନାକୁ ଜନ ସଚେତନ କରାଇବାକୁ ଆଜି ତାଲିମ ପ୍ରଦାନ କରାଯାଇଥିଲା । ଜନ ସଚେତନ କାର୍ଯ୍ୟକ୍ରମରେ ସରକାରଙ୍କ ଯୋଜନା ଯଥା - ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା,ମଧୁବାବୁ ପେନସନ ଯୋଜନା,ମମତା ଯୋଜନା,ମିଶନ ଶକ୍ତି,ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା,ଫସଲ ବୀମା ଯୋଜନା,ଫସଲ ଋଣ ଛାଡ଼ ରିହାତି,ଆମ ହସ୍ପିଟାଲ,କ୍ରୀଡ଼ା,ଆମ ଓଡ଼ିଶା ନବୀନ ଓଡ଼ିଶା,ଫାଇଭ-ଟି ହାଇ ସ୍କୁଲ ରୂପାନ୍ତରୀକରଣ,ଜନଜାତି ଜିଲ୍ଲା ପାଇଁ ସ୍ୱତନ୍ତ୍ର ଯୋଜନା,ଆମ ବ୍ୟାଙ୍କ,ଆମ ଐତିହ୍ୟ ତଥା ଲକ୍ଷ୍ମୀ ବସ ଯୋଜନା ଗୁଡ଼ିକ ବିଷୟରେ ସଚେତନତା ମୂଳକ ବାର୍ତ୍ତା । କଳାକାରଙ୍କ ମାଧ୍ୟମରେ କରିବାକୁ ସରକାର ଯୋଜନା କରିଛନ୍ତି ।ଆଜିର ତାଲିମ ଶିବିରରେ ଗୋଟିଏ ପ୍ରକାର ଅଭ୍ୟାସ କରାଯାଇଥିଲା ।ଏହି ଅବସରରେ କୁଲିଙ୍ଗାମାଳର ସଂଚାର ଦଳ ଧୋବଲେ ସାଗର ଓ ତାଙ୍କ ଦଳ କଳା ପରିବେଷଣ କରିଥିଲେ ।ପରେ ଅମୂଲ୍ୟ ମିଶ୍ର ଭଜନ ଗାନ କରିଥିବା ବେଳେ ବି ଡି ଓ ପ୍ରିୟରଞ୍ଜନ କୁମାର ମୃଦଙ୍ଗ ବାଦନ କରି ଗୀତର ତାଳେ ତାଳେ ବଜାଇ ଚାଲି ଚାଲିଥିଲେ ।ସମସ୍ତ କଳାକାରଙ୍କ ମନକୁ ମୃଦଙ୍ଗ ଶବ୍ଦ ବିମୋହିତ କରିଥିଲା ,ସମସ୍ତେ ଉପଭୋଗ କରିଥିଲେ । ପୁନର୍ବାର ଆସନ୍ତା ୧୮ ତାରିଖ ଦିନ ସମସ୍ତ ଦଳକୁ ତାଲିମ ପ୍ରଦାନ କରି ୨୨ ତାରିଖ ଦିନଠାରୁ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖକୁ ପହଞ୍ଚାଇବାର ବ୍ୟବସ୍ଥା ଅଛି ବୋଲି ସୂଚନା ମିଳିଛି ।



# ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ସହାୟତା ନିବେଦନ କଲେ ସମାଜସେବୀ



**କୁଜଙ୍ଗ(ଅମୃତ ମିଡିଆ):** ପାରାଦ୍ୱୀପ କେନ୍ଦ୍ରୀୟ ବିଦ୍ୟାଳୟ ର ନବମଶ୍ରେଣୀ ଛାତ୍ର ନିହାଲ ରଜକ, ପି - ଧର୍ମେନ୍ଦ୍ର ରଜକ ଗତ ଜାନୁଆରୀ ୭ ତାରିଖ ରେ କଟକ ପାରାଦୀପ ରାସ୍ତା ର ପନ୍ଦର ନଂ ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ଥ ହୋଇ ସେ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କଟକ ବଡ଼ ମେଡିକାଲ ଓ ଅବସ୍ଥା ଗୁରୁତର ହେବାରୁ ସେ ଭୁବେନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ କୁ ସ୍ଥାନାନ୍ତର ହୋଇ ଚିକିତ୍ସିତ ହେଉଛି ଶୁଣି ଆଜି ଓଡିଶା ଅଭିଭାବକ ମହାସଂଘ ର ରାଜ୍ୟ ଉପସଭାପତି ଡ଼ ଧୃତିଧର ଦାସ, ଉପଦେଷ୍ଟା ଡ଼ ଅରୁଣ କୁମାର ପାଣି, ଜିଲ୍ଲାସଭାପତି ସୁରେଶ ସ୍ୱାଇଁ, ଜିଲ୍ଲା ଉପସଭାପତି ସୁନୀଲ କୁମାର ବାରିକ, ସମାଜସେବୀ ତପନ ସ୍ୱାଇଁ ଆଜି କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ପଙ୍କଜ ବାଷ୍ନେୟ ଓ ପାରାଦ୍ୱୀପ ମୁନିସିପାଲିଟି ଚେୟାରମ୍ୟାନ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ଙ୍କୁ ଭେଟି ଆହତଛାତ୍ର ଙ୍କୁ ସହାୟତା ପାଇଁ ନିବେଦନସହ ପ୍ରଶାସନ ସ୍ତରରେ ସହାୟତା ପାଇଁ ନିବେଦନ ସହ ତା ପରିବାର କୁ ଭେଟି ଆଶ୍ୱାସନା ଦେବା ସହ ଜିଲ୍ଲାପାଳ ଙ୍କୁ ଭେଟି ନିବେଦନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ଓ ପିଲା ର ବାପା ଙ୍କ ବ୍ୟାଙ୍କ ଖାତା ଓରଉ -ଚଟଘ- ୮୦୨୧୬୬୦୦, ଇଉଡଙଟଘଞ ଘକ୍ଟ - ୨୧୬୬୦୦୦୧୦୦୦୩୮୪୩୬ ରେ କିଛି ସହାୟତା ଦେବାପାଇଁ ମଧ ନିବେଦନ କରିଛନ୍ତି !

# ମାତୃଭାଷା ହଜିଗଲେ ଆମେ ପରିଚୟ ହରାଇବା: ମହୋତ୍ସବର କୋସଲି ନାଟକ 'ମଧୁବିଦ୍ୟା'

**ବଲାଙ୍ଗୀର(ଅମୃତ ମିଡିଆ):** ୮ ଜାନୁଆରୀ : କୋସଲି ସମ୍ବଲପୁରୀ ଭାଷା ଉନ୍ନତ ଓ ସମୃଦ୍ଧ। ଆମକୁ ଏହାକୁ ବ୍ୟବହାର ରଖିବା କୁ ପଡିବ ।ଇଂରାଜୀ ଶାସନାଧିନ ଭାଷା ପ୍ରଚଳନ ପରେ ଅନ୍ୟ ଭାଷା ବ୍ୟବହାର ପରେ ବିଭିନ୍ନ ସ୍ତରରେ ଭାଷା ଗୁଡିକ ଲୋପ ପାଉଛି ଓ ମାତୃଭାଷା ନିଜ ଭିତରେ ବ୍ୟବହାର ଦ୍ୱାରା ହିଁ ବଞ୍ଚିବ। ଜୀବନରେ ପ୍ରତ୍ୟେକ ସ୍ତରରେ ଅଭିନୟ କରିବା ପଡିଥାଏ ତେଣୁ ସମସ୍ତେ ଗୋଟିଏ କଳାକାର ତାଙ୍କର ଅଭିନୟ କରିବେ ଓ ନାଟକରେ ଅଭିନୟ କରି ସାମାଜ ର ଅନେକ ପରିବର୍ତ୍ତନ ଆଣିପାରେ ବୋଲି ଗତ ସନ୍ଧ୍ୟାରେ ବଲାଙ୍ଗିର ଠାରେ ଆରମ୍ଭ ହୋଇଥିବା ପନ୍ଦର ତମ ମଠଖାଇ ମହୋତ୍ସବ ରେ ମୁଖ୍ୟବକ୍ତା ଡାକ୍ତର୍ ହୋତା ମନ୍ତବ୍ୟ ଦେଇଥିଲେ। କଳାକାର ଦିବଙ୍ଗତ ନବୀନ ମହାନ୍ତି ଙ୍କ ନାମରେ ଉତ୍ସର୍ଗୀକୃତ ମଞ୍ଚର ପ୍ରଥମ ଦିବସରେ ଓଡିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ର ପ୍ରଥମ କୁଳପତି ମାଟିର ସନ୍ତାନ ଡାକ୍ତର୍ ଦତ୍ତେ ସ୍ୱର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲାବେଳେ ସମାନିତ ଅତିଥି ଭାବେ ବର୍ଷିୟାନ୍ କଳାକାର ମଞ୍ଚ ଅଭିନେତା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମିଶ୍ର,ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ମଞ୍ଚାସୀନ ଥିଲେ କ୍ଷ ମଠଖାଇ ସମ୍ମାନ ସମାଜ ସେବୀ ମଦନ ମୋହନ ରଥ ଙ୍କୁ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ରାଜୀବ ଲୋଚନ ଆଚାର୍ଯ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଅଭିନେତା ସନାତନ ଠାକୁର ଓ ପୂର୍ବରୁ ନୃତ୍ୟସୁଧା ଡାନ୍ସ ଏକାଡେମୀ କଳାକାର ମାନେ ପୂର୍ବରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପ୍ରଥମ ରଜନୀ ନାଟକ ନାଟ୍ୟକାର କେଶ ରଞ୍ଜନ ପଧାନ ଙ୍କ ନାଟକ ମଧୁବିଦ୍ୟା କୋସଲି ନାଟକ ଜ୍ଞାନୋଦୟ ବୋଡ଼େନ ନୂଆପଡ଼ା କଳାକାର ପରିବେଷଣ କରିଥିଲେ ଓ ନିର୍ଦ୍ଦେଶନା ଦେଇଥିଲେ ରବି ରଞ୍ଜନ ପଧାନ। କଳାକାର ମାନେ ନାଟକରେ ସୁନ୍ଦର ଭବରେ ଅଭିନୟ କରି ପରିବେଶଣ କରିଥିଲେ।



# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା:ପାରମ୍ପରିକ ସୁଆଁ ପ୍ରଜାତି ପୁଷ୍ଟିକର

**ଜୟପୁର(ଅମୃତ ମିଡିଆ):** କୋରାପୁଟର ଜନଜାତିମାନେ ଚାଷକରୁଥିବା ପାରମ୍ପରିକ ସୁଆଁ ମଧ୍ୟରୁ ଅଧିକ ପୃଷ୍ଟିକର ସୁଆଁ ପ୍ରଜାତି ଚିହ୍ନଟ କରିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିଭିଦତା ଓ ପ୍ରାକୃତିକ ସମ୍ବଳ ବିଭାଗର ଗବେଷକ ସହାୟକ ପ୍ରଫେସର ଡ଼.ଦେବବ୍ରତ ପଣ୍ଡା । ସେ ତାଙ୍କ ସହଯୋଗୀଙ୍କ ସହ ମିଶି କୋରାପୁଟର ବିଭିନ୍ନ ଦେଶୀ ସୁଆଁର ଗୁଣାତ୍ମକ ମାନ ଉପରେ ଗବେଷଣା କରି ଏହି ତଥ୍ୟ ଦର୍ଶାଇଛନ୍ତି .ଉକ୍ତ ଗବେଷଣାରୁ ଜଣାପଡିଛି ଯେ ତିନି ପ୍ରକାର ପାରମ୍ପରିକ ସୁଆଁ ଯଥା - ମାମି ସୁଆଁ , କଳା ସୁଆଁ ଏବଂ ବଡ଼ ସୁଆଁ ଅନ୍ୟ ସୁଆଁ ପ୍ରଜାତି ଠାରୁ ଅଧିକ ପରିମାଣରେ ପୋଷାକତତ୍ତ୍ୱ ଭରି ରହିଛି ଯାହାକି ଏହି ଦେଶୀ ସୁଆଁରେ ଅଧିକ ପ୍ରୋଟିନ, ଫାଇବର, ଭିଟାମିନ, ଏଣ୍ଟିଅକ୍ସଇଡେଣ୍ଟ, ମିନେରାଲସ ରହିଛି। ଏହାର ଗୁଣାତ୍ମକ ମାନ ହାଇବ୍ରିଡ ଭେରାଇଟ ଓ ଲମ-୨୦୮ଠାରୁ ଅଧିକ। ପୂର୍ବତଟ ମାଳଭୂମିର କୋରାପୁଟରେ ଆଦିମ ଜନଜାତିମାନେ ଚାଷ କରୁଥିବା ୧୪ ପ୍ରକାରର ଦେଶୀ ସୁଆଁ ର ଗୁଣାତ୍ମକ ମାନର ଗବେଷଣାକୁ ଅନ୍ତର୍ଜାତୀୟ ଜର୍ଣ୍ଣାଲ ପ୍ଲାଣ୍ଟରେ ଗତ ଜାନୁଆରୀ ୧୩ ତାରିଖରେ ତାଙ୍କ ଛାତ୍ରୀ ପ୍ରମିଳା ମୁନି, ଅଲୌକିକା ପଣ୍ଡା ଓ ସ୍ୱମୀନାଥନ ଫାଉଣ୍ଡସନ ର ବୈଜ୍ଞାନିକ ଡ଼ କାର୍ତିକ ଲେଙ୍କା ଓ ପ୍ରଶାନ୍ତ ପରିଡାଙ୍କ ସହ ମିଶି ପ୍ରକାଶ କରିଛନ୍ତି। ଏହି ସଫଳ ଗବେଷଣା ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଜୈବ ବିଭିଦତା ଓ ପ୍ରାକୃତିକ ସମ୍ବଳ ସଂରକ୍ଷଣ ବିଭାଗର ମୁଖ୍ୟ ପ୍ରଫେସର ଶରତ କୁମାର ପଲୀତା ଉଚ୍ଚ ପ୍ରଶଂସା କରିଛନ୍ତି ଓ ଆଗାମୀ ଦିନରେ ଅଧିକ ମିଲେଟ ଗବେଷଣା କରିବା ପାଇଁ ପ୍ରୋତାହିଁତ କରିଛନ୍ତି। ଏହି ଦେଶୀ ସୁଆଁର ଗୁଣସୂତ୍ରକୁ ପରୀକ୍ଷା କରି ଆଗାମୀ ଦିନରେ ନୂତନ ଗୁଣାତ୍ମକ ସୁଆଁ ତିଆରି କରାଯାଇ ପାରିବ ବୋଲି କହିଛନ୍ତି ଡ଼. ପଣ୍ଡା। ଏହି ବିରଳ ସୁଆଁକୁ ପ୍ରଚାର ,ପ୍ରସାର ଓ ସଂରକ୍ଷଣ କରାଗଲେ ଏହା ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ଦେବା ସହିତ ଆଦିବାସୀଙ୍କର ଆର୍ଥିକ ଉନ୍ନତି ସହିତ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବ ବୋଲି ଅଶା ବ୍ୟକ୍ତ କରିଛନ୍ତି। ଏନେଇ ସୂଚନା ଦେଇଛନ୍ତି ଡ଼. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ



# ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ

**ବେତନଟୀ(ଅମୃତ ମିଡିଆ):** ବେତନଟୀ କଳାବିକାଶ କେନ୍ଦ୍ର ଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୮ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି । ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ, ପରିଷଦର ସଭାପତି ରାଧାମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂପାଦକ ଡାକ୍ତର ସୁଶୀଲ କୁମାର ଘୋଷ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପଠନ କରିଥିଲେ । ସ୍ୱର୍ଗତ ଫକୀର ମୋହନଙ୍କ ଅନ୍ୟନାମ ସଂକ୍ରାନ୍ତି ପୁରୁଷ ଓ ତାଙ୍କର ଓଡ଼ିଆ ସାହିତ୍ୟ ଜଗତକୁ ଅନେକ ଗଳ୍ପ, ଉପନ୍ୟାସ ରଚନା କରି ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧିରେ ବିଶେଷ ଅବଦାନ ସମ୍ବନ୍ଧରେ ଆଡ୍ ?ଭୋକେଟ୍ ସଚିଦାନନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡଃ ମନ୍ଦାକିନୀ ସାହୁ, ସାହିତ୍ୟିକ ବିଜୟ କୁମାର ଦ୍ୱିବେଦୀ , ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ପରିଷଦର ସଦସ୍ୟ ଶ୍ୟାମ ପ୍ରସାଦ ମଡୁଆଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ ଲକ୍ଷ୍ମୀଧର ଭୋଇ , ରାଧାକୃଷ୍ଣ ପାତ୍ର, କମଳଲୋଚନ କର ଆଦି ଉପସ୍ଥିତ ଥିଲେ। ଶେଷରେ ସହ ସଂପାଦକ ଇଶ୍ୱର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।




# ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ସେବା କାର୍ଯ୍ୟ ପାଇଁ ନିମନ୍ତ୍ରଣ

**କୁଜଙ୍ଗ(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମ ପଞ୍ଚାୟତ ର ସମାଜସେବୀ ଆଡ଼ଭୋକେଟ ଡ଼ଃ ସୁନାକର ବେହେରାଙ୍କୁ ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ତରଫରୁ ଆସନ୍ତା ତା ୧୭/୦୧/୨୦୨୪ ଠାରୁ ତା ୨୫/ ୦୧/୨୦୨୪ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଶ୍ରୀରାମ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସେବାକାର୍ଯ୍ୟ ନିମନ୍ତେ ନିମନ୍ତ୍ରଣ ହୋଇଅଛି.ଜାନୁଆରୀ ତା ୨୨/୦୧/୨୦୨୪ରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ପ୍ରଣାପ୍ରତିଷ୍ଠା ଉତ୍ସବ ମହାସମାରୋହ ଅନୁଷ୍ଠିତ ହେବାକୁ ଯାଉଅଛି.ଏହି ଶୁଭ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରତ ବର୍ଷର ସାଧୁସନ୍ଥ ମାନଙ୍କ ସହିତ ଦେଶ ବିଦେଶରୁ ବହୁ ବିଦ୍ୱାନ ପଣ୍ଡିତ ମାନଙ୍କୁ ନେଇ ୭ ହଜାର ମଧ୍ୟରେ ଯୋଗ ଦେଉଥିବାର ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପ୍ରଦାନ କରିଛି. ଶାନ୍ତି ଶୃଙ୍ଖଳା କୁ ପ୍ରାଥମିକତା ଦେଇ କଡା ସୁରକ୍ଷା ମଧ୍ୟରେ ଏହି ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ. ଏଥିରେ ଜନସାଧାରଣ ଙ୍କୁ ଅନୁରୋଧ କରାଯାଇଛି ୨୪ ତାରିଖ ଠାରୁ ସାର୍ବଜନୀନ ଦର୍ଶନ ହୋଇ ପାରିବାନେଇ ସୂଚନା ଦିଆ ଯାଇଛି. ଓଡିଶାରୁ ୪୫ ଜଣ ସାଧୁ ସନ୍ଥଙ୍କୁ ନିମନ୍ତ୍ରଣ ଆସିଥିବା ବେଳେ ସେବା କାର୍ଯ୍ୟ ପାଇଁ ରାଜ୍ୟରୁ ତିନି ଜଣଙ୍କ ମଧ୍ୟରେ ଜଗତସିଂହପୁର ଜିଲାରୁ ଡ଼ଃ ସୁନାକର ବେହେରା,ପୁରୀରୁ ଦେବାର୍ପିତ ମହାନ୍ତି, ଯାଜପୁର ରୁ ସରୋଜ କୁମାର ଶତପଥୀଙ୍କୁ ନିମନ୍ତ୍ରଣ ଆସିଅଛି ଡ଼ଃ ବେହେରା ଆଜି ଅଯୋଧ୍ୟା ଅଭିମୁଖେ ଯାତ୍ରା କରି ନିଜକୁ ଧନ୍ୟ ମଣିବା ସହ ପ୍ରଭୁ ରାମଲାଲା ଙ୍କ କାର୍ଯ୍ୟରେ ସେବା କରିବାର ସୌଭାଗ୍ୟ ପାଇଥିବାରୁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଅଯୋଧ୍ୟା ଙ୍କୁ ଧନ୍ୟବାଦ ପ୍ରଦାନ କରି ଜଣେ ସନାତନୀ ହିନ୍ଦୁ ବୋଲି ନିଜକୁ ଧନ୍ୟ ମଣିଛନ୍ତି.

# ପ୍ରସ୍ତୁତିପଥେ ବାସୁଦେବପୁରରେ ବିଶାଳ ଦୀପ



**ବାସୁଦେବପୁର(ଅମୃତ ମିଡିଆ):** ଆସନ୍ତା ୨୨ ତାରିଖ ରେ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ବାସୁଦେବପୁର ରେ ବିଭିନ୍ନ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ସାରା ବାସୁଦେବପୁର ଉତ୍ସବ ମୁଖର ହୋଇ ଉଠିବ ବୋଲି ଜଣା ପଡିଛି। ଏଥି ନିମନ୍ତେ ବାସୁଦେବପୁର ରେ ସଜ୍ଜା ସଜି କାମ ଆରମ୍ଭ ହୋଇ ଯାଇଛି। ସ୍ଥାନୀୟ ବ୍ଲକ୍ ରୋଡ ରେ ଏକ ବିଶାଳ ଦୀପ ନିର୍ମାଣ କାର୍ଯ୍ୟ ଚାଲିଛି ଯାହା ସାରା ବିଶ୍ୱ ରେ ରେକର୍ଡ ହେବ ବୋଲି କର୍ମ କର୍ତ୍ତା କହିଛନ୍ତି। ଏହି ଦିପ ଟି ସମ୍ପୂର୍ଣ ମାଟି ରେ ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ୧୨୦୦୦ ଲିଟର ତେଲ ଧରିବ ବୋଲି ଜଣା ପଡିଛି। ଏହି ଦିପ ଟି ସାତ ଫୁଟ ଉଚ୍ଚତାରେ ଥିବା ବେଳେ ତେର ଫୁଟ ଚଉଡ଼ା ଅଛି। ଉକ୍ତ ବାଇଶି ତାରିଖ ରେ ବାସୁଦେବପୁର ରେ ଭଜନ, କୀର୍ତ୍ତନ, ସହ ପ୍ରସାଦ ସେବନ ଭଳି ବହୁ ଆଡମ୍ବର ରେ ପାଳନ କରାଯିବ ବୋଲି ଜଣା ପଡିଛି।

# ନିଷିଦ୍ଧାଞ୍ଚଳରୁ ୧୦ ମତ୍ସ୍ୟଜୀବୀ ଗିରଫ



**ମାର୍ଶାଘାଇ/ରାଜନଗର(ଅମୃତ ମିଡିଆ):** ମହାକାଳପଡା ବ୍ଲକ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗହୀରମଥା ନିଷିଦ୍ଧାଞ୍ଚଳର ଚିଞ୍ଚିରି ମୁହାଁଣ ନିକଟରେ ଗତ ରବିବାର ବିଳମ୍ବିତ ରାତିରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ଦ୍ୱାରା ମା' ବୈଷ୍ଣବୀ-୨ ନାମକ ବୋଟ ସହିତ ୧୦ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩୦ କ୍ୱିଣ୍ଟାଲ ମାଛ ସହ ଜାଲ ଓ ଜିପିଏସ୍ ଜବତ କରିଛି ବନବିଭାଗ। ଅଲିଭ ରିଡେଲ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି ରହିଥିବାବେଳେ ମତ୍ସଜିବୀମାନେ ସମୁଦ୍ରରେ ବେଆଇନ ଭାବେ ପ୍ରବେଶ କରି ମାଛ ଧରୁଛନ୍ତି। ବନବିଭାଗର ପେଟ୍ରୋଲିଂ ସମୟରେ ଗହୀରମଥା ସମୁଦ୍ରରୁ ଏହି ମତ୍ସ୍ୟଜୀବୀମାନେ ଗିରଫ ହୋଇଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଡ୍ରାଇଭର ବିଶ୍ୱନାଥ ଭୂୟାଁ, ଗୋକୁଳି ମାଝି, ରମା ସିଂ, ବିନୋଦ ସିଂ, ରାମ ସିଂ, ପୁରଞ୍ଜନ ଖିଲାର, ଅଭୟ ସାହୁ, ଅଜୟ ଦଲାଇ, ସୁରେଶ ଜେନା, କାଳୀଚରଣ ବେହେରା। ଏହି ସମସ୍ତ ମତ୍ସ୍ୟଜୀବୀ ବାଲେଶ୍ୱ ଅ□ଳର ବୋଲି ଜଣାପଡିଛି। ଏ ସମସ୍ତ ମତ୍ସଜୀବୀଙ୍କ ନାମରେ ବନବିଭାଗ ଆକ୍ଟ ଅନୁଯାୟୀ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଶାସନୀପେଟା ବନାଞ୍ଚଳ ବନବିଭାଗ ଅଧିକାରୀ ପ୍ରଦୋଷ ମହାରଣାଙ୍କ ଠାରୁ ସୂଚନା ମିଳିଛି।

# ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ବଲାଙ୍ଗିର(ଅମୃତ ମିଡିଆ):** ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟଠାରେ କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁଗ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହା ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସଭାରେ ନେହେରୁ ଯୁବ କେନ୍ଦ୍ରର ଲେଖା ଓ କାର୍ଯ୍ୟକ୍ରମ ସହାୟକ ବିପିନ ବିହାରୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ମନୋରଂଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଭାରତକୁ ବିଶ୍ୱଗୁରୁର ସ୍ୱପ୍ନକୁ ସାକାର କରିବା ପାଇଁ ଆଜିର ଯୁବପିଢ଼ି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏନ୍ଏସ୍ଏସ୍ ଅଧିକାରୀ ପ୍ରଫେସର ଅଜିତ କୁମାର ଭୋଇ, ସରକାରୀ ମହିଳା ମହାବିଦ୍ୟାଳୟର ଓଡିଆ ଅଧାପକ ଡ.କୌତୁକ ପନ୍ଦର ଯଥାକ୍ରମେ ସାମ୍ମନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ସାଧନା ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ର ଗଠନ ଓ ବିକଶିତ ଭାରତ ପାଇଁ ଯୁବପିଢ଼ିଙ୍କ କର୍ତ୍ତବ୍ୟ ଉପରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ପ୍ରସାରିତ କରାଯାଇଥିଲା । ଜିଲ୍ଲା ଓଡ୍ରାପ୍ଟର ଡିଆରଆର ବିକାଶରଞ୍ଜନ କରଙ୍କ ନେତୃତ୍ୱରେ ଆସିଥିବା ଓଡ୍ରାପ୍ଟ ଅଧିକାରୀମାନେ ପ୍ରାକୃତିକ ବିର୍ପ୍ୟୟ ସମୟରେ ନିଜକୁ ତଥା ଅନ୍ୟମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଉପରେ ବୁଝାଇଥିଲେ । ସଭାକାର୍ଯ୍ୟ ପୂର୍ବରୁ ସଡ଼କ ସୁରକ୍ଷା ସଚେତନତା ପାଇଁ ଛାତ୍ରୀମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ବଳିଆର ସିଂ ବରିହା, ଶମ୍ଭୁ ପ୍ରସାଦ ଘିବେଲା, ଦୁଃଖୀଶ୍ୟାମ ମଲ୍ଲିକ, ସଙ୍କେତ ସାହୁ, ଆଶିଷ ସାହୁ, ପ୍ରମୋଦ କୁମାର ବେହେରା, ସଞ୍ଜୟ ସେଠ, ସତ୍ୟନାରାୟଣ ହୋତା ପ୍ରମୁଖ ସହଯୋଗ କରିଥିଲେ । ଉପସ୍ଥାପିକା ଐଶର୍ଯ୍ୟା ଦାସ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# ଆରଏସଏସର ମକର ଉତ୍ସବ ପାଳନ



**ଜୟପୁର(ଅମୃତ ମିଡିଆ):** ଜୟପୁର ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନଗରର ଚାରଟି ସ୍ଥାନରେ ମକର ଉତ୍ସବ ପାଳନ କରିଛି।ପୂର୍ବ ଭାଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ଦକ୍ଷିଣ ଭାଗରେ ଶ୍ରୀ ବଲ୍ଲଭ ନାରାୟଣ ମନ୍ଦିର ପଶ୍ଚିମ ଭାଗରେ ଜୟନଗର ସ୍ଥିତ ପାଇକ ସାହି ଡାଙ୍ଗର ଦେବୀ ମନ୍ଦିର ଉତ୍ତର ଭାଗରେ ପାରାବେଡା ସ୍ଥିତ ଝାଙ୍କଡ଼ ଦେବୀ ମନ୍ଦିର ଠାରେ ପାଳନ କରିଛି।ଏହି ଅବସୋରରେ ପୂର୍ବ ଭାଗରେ ମୁଖ୍ୟ ବକ୍ତା ଭାବେ ନଗର ସଂଘ ଚାଳକ ଡ଼. ନିରଞ୍ଜନ ମିଶ୍ର ଦକ୍ଷିଣ ଭାଗରେ ମୁଖ୍ୟ ଅତିଥି ରୂପେ ସୁରେଶ ନନ୍ଦ ରହିଥିବା ବେଳେ ମୁଖ୍ୟ ବକ୍ତା ମହେନ୍ଦ୍ର ମିଶ୍ର ରହିଥିଲେ ଉତ୍ତର ଭାଗରେ ମୁଖ୍ୟ ଅତିଥି ସୁଧାଂଶୁ ପାଢ଼ୀ ଏବଂ ବକ୍ତା ଭରତ ନାୟକ ରହିଥିଲେ ପଶ୍ଚିମ ଭାଗରେ ମୁଖ୍ୟ ଅତିଥି ଲକ୍ଷ୍ମଣ ହରିଜନ ରହିଥିବା ବେଳେ ମୁଖ୍ୟ ବକ୍ତା ଡମ୍ବୁରୁଧର ପାଣିଗ୍ରାହୀ ରହିଥିଲେ।ସଂଘର ଛଅ ଗୋଟି ଉତ୍ସବ ମଧ୍ୟରୁ ମକର ଉତ୍ସବ ଅନ୍ୟତମ।

# ସୁଶୁଆରେ ପରିକ୍ରମା କଲା ଜଗନ୍ନାଥଙ୍କ ଅର୍ପଣ ରଥ

**ଦଶରଥପୁର(ଅମୃତ ମିଡିଆ):** ଦଶରଥପୁର ବ୍ଲକ ଅଧିନସ୍ଥ ସୁଶୁଆ ପଂଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୧୭ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ସାରା ଓଡ଼ିଶାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଗତ ଚାରି ଦିନ ଧରି ସୁଶୁଆ ପଂଚାୟତରେ ଅନୁଷ୍ଠିତ ହେଉଥିବା ଜଗନ୍ନାଥଙ୍କ ର ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଆଜି ହୀରାପୁର ଗ୍ରାମର ରାଧାକାନ୍ତ ମନ୍ଦିର ନିକଟରେ ଉଦ୍‌ଯାପିତ ହୋଇଯାଇଛି । ରଥ ପରିକ୍ରମା ସମୟରେ ପଂଚାୟତର ପ୍ରତ୍ୟେକ ପରିବାରରୁ ମୁଠେ ଅରୁଆ ଚାଉଳ ଓ ଗୋଟିଏ ଗୋଟା ଗୁଆ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ବୃନ୍ଦାବନ ସାମଲ, ୬ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ସମିତିସଭ୍ୟ ମଧୁସୂଦନ ଦାସ, ସୁଶୁଆ ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ରମାକାନ୍ତ ସାମଲ, ସମାଜସେବୀ ରାଧାକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।




# ୧୦୧ ବର୍ଷରେ ଆଖି ବୁଜିଲେ ଓଡ଼ିଶାର ପ୍ରଥମ ଫୋଟୋ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି

**ବାରିପଦା (ଅମୃତ ମିଡିଆ):** ଓଡ଼ିଶାର ପ୍ରଥମ ଫୋଟୋ ସାମ୍ବାଦିକ ଭାବେ ଖ୍ୟାତି ଅର୍ଜନ କରିଥିବା ଜଣେ ବ୍ୟକ୍ତି ବିଶେଷ ଯିଏକି ଏକାଧାରାରେ ଜଣେ ସାମ୍ବାଦିକ, ସୁସାହିତ୍ୟକ, ଅଭିନେତା, ରଥ ମିସ୍ତ୍ରୀ ଓ ବାସ୍ତୁବିତ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ. ଆଜି ପବିତ୍ର ମକର ସଂକ୍ରାନ୍ତିରେ ୧୦୧ ବର୍ଷରେ ତାଙ୍କର ପରଲୋକ ଘଟିଛି. ବାରିପଦା ଦେଉଳସାହି ସ୍ଥିତ ତାଙ୍କ ବାସ ଭବନରେ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶୋକ ବ୍ୟକ୍ତ କରିଛନ୍ତି. ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ରାଜ୍ୟର ପ୍ରଥମ ପ୍ରେସ ଫୋଟୋ ଗ୍ରାଫର ଭାବେ ଖୁବ ପରିଚିତ ଥିଲେ. ମୟୂରଭଞ୍ଜର ପ୍ରଜାବତ୍ସଳ ମହାରାଜା ଯଦୁନାଥ ଭଞ୍ଜ ବାବୁଙ୍କ ସମୟରେ ପୁରୀରୁ ବାରିପଦାକୁ ଆସଥିଲେ ପୂର୍ଣ୍ଣଚନ୍ଦ୍ରଙ୍କ ପୈତୃକ ପରିବାର. ୧୯୨୪ ମସିହାରେ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ଜନ୍ମ ଗ୍ରହଣ କର ଚାଟଶାଳୀରୁ ବିଦ୍ୟା ଅର୍ଜନ ଆରମ୍ଭ କରି ବାରିପଦାରେ ଗୁରୁ ଟ୍ରେନିଂ ଓ ହାଇସ୍କୁଲ ରେ ପାଠ ପଢ଼ିଛନ୍ତି. ସ୍କୁଲ ବେଳୁ ତାଙ୍କର ଫୋଟୋଗ୍ରାଫିରେ ଅନେକ ଆକର୍ଷଣ ଥିଲା. ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ରଭଞ୍ଜ ଦେଓ ତାଙ୍କୁ ଫୋଟଗ୍ରାଫି ଅଧ୍ୟୟନ ପାଇଁ ବିଦେଶ ପଠାଇଥିଲେ. ସେତେ ବେଳର ଡାର୍କ ରୁମରେ ଫ୍ଲିମକୁ ଡେଭଲପ କରି ଥ୍ରୀ ଡ଼ାଇମେନସନ ଫୋଟ ପ୍ରସ୍ତୁତି କରିବାରେ ସେଥିଲେ ସିଦ୍ଧହସ୍ତ. ନେପାଳର ରାଜା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ଫୋଟଗ୍ରାଫିରେ ପ୍ରସନ୍ନ ହୋଇ ଏକ ଜର୍ମାନମେଡ କ୍ୟାମେରା ତାଙ୍କୁ ଉପହାର ଦେଇଥିଲେ. ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ସେ ସମୟରେ ଏକମାତ୍ର ପୋଲିସ ଫୋଟୋଗ୍ରାଫର ଥିଲେ ବୋଲି ପୋଲିସ ଓ୍ୱାଷ୍ଟସ ୟର ହେଲ୍ଥ ପୁସ୍ତକରେ ଲିଖିତ ପ୍ରମାଣ ରହିଛି. ପୂର୍ଣ୍ଣଚନ୍ଦ୍ର ତାଙ୍କ କ୍ୟାମେରା ରେ ଜଣେ ଆଦିବାସୀ ଝିଅ ମୁଣ୍ଡରେ ଧାନ ବିଡା ବୋହି ଘରକୁ ଫେରୁଥିବା ବେଳର ଫୋଟ ତୋଳି ପଣ୍ଡିଚେରୀରେ ହେଉଥିବା ଆନ୍ତର୍ଜାତିକ ଫୋଟୋ ସେଲନରେ ଶିର୍ଷକ ସ୍ଥାନ ପାଇପାରିଥିଲେ. ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକ ଫୋଟୋ ଚିତ୍ର ଉତ୍ତଳନ କରି ପ୍ରଶଂସାର ପତ୍ର ହୋଇଥିଲେ । ଏବଂ ଫୋଟୋଟି ପରବର୍ତ୍ତୀ ମୁହୂର୍ତ୍ତରେ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଲିଖିତ ଏକ ପୁସ୍ତକର କଭର ପେଜରେ ସ୍ଥାନ ପାଇଥିଲା. ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ଓଡ଼ିଆ ଲିପିର ସଂସ୍କାର ପାଇଁ କାମ କରିଥିବା ବେଳେ, ତାଙ୍କ ଲିପି ସଂସ୍କାର ପ୍ରସ୍ତାବ ଓଡିଶା ସାହିତ୍ୟ ଏକାଡେମୀର ମୁଖପତ୍ର କୋଣାର୍କର ସପ୍ତମ ସଂଖ୍ୟାରେ ପ୍ରକାଶିତ ହୋଇ ଭାଷାବିତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା. ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ଅଭିମାନ ଫୁଲଚନ୍ଦନ ପରି ଚଳଚ୍ଚିତ୍ରରେ ଅଭିନୟ କରି ବେଶ ପ୍ରସଂସା ର ପାତ୍ର ହୋଇଥିଲେ । ଛଉ କଳାକାର ଭାବେ ବେଶ ପରିଚିତ ମଧ ଥିଲେ. ସେ ନିଜର କୌଳିକ ବୃତ୍ତି ରଥମିସ୍ତ୍ରୀ କାମକୁ ମଧ ଛାଡି ନଥିଲେ. ରାଞ୍ଚି ରାଇରଙ୍ଗପୁର, ସାରସକଣା ।ଝାଡସୁଗୁଡା, ବାଲେଶ୍ୱର ପ୍ରଭୃତି ସ୍ଥାନକୁ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ରଥ ନିର୍ମାଣରେ ସହାୟତା କରିଥିଲେ. ତାଙ୍କ ପରୋଲୋକରେ ଆଜି ମୟୂରଭଞ୍ଜ ସ୍ତବ୍ଧ ହୋଇଯାଇଛି ।



# ଦୁଇମାସରେ କାର୍ଯ୍ୟକ୍ଷମ ହେବ ପାଖର ପାସେଞ୍ଜର ହଲ୍ଟ

**ଧର୍ମଶାଳା(ଅମୃତ ମିଡିଆ):** କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଗସ୍ତରୁ ଫେରୁଥିବା ବାଟରେ ନୂତନ ଭାବେ ଘୋଷିତ ପାଖର ପାସେଞ୍ଜର ହଲ୍ଟ ଆଗାମୀ ଦୁଇ କାର୍ଯ୍ୟକ୍ଷମ ହେବ ସାଧାରଣ ଲୋକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି କାର୍ଯ୍ୟ ଖୁବ୍ ଶୀଘ୍ର ସରିବ ଏବଂ ଗାଡି ଦୁଇମାସ ଭିତରେ ରହିବ ପ୍ରକାଶ କରିଥିଲେ। ଏହି ଅବସରରେ ପାଖର ପାସେଞ୍ଜର ହଲ୍ଟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ଯୁଧିଷ୍ଠିର ସ୍ୱାଇଁ, ଆବାହକ ବିଜୟ ଦାସ, ନକୁଳ ନାୟକ, ନିରଞ୍ଜନ ଖିଲାର ମଦନ ମୋହନ ରାଉତ, କାହ୍ନୁଚରଣ ସାମଲ, ବ୍ରଜମୋହନ ଖିଲାର, ନନ୍ଦକିଶୋର ବଳ, ଦଶନ ବେହେରା, ଅନ୍ୟ ସମସ୍ତ ସଭ୍ୟଙ୍କ ସମେତ ବିଜେବି ନେତା ନୃସିଂହ ଚରଣ ମିଶ୍ର, ସବିତା ମିଶ୍ର, ଧନେଶ୍ୱର ବାହାଳିଆ, ବୈଷ୍ଣବ ଖିଲାର, ଆକୁଳି ସାହୁ, ପାଖର ସରପଞ୍ଚ ସବ୍ୟସାଚୀ ଦାସ, ନନ୍ଦ କିଶୋର ସାମଲ, କୈଳାସ ପରିଡା, ରଶ୍ମିରଞ୍ଜନ ଦାସ, ଦୋଳଗୋବିନ୍ଦ ଘଡେଇ, ଅବଧୂତ ମଳିକଙ୍କ ସହ ଶତାଧିକ ମହିଳା ପୁରୁଷ ଯୁବକ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କ ଅଶ୍ୱିନୀ ବୈଷ୍ଣବଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



# ଦୁନିଆ ଦେଖିଲା ଶିଶୁ କଳାକାରଙ୍କ ଅଦମ୍ୟ ପ୍ରତିଭା




**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ଦ୍ୱିତୀୟ ଦିବସରେ ଆଜି ପାରବା ମଞ୍ଚରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଶୁ କଳାକାରମାନଙ୍କୁ ନେଇ ଶିଶୁ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଉତ୍ସବ ଘୁମୁରା ଉପସମିତିର ଅଧକ୍ଷ ଗୌରାଙ୍ଗ ରାଉତ, ସକିତ ରତେ, ଦିଲିପ ଠାକୁର, ସୋମନାଥ ରାଜୁ, ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚୈତନ୍ୟ ରାଉତ, ଭାରତଭୂଷଣ ଚଲାନ, ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଇ ଅବସରରେ ଦୁଆରସୁନି ଦାମୋଦରପୁର ମାଁ ଆଦ୍ୟାଶକ୍ତି ଘୁମୁରା ଦଳ, ନର୍ଲା ଜବାହର ନବୋଦୟ ବିଦ୍ୟାଳୟ, ମଶାଣିବନ୍ଧ ସରସ୍ୱତୀ ଶିଶୁ ମନ୍ଦିର ଘୁମୁରା ଦଳ, ମ. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ, ଗୌନ୍ତିଆପଡ଼ା ମାଣିକେଶ୍ୱରୀ ଘୁମୁରା ଦଳ, ବାଲଗୋପାଳ ସେବା ନିକେତନ, ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ ଘୁମୁରା ଦଳ ଭାଗ ନେଇଥିଲେ। ଏଥିରେ ନର୍ଲା ଜବାହର ନବୋଦୟ ସ୍କୁଲ ପ୍ରଥମ, ମ. ରାମପୁର ରାମକୃଷ୍ଣ ଆଶ୍ରମ ଦ୍ୱିତୀୟ, ମ୍ୟୁନିସିପାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

**ଲୋକାର୍ପିତ...**

ଆଞ୍ଚଳିକ ପାଣିପାଗ ସୂଚନା କେନ୍ଦ୍ରର ସାଇଣ୍ଟିଷ୍ଟ । ବିଭାଗର ୧୫୦ ବର୍ଷ ପୂର୍ତ୍ତି ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ପାଣିପାଗ ବିଜ୍ଞାନୀ ମାନଙ୍କ ସହ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । କହିଥିଲେ ଏହି ଆପ୍ ଦ୍ୱାରା ଲୋକେ ବହୁତ ଉପକୃତ ହେବେ । ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ପାଣିପାଗ ସଂପର୍କିତ ଏକ ମେଳା ଅନୁଷ୍ଠିତ ହୋଇଛି । ଯେଉଁଥିରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ପାଣିପାଗ ଜନିତ ଟେକ୍ନୋଲୋଜି ସମ୍ପର୍କରେ ଅବଗତ ହୋଇଛନ୍ତି । ଆଗୁଆ ସଠିକ୍ ପାଣିପାଗ ସୂଚନା ପାଇବାକୁ ଆଇ ଏମ ଡି ପକ୍ଷରୁ ଆହୁରି ଟେକ୍ନୋଲଜି ସହାୟତା ନେବାକୁ ଉଦ୍ୟମ ଜାରି ରହିଛି।

**ଶିଳ୍ପୀ ଅରୁଣ...**

ରୂପର ହେବ। ୩ ଜଣ ଶିଳ୍ପୀ ଏହି ପ୍ରତିମୂର୍ତ୍ତି ତିଆରି କରିବା କାର୍ଯ୍ୟ ନିୟୋଜିତ ହୋଇଥିଲେ। ସେଥିମଧ୍ୟରୁ ଯୋଗୀରାଜଙ୍କର ପ୍ରତିମୂର୍ତ୍ତି ଚୟନ କରାଯାଇଛି। ଏହି ପ୍ରଶ୍ନ ସମସ୍ତଙ୍କ ମନରେ ରହିଛି। ଏନେଇ ଚମ୍ପତ ରାୟ କହିଛନ୍ତି ଯେ ପୁରୁଣା ମୂର୍ତ୍ତି ମନ୍ଦିର ପରିସରରେ ରଖାଯିବ। ପ୍ରତିଷ୍ଠା ପାଇଁ ବୁଧବାର(ଜାନୁଆର ୧୬ ତାରିଖ)ପୂଜାର୍ଚ୍ଚନା ଆରମ୍ଭ ହୋଇ ୨୧ ପର୍ଯ୍ୟନ୍ତ ଚାଲିବ। ଜାନୁଆରୀ ୨୨ରେ ମୂର୍ତ୍ତି ଗର୍ଭଗୃହରେ ସ୍ଥାପିତ କରାଯିବ। ୧୨ଟା ଠାରୁ ଦିନ ୧ ପର୍ଯ୍ୟନ୍ତ ପ୍ରାଣ ପ୍ରତିଷ୍ଠା ଶେଷ ହେବ। ଏହାପରେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଯୋଗୀ ଆଦିତ୍ୟ ନାଥ, ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ପ୍ରମୁଖ ନିଜ ନିଜର ମନୋଭାବ ପ୍ରକାଶ କରିବେ ବୋଲି ଚମ୍ପତ ରାୟ କହିଛନ୍ତି।

**୨୨ ଅପରାହ୍ଣ ...**

ପଥରରେ ନିର୍ମିତ ହେବ ଏବଂ ଏହାର ଓଜନ ପ୍ରାୟ ୧୫୦-୨୦୦ କିଲୋଗ୍ରାମ ହେବ ବୋଲି ଅନୁମାନ କରାଯାଉଛି। ଜାନୁଆରୀ ୧୮ ତାରିଖରେ ମନ୍ଦିରର ଗର୍ଭଗୃହରେ ଏହାର ସ୍ଥାନରେ ମୂର୍ତ୍ତି ସ୍ଥାପନ କରାଯିବ।ଚମ୍ପତ ରାୟ କହିଛନ୍ତି ଯେ ଭଗବାନ ରାମଙ୍କ ମୂର୍ତ୍ତି ୫ ବର୍ଷର ଶିଶୁ ରୂପରେ ରହିଛି । ସେ ଆହୁରି ମଧ କହିଛନ୍ତି, ରାମ ମନ୍ଦିର ରୀତିନୀତିରେ ୧୨୧ ଜଣ ଆଚାର୍ଯ୍ୟ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସରସଂଘଚାଳକ ମୋହନ ଭାଗବତ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ମହନ୍ତ ନୃତ୍ୟ ଗୋପାଳ ଦାସ ମହାରାଜ, ସମସ୍ତ ଟ୍ରଷ୍ଟି, ୧୫୦ରୁ ଅଧିକ ପରମ୍ପରାର ସାଧୁ,୫୦ରୁ ଅଧିକ ଆଦିବାସୀ ଜନଜାତିଙ୍କ ପ୍ରତିନିଧି ଯୋଗ ଦେବେ ।

**ପାଞ୍ଚ ...**

ଅସମାନତା ହଠାତ୍ ଆସି ନାହିଁ । ବେହର ଅଭିଯୋଗ କହିଛନ୍ତି ଯେ କର୍ପୋରେଟ୍ ଅଭିମୁଖ୍ୟ ଏବଂ ଏକାଧିକାରବାଦୀ ଶକ୍ତିଗୁଡିକ ଯୋଗୁ ଦୁନିଆରେ ଅସମାନତା ବଢିଛି । ରିପୋର୍ଟରେ କୁହାଯାଇଛି ଯେ ସାରା ଦୁନିଆର ଘରୋଇ ସେକ୍ଟର କମ୍ ଟିକସ ହାର, ବ୍ୟବସ୍ଥାରେ ତ୍ରୁଟି ଏବଂ ଅପାରଦର୍ଶିତାକୁ ବଢାଉଛନ୍ତି । ଟ୍ୟାକ୍ସକୁ ନେଇ ନୀତି ନିର୍ଦ୍ଧାରଣ ହେଉଥିବା ଲବିଂରୁ ଟ୍ୟାକ୍ସ ହାରକୁ କମ ରଖାଯାଉଛି, ଯେଉଁଥି ପାଇଁ ସରକାରୀ ରାଜକୋଷକୁ କ୍ଷତି ସହିବାକୁ ପଡୁଛି । ଏହି ଟଙ୍କା ଗରିବଙ୍କ କଲ୍ୟାଣରେ ଖର୍ଚ୍ଚ ହୋଇପାରିଥାନ୍ତା ।

**ଲୋକାର୍ପଣ ...**

ଓ ଅଙ୍କୁରପୂଜନ ପରେ ସୋମବାର ଯଜ୍ଞ ଆରମ୍ଭ ହୋଇଛି। ସଂପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ଶ୍ରୀକ୍ଷେତ୍ରରେ।ସେପଟେ ପଞ୍ଚ ମହାଦେବ ଓ ଅନ୍ୟ ଦେବଦେବୀ ପୀଠରେ ତିନିଦିନ ବ୍ୟାପୀ ପୂଜାର୍ଚ୍ଚନାର ବ୍ୟାପକ ଆୟୋଜନ କରାଯାଇଛି। ୧୭ ତାରିଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଲୋକାର୍ପଣ କରିବେ। ଭକ୍ତଙ୍କ ଉତ୍କଣ୍ଠା ବଢ଼ିଛି। ଶ୍ରୀକ୍ଷେତ୍ରରେ ଲାଗିଲାଣି ଭକ୍ତଙ୍କ ଭିଡ଼।ଏହାରି ମଧ୍ୟରେ ପରିକ୍ରମା ପ୍ରକଳ୍ପ ପୂର୍ବରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ସାମ୍ନାକୁ ଆସିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ''ଶ୍ରୀ ଜଗନ୍ନାଥଙ୍କୁ ମୋର କୋଟି କୋଟି ପ୍ରଣାମ, ଆମର ସୌଭାଗ୍ୟ ଏହି ଉତ୍ସବରେ ସାମିଲ ହେବୁ। ଜଗନ୍ନାଥଙ୍କ ବିନା ପତ୍ରଟିଏ ବି ହଲିବନି। ଓଡ଼ିଆଙ୍କ ଶ୍ରେଷ୍ଠ ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ।''

# ତୃତୀୟ ବାର୍ଷିକ କୋଶଳ କ୍ରୀଡା ଉଦ୍‌ଯାପିତ

**ରଘୁନାଥପୁର(ଅମୃତ ମିଡିଆ):** କ୍ରୀଡା ହେଉଛି ସୁସ୍ଥ ଜୀବନର ଚାବିକାଠି। ଏହାଦ୍ୱାରା ମଣିଷ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରିଥାଏ ବୋଲି କୋଶଳ ଗ୍ରାମରେ ଅନୁଷ୍ଠିତ ଶ୍ରଦ୍ଧା ଫାଉଣ୍ଡେସନ ଆନୁକୂଲ୍ୟରେ କୋଶଳ କ୍ରୀଡା ତୃତୀୟ ବାର୍ଷିକ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଯୋଗଦେଇ କହିଥିଲେ । ଏଥି ସହିତ ଗ୍ରାମ□ଳରେ କ୍ରୀଡାର ବିକାଶ ପାଇଁ ଏଭଳି ପଦକ୍ଷେପ ନେବା ସହିତ ମୁମ୍ବାଇ ଏବଂ ଭୁବନେଶ୍ୱରରେ କ୍ୟାନସର ପେସେ□ମାନଙ୍କୁ ରହିବା ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁଯୋଗ ଯୋଗାଇ ଦେବା ନିମନ୍ତେ ଶ୍ରଦ୍ଧା ଫାଉଣ୍ଡେସନର ସଭାପତି କ୍ୟାପଟେନ୍ କମଳାକାନ୍ତ ଚୌଧୁରୀ ୬ଗୋଟି କେନ୍ଦ୍ର ଖୋଲିଥିବାରୁ ସେ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ତିର୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ କୋଶଳ କ୍ରୀଡା ଯୋଗୁଁ ଏ ଅଂଚଳର ୬ଜଣ କ୍ରୀଡାବୀତ ଅଗ୍ନିବୀର, ଅଗ୍ନିଶମ ଓ ପୋଲିସ୍ ବିଭାଗରେ ଋକିରି ପାଇବା ଅତ୍ୟନ୍ତ ଆନନ୍ଦର କଥା ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ମମତା ପାତ୍ର, ଜିଲ୍ଲାପରିଷଦ ସଦସ୍ୟା ଦିପ୍ତିମୟୀ ରାୟ, ଜିଲ୍ଲାପରିଷଦ ସଦସ୍ୟ ଚନ୍ଦ୍ରଶେଖର ଦାସ, ସମାଜସେବୀ ଦେବୀପ୍ରସାଦ ତ୍ରିପାଠୀ, ବ୍ଲକ୍ ଉପାଧକ୍ଷ ପିନାକୀ ପ୍ରିୟଦର୍ଶିନୀ, ପୂର୍ବତନ କଷ୍ଟମ କମିଶନର ସୁବାସ ଚନ୍ଦ୍ର ଚୌଧୁରୀ, ଶ୍ରଦ୍ଧା ଫାଉଣ୍ଡେସନର ସାଧନା ଚୌଧୁରୀ, ମୀରା ଚୌଧୁରୀ, ଗୀତା ଚୌଧୁରୀ ପୁଷ୍ପାଞ୍ଜଳୀ ଚୌଧୁରୀ, ସରପ□ ପୁଷ୍ପଲତା ସିଂହ, ସମିତି ସଭ୍ୟ ସଂଗ୍ରାମ କେଶରୀ ନାୟକ, ପୂର୍ବତନ ସରପ□ ରବିନାରାୟଣ ସିଂହ, ପୂର୍ବତନ ସମିତି ସଭ୍ୟ ସରୋଜ କୁମାର ବରାଳ ପ୍ରମୁଖ ଯୋଗଦେଇ କୋଶଳ କ୍ରୀଡା ଏବଂ ଶ୍ରଦ୍ଧା ଫାଉଣ୍ଡେସନର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ କୋଶଳ କ୍ରୀଡାର ସଭାପତି ଆଭାସ ଚନ୍ଦ୍ର ଚୌଧୁରୀ ଅତିଥିପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରଦୀପ୍ତ କିଶୋର ଆଋର୍ଯ୍ୟ ପରିଋଳନା କରିଥିଲେ । କ୍ରୀଡା ଶିକ୍ଷକ ପୂର୍ବତନ ସେନାଧିକାରୀ ସଞ୍ଜୀୟ କୁମାର ସାହୁ କୋଶଳ କ୍ରୀଡା ଉତ୍ସବକୁ ପରିଚାଳନା କରିଥିଲେ । ଖେ□ାଲୋ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନଆଋର୍ଯ୍ୟ ସରୋଜ କୁମାର ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ସମାଜସେବୀ ରାଜକିଶୋର ଦାସଙ୍କୁ ମୁଖ୍ୟଅତିଥି ପୁଷ୍ପଗୁଚ୍ଛ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ୩ଦିନ ଧରି କ୍ରୀଡା ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶହ ଶହ ଛାତ୍ରଛାତ୍ରୀମାନେ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସ୍ୟାକରେସ୍, ୧୫୦୦ମିଟର ଦୌଡ, ହାଇଜମ୍ପ, ସଟପୁଟ୍, ରିଲେରେସ୍, ଜାଭଲିନ୍ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲା ବେଳେ ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।






ଜାନୁଆରୀକୁ ସମସ୍ତେ ଉତ୍ସାହ ସହିତ ଅପେକ୍ଷା କରିଛନ୍ତି । ଏହି ଦିନ ଅଯୋଧ୍ୟାରେ ନିର୍ମିତ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେବ। ରାମ ଭକ୍ତମାନେ ଏହି ଦିନକୁ ପ୍ରାୟ ୫୦୦ ବର୍ଷ ଯାଏଁ ଅପେକ୍ଷା କରିଛନ୍ତି। ଏପରି ପରିସ୍ଥିତିରେ, ଏହି କାର୍ଯ୍ୟଟି ବହୁତ ବଡ ହେବାକୁ ଯାଉଛି। ବଲିଉଡ ଠାରୁ ରାଜନୀତି ଏବଂ କ୍ରୀଡ଼ାର ଅନେକ ବ ବଡ ହସ୍ତୀ ସାମିଲ୍ ହେବେ। ଏହି ସମୟରେ ବଲିଉଡର ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ବିଷୟରେ ଖବର ସାମ୍ନାକୁ ଆସିଛି । ଯେଉଁଥିରେ କୁହାଯାଇଛି ଯେ ସେ ପ୍ରଭୁ ଶ୍ରୀ ରାମ ନଗରୀରେ ଏକ ପ୍ଲଟ କିଣିଛନ୍ତି। ଯାହାର ମୂଲ୍ୟ କୋଟି

# ଫାଇଟର ଟ୍ରେଲର ରିଲିଜ୍

କୋଟି ଟଙ୍କା। ଅମିତାଭ ବଚ୍ଚନ ଏହି ପ୍ଲଟକୁ ମୁମ୍ବାଇର ଡେଭଲର ଅଫ୍ ଦି ହାଉସ ଅଫ୍ ଅଭିନନ୍ଦନ ଲୋଢାଙ୍କ ଠାରୁ କିଣିଛନ୍ତି। ତେବେ ଏହି ପ୍ଲଟ୍ର ଆକାର ଏବଂ ମୂଲ୍ୟ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ। ହେଲେ ସୂଚନା ଅନୁଯାୟୀ କୁହାଯାଉଛି କି ଏହି ପ୍ଲଟ୍ ର ମୂଲ୍ୟ ପ୍ରାୟ ୧୪.୫ କୋଟି ଟଙ୍କା ହେବ । ଏହି ବିଷୟରେ ଅମିତାଭ ବଚ୍ଚନ କହିଛନ୍ତି, ଅଯୋଧ୍ୟାରେ ଥିବା ସାରୁ ପାଇଁ ହାଉସ୍ ଅଫ୍ ଅଭିନ୍ଦନ ଲୋଢାଙ୍କ ସହିତ ଏହି ଯାତ୍ରା ଆରମ୍ଭ କରିବାକୁ ମୁଁ ଉତ୍ସାହିତ ଅଛି। ଏହି ସହର ମୋର ହୃଦୟର ନିକଟବର୍ତ୍ତୀ । ଅଯୋଧ୍ୟା ସହିତ ମୋର ଏକ ଇମୋସନାଲ କନେକସନ୍ ଅଛି। ମୁଁ ଆଧ୍ୟାତ୍ମିକ ରାଜଧାନୀରେ ମୋର ଘର ନିର୍ମାଣ କରିବାକୁ ପ୍ରସ୍ତୁତ । ଅମିତାଭ ବଚ୍ଚନ ପ୍ରୟାଗରାଜରେ ଜନ୍ମଗ୍ରହଣ କରିଥିଲେ। ପ୍ରୟାଗରୁ ଅଯୋଧ୍ୟା ପର୍ଯ୍ୟନ୍ତ ରାସ୍ତା ହେଉଛି ୪ଘଣ୍ଟାର। ବର୍ତ୍ତମାନ ସେ ଅଯୋଧ୍ୟାରେ ଏକ ପ୍ଲଟ କିଣିଛନ୍ତି। ଯାହାକି ରାମ ମନ୍ଦିରଠାରୁ ମାତ୍ର ୧୫ ମିନିଟ୍ ଦୂରରେ । ଅଯୋଧ୍ୟା ବିମାନବନ୍ଦର ସରଯୁ ଠାରୁ ୩୦ ମିନିଟ୍ ଦୂରରେ ।

# ଅଯୋଧ୍ୟାରେ ଘର ନିର୍ମାଣ କରିବେ ଅମିତାଭ୍



ଏରିଅଲ୍ ଆକ୍ସନ ମୋଡ୍ ଫିଲ୍ମ ଫାଇଟର। ପ୍ରଶଂସକମାନେ ଦୀପିକା ପାଦୁକୋନ, ଅନିଲ କପୁର ଏବଂ ହ୍ରିତିକ ରୋଶନଙ୍କ ଫିଲ୍ମ ଫାଇଟରକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଟିଜର ରିଲିଜ ହେବା ପରଠାରୁ ସମସ୍ତେ ଏହାର ଟ୍ରେଲର ରିଲିଜକୁ ଅପେକ୍ଷା କରିଥିଲେ। ବର୍ତ୍ତମାନ ପ୍ରଶଂସକଙ୍କ ଏହି ଅପେକ୍ଷା ମଧ୍ୟ ଶେଷ ହୋଇଛି । ଦୀପିକା-ହ୍ରିତିକଙ୍କ ଫିଲ୍ମ ଫାଇଟରର ଟ୍ରେଲର ରିଲିଜ ହୋଇଛି। ଟ୍ରେଲର ଆପଣଙ୍କ ଭିତରେ ଦେଶପ୍ରେମକୁ ଜାଗ୍ରତ କରିବ । ଏହାକୁ ହ୍ରିତିକ ରୋଶନ ତାଙ୍କ ସୋସିଆଲ ମିଡିଆରେ ଆକାଉଣ୍ଟରେ ଫାଇଟରର ଟ୍ରେଲରକୁ ସେୟାର କରିଛନ୍ତି। ଟ୍ରେଲର ସେୟାର କରିବାବେଳେ ସେ ଲେଖିଛନ୍ତି – ଦିଲ୍ ଆଶମାନକେ ନାମ୍ ଏବଂ ଜାନ୍ ଦେଶକେ ନାମ୍ । ଜୟ ହିନ୍ଦ। ହ୍ରିତିକ ରୋଶନଙ୍କ ପୋଷ୍ଟ ଟ୍ରେଲର ଦେଖିବା ପରେ ପ୍ରଶଂସକ ଲେଖିଛନ୍ତି- ଏହା ହେଉଛି ବଲିଉଡ। ଅନ୍ୟ ଜଣେ ଲେଖିଛନ୍ତି ଏହା ମସ୍ତ ଥିଲା ଭାଇ । ଆଉ ଜଣେ ଲେଖିଛନ୍ତି – ୧୦୦୦ କୋଟି ଲୋଡିଂ । ଫାଇଟରର ଟ୍ରେଲର ଦେଖିବା ପରେ ପ୍ରଶଂସକମାନେ ମନ୍ତବ୍ୟ ଦେବାରେ ନିଜକୁ ଅଟକାଇ ପାରୁ ନାହାନ୍ତି । ଟ୍ରେଲରରେ ଚଳଚ୍ଚିତ୍ରର ପ୍ରଡକ୍ସନ ଭାଲ୍ୟୁ, ଚମତ୍କାର ଭିଜୁଆଲସ୍ ଦମ୍‌ଦାର ଆକ୍ସନ ଦେଖିବାକୁ ମିଳିଥିଲା। ଫିଲ୍ମର ତିନୋଟି ଗୀତ ମଧ୍ୟ ରିଲିଜ୍ ହୋଇଛି ଏବଂ ସେମାନଙ୍କୁ ବହୁତ ପସନ୍ଦ କରାଯାଉଛି । ସେହିଭଳି ହ୍ରିତିକ , ଦୀପିକା , ଅନୀଲ କପୁରଙ୍କ ଜବରଦସ୍ତ ସ୍ୱାଗ ଦେଖିବାକୁ ମିଳିଛି।

# ସିରିଜ୍ ବିଜୟ ପରେ ୨ ଖେଳାଳିଙ୍କୁ ପ୍ରଂଶସା କଲେ ରୋହିତ

**ମୁମ୍ବାଇ :** ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଜିତିଛି ଟିମ୍ ଇଣ୍ଡିଆ । ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦମ୍‌ଦାର୍ ପ୍ରଦର୍ଶନ ବଳରେ ଭ୍ରମଣକାରୀ ଟିମ୍‌କୁ ପରାସ୍ତ କରିବାରେ ସକ୍ଷମ ହୋଇଛି ରୋହିତ ବାହିନୀ । ୩ ଟିକିଆ ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି । ୨ୟ ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ଆଫଗାନିସ୍ତାନ ଟିମ୍ ୨୦ ଓଭରରେ ୧୭୨ ରନ୍ କରିଥିଲା । ଯାହାର ଜବାବରେ ବ୍ୟାଟିଂ କରି ଭାରତୀୟ ଟିମ୍ ୧୬ ତମ ଓଭରରେ ଏହି ଟାର୍ଗେଟକୁ ହାସଲ କରିଥିଲା । ଟିମ୍ ଇଣ୍ଡିଆ ପକ୍ଷରୁ ଯଶସୀ ଜୈସ୍ୱାଲ୍ ଓ ଶିବମ ଦୁବେ ଦମ୍‌ଦାର ପାରି ଖେଳିଥିଲେ । ମ୍ୟାଚ୍ ବିଜୟ ପରେ ୨ ଖେଳାଳିଙ୍କୁ ଖୁବ୍ ପ୍ରଂଶସା କରିଛନ୍ତି ଅଧିନାୟକ ରୋହିତ ଶର୍ମା । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯୁବ ଖେଳାଳିଙ୍କୁ ଏବେ ଟିମ୍‌ରେ ସାମିଲ କରାଯାଉଛି । ଯୁବ ଖେଳାଳିମାନେ ଲଗାତର ଭାବେ ଭଲ ପ୍ରଦର୍ଶନ କରୁଛନ୍ତି । ଟିମ୍‌କୁ ଆଗକୁ ନେବାର ପୁରା କ୍ଷମତା ସେମାନଙ୍କ ପାଖରେ ରହିଛି । ଖାସ୍ କରି ଆଜିର ମ୍ୟାଚ୍ ଯଶସୀ ଜୈସ୍ୱାଲ ଏବଂ ଶିବମ ଦୁବେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଛନ୍ତି । ଯଶସୀ ଉଭୟ ଟେଷ୍ଟ ଏବଂ ଟି-୨୦ କ୍ରିକେଟ୍ ଖେଳୁଛନ୍ତି । ତାଙ୍କ ପାଖରେ ଅନେକ




ପ୍ରକାର ସଟ୍ ରହିଛି । ସେହିପରି ଶିବମ୍ ଦୁବେ ମଧ୍ୟ ଜଣେ ବଡ଼ ଖେଳାଳି । ସେ ପାୱାରଫୁଲ୍ ହିଟର । ସ୍ପିନରଙ୍କୁ ଖୁବ୍ ଭଲ ଭାବେ ଖେଳୁଛନ୍ତି ଶିବମ । ଶିବମ ଲଗାତର ଭାବେ ନିଜର ଅଲ୍‌ରାଉଣ୍ଡର ପ୍ରଦର୍ଶନ ବଳରେ ଟିମ୍‌କୁ ବିଜୟ ଭେଟି ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ ୧୭୨ ରନ୍ କରିଥିଲା । ଯେଉଁଥିରେ ଗୁଲବଦୀନ୍ ନଇବ ସର୍ବାଧିକ ୫୭ ରନ୍‌ର ପାରି ଖେଳିଥିଲେ । ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ ସିଂହ ତିନୋଟି ୱିକେଟ୍ ନେଇଥିବା ବେଳେ ଅକ୍ଷର ପଟେଲ-ରବି ବିଷ୍ଣୋଇ ୨ଟି ଲେଖାଏଁ ଶିକାର କରିଥିଲେ । ଜବାବରେ ଭାରତୀୟ ଟିମ୍ ବ୍ୟାଟିଂ ଲାଗି ପଡିଆକୁ ଓହ୍ଲାଇଥିଲା । ଅଧିନାୟକ ରୋହିତ ଶର୍ମା ଗୋଲ୍‌ଡେନ୍ ଡକ୍‌ରେ ଫେରିଥିବା ବେଳେ ପାରି ସମ୍ଭାଳିଥିଲେ ବିରାଟ ଏବଂ ଯଶସୀ । ବିରାଟ ୨୯ ରନ୍ କରି ଫେରିଥିଲେ ପ୍ୟାଭିଲିୟନ । ଏହାପରେ ଆରମ୍ଭ ହୋଇଥିଲା ଶିବମ ଏବଂ ଯଶସୀ ଶୋ' । ଯଶସୀ ୬୮ ରନ୍ କରି ପ୍ୟାଭିଲିୟନ୍ ଫେରିଥିବେ ବେଳେ ଦୁବେ ଅପରାଜିତ ୬୩ ରନ୍ କରି ଟିମ୍‌କୁ ବିଜୟୀ କରାଇଥିଲେ ।

# ଇତିହାସ ରଚିଲେ ରୋହିତ ଶର୍ମା

**ଇନ୍ଦୋର :** ଭାରତ-ଆଫଗାନିସ୍ତାନ ମଧ୍ୟରେ ସରିଛି ୨ୟ ଟି-୨୦ । ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହୋଇଛି ଟିମ୍ ଇଣ୍ଡିଆ । ତେବେ ୨ୟ ଟି-୨୦ ମ୍ୟାଚ୍‌ରେ ରୋହିତ କରିଛନ୍ତି ରେକର୍ଡ । ଅନ୍ତରାଷ୍ଟ୍ରୀୟ କ୍ରିକେଟ୍‌ରେ ଏପରି କରିବାରେ ଏକ ରେକର୍ଡକୁ ନିଜ ନାମରେ କରିଛନ୍ତି ରୋହିତ ଶର୍ମା । ଖବର ଅନୁଯାୟୀ, ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ୧୫୦ ଟି-୨୦ ମ୍ୟାଚ୍ ଖେଳିବାରେ ପ୍ରଥମ ଖେଳାଳି ସାଜିଛନ୍ତି । ଏହାପୂର୍ବରୁ ଅନ୍ୟ କୌଣସି ଖେଳାଳି ଏପରି ରେକର୍ଡ କରିନାହାନ୍ତି । ୨୦୦୭ରେ ଟି-୨୦ ଫର୍ମାଟ ଜରିଆରେ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍‌ରେ ଏଣ୍ଟ୍ରି ମାରିଥିଲେ ରୋହିତ ଶର୍ମା । ୨୦୦୭ରୁ ଏବେ ଯାଏଁ ମୋଟ ୧୫୦ଟି ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି ରୋହିତ ଶର୍ମା । ଯେଉଁଥିରେ ସେ ୩୮୫୩ ରନ୍ ସଂଗ୍ରହ କରିଛନ୍ତି । ବ୍ୟକ୍ତିଗତ ଭାବେ ୧୧୮ ତାଙ୍କର ସର୍ବାଧିକ ସ୍କୋର ରହିଛି । ଏହାସହିତ ରୋହିତ ନିଜ ଟି-୨୦ କ୍ୟାରିୟରରେ ୪ଟି ଶତକ ଏବଂ ୨୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ରୋହିତ ଶର୍ମା। ୨୦୦୭ରେ ନିଜର ଟି-୨୦ କ୍ୟାରିୟର ଆରମ୍ଭ କରିଥିଲେ । ଇଂଲଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲେ ରୋହିତ ଶର୍ମା । ଯାହା ୨୦୦୭ ଟି-୨୦ ବିଶ୍ୱକପରେ ଥିଲା । ସେହିପରି ରୋହିତ ଶର୍ମାର ସବୁଠୁ ଅଧିକ ଟି-୨୦ ମ୍ୟାଚ୍ ଖେଳିବା ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ୨ୟ ସ୍ଥାନରେ ରହିଛନ୍ତି ଆୟରଲାଣ୍ଡର ପଲ ଷ୍ଟାଲିନ । ସେ ୧୩୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ତୃତୀୟ ସ୍ଥାନରେ ବି ଆଉ ଜଣେ ଆୟରଲାଣ୍ଡ ଖେଳାଳି ରହିଛନ୍ତି । ୧୨୮ଟି ଟି-୨୦ ମ୍ୟାଚ୍ ଖେଳି ଜର୍ଜ ଡକରେଲ ରହିଛନ୍ତି । ଚତୁର୍ଥ ସ୍ଥାନରେ ରହିଛନ୍ତି ସୋଏବ ମଲ୍ଲିକ । ସେ ୧୨୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି




। ପଞ୍ଚମ ସ୍ଥାନରେ ରହିଛନ୍ତି ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ମାର୍ଟିନ ଗୁପ୍‌ଟିଲ୍ । ସେ ମୋଟ ୧୨୨ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଏହି ତାଲିକାରେ ବିରାଟ କୋହଲି ୧୦ମ ସ୍ଥାନରେ ରହିଛନ୍ତି । ବିରାଟ ମୋଟ ୧୧୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ।

# ଡିପଫେକ୍ ଭିଡିଓର ଶିକାର ହେଲେ ତେନ୍ଦୁଲକର

**ନୂଆଦିଲ୍ଲୀ :** ନିକଟରେ ବଲିଉଡ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପଫେକ୍ ଭିଡିଓ ଭାଇରାଲ ପରେ ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ଡିପଫେକ୍ ଭିଡିଓର ଶିକାର ହୋଇଛନ୍ତି। ମାଷ୍ଟର ବ୍ଲାଷ୍ଟର ନିଜେ ସୋସିଆଲ ମିଡିଆରେ ପୋଷ୍ଟ କରି ସମଗ୍ର ପ୍ରସଙ୍ଗକୁ ବ୍ୟାଖ୍ୟା କରିଛନ୍ତି। ସଚିନ ତେନ୍ଦୁଲକର ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ଏହି ଭିଡିଓରେ ଡିପଫେକ୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି ଏବଂ ତାଙ୍କୁ ଏକ ଆପ୍



ପ୍ରମୋଟ କରାଯାଉଥିବା ଦେଖାଯାଉଛି। ସଚିନ ତେନ୍ଦୁଲକର ଏକ୍ସରେ ଲେଖିଛନ୍ତି ଯେ, ଏହି ଭିଡିଓଟି ନକଲି, ଏହା ଆପଣଙ୍କୁ ପ୍ରତାରଣା କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଡିପଫେକ୍‌କୁ ଅପବ୍ୟବହାର ଠିକ ନୁହେଁ। ତୁମେ ସମସ୍ତଙ୍କୁ ଯଦି ଏପରି ଭିଡିଓ କିମ୍ବା ଆପ କିମ୍ବା ବିଜ୍ଞାପନଗୁଡିକ ଯଥା ଶୀଘ୍ର ରିପୋର୍ଟ କରିବାକୁ ଅନୁରୋଧ କରାଯାଇଛି । ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକ ମଧ୍ୟ ସତର୍କ ହେବା ଉଚିତ୍। ଯଥାଶୀଘ୍ର ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ଏହା ସହିତ ମାଷ୍ଟର ବ୍ଲାଷ୍ଟର ମଧ୍ୟ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ, ଆଇଟି ଏବଂ ଏହି ମନ୍ତ୍ରଣାଳୟର କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିବେଦନ କରିଛନ୍ତି।

# ମାଲେସିଆ ଓପନ୍: ସାତ୍ତ୍ୱିକ-ଚିରାଗ ଉପବିଜେତା

**କୁଆଲାଲମ୍ପୁର:** ଭାରତର ତାରକା ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମାଲେସିଆ ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ପୁରୁଷ ଯୁଗଳ ଫାଇନାଲ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସାତ୍ତ୍ୱିକ-ଚିରାଗ କଡ଼ା ସଂଘର୍ଷ କରି ୨୧-୯, ୧୮-୨୧, ୧୭-୨୧ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌ର ଲିଆଙ୍ଗ ୱେଇକେଙ୍ଗ ଓ ୱାଙ୍ଗ ଚାଙ୍ଗଙ୍କଠୁ ହାରି ଯାଇଥିଲେ। ପ୍ରଥମ ଗେମ୍‌କୁ ସହଜରେ ଜିତିଥିବା ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସାତ୍ତ୍ୱିକ-ଚିରାଗ ଦ୍ୱିତୀୟରେ ହାରିଯାଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ଗେମ୍‌ର ପ୍ରଥମାର୍ଦ୍ଧ ?ରେ ଏହି ଯୋଡ଼ି ୧୧-୭ରେ ଆଗରେ ରହିଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଯୋଡ଼ି ଚମତ୍କାର ଖେଳି ମ୍ୟାଚ୍ ନିଜ ପକ୍ଷକୁ ନେବା ସହ ଭାରତୀୟ ଯୋଡ଼ିଙ୍କ ବିପକ୍ଷରେ ଚତୁର୍ଥ ବିଜୟ ପାଇଥିଲେ। ୨୦୨୩ରେ ଏହି ଭାରତୀୟ ଯୋଡ଼ି ଚୀନ୍ ଯୋଡ଼ିଙ୍କ ବିପକ୍ଷରେ ୪ ମ୍ୟାଚ୍ ଖେଳି ୩ ପରାଜୟ ବରଣ କରିଥିଲା ବେଳେ କେବଳ କୋରିଆ ଓପନ୍‌ରେ




ଜିତିଥିଲେ। ଏହାପରେ ନୂଆଦିଲ୍ଲୀରେ ମଙ୍ଗଳବାରଠୁ ଆରମ୍ଭ ହେଉଥିବା ଇଣ୍ଡିଆ ଓପନ୍ ୭୫୦ ପ୍ରତିଯୋଗିତାରେ ସାତ୍ତ୍ୱିକ-ଚିରାଗ ଖେଳିବେ।

# ବିକେଏମ୍‌ପି ତରଫରୁ ଫୁଟବଲ ପ୍ରତିଯୋଗିତା

**ବଲାଙ୍ଗୀର(ଅମୃତ ମିଡିଆ):** ଦେଓଗାଁ ବ୍ଲକ ଅର୍ଜୁନପୁର ଗ୍ରାମ ହାଇସ୍କୁଲ ପଡିଆରେ ବିକେଏମ୍‌ପି ତରଫରୁ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରୁ ଏହି ଫୁଟବଲ ଟୁର୍ଣ୍ଣାମେ□ ଆଜି ଚତୁର୍ଥ ଦିବସରେ ପହ□ଛି । ଆଜି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେ□ରେ ମୁଖ୍ୟ ଅତିଥି ରୂପେ ଆନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣପଦକ ବିଜେତା, କୋଚ ତଥା ରାଜ୍ୟ ସରକାରଙ୍କ ଠାରୁ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଅସୀମ କୁମାର ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଆଜି ଦିନରେ ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ଭି□ଭୂମି ଯୋଗାଇ ଦେଇଛନ୍ତି ଯାହା କ୍ରୀଡାପ୍ରେମୀକୁ ଉତ୍ସାହିତ



କରିବା ସଙ୍ଗେ ସଙ୍ଗେ ସମାନଙ୍କ ଭବିଷ୍ୟତ ଗଠନ କରିବାରେ ସାକାର ହୋଇଛି । ଏଥିରେ ଅନ୍ୟତମ ଅତିଥି ଭାବରେ ସରପ□ ପ୍ରତିନିଧି ଅଭିମନ୍ୟୁ ଛତ୍ରିଆ, ଉପଦେଷ୍ଟା କେଶର କୁଅଁର, ସମାଜସେବୀ ଭାଗବତ ପ୍ରକାଶ ସାହୁ, ଗୋପିନାଥ ନାଗ ଯୋଗ ଦେଇଥିବା ବେଳେ ହେମନ୍ତ ଦିପ, ଗୋବିନ୍ଦ ସେଠ, ପ୍ରଦୀପ ବଢିଆ, ରୋହିତ ନାଗ, ଲିକୁନ ସାହୁ, ରମେଶ ନାଏକ, ଜିବନ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଆଜି କମସରା ଓ ଫାସଡ, ସମଲେଶ୍ୱରୀ କ୍ଲବ ଗଇଁତଲା ଓ ମୁରସିଂ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଫାସଡ ଟିମ୍ ସେମିଫାଇନାଲ କୁ ପ୍ରବେଶ କରିଥିବା ଅର୍ଗନାଇଜିଂ କମିଟି ତରଫରୁ ସୂଚନା ଦିଆଯାଇଛି।

## ବିଜେଇଏମ୍‌କୁ ଆନ୍ତଃ ସ୍କୁଲ କ୍ରିକେଟ ଟାଇଟଲ

**ଭୁବନେଶ୍ୱର(ବ୍ୟୁରୋ):** ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଜେଇଏମ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଫାଇନାଲରେ ଏହି ଦଳ ଖଣ୍ଡଗିରୀର ସେଣ୍ଟ ଜାଭିଅର ସ୍କୁଲକୁ ପରାସ୍ତ କରିଛି। ବିଜେଇଏମ୍ ? ୩୦ ଓଭରରେ ୪ ଉଇକେଟ ହରାଇ ୨୩୨ ରନ କରିଥିବାବେଳେ ଜାଭିଅର ୧୬.୬ ଓଭରରେ ୬୩ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ସିଦ୍ଧାର୍ଥ ଶଙ୍କର ବେହେରା ଶତକ (୧୦୧ ରନ) ହାସଲ କରିଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ପ୍ରତିଷ୍ଠିତ କୋଚ୍, କିଶୋର ମାଣିଆ ଓ ଲଳିତ ମହାନ୍ତି, ବିଜେଇଏମ୍ ପ୍ରିନ୍ସିପାଲ ସନ୍ଧ୍ୟା ଜେନା, ଓଡ଼ିଶା ଭେଟେରାନ କ୍ରିକେଟ ଆସୋସିଏଶନ ସଭାପତି ଅଶୋକାନନ୍ଦ ଜେନା, ସମ୍ପାଦକ ବିରେନ କୁମାର ଦାସ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ବାଜପୁର ପଂଚାୟତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଖୋର୍ଦ୍ଧା।(ଅମୃତ ମିଡିଆ):** ଖୋର୍ଦ୍ଧା ବ୍ଲକ ବାଜପୁର ପଂଚାୟତର ରାୟରଙ୍ଗ ଖେଳ ପଡିଆରେ "ଏକାଦଶ ପଂଚାୟତ ପ୍ରିମିୟର ଲିଗ୍" କ୍ରିକେଟ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଛି। ବାଜପୁର ଓ ନନ୍ଦପୁର ପଂଚାୟତର




କ୍ରୀଡାପ୍ରେମୀ ଯୁବକମାନଙ୍କୁ ନେଇ ୮ଗୋଟି ଗ୍ରାମର ୧୬ଗୋଟି ଟିମ୍‌କୁ ବିଶିଷ୍ଟ ଉକ୍ତ ଟୁର୍ଣ୍ଣାମେଂଟ ୨୦ଦିନ ଧରି ଚାଲିଛି। ପ୍ରଥମ ଦିନରେ ନନ୍ଦପୁର ରୟାଲସ ଏବଂ ଏକ୍ସିଲେଂଟ ଏକାଦଶ ଛତ୍ରମା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ନନ୍ଦପୁର ଦଳ ନିର୍ଦ୍ଧାରିତ ୨୦ଓଭରରେ ୧୧୭ରନର୍ ବିଜୟ ଲକ୍ଷ ଛତ୍ରମା ଦଳକୁ ଦେଇଥିଲା। ମାତ୍ର ଛତ୍ରମା ଦଳ ନିର୍ଦ୍ଧାରିତ ଓଭରରେ ୮ଉଇକେଟ୍ ହରାଇ ମାତ୍ର ୧୦୨ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲେ। ମ୍ୟାନ ଅଫ୍‌ଦିନ ମ୍ୟାଚ ଭାବେ ନନ୍ଦପୁର ଦଳର ଲୋକନାଥ ଦଳାଇଙ୍କୁ ଘୋଷଣା କରାଯାଇ 'ଟ୍ରଫି' ପୁରସ୍କୃତ କରାଯାଇଥିଲା। ପ୍ରିମିୟର ଲିଗ୍‌ର ଅଧକ୍ଷ ତଥା ସ୍ଥାନୀୟ ସରପଂଚ ଶ୍ରୀ କେଦାରେଶ୍ୱର ପୃଷ୍ଟିଙ୍କ ଅଧକ୍ଷତାରେ ଉକ୍ତ ମ୍ୟାଚକୁ ବିଜେପି ନେତା ଶ୍ରୀ କାଳୁଚରଣ ଖଣ୍ଡେୟତରାୟ ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ବିଜେପିର ଅନ୍ୟତମ ନେତା ଶ୍ରୀରଞ୍ଜନ ମଙ୍ଗରାଜ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସମିତି ସଭ୍ୟ ଶ୍ରୀ ଦ୍ୱାରିକାନାଥ ମହାନ୍ତି, ସତ୍ୟପ୍ରିୟ ରଣା, ଅରଜିତ୍ ସାମନ୍ତରାୟ, ଅଭିଜିତ୍ ରାଉତରାୟ, ସୁନିଲ ସାମନ୍ତରାୟ, ଆଶିଶ୍ ମଙ୍ଗରାଜ, ଦିନେଶ ପଟ୍ଟନାୟକ, ଲଳିତ ବ୍ରହ୍ମ, କୁନା ମଙ୍ଗରାଜ ଓ ପ୍ରଶାନ୍ତ ମଙ୍ଗରାଜଙ୍କ ସହଯୋଗ ଓ ତତ୍ୱାବଧାନରେ ଉକ୍ତ ମ୍ୟାଚ ଅନୁଷ୍ଠିତ ହେଉଅଛି। ଖେଳ ପରିଚାଳନାରେ ଶ୍ରୀ ସନ୍ତୋଷ ପରିଡା ଓ ଲିବୁ ଚମ୍ପତି ସହଯୋଗ କରିଥିବାବେଳେ ଦୁଇଗୋଟି ପଂଚାୟତର ଶତାଧିକ କ୍ରୀଡାପ୍ରେମୀ ଉକ୍ତ ମ୍ୟାଚକୁ ଉପଭୋଗ କରି ସହଯୋଗ କରିଥିଲେ।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଦେଖିବାକୁ ଅପେକ୍ଷାରେ ପାକ୍ କ୍ରିକେଟର

**ନୂଆଦିଲ୍ଲୀ:** ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନେଇ ସାରା ଦେଶରେ ଉତ୍ସାହ। ସମୟ ଯେତିକି ପାଖେଇ ଆସୁଛି, ସବୁଠି ହୋଇଉଠୁଛି ଭକ୍ତିମୟ ପରିବେଶ। ଏପରିକି ଭାରତର ପଡୋଶୀ ଦେଶ ପାକିସ୍ତାନରେ ମଧ୍ୟ ରାମ ମନ୍ଦିର ପାଇଁ ଉତ୍ସାହ ଦେଖାଯାଉଛି। ପାକିସ୍ତାନର ଘାତକ ବୋଲର ଦାନିଶ କାନେରିଆ ଉତ୍ସାହର ସହିତ ପ୍ରାଣ ପ୍ରତିଷ୍ଠା ଉତ୍ସବ ଦେଖିବାକୁ ଅପେକ୍ଷା କରିଛନ୍ତି। ଏହାସହିତ ଏକ ସାଫ୍ରନ୍ ପତାକା ସହିତ ଏକ ଫଟୋ ସେୟାର କରିଛନ୍ତି। ତାଙ୍କ ଫଟୋ ସେୟାର କରିବାବେଳେ କାନେରିଆ ଲେଖିଛନ୍ତି, "ଆମର ରାଜା ଶ୍ରୀରାମଙ୍କ ମହାନ ମନ୍ଦିର ପ୍ରସ୍ତୁତ, ବର୍ତ୍ତମାନ ଅପେକ୍ଷା ମାତ୍ର ୮ ଦିନ! କୁହନ୍ତୁ ଜୟ ଜୟ ଶ୍ରୀ ରାମ" କାନେରିଆ ପାକିସ୍ତାନ ପାଇଁ ୬୧ ଟେଷ୍ଟ ଏବଂ ୧୮ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏହି ଅବଧିରେ ସେ ଟେଷ୍ଟରେ ୨୬୧ ୱିକେଟ୍ ଏବଂ ଦିନିକିଆରେ ୧୫ ୱିକେଟ୍ ନେଇଥିଲେ। ସେ ଦିନିକିଆରେ ସେତେଟା ଭଲ ପ୍ରଦର୍ଶନ କରିପାରିନଥିଲେ ବି ଟେଷ୍ଟରେ ପାକିସ୍ତାନର ସର୍ବୋତ୍ତମ ସ୍ପିନ୍ ବୋଲର ଥିଲେ। ସେ ମ୍ୟାଚ୍‌ରେ ୧୫ଥର ପାଞ୍ଚଟି ୱିକେଟ୍ ନେଇଥିଲେ ଏବଂ ଦୁଇଟି ମ୍ୟାଚ୍‌ରେ ୧୦ ୱିକେଟ୍ ନେଇ ରେକର୍ଡ କରିଥିଲେ ସଫଳ ହୋଇଥିଲେ।



କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085/86 (News), 9040003050 (Advt.)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra



₹ 5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.